# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, July 11/2019 | ★★★★★★

୪୫ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ରିମା ଦାସଙ୍କ ଫିଲ୍ମ**

ରିମା ଦାସଙ୍କ ନିର୍ମିତ ଅହମିୟା ଫିଲ୍ମ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ଭାରତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ହେବ।

୦୨

୧୯

**ରାକ୍ଷୀଙ୍କୁ ସ୍ୱର୍ଣ୍ଣ**

ଅଷ୍ଟ୍ରେଲିଆର ଆପିଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପର ମହିଳା ୬୪ କିଗ୍ରା ବର୍ଗରେ ରାକ୍ଷୀ ହାଲଦର ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## କର୍ଣ୍ଣାଟକ ବାଚସ୍ପତିଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲେ ୧୦ ବିଧାୟକ

**ନୂଆଦିଲ୍ଲୀ,୧୦।୭(ପି.ଟି.):** କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ବଢ଼ିବାରେ ଲାଗିଛି। ବିଧାନସଭା ବାଚସ୍ପତି କେ.ଆର୍. ରମେଶ କୁମାର ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ ନ କରି ଜାଣିଶୁଣି ସେମାନଙ୍କ ଇସ୍ତଫା ଗ୍ରହଣ କରୁ ନ ଥିବା ଦର୍ଶାଇ କଂଗ୍ରେସ ଓ ଜେଡିଏସ୍‌ର ୧୦ ବିଦ୍ରୋହୀ ବିଧାୟକ ବୁଧବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଧାୟକମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କୋର୍ଟରେ ମାମଲାର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରିପାରନ୍ତି ବୋଲି ଜଣାପଡିଛି। ରୋହତଗୀ କୋର୍ଟଙ୍କୁ କହିଥିଲେ, ବିଧାୟକମାନେ ଇସ୍ତଫା ଦେଇସାରିଛନ୍ତି ଓ ସାନି ନିର୍ବାଚନ ଲଢ଼ିବା ପାଇଁ ଚାହୁଁଛନ୍ତି। ବାଚସ୍ପତି ପକ୍ଷପାତିତା କରିବା ସହ ଜାଣିଶୁଣି ଇସ୍ତଫାପତ୍ର ଗ୍ରହଣ କରୁନାହାନ୍ତି। ସଂଖ୍ୟାଲଘୁରେ ପରିଣତ ହୋଇଥିବା ସରକାରଙ୍କୁ ବାଚସ୍ପତି ସୁରକ୍ଷା ଦେଉଛନ୍ତି ବୋଲି ବିଦ୍ରୋହୀ ବିଧାୟକମାନେ ଅଭିଯୋଗ ଆଣିଛନ୍ତି। ମାମଲାର ଶୁଣାଣି ବୁଧବାର କିମ୍ବା ଗୁରୁବାର କରିବା ଲାଗି ରୋହତଗୀଙ୍କ ଦାବି ପରେ ଖଣ୍ଡପୀଠ ଅନୁଧ୍ୟାନ କରିବେ ବୋଲି କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ ଅଛନ୍ତି। ଇସ୍ତଫାପତ୍ର ଗ୍ରହଣ କରିବା ଲାଗି ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଦ୍ରୋହୀ ବିଧାୟକମାନେ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ୧୨ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ବିଚାର ପୂର୍ବରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଉଦ୍ୟମ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ରେଲୱେ ପାଇଁ ଓଡ଼ିଶାକୁ ୫୯୯୩ କୋଟି



**ଭୁବନେଶ୍ୱର,୧୦।୭(ବ୍ୟୁରୋ)** ଚଳିତବର୍ଷ କେନ୍ଦ୍ର ବଜେଟରେ ଓଡିଶାରେ ରେଲୱେ ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ମୋଟ ୫୯୯୩ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ୫୯୪୦ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଏଥିରେ ସାମାନ୍ୟ ବୃଦ୍ଧି ଘଟିଥିବା ଜଣାପଡିଛି।

ଓଡ଼ିଶା ଲାଗି ଗତବର୍ଷ ବଜେଟରେ ୫୨୫୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ତୁଳନାରେ ଚଳିତ ବର୍ଷର ବ୍ୟୟ ବରାଦ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବାଧିକ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ, ଯାତ୍ରୀ ସୁବିଧାରେ ବୃଦ୍ଧି, ରେଳ ଟ୍ରାକ ମରାମତି, ଉନ୍ନତୀକରଣ, ରୋଡ୍ ଓଭରବ୍ରିଜ, ରୋଡ୍ ଅଣ୍ଡରବ୍ରିଜ, ବିଦ୍ୟୁତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ଏହି ପୁଞ୍ଜି ବିନିଯୋଗ କରାଯିବ। ଯାତ୍ରୀ ସୁବିଧାର ଉନ୍ନତୀକରଣ ଲାଗି ସର୍ବାଧିକ ୧୮୦ କୋଟି ଟଙ୍କା ଚଳିତ ବର୍ଷ ପ୍ରଦାନ କରାଯାଇଛି।

ଓଡ଼ିଶାରେ ୫ ନୂଆ ସର୍ଭେ ଲାଗି ରେଲୱେ ଘୋଷଣା କରିଛି। ଭୁବନେଶ୍ୱର କୋଚିଂ ଡିପୋରେ ୨ ଅଟୋମେଟିକ ୱାଶିଂ ପ୍ଲାଣ୍ଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି କୋଚ୍ ମେଣ୍ଟେନାନ୍ସ ଫାସିଲିଟି ଉନ୍ନତୀକରଣ ଲାଗି ଜୋନାଲ ରେଲୱେଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ ପ୍ରସ୍ତାବ ରହିଛି। ପୂର୍ବତଟ ରେଳପଥ ପରିସରରେ ଥିବା ଲେଭଲ କ୍ରସିଂଗୁଡ଼ିକୁ ହଟାଇ ରୋଡ୍ ଓଭରବ୍ରିଜ ଏବଂ ରୋଡ୍ ଅଣ୍ଡରବ୍ରିଜ ନିର୍ମାଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ୮୨ କିମି ବିଶିଷ୍ଟ ହରିଦାସପୁର-ପାରାଦୀପ ଲାଇନ ଲାଗି ଚଳିତ ବଜେଟରେ ୪୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହାବାଦ୍ ନୂଆ ଲାଇନ ବିଛାଇବା, ଲାଇନ ଦୋହରୀକରଣ, ୱାର୍କଶପ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଲାଗି ଅର୍ଥବ୍ୟୟ ବରାଦ କରାଯାଇ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

- **ଯାତ୍ରୀ ସୁବିଧା ପାଇଁ ୧୮୦ କୋଟି**
- **୫ ନୂଆ ସର୍ଭେ କାର୍ଯ୍ୟ ଘୋଷଣା**
- **ଜୋନାଲ ରେଲୱେଗୁଡ଼ିକୁ ମିଳିବ ସ୍ୱତନ୍ତ୍ର କ୍ଷମତା**
- **ଲେଭଲ କ୍ରସିଂଗୁଡ଼ିକୁ ବାଦ୍ ଦେବାକୁ ଗୁରୁତ୍ୱ**
- **ଅନ୍ତରୀଣ ବଜେଟରେ ଘୋଷଣା ହୋଇଥିଲା ୫୯୪୦ କୋଟି**
- **ଗତବର୍ଷ ମିଳିଥିଲା ୫୨୫୨ କୋଟି**

**ନୂଆ ପ୍ରକଳ୍ପ ଓ ବ୍ୟବସ୍ଥା**

- ବାଘୁଆପାଳଠାରେ ଫ୍ଲାଏଓଭର
- କୋଚ୍ ପରିଚାଳନା ଓ ମରାମତି ଲାଗି ଅର୍ଥ ବ୍ୟବସ୍ଥା
- ଭୁବନେଶ୍ୱରରେ ୨ ଅଟୋମେଟିକ କୋଚ୍ ୱାଶିଂ ପ୍ଲାଣ୍ଟ
- ମଞ୍ଚେଶ୍ୱର ୱାର୍କଶପ ଲାଗି ନୂଆ ହ୍ୱିଲ ଲେଦ୍
- ଅନୁଗୋଳରେ ଇଲେକ୍‌ଟ୍ରିକ ଲୋକୋ ଶେଡ୍, ବଣ୍ଡାମୁଣ୍ଡାରେ ନୂଆ ବ୍ୟବସ୍ଥା

**ନୂଆ ସର୍ଭେ କାର୍ଯ୍ୟ**

- ରାଜାଆଠଗଡଠାରୁ କାଇପଦର ରୋଡ୍
- ୧୦ ଫ୍ଲାଏ ଓଭର (ଟିଟିଲାଗଡ଼,ସିଙ୍ଗାପୁରରୋଡ, ହରିଦାସପୁର, କୋରାପୁଟ, ସମ୍ବଲପୁର, ମାଛପୁର, ଯାଜପୁରରୋଡ, ସମ୍ବଲପୁରସିଟି, ସର୍ଲା, ଗୋପାଳପୁର ପୋର୍ଟ)
- ତାଳଚେରଠାରୁ ଅନୁଗୋଳ କର୍ଡ ଲାଇନ
- ଟିଟିଲାଗଡ଼-ରେହେନବତାଠାରୁ ସିକିରି ବାଇପାସ୍
- ମାଲବାହୀ ଟ୍ରେନ ପାଇଁ କଟକରେ ଫ୍ଲାଏଓଭର

**ଓଡ଼ିଶାର କେଉଁ ରେଳ ପ୍ରକଳ୍ପ ପାଇଁ କେତେ ଅର୍ଥ** ▸ ପୃଷ୍ଠା ୭

**'ଓଡ଼ିଶା ହେବ ୧ ଟ୍ରିଲିୟନ ଡଲାରର ଅର୍ଥନୀତି'**

୩

**ଆଜିର ସମ୍ପାଦକୀୟ**

କବକମାରୀ ବ୍ୟବହାରର ବିପଦ

**ଆଜିର ମନ୍ତବ୍ୟ**

"କର୍ଣ୍ଣାଟକରେ ଦଳର ଆଭ୍ୟନ୍ତରୀଣ ସମସ୍ୟା ନେଇ ରାଜ୍ୟ ସଭାରେ ବ୍ୟାଘାତ ସୃଷ୍ଟି କରୁଛି କଂଗ୍ରେସ।

-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 10.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ବିଶ୍ୱକପ୍‌ରୁ ଭାରତ ବିଦା





ସେମିଫାଇନାଲରେ ଭାରତ ହାରିବା ପରେ ନିରାଶ ଭାରତୀୟ କ୍ରିକେଟ୍‌ପ୍ରେମୀ।

**ସେମିଫାଇନାଲରେ ୧୮ ରନରେ ହରାଇଲା ନ୍ୟୁଜିଲାଣ୍ଡ**

**ମାଞ୍ଚେଷ୍ଟର, ୧୦।୭** ଭାଗ୍ୟ ସାଥ୍ ଦେଲାନି। ଲିଗ୍ ପର୍ଯ୍ୟାୟରେ ଚମକପ୍ରଦ ପ୍ରଦର୍ଶନ କରି ଆଇସିସି ବିଶ୍ୱକପ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିବା ଟିମ୍ ଇଣ୍ଡିଆର ଅଭିଯାନ ସେମିଫାଇନାଲରୁ ଶେଷ ହେଲା। ଟପ୍ ଅର୍ଡରର ପ୍ରଥମ ୩ ଖେଳାଳିଙ୍କୁ ନେଇ ଚର୍ଚ୍ଚାରେ ରହିଥିବା ଭାରତ ଶେଷରେ ସେହି ୩ ଖେଳାଳିଙ୍କ ବିଫଳତା ଯୋଗୁ ପରାଜୟ ଭୋଗିଲା। ବର୍ଷା ଯୋଗୁ ୨ ଦିନରେ ଶେଷ ହୋଇଥିବା ସେମିଫାଇନାଲରେ ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ୪୯.୩ ଓଭରରେ ୨୨୧ ରନକରି ଅଲଆଉଟ ହେଲା। ଫଳରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ହାରିଲା ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ। ରୋହିତ ଶର୍ମା ୧, ଲୋକେଶ ରାହୁଲ ୧ ଓ ଅଧିନାୟକ ବିରାଟ କୋହଲି ୧ ରନରେ ଆଉଟ ହେବାରୁ ଭାରତ ଲଜ୍ଜାଜନକ ସ୍ଥିତିରେ ପହଞ୍ଚି ଯାଇଥିଲା। ମଧ୍ୟଭାଗରେ ରିଷଭ ପନ୍ତ(୩୨), ହାର୍ଦ୍ଦିକ ପାଣ୍ଡ୍ୟା(୩୨) ଏବଂ ଶେଷଭାଗରେ ମହେନ୍ଦ୍ର ସିଂ ଧୋନୀ(୫୦) ଓ ରବୀନ୍ଦ୍ର ଜାଡେଜା(୭୭) ଲଢ଼େଇ କଲେ, ମାତ୍ର ତାହା ପର୍ଯ୍ୟାପ୍ତ ହେଲାନି। ୨ ଥର ଚାମ୍ପିୟନ ଭାରତର ଆଶା ଏଥର ଆଶାରେ ହିଁ ରହିଗଲା। ବିଜୟ ପାଇଁ ୧୪ ବଲରୁ ୩୨ ରନ ଆବଶ୍ୟକ ହେଉଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ଆଉଟ ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ଥିଲା। ଶେଷ ଆଶା ଧୋନୀ ରନଆଉଟ ହେବାସହ ମ୍ୟାଚ ନ୍ୟୁଜିଲାଣ୍ଡ ହାତକୁ ଚାଲି ଯାଇଥିଲା।

# ଗୋଆରେ କଂଗ୍ରେସକୁ ଝଟକା

**ପଦ୍ମ ଧରିଲେ ୧୦ ବିଧାୟକ**

**ପଣଜୀ,୧୦।୭** ଜାତୀୟସ୍ତରରେ ନେତୃତ୍ୱ ସଙ୍କଟ ଦେଇ ଗତି କରୁଥିବା କଂଗ୍ରେସ ଆକାଶରେ ଯେମିତି କଳାବାଦଲ ଘୋଟି ଆସିଛି। କର୍ଣ୍ଣାଟକ କଂଗ୍ରେସ ବିଧାୟକମାନେ ଇସ୍ତଫା ଦେଇ କୁମାରସ୍ୱାମୀ ସରକାରଙ୍କ ସମ୍ଭାବ୍ୟ ପତନର କାରଣ ସାଜିଥିବାବେଳେ ଗୋଆରେ ମଧ୍ୟ ଏବେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏକ ରାଜନୈତିକ ଘଟଣାକ୍ରମରେ ବୁଧବାର ରାତିରେ ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଫଳରେ କଂଗ୍ରେସ ଦଳର ଭବିଷ୍ୟତ ନେଇ ପ୍ରଶ୍ନ ଉଠିଛି।

ଗୋଆ ବିଧାନସଭାର ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କାଭଲେକରଙ୍କ ସମେତ ୧୦ କଂଗ୍ରେସ ବିଧାୟକ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଭେଟି ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟମାନେ ହେଲେ ଆଟାନାସିଓ ମୋନ୍‌ସେରାଟେ, ଜେନିଫର ମୋନ୍‌ସେରାଟେ, ଫ୍ରାନ୍ସିସ୍ ସିଲଭେଇରା, ଫିଲିପ୍ ନେରି ରୋଡ୍ରିଗୁଏସ୍, କ୍ଲିଓଫାସିଓ ଡିଆସ୍, ୱିଲଫ୍ରେଡ୍ ଡି'ସୁଜା, ନୀଳକଣ୍ଠ ହଲାର୍ନକର, ଇସିଡୋର ଫର୍ନାଣ୍ଡିଜ୍ ଏବଂ ଆଣ୍ଟୋନିଓ ଫର୍ନାଣ୍ଡିଜ୍। ସାୱନ୍ତ ବିଧାୟକମାନଙ୍କୁ ଦଳକୁ ସ୍ୱାଗତ କରିବା ସହ ସେମାନଙ୍କୁ ସାଙ୍ଗରେ ନେଇ ବାଚସ୍ପତି ରାଜେଶ ପାଟନେକରଙ୍କୁ ସମର୍ଥନପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସର ଦୁଇତୃତୀୟାଂଶ ବିଧାୟକ ଭାଜପାରେ ମିଶିଥିବାରୁ ସେମାନଙ୍କ କ୍ଷେତ୍ରରେ ଦଳବଦଳ ଆଇନ ଲାଗୁ ହେବନାହିଁ। ସାୱନ୍ତ କହିଛନ୍ତି, କଂଗ୍ରେସ ବିଧାୟକମାନେ ନିଃସର୍ତ୍ତରେ ଭାଜପାରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଯୋଗଦାନ ପରେ ଗୃହରେ ଭାଜପା ସଦସ୍ୟଙ୍କ ସଂଖ୍ୟା ୨୭କୁ ଛୁଇଁଛି। ଫଳରେ ଭାଜପାକୁ ଆଉ ସହଯୋଗୀ ଦଳର ଆବଶ୍ୟକତା ନାହିଁ। ତେବେ ସହଯୋଗୀ ବିଧାୟକଙ୍କୁ ସରକାରରେ ରଖାଯିବ କି ନାହିଁ ସେନେଇ କୌଣସି ନିଷ୍ପତ୍ତି ହୋଇନି। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମଧ୍ୟ କିଛି ସ୍ଥିର କରାଯାଇନାହିଁ। ଗୋଆ ପ୍ରଦେଶ କଂଗ୍ରେସ କମିଟି ସଭାପତି ଗିରିଶ ଚୋଦାନ୍‌କର କହିଛନ୍ତି, ଭାଜପା ପ୍ରଲୋଭନ ଦେଖାଇ ଓ ବ୍ଲାକ୍‌ମେଲିଂ କରି କଂଗ୍ରେସ ବିଧାୟକମାନଙ୍କୁ ନିଜ ଆଡ଼କୁ ଟାଣିନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ପାଇଁ ନୁହେଁ, ବରଂ 'ଗୋଟିଏ ଦେଶ ଗୋଟିଏ ଦଳ' ପାଇଁ ଉଦ୍ୟମ ଚଳାଇଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ଭାଜପା ବିଧାୟକଙ୍କ ସଂଖ୍ୟା ୧୭ ଥିବାବେଳେ କଂଗ୍ରେସର ୧୫ ସଦସ୍ୟ ଥିଲେ। ସେହିପରି ଗୋଆ ଫରୱାର୍ଡ ପାର୍ଟିର ୩ ସମେତ ୩ ସ୍ୱାଧୀନ ବିଧାୟକ ସାୱନ୍ତ ସରକାରଙ୍କୁ ସମର୍ଥନ କରୁଛନ୍ତି। ୧୦ ବିଧାୟକ ଭାଜପାରେ ଯୋଗଦେବା ପରେ କଂଗ୍ରେସ ସଦସ୍ୟଙ୍କ ସଂଖ୍ୟା ୫କୁ ଖସିଆସିଛି। ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୫ରେ ଆରମ୍ଭ ହେବ। (ଫଟୋ: ପୃଷ୍ଠା-୨)

# ଗେଷ୍ଟ ହାଉସ୍‌ରେ ୨ ଯୁବତୀଙ୍କୁ ଗଣବଳାତ୍କାର

**ଭୋଗରାଇ,୧୦।୭(ଡି.ଏନ.ଏ.)** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାବର୍ତ୍ତୀ କିଆଗଡ଼ିଆ ମଠ ସମ୍ମୁଖରେ ଥିବା ସୁଭଦ୍ରା ଗେଷ୍ଟ ହାଉସ୍‌ରେ ୨ଜଣ ବଙ୍ଗୀୟ ଯୁବତୀ (୧୯ ଓ ୨୫ ବର୍ଷ)ଙ୍କୁ ମଙ୍ଗଳବାର ରାତିରେ ଗଣବଳାତ୍କାର କରାଯାଇଛି। ବଳାତ୍କାରର ଶିକାର ହୋଇଥିବା ଦୁଇ ଯୁବତୀ ବୁଧବାର ସକାଳେ କୌଣସି ପ୍ରକାରେ ଗେଷ୍ଟ ହାଉସ୍‌ରୁ ଖସି ବାହାରକୁ ପଳାଇ ଆସିଥିଲେ। ଜଣେ ଯୁବତୀ ଦୌଡିଦୌଡି ନିକଟସ୍ଥ ଗାଁକୁ ଚାଲିଆସିଥିଲେ। ଅନ୍ୟ ଜଣେ ଯୁବତୀ ଚାଲି ଚାଲି ୩ କି.ମି. ଦୂର ସୀମାବର୍ତ୍ତୀ ଦୀଘାକୁ ପଳାଇ ଯାଇଥିଲେ। ଗେଷ୍ଟ ହାଉସ୍ ନିକଟସ୍ଥ ଗାଁକୁ ପଳାଇଯାଇଥିବା ଯୁବତୀ ଜଣକ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ସମସ୍ତ ଘଟଣା ଜଣାଇଥିଲେ। ସ୍ଥାନୀୟ ଯୁବକମାନେ ଏକଥା ଶୁଣି ପୀଡିତାଙ୍କୁ ତାଳସାରୀ ମେରାଇନ୍ ଥାନା ପୋଲିସ ଜିମା ଦେଇଥିଲେ । ଅନ୍ୟ ଯୁବତୀ ଜଣକ ଦୀଘା ନିକଟକୁ ଚାଲିଯିବା ପରେ ସେଠାରେ କେତେକ ଯୁବକ ତାଙ୍କୁ ଉଦ୍ଧାର କରି ଏକ ଅଟୋ ରିକ୍ସା ଯୋଗେ ଗେଷ୍ଟ ହାଉସକୁ ଆଣିଥିଲେ। ଯୁବତୀଙ୍କ ମୋବାଇଲ୍ ଫୋନ ଓ ଜିନିଷପତ୍ର ଫେରାଅ ବୋଲି ସେମାନେ ଦାବି କରି ଗେଷ୍ଟ ହାଉସ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଭଳି ଗଣ୍ଡଗୋଳ ଘଟିବାରୁ ସ୍ଥାନୀୟ ଯୁବକ ଏନେଇ ତାଳସାରୀ ମେରାଇନ୍ ଥାନାକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ସେହି ଯୁବତୀଙ୍କୁ ଥାନାକୁ ନେଇ ଆସିଥିଲା। ପରେ ପୋଲିସ ଉଭୟ ପୀଡିତାଙ୍କୁ ଥାନାରେ ପଚରାଉଚରା କରିଥିଲା। କେତେଜଣ ଦଲାଲ ସେମାନଙ୍କୁ ପଶ୍ଚିମବଙ୍ଗରୁ ଆଣି ମଙ୍ଗଳବାର ଭୋଗରାଇସ୍ଥିତ ଉକ୍ତ ଗେଷ୍ଟ ହାଉସ୍‌ରେ ରଖିଥିଲେ। ରାତିରେ ଗେଷ୍ଟ ହାଉସ୍ କର୍ମଚାରୀ ସେମାନଙ୍କୁ ବଳାତ୍କାର କରିଥିବା ସେମାନେ ପୋଲିସକୁ କହିଥିଲେ। ଦେହ ଦଲାଲଙ୍କ ହାବୁଡରେ ପଡି ଏହି ଯୁବତୀ ଦ୍ୱୟ ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ସନ୍ଦେହ କରି ପୋଲିସ ସେମାନଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ଅପରପକ୍ଷେ ଗେଷ୍ଟ ହାଉସ୍‌ର ମ୍ୟାନେଜରଙ୍କ ସମେତ ସମସ୍ତ କର୍ମଚାରୀ ଫେରାର ହୋଇ ଯାଇଥିବାରୁ ତଦନ୍ତ କାର୍ଯ୍ୟ ଆଗେଇ ପାରି ନ ଥିଲା। ପରେ ପୀଡିତା ଦ୍ୱୟଙ୍କ କେତେଜଣ ସମ୍ପର୍କୀୟ ପଶ୍ଚିମବଙ୍ଗରୁ ଆସି ମେରାଇନ ଥାନାରେ ପହଞ୍ଚିଥିଲେ। ମେରାଇନ ଥାନା ଅଧିକାରୀ ତୁଶୀଲ ମାଝି ଏହି ସୂଚନା ଦେଇ କହିଛନ୍ତି, ପୀଡିତାମାନେ ବାରମ୍ବାର ବୟାନ ବଦଳାଉଛନ୍ତି। ମାମଲା ରୁଜୁ ହେବା ପରେ ପୀଡିତାଙ୍କୁ ଡାକ୍ତରୀ ମାଇନା କରାଯିବ । ଜଳେଶ୍ୱର ଏସଡିପିଓ ସୁଦର୍ଶନ ଦାଶ ଅପରାହ୍ନରେ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିବା ପରେ ସୁଭଦ୍ରା ଗେଷ୍ଟ ହାଉସକୁ ସିଲ୍ କରାଯାଇଛି।

ପଶ୍ଚିମବଙ୍ଗର ଦେହ ଦଲାଲମାନେ ସେମାନଙ୍କ ବ୍ୟବସାୟ ଭୋଗରାଇ ଅଞ୍ଚଳକୁ ବିସ୍ତାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି। ୨ ବର୍ଷ ତଳେ ଏହି ଗେଷ୍ଟ ହାଉସ୍‌ରୁ ୨ ଜଣ ଯୁବତୀଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଥିବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଗରିବ ଝିଅଙ୍କୁ କିଭଳି ପ୍ରଲୋଭିତ କରି ଦେହ ବ୍ୟବସାୟରେ ଲିପ୍ତ କରାଯାଉଛି ତାହାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।






ଦେଶରେ ସକାରାତ୍ମକ ବାତାବରଣ ସୃଷ୍ଟି ଲାଗି ସମାଜର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ଆବଶ୍ୟକ।

- ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ



# ହୋଟେଲରେ ହାଇଡ୍ରାମା: ୧୪୪ ଧାରା

## ମୁମ୍ବାଇରେ ଶିବକୁମାର, ବେଙ୍ଗାଲୁରୁରେ ଆଜାଦ ଅଟକ

ବେଙ୍ଗାଲୁରୁ/ମୁମ୍ବାଇ,୧୦।୭(ପି.ଟି.)

କର୍ନାଟକର ବିଦ୍ରୋହୀ ବିଧାୟକମାନେ ରହିଥିବା ମୁମ୍ବାଇର ଏକ ବିଳାସପୂର୍ଣ୍ଣ ହୋଟେଲ ବାହାରେ ବୁଧବାର ହାଇଡ୍ରାମା ଦେଖିବାକୁ ମିଳିଛି। ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ବିଧାୟକଙ୍କ ସହ ସାକ୍ଷାତ୍ କରାଇ ଦିଆ ନ ଯାଇ ଅଟକ ରଖାଯାଇଛି। ସେହିପରି ବେଙ୍ଗାଲୁରୁରେ ରାଜଭବନ ବାହାରେ ବିକ୍ଷୋଭ ବେଳେ କଂଗ୍ରେସ-ଜେଡିଏସ୍ ନେତାମାନଙ୍କୁ ଅଟକ ରଖାଯାଇଛି। ଏସବୁ ଭିତରେ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କ ନିକଟରେ ସଂଖ୍ୟାଗରିଷ୍ଠତା ଥିବା ଦାବିକରି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଇସ୍ତଫା ଦାବି କରିଛନ୍ତି। କର୍ନାଟକରେ କ୍ଷମତାଯୁଦ୍ଧ ପାଇଁ ଚାଲିଥିବା ଏହି କସରତ ମହାରାଷ୍ଟ୍ର ଓ ଦିଲ୍ଲୀକୁ ମଧ୍ୟ ସରଗରମ କରିଛି।

କଂଗ୍ରେସର ୭, ଜେଡିଏସ୍‌ର ୩ ଓ ଦୁଇ ସ୍ୱାଧୀନ ବିଧାୟକ ଶନିବାର ଇସ୍ତଫା ଦେବା ପରଠୁ ପୋୱାଇ ଅଞ୍ଚଳର ହୋଟେଲ ରିନେସାଁରେ ଅଛନ୍ତି। କର୍ନାଟକର ମନ୍ତ୍ରୀ ଡି.କେ. ଶିବକୁମାର, କଂଗ୍ରେସ ନେତା ମିଲିନ୍ଦ ଦେଓରା ଓ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନସମ୍ ଖାନ୍ ଉକ୍ତ ହୋଟେଲକୁ ବିଧାୟକମାନଙ୍କୁ ଭେଟିବା ପାଇଁ ସକାଳ ୮ଟା ୨୦ରେ ଯାଇଥିବାବେଳେ ବାହାରେ ସେମାନଙ୍କୁ ରୋକାଯାଇଥିଲା। ଶିବକୁମାର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଉଥିବାବେଳେ ପୋଲିସ ତାଙ୍କୁ ଜବରଦସ୍ତ ଟାଣିନେଇ ଏକ ଭ୍ୟାନ୍‌ରେ ବସାଇଥିଲା। ପରେ ଏହି ୩ ନେତାଙ୍କୁ ବିକେସି ପୋଲିସ ଗେଷ୍ଟ ହାଉସ୍‌କୁ ନିଆଯାଇଥିଲା। ଅସନ୍ତୁଷ୍ଟ ବିଧାୟକମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ମୁମ୍ବାଇ ପୋଲିସକୁ ଚିଠି ଲେଖି ସୁରକ୍ଷା ମାଗିଛନ୍ତି। ସେମାନେ 'ଶିବକୁମାର ଗୋ ବ୍ୟାକ୍' ବୋଲି ସ୍ଲୋଗାନ ଦେବା ପରେ ହୋଟେଲ ବାହାରେ ୧୪୪ ଧାରା ଜାରି କରାଯାଇଛି।

ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବେଙ୍ଗାଲୁରୁସ୍ଥିତ ରାଜଭବନ ବାହାରେ ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ଅଟକ ରଖାଯାଇଥିଲା। ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ା ମଧ୍ୟ ସେଠାକୁ ଯାଇ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇ କହିଥିଲେ, ମୁମ୍ବାଇ ହୋଟେଲରେ ୧୨ ବିଦ୍ରୋହୀ ବିଧାୟକଙ୍କୁ ଶିବକୁମାର ଭେଟିବାକୁ ଯାଇଥିବାବେଳେ ତାଙ୍କୁ ରୁମ୍ ବୁକ୍ କରିବାକୁ ନ ଦେଇ ଅଟକ ରଖିବା ଦୁର୍ଭାଗ୍ୟଜନକ। ଦେଶରେ ଏବେ ଜରୁରିକାଳୀନ ପରିସ୍ଥିତିଠାରୁ ମଧ୍ୟ ଖରାପ ସ୍ଥିତି ସୃଷ୍ଟି ହୋଇଛି, ଯାହାକି ସେ ତାଙ୍କର ୬୦ ବର୍ଷର ରାଜନୈତିକ ଜୀବନରେ କେବେ ଦେଖି ନ ଥିଲେ। ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜନୈତିକ ଦଳଗୁଡ଼ିକ ଭେଦଭାବ ଭୁଲି ଏକାଠି ହେବା ଜରୁରୀ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଅସନ୍ତୁଷ୍ଟ ବିଧାୟକମାନେ ଇସ୍ତଫା ଦେବା ପୂର୍ବରୁ ଜନମତ ଲୋଡ଼ିନାହାନ୍ତି। ସେମାନେ ଟଙ୍କା ଓ କ୍ଷମତା ଲୋଭରେ ମୁମ୍ବାଇ ଯାଇଛନ୍ତି। ସେମାନଙ୍କୁ କଂଗ୍ରେସ ଏବଂ ଜେଡିଏସ୍ କର୍ମୀମାନେ ରାଜ୍ୟରେ ଯାତ୍ରା କରିବାକୁ ଦେବେନାହିଁ। ଏଭଳି ସ୍ଥିତି ସୃଷ୍ଟି କରାଯିବ ସେପରିକି ବିଧାୟକମାନେ ଲୋକଙ୍କୁ ଭେଟିପାରିବେ ନାହିଁ। ପ୍ରକାଶ ଯେ, ଇସ୍ତଫା ଦେଇଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ବାଚସ୍ପତିଙ୍କ ନିକଟରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି।

**ଜରୁରୀ ପରିସ୍ଥିତିଠାରୁ ବି ଜଟିଳ: ଦେବେଗୌଡ଼ା**



ମୁମ୍ବାଇ ହୋଟେଲ ବାହାରେ କଂଗ୍ରେସ ନେତା ମିଲିନ୍ଦ ଦେଓରା, ଡି.କେ. ଶିବକୁମାର ଓ ନସିମ୍ ଖାନ୍‌ଙ୍କୁ ଭ୍ୟାନ୍‌ରେ ବସାଇ ନେଉଛି ପୋଲିସ।



ଭାଜପା ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣି ଗୁଲାମନବୀ ଆଜାଦ ଓ ଅନ୍ୟ କଂଗ୍ରେସ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆଉ ୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା

ବେଙ୍ଗାଲୁରୁ,୧୦।୭(ପି.ଟି.)

କର୍ନାଟକର ଆଉ ଦୁଇଜଣ କଂଗ୍ରେସ ବିଧାୟକ ବୁଧବାର ଇସ୍ତଫା ଦେଇଛନ୍ତି। ଗୃହ ନିର୍ମାଣ ମନ୍ତ୍ରୀ ଏମ୍.ଟି.ବି. ନାଗରାଜ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ଥିବା କେ. ସୁଧାକର ବିଧାନସଭାରେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅପରାହ୍ନ ୪ଟାରେ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଫଳରେ ଇସ୍ତଫା ଦେଇଥିବା ଅସନ୍ତୁଷ୍ଟ ବିଧାୟକଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରାଗଲେ ୨୨୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଶାସକ କଂଗ୍ରେସ-ଜେଡିଏସ୍ ବିଧାୟକଙ୍କ ସଂଖ୍ୟା ୧୦୦କୁ ଖସିଆସିବ।

# ଆର୍ବିଟ୍ରେଶନ୍ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୦।୭(ପି.ଟି.)

ଆନୁଷ୍ଠାନିକ ଘରୋଇ ତଥା ଅନ୍ତର୍ଜାତୀୟ ମଧ୍ୟସ୍ଥତା ପାଇଁ ଏକ ସ୍ୱାଧୀନ ତଥା ସ୍ୱୟଂଚାଳିତ ସଂସ୍ଥା ଗଠନ ଲାଗି ଅଣାଯାଇଥିବା ବିଲ୍ ଲୋକ ସଭାରେ ବୁଧବାର ଗୃହୀତ ହୋଇଯାଇଛି। ନୂଆଦିଲ୍ଲୀ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ ସେଣ୍ଟର (ଏନ୍‌ଡିଆଇଏସି) ବିଲ୍, ୨୦୧୯ ଆଇନରେ ପରିଣତ ହେଲେ ଗତ ମାର୍ଚ୍ଚରେ ଜାରି ହୋଇଥିବା ଅଧ୍ୟାଦେଶ ସ୍ଥାନରେ କାର୍ଯ୍ୟକାରୀ ହେବ। ବିଲ୍ ସମ୍ପର୍କିତ ବିତର୍କରେ ଭାଗନେଇ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ବର୍ତ୍ତମାନର ଆର୍ବିଟ୍ରେଶନ ସଂସ୍ଥା ୨୫ ବର୍ଷ ମଧ୍ୟରେ ୫୫ରୁ ୪୫ଟି ମାମଲାର ସମାଧାନ କରିଛି। ୧୦ଟି ମାମଲା ବିଚାରାଧୀନ ରହିଛି। ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଦେବା ସହ ଆଇନରେ ସଂଶୋଧନ ଆଣିବା ଲାଗି ଦାବି କରିଥିଲା। ଯଦି ଭାରତୀୟ ଆଇନ ଏବଂ ଆର୍ବିଟ୍ରେଶନ୍ ପ୍ରକ୍ରିୟାରେ ସଂଶୋଧନ ନ ହୁଏ ତେବେ ଦୀର୍ଘଦିନର ବିବାଦ ସେହିଭଳି ଗଡ଼ିଚାଲିଥିବ ବୋଲି ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଥିଲେ। ଉକ୍ତ ଆଇନରେ କଠୋର ସଂଶୋଧନ ଫଳରେ ଆର୍ବିଟ୍ରେଶନ୍ ସହଜ ହୋଇପାରିବ। ଲୋକ ସଭା ଭଙ୍ଗ ସହ ଏଥିରେ ପାସ୍ ବିଲ୍‌ଗୁଡ଼ିକ ରଦ୍ଦ ହୋଇଯାଉଛି। ଏଭଳି ବ୍ୟବସ୍ଥା ବନ୍ଦ ହେବା ଆବଶ୍ୟକ। କାରଣ ଏହା ଦ୍ୱାରା ଜନସାଧାରଣଙ୍କ ଅର୍ଥର ଅପଚୟ ହେଉଛି ବୋଲି ପିନାକୀ କହିଥିଲେ। ଷୋଡ଼ଶ ଲୋକ ସଭାରେ ଆର୍ବିଟ୍ରେଶନ୍ ବିଲ୍ ସମେତ ୨୮ଟି ବିଲ୍ ପାସ୍ ହୋଇଥିଲେ ହେଁ ତାହା ରାଜ୍ୟ ସଭାରେ ଗୃହୀତ ହୋଇ ନ ପାରି ରଦ୍ଦ ହୋଇଯାଇଛି।

**ସଂଶୋଧନ ଦାବି କଲା ବିଜେଡି**



ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ବାଚସ୍ପତିଙ୍କୁ ସମର୍ଥନ ପତ୍ର ଦେଉଛନ୍ତି କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ୧୦ ବିଧାୟକ।

## ପାର୍ଲାମେଣ୍ଟ ସରଗରମ

# ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧୦।୭(ପି.ଟି.)

କର୍ନାଟକର ରାଜନୈତିକ ଘଟଣାକ୍ରମକୁ ନେଇ କ୍ରମାଗତ ତୃତୀୟ ଦିନ ଧରି ପାର୍ଲାମେଣ୍ଟର ଉଭୟ ଗୃହ ସରଗରମ ହୋଇଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୂନ୍ୟକାଳରେ କହିଥିଲେ, କର୍ନାଟକରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଏହାସହ ସରକାରର ପତନ ପାଇଁ ଷଡ଼ଯନ୍ତ୍ର ରଚାଯାଉଛି ବୋଲି ଅଭିଯୋଗ ଆଣିଥିଲେ। ବାଚସ୍ପତି ଓମ୍ ବିର୍ଲା ଏହି ପ୍ରସଙ୍ଗ ଉଠାଇବାକୁ ତାଙ୍କୁ ଅନୁମତି ନ ଦେବାରୁ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ



ଯାଇ ସ୍ଲୋଗାନ ଦେଇଥିଲେ। ପରେ ସେମାନେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଭାଙ୍ଗିବା ପାଇଁ ଭାଜପା ଉଦ୍ୟମ ଚଳାଇଛି ବୋଲି ଅଭିଯୋଗ ଆଣି କକ୍ଷତ୍ୟାଗ କରିଥିଲେ। ଟିଏମ୍‌ସି, ଡିଏମ୍‌କେ ଏବଂ ଏନ୍‌ସିପି ସଦସ୍ୟମାନେ ମଧ୍ୟ କଂଗ୍ରେସ ସପକ୍ଷରେ ବାହାରି କକ୍ଷତ୍ୟାଗ କରିଥିଲେ। ମୁମ୍ବାଇର ହୋଟେଲରେ ଥିବା ବିଧାୟକମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ପୋଲିସକୁ ସୁରକ୍ଷା ମାଗିବା ପରେ ସେଠାରୁ କର୍ନାଟକ ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ହଟାଯାଇଛି ବୋଲି ଗୃହରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଥିଲେ।

ଏହି ପ୍ରସଙ୍ଗରେ ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଉଚ୍ଚ ସଦନରେ ବଜେଟ ନେଇ ବିତର୍କ ଚାଲିଥିବାବେଳେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ୩ ଥର ଗୃହକାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ 'ଗଣତନ୍ତ୍ରକୁ ହତ୍ୟା ବନ୍ଦ କର' ଓ 'ପ୍ରଧାନମନ୍ତ୍ରୀ ଜବାବ ଦିଅ' ବୋଲି ସ୍ଲୋଗାନ ଦେଇଥିଲେ। ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କର୍ନାଟକରେ କଂଗ୍ରେସ ତା'ର ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ କରି ନ ପାରି ରାଜ୍ୟ ସଭାକୁ ଚଳାଇ ଦେଉନାହିଁ। ସେହିପରି କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ଗୌଡ଼ା କହିଛନ୍ତି, ରାଜ୍ୟପାଳଙ୍କ କୌଣସି ସାମ୍ବିଧାନିକ ନିର୍ଦ୍ଦେଶକୁ ଭାଜପା ମାନିନେବ।

## ବିଧାନସଭା ବାହାରେ ଭାଜପାର ବିକ୍ଷୋଭ

# 'କୁମାରସ୍ୱାମୀ ଗାଦି ଛାଡ଼'



ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱରେ ବିଧାନସଭାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିକ୍ଷୋଭ।

ବେଙ୍ଗାଲୁରୁ,୧୦।୭(ପି.ଟି.)

କର୍ନାଟକର ଭାଜପା ସଭାପତି ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ରାଜଭବନରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ସାକ୍ଷାତ୍ କରିଛି। ରାଜ୍ୟପାଳଙ୍କ ପରେ ଭାଜପା ନେତାମାନେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ବିଧାନସଭାରେ ଭେଟିଛନ୍ତି। ଏହା ପୂର୍ବରୁ ବିଧାନସଭା ପରସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୟେଦୁରପ୍ପା କହିଛନ୍ତି, ଶାସକ ମେଣ୍ଟ ବିଧାୟକଙ୍କ ସଂଖ୍ୟା ୧୦୩କୁ ଖସିଆସିଛି। ଭାଜପାକୁ ୧୦୭ରୁ ୧୦୮ ବିଧାୟକ ସମର୍ଥନ କରୁଛନ୍ତି। ତେଣୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେବା ଲାଗି ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। କୁମାରସ୍ୱାମୀଙ୍କର ମୁଖ୍ୟମନ୍ତ୍ରୀ ପଦରେ ରହିବାର କୌଣସି ନୈତିକ ଅଧିକାର ନାହିଁ। ୧୨ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବ। ସଂଖ୍ୟାଗରିଷ୍ଠତା ନ ଥିବାରୁ କୁମାରସ୍ୱାମୀ ସ୍ୱେଚ୍ଛାକୃତ ଭାବେ ତୁରନ୍ତ ଇସ୍ତଫା ଦେଇ ଭାଜପାକୁ ସରକାର ଗଠନ କରିବା ଲାଗି ପଥ ପରିଷ୍କାର କରନ୍ତୁ।

# ପ୍ରଜାପତି, ୪ ଆଇଏଏସ୍ ଅଧିକାରୀଙ୍କ ନାଁରେ ସିବିଆଇ ମାମଲା ରୁଜୁ

ନୂଆଦିଲ୍ଲୀ,୧୦।୭(ପି.ଟି.)



**ୟୁପି ଖଣି ଦୁର୍ନୀତି**

ଉତ୍ତରପ୍ରଦେଶ (ୟୁପି) ଖଣି ଦୁର୍ନୀତି ଘଟଣାରେ ସିବିଆଇ ପୂର୍ବତନ ମନ୍ତ୍ରୀ ଗାୟତ୍ରୀ ପ୍ରଜାପତି ଏବଂ ୪ ଜଣ ଆଇଏଏସ୍ ଅଫିସରଙ୍କ ବିରୋଧରେ ମାମଲା ରୁଜୁ କରିଛି। ଯେଉଁମାନଙ୍କୁ ଏତଲାରେ ଅଭିଯୁକ୍ତ ଦର୍ଶାଯାଇଛି, ସେମାନେ ହେଲେ ସମାଜବାଦୀ ପାର୍ଟି ସରକାରରେ ମନ୍ତ୍ରୀ ଥିବା ପ୍ରଜାପତି, ତତ୍କାଳୀନ ପ୍ରମୁଖ ସଚିବ ଜିୱେଶ ନନ୍ଦନ, ସ୍ୱତନ୍ତ୍ର ସଚିବ ସନ୍ତୋଷ କୁମାର, ତତ୍କାଳୀନ ଜିଲାପାଳ ଅଭୟ ଏବଂ ବିବେକ।

ରାଜ୍ୟରେ ବାଲି ଉତ୍ତୋଳନ ପାଇଁ ଲିଜ୍ ନବୀକରଣ କିମ୍ବା ସାନି ଲିଜ୍ ନିମନ୍ତେ ସରକାର ୨୦୧୨ ମେ ୩୧ରେ ଇ-ଟେଣ୍ଡରିଂକୁ ବାଧ୍ୟତାମୂଳକ କରିଥିଲେ, ଯାହାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୩ ଜାନୁୟାରୀ ୨୯ରେ କାଏମ ରଖିଥିଲେ। ମନ୍ତ୍ରୀ ପ୍ରଜାପତିଙ୍କ ପ୍ରଭାବ ବଳରେ ଶିବ ସିଂ ଏବଂ ସୁଖରାଜ୍ ସେମାନଙ୍କ ଲିଜ୍ ନବୀକରଣ କରିବାରେ ସଫଳ ହୋଇଥିଲେ। ନନ୍ଦନ କୁମାର ଏବଂ ତତ୍କାଳୀନ ଫତେପୁର ଜିଲାପାଳ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ସରକାରଙ୍କ ଇ-ଟେଣ୍ଡରିଂ ନୀତି ବିରୋଧରେ ଲିଜ୍‌ର ନବୀକରଣ କରାଯାଇଥିଲା। ଦ୍ୱିତୀୟ ମାମଲାରେ ବିବେକ ଦେଓରିଆ ଜିଲାପାଳ ଥିବାବେଳେ ଶାର୍ଦ୍ଦା ଯାଦବଙ୍କ ଲିଜ୍ ନବୀକରଣ ଲାଗି ଅନୁମତି ଦେଇଥିଲେ। ଆଲ୍ଲାହାବାଦ ହାଇକୋର୍ଟ ଲିଜ୍ ନବୀକରଣ ଆବେଦନକୁ ଖାରଜ କରିବା ସତ୍ତ୍ୱେ ବିବେକ ଓ ଅନ୍ୟ ଅଧିକାରୀମାନଙ୍କ ଷଡ଼ଯନ୍ତ୍ର କ୍ରମେ ଯାଦବ ଏହା ହାସଲ କରିପାରିଥିଲେ। ସିବିଆଇ ଆଇଏଏସ୍ ଅଧିକାରୀ ଅଭୟ, ବିବେକଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ୧୨ଟି ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲା।

ଇତିହାସର ଆଇନାରେ

## ଜୁଲାଇ ୧୧ର ପ୍ରମୁଖ ଘଟଣା

୧୯୭୯ ଜୁଲାଇ ୧୧ରେ ଆମେରିକାର ପ୍ରଥମ ସ୍ପେସ୍ ଷ୍ଟେଶନ୍, ସ୍କାଏଲାବ୍ ପୃଥିବୀର ପରିବେଶରେ ପ୍ରବେଶ କରିବା ମାତ୍ରେ ଏହାକୁ ଭାରତ ମହାସାଗରରେ ପକାଇ ନଷ୍ଟ କରିଦିଆଯାଇଥିଲା। ସ୍କାଏଲାବ୍‌ରେ ତ୍ରୁଟି ଦେଖାଯିବା ପରେ ଏହା ପୃଥିବୀ ଆଡକୁ ଖସିବା ଆରମ୍ଭ କରିଥିଲା। ପୃଥିବୀ ପ୍ରତି ଏହାର ବିପଦ ଥିବା ଆଶଙ୍କା କରି ସମଗ୍ର ବିଶ୍ୱର ଗଣମାଧ୍ୟମ ଏହା ଉପରେ ନଜର ରଖିଥିଲେ।

୨୦୧୦ ଜୁଲାଇ ୧୧ରେ ଉଗାଣ୍ଡାର କାମ୍ପାଲାରେ ଦୁଇଟି ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୭୪ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା କାମ୍ପାଲାର ଦୁଇଟି ସ୍ଥାନରେ ସମବେତ ଜନତା ୨୦୧୦ ଫିଫା ବିଶ୍ୱ କପ୍‌ର ଫାଇନାଲ୍ ମ୍ୟାଚ୍ ଦେଖୁଥିବାବେଳେ ବିସ୍ଫୋରଣ ଘଟାଯାଇଥିଲା। ଆତଙ୍କବାଦୀ ଗୋଷ୍ଠୀ ଅଲ୍-ଶାବାବ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୪.୮ |
| ଚାନ୍ଦବାଲି | ୩୪.୨ | ୨୫.୨ |
| କଟକ | --- | ୨୫.୦ |
| ପାରାଦ୍ୱୀପ | ୩୧.୦ | ୨୭.୬ |
| ଭୁବନେଶ୍ୱର | ୩୧.୩ | ୨୭.୬ |
| ଗୋପାଳପୁର | ୩୧.୫ | ୨୫.୮ |
| ପୁରୀ | ୩୧.୦ | ୨୬.୪ |
| ଅନୁଗୋଳ | ୩୨.୦ | ୨୦.୬ |
| ବାରିପଦା | ୩୩.୪ | ୨୭.୦ |
| ଝାରସୁଗୁଡ଼ା | ୩୧.୪ | ୨୬.୪ |
| କେନ୍ଦୁଝର | ୨୮.୬ | ୨୪.୫ |
| ସମ୍ବଲପୁର | ୩୦.୭ | ୨୫.୫ |
| ସୁନ୍ଦରଗଡ଼ | ୨୯.୦ | ୧୯.୦ |
| ହୀରାକୁଦ | ୩୧.୭ | ୨୬.୧ |
| ତାଳଚେର | ୩୨.୫ | ୨୪.୫ |
| ଭବାନୀପାଟଣା | ୩୦.୦ | ୨୪.୫ |
| ବଲାଙ୍ଗୀର | ୩୦.୫ | ୨୫.୭ |
| କୋରାପୁଟ | ୨୬.୦ | ୧୯.୦ |
| ଫୁଲବାଣୀ | --- | ୨୪.୮ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୩୨.୮ | ୨୩.୦ |
| ସୋନପୁର | ୩୦.୦ | ୨୦.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ଆଇଏଫ୍‌ଏଫ୍‌ଏମ୍‌ରେ ପ୍ରଦର୍ଶିତ ହେବ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍'

**ମେଲବୋର୍ନ:** ଅଗଷ୍ଟ ୮ରେ ହେବାକୁ ଥିବା ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ ମେଲ୍‌ବୋର୍ନ (ଆଇଏଫ୍‌ଏଫ୍‌ଏମ୍)ର ଉଦ୍‌ଘାଟନୀ ମହୋତ୍ସବରେ ରିମା ଦାସଙ୍କ ଦ୍ୱାରା ନିର୍ମିତ ଅହମିୟା ଫିଲ୍ମ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ପ୍ରଦର୍ଶିତ ହେବ। ୨୦୧୯ରେ ଉକ୍ତ ଫିଲ୍ମ ଫେଷ୍ଟିଭାଲ୍‌ର ୧୦ବର୍ଷ ପୂର୍ତ୍ତି ପାଳିତ ହେବାକୁ ଯାଉଛି। ଏ ସମ୍ପର୍କରେ ରିମା ଏକ ବିବୃତିରେ କହନ୍ତି, 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ଭାରତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ ସଂଧ୍ୟାରେ ପ୍ରଦର୍ଶିତ ହେବାକୁ ଯାଉଥିବାରୁ ଅତ୍ୟନ୍ତ ଉତ୍ସାହିତ। ଜଣେ ନିର୍ମାତା ହିସାବରେ ଏହି ଫିଲ୍ମ ମୋ ପାଇଁ ସ୍ୱତନ୍ତ୍ରତା ବହନ କରେ। ଯେଉଁଠାରେ ଏହି ଫିଲ୍ମ ପ୍ରଦର୍ଶିତ ହୋଇଛି ସବୁଠି ଦର୍ଶକଙ୍କ ପ୍ରଶଂସା ମିଳିଛି। ଅଷ୍ଟ୍ରେଲିଆରେ ଉକ୍ତ ଫିଲ୍ମର ପ୍ରଦର୍ଶନକୁ ଅପେକ୍ଷା କରାଯାଇଛି। ଫିଲ୍ମ ପ୍ରଦର୍ଶନ ପରେ ସେଠିକା ଦର୍ଶକଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ମତାମତ ସଂଗ୍ରହ କରିବୁ। ରିମା ଦାସ 'ଭିଲେଜ ରକ୍‌ଷ୍ଟାର୍ସ' ଫିଲ୍ମ ନିର୍ମାଣ ପାଇଁ ବେଶ୍ ଚର୍ଚ୍ଚିତ। ଏହା ଏକ ଅହମିୟା ଭାଷାର ଫିଲ୍ମ। ୨୦୧୮ରେ ଏହା ବେଷ୍ଟ ଫିଚର ଫିଲ୍ମ ଭାବରେ ଜାତୀୟ ପୁରସ୍କାର ପାଇଥିଲା। ଓସ୍କାର୍ସ ପାଇଁ ମଧ୍ୟ ଏହାକୁ ଚୟନ କରାଯାଇଥିଲା।











# ଆଜି ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର,୧୦।୭(ବ୍ୟୁରୋ):** ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟା ୪୫ ମିନିଟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ବଜେଟ ପରିମାଣ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ଏଥିସହିତ ମନ୍ତ୍ରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟ ଉପରେ ମଧ୍ୟ ମାନସମନ୍ୱନ ହେବ ବୋଲି ସୂଚନା ମିଳିଛି। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନେଇ ମନ୍ତ୍ରୀମାନେ କିପରି କାର୍ଯ୍ୟ କରୁଛନ୍ତି ସେ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ବିଜେଡି ପଞ୍ଚମ ପାଳି ସରକାରଙ୍କ ଏହା ହେବ ଦ୍ୱିତୀୟ ବୈଠକ।

# ‘ଓଡ଼ିଶା ହେବ ୧ ଟ୍ରିଲିୟନ ଡଲାରର ଅର୍ଥନୀତି’

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

## ଭିଜନ୍ ରିପୋର୍ଟ-୨୦୫୦ ଉନ୍ମୋଚିତ



୨୦୫୦ ସୁଦ୍ଧା ଓଡ଼ିଶା ୧ ଟ୍ରିଲିୟନ(୧ ଲକ୍ଷ କୋଟି) ଡଲାର ଅର୍ଥନୀତି ହେବ। ଭିଜନ୍ ଡକ୍ୟୁମେଣ୍ଟରେ ରାଜ୍ୟବାସୀଙ୍କୁ ରାଜ୍ୟ ସରକାର ଏମିତି ସ୍ୱପ୍ନ ଦେଖାଇଛନ୍ତି। ଜେଏସଡବ୍ଲ୍ୟୁ ଓ ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ଏମିତି ଏକ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଭିଜନ୍ ରିପୋର୍ଟ ‘ଇକୋନୋମିକ ପସିବିଲିଟି ଫର ଓଡ଼ିଶା ଟୁୱାର୍ଡସ ୱାନ ଟ୍ରିଲିୟନ ଡଲାର ଇକୋନୋମି-୨୦୫୦’ର ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି। ଏହାକୁ ଆଧାର କରି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ରାଜ୍ୟ ୧ ଟ୍ରିଲିୟନ ଡଲାର ଅର୍ଥନୀତି ମଧ୍ୟ ହୋଇପାରିବ। ଅନୁକୂଳ ପୁଞ୍ଜିନିବେଶ ନୀତି, ଉନ୍ନତ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ଯୋଗୁ ଓଡ଼ିଶା ଏହି ଲକ୍ଷ୍ୟ ହାସଲ କରିପାରିବ। ମାନୁଫାକ୍ଚରିଂ ହବ୍ ଭାବେ ଓଡ଼ିଶା ଜାତୀୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ବିଶ୍ୱ ଅର୍ଥନୀତି ଗତ ୩ ଦଶନ୍ଧି ମଧ୍ୟରେ ୩ ଥର ବୃଦ୍ଧି ହୋଇଛି। ଆସନ୍ତା ୨୦୫୦ ବେଳକୁ ଏହା ଦୁଇଗୁଣ ହେବାର ସମ୍ଭାବନା ରହିଛି। ରାଜ୍ୟର ଖଣିଜ ସମ୍ପଦ, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମହିଳା ଉଦ୍ୟୋଗୀ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଜେଏସ୍‌ଡବ୍ଲ୍ୟୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ କହିଛନ୍ତି ଓଡ଼ିଶା ହେଉଛି ଭାରତର ଲୁକ୍କାୟିତ ରତ୍ନ। ଓଡ଼ିଶା ପାଖରେ ଯାହା କିଛି ଖଣିଜ ସମ୍ପଦ ରହିଛି ତାହାକୁ ଠିକ୍ ଭାବେ ପରିଚାଳନା କରାଗଲେ ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ହୋଇପାରିବ ବୋଲି ସେ କହିଛନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଅସାଧାରଣ ପ୍ରତିଯୋଗିତା ଦକ୍ଷତା ରହିଛି। ବିଶ୍ୱରେ ଏହି ରାଜ୍ୟ ଖଣିଜ ସମ୍ପଦ ରପ୍ତାନିରେ ଏକ ନମ୍ବର ହବ୍‌ରେ ପରିଣତ ହେବ ବୋଲି ଭିଜନ୍ ରିପୋର୍ଟରେ କୁହାଯାଇଛି। ଏହି ଅବସରରେ ପିଡବ୍ଲ୍ୟୁସିର ଅଂଶୀଦାର ରାନିନ ବାନାର୍ଜୀ ଭିଜନ୍ ରିପୋର୍ଟର ପ୍ରମୁଖ ବିଷୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାର, ଜେଏସ୍‌ଡବ୍ଲ୍ୟୁ, ପିଡବ୍ଲ୍ୟୁସି ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପ୍ରାଚୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦ କୃଷି ପାଣିପାଗ ଅଞ୍ଚଳ ପାଇଁ ଆପତ୍କାଳୀନ ଯୋଜନା ପ୍ରସ୍ତୁତ




କୃଷି ଆପତ୍କାଳୀନ ପ୍ରସ୍ତୁତି ବୈଠକରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ

- ବାତ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଛି ଆର୍ଥିକ ସହାୟତା
- ୫୦ ପ୍ରତିଶତ ରିହାତିରେ ପମ୍ପସେଟ୍, କୃଷି ଯନ୍ତ୍ରପାତି
- ବାକି ଥିବା ସମସ୍ତ ଚାଷୀଙ୍କୁ ମିଳିବ କାଳିଆ ଟଙ୍କା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ରାଜ୍ୟର କୃଷି ଅଭିବୃଦ୍ଧିରେ ଜଳବାୟୁର ଯଥେଷ୍ଟ ଭୂମିକା ରହିଛି। ବନ୍ୟା, ବାତ୍ୟା, ମରୁଡ଼ି, ବିଳମ୍ବିତ ମୌସୁମୀ, ଅସମୟ ବର୍ଷା ଏବଂ ରୋଗପୋକ ଯୋଗୁ ରାଜ୍ୟରେ ବ୍ୟାପକ ଫସଲ ହାନି ଘଟୁଛି। କୃଷକ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରି ଦୁର୍ବିପାକରୁ କୃଷି କ୍ଷେତ୍ରକୁ ରକ୍ଷା କରି ଅଭିବୃଦ୍ଧି ଜାରି ରଖିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। କୃଷି ନିର୍ଦ୍ଦେଶାଳୟ, ଓୟୁଏଟି ଓ କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ପ୍ରତିଷ୍ଠାନ ହାଇଦ୍ରାବାଦ ସହଯୋଗରେ ରାଜ୍ୟର ୧୦ଟି କୃଷି ପାଣିପାଗ ଅଞ୍ଚଳ ପାଇଁ ଆପତ୍କାଳୀନ ଯୋଜନା ପ୍ରସ୍ତୁତ କରାଯାଇଛି। ଆପତ୍କାଳୀନ ପରିସ୍ଥିତିର ସଫଳ ମୁକାବିଲା କରିବା ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରସ୍ତୁତ ରହିଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ବୁଧବାର କୃଷି ଭବନଠାରେ ଆୟୋଜିତ କୃଷି ଆପତ୍କାଳୀନ ପ୍ରସ୍ତୁତି ବୈଠକ 'ଖରିଫ୍-୨୦୧୯'ରେ ଯୋଗଦେଇ ମନ୍ତ୍ରୀ ସାହୁ କହିଲେ, ରାଜ୍ୟରେ ସିଡ୍ ରିଜର୍ଭ ପଲିସି କାର୍ଯ୍ୟକାରୀ ହେଉଛି। ଏଥିରେ ରାଜ୍ୟ ବିହନ ନିଗମ ୨୦ ହଜାର କୁଇଣ୍ଟାଲ ଛୋଟ ଓ ମଧ୍ୟମ କିସମ ଧାନ ବିହନ ସହିତ ଦରକାର ଥିବା ଅଣଧାନ ବିହନ ଯଥା ମୁଗ, ବିରି, ସୋରିଷ, ରାଶିର ୫ ଭାଗ ମହଜୁଦ୍ ରଖିବାର ବ୍ୟବସ୍ଥା କରିଛି। ବାତ୍ୟାରେ କ୍ଷତିଗ୍ରସ୍ତ ୧୪ଟି ଜିଲାରେ ପୁନରୁଦ୍ଧାର କାର୍ଯ୍ୟ କରାଯାଇ କୃଷିକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଜଳସେଚିତ ଜମି ପାଇଁ ହେକ୍ଟର ପ୍ରତି ୧୩,୫୦୦ ଓ ଅଣଜଳସେଚିତ ଜମି ପାଇଁ ୬,୮୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୨୦ ହଜାର ହେକ୍ଟର ଜମିରେ ବିଜିଆର୍‌ଇଆଇ କ୍ଷେତ୍ର ପ୍ରଦର୍ଶନ ଓ ୫ ହଜାର ହେକ୍ଟର ଜମିରେ ଆଖୁ କ୍ଷେତ୍ର ପ୍ରଦର୍ଶନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ୫ହଜାର ପାଣି ପମ୍ପ ସେଟ୍ ଓ ୧୦ହଜାର ସ୍ପ୍ରେୟର ୫୦ ଭାଗ ରିହାତିରେ ଯୋଗାଇଦେବା ପାଇଁ ସ୍ଥିର କରାଯାଇଛି। କାଳିଆ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ଲକ୍ଷ କୃଷକ କାଳିଆ ଯୋଜନା ଟଙ୍କା ପାଇସାରିଲେଣି। ଶୀଘ୍ର ସମସ୍ତ ଯୋଗ୍ୟ ଚାଷୀଙ୍କୁ କାଳିଆ ଟଙ୍କା ମିଳିଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଏବଂ ହାଇଦ୍ରାବାଦର କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି. ରବୀନ୍ଦ୍ର ଚାରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଓଡ଼ିଶାରେ ଆଗାମୀ ମୌସୁମୀ ବର୍ଷା, ବିଭିନ୍ନ କୃଷି ସାମଗ୍ରୀର ଆୟୋଜନ, ମଧ୍ୟବର୍ତ୍ତୀ ଆପତ୍କାଳୀନ ଯୋଜନା ପାଇଁ ପ୍ରସ୍ତୁତି ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଆପତ୍କାଳୀନ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ମକ୍କା ଯିବେ ରାଜ୍ୟର ୬୫୩ ହଜ୍‌ଯାତ୍ରୀ



- ମାଗଣା ହଜ୍ ଟ୍ରାଭେଲ କିଟ୍ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ
- ନୂତନ ହଜ୍ ହାଉସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ଓଡ଼ିଶା ହଜ୍ କମିଟି ଜରିଆରେ ଚଳିତବର୍ଷ ରାଜ୍ୟରୁ ୬୫୩ଜଣ ହଜ୍ ଯାତ୍ରୀ ତୀର୍ଥ ନିମନ୍ତେ ସୌଦି ଆରବର ମକ୍କା ମଦିନା ଯାତ୍ରା କରିବେ। ଏମାନଙ୍କ ମଧ୍ୟରେ ୩୮୬ ଜଣ ପୁରୁଷ ଓ ୨୬୭ ମହିଳା ଯାତ୍ରୀ ରହିଛନ୍ତି। ଚଳିତବର୍ଷ ଯାତ୍ରୀମାନଙ୍କ ସୁବିଧା ଲାଗି ପ୍ରଥମଥର ଲାଗି ରାଜ୍ୟର ପ୍ରଥମ ହଜ୍ ହାଉସ୍ ଭୁବନେଶ୍ୱର ପୋଖରୀପୁଟଠାରେ ପ୍ରତିଷ୍ଠା କରାଯାଇଛି। ବୁଧବାର ରାଜ୍ୟ ହଜ୍ କମିଟି ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହଜ୍ ହାଉସ୍‌କୁ ଉଦ୍‌ଘାଟନ କରିବା ସହ ଚଳିତବର୍ଷ ଯାତ୍ରା କରିବାକୁ ଥିବା ହଜ୍ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ, ହଜ୍ ହାଉସ୍ ପ୍ରତିଷ୍ଠା ଦ୍ୱାରା ହଜ୍ ଯାତ୍ରୀଙ୍କ ଯାତ୍ରା ଆହୁରି ସୁଗମ ହେବ। ସଂଖ୍ୟାଲଘୁ ସମ୍ପ୍ରଦାୟର ବିକାଶ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନଗୁଡିକର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅର୍ବାନ୍ ହଷ୍ଟେଲ୍ ଓ ଶିକ୍ଷାବୃତ୍ତି ଦେବାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ସଂଖ୍ୟାଲଘୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୪୦ଟି ହଷ୍ଟେଲ ନିର୍ମାଣ କରାଯାଉଛି। ଶିକ୍ଷାନୁଷ୍ଠାନରେ ଲାଇବ୍ରେରି, ଅତିରିକ୍ତ ଶ୍ରେଣୀଗୃହ, ଲାବୋରୋଟୋରି ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୧୦୦ଟି ବହୁମୁଖୀ ଗୋଷ୍ଠୀ ଅନୁମୋଦନ କେନ୍ଦ୍ର ସ୍ଥାପନ କରିଛନ୍ତି। ସଂଖ୍ୟାଲଘୁ ବର୍ଗର କଲ୍ୟାଣ ସହିତ ରାଜ୍ୟର ସବୁବର୍ଗର ଲୋକଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହଜ୍ ଯାତ୍ରୀମାନଙ୍କୁ ହଜ୍ ସାମଗ୍ରୀ ବା ଟ୍ରାଭେଲ କିଟ୍ ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ହଜ୍ ଯାତ୍ରୀଙ୍କୁ ବିନା ମୂଲ୍ୟରେ ଏହି କିଟ୍ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ସଚିବ କେ. ରଘୁ ଉପସ୍ଥିତ ଥିଲେ।

## ବସ୍‌ରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

# ଡ୍ରାଇଭର, ହେଲ୍‌ପରଙ୍କ ଲାଇସେନ୍ସ ରଦ୍ଦ

- ବସ୍ ରୁଟ୍ ପର୍‌ମିଟ୍ ସାମୟିକ ସ୍ଥଗିତ
- ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ
- ବସ୍‌ଷ୍ଟାଣ୍ଡରେ ପ୍ରତି ୨ଘଣ୍ଟାରେ ହେବ ଯାଞ୍ଚ
- ସୋସିଆଲ ମିଡିଆରେ ପୁରୀ ପୋଲିସ ସମାଲୋଚିତ

**ପୁରୀ ଅଫିସ/କଟକ ଅଫିସ, ୧୦।୭**

ପୁରୀ ବସ୍‌ଷ୍ଟାଣ୍ଡ ପରିସରସ୍ଥ ଏକ ଘରୋଇ ବସ୍ ଭିତରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା କରାଯାଇଛି। ପୁରୀ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛି। ଜିଲା ପ୍ରଶାସନ ଓ ପୋଲିସର ଅପାରଗତାକୁ ସୋସିଆଲ ମିଡିଆରେ ଜନସାଧାରଣ ଦାୟୀ କରିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ସମ୍ପୃକ୍ତ ବସ୍ (ନଂ. ଓଡ଼ି୧୩ ଏଚ୍-୯୪୭୭)ର ସମସ୍ତ ରୁଟ୍ ପର୍‌ମିଟ୍‌କୁ ସାମୟିକ ସ୍ଥଗିତ ରଖାଯାଇଛି। ବସ୍ ଡ୍ରାଇଭର ରମେଶ ପଲାଇ ଓ ହେଲପର ନାରାୟଣ ମଲିକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିଦିଆଯାଇଛି।

ବିରୋଧୀଙ୍କ ସମାଲୋଚନା ପରେ ଘଟଣାର ତଦନ୍ତ ରିପୋର୍ଟ ୨୪ଘଣ୍ଟା ମଧ୍ୟରେ ଦାଖଲ କରିବା ଲାଗି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ସମ୍ପୃକ୍ତ ବସ୍‌ର ପରମିଟ୍‌କୁ ସାମୟିକ ସ୍ଥଗିତ ରଖିବା ଏବଂ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ପରିବହନ କମିଶନର ଅନିଲ କୁମାର ସାମଲ ପୁରୀ ଆର୍‌ଟିଓକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବସ୍ ମାଲିକ ବିଭୂତି ଭୂଷଣ ଛୋଟରାୟଙ୍କୁ କାହିଁକି ଉକ୍ତ ବସ୍‌ର ସ୍ଥାୟୀ ପରମିଟ୍‌କୁ ରଦ୍ଦ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଉକ୍ତ ନୋଟିସର ଉତ୍ତର ରଖିବାକୁ କୁହାଯାଇଛି। ଅନ୍ୟପଟେ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି ଯେ, ସମ୍ପୃକ୍ତ ବସ୍ ହେଲ୍‌ପରଙ୍କ ଉପରେ ବିଶ୍ୱାସ କରି ପୀଡ଼ିତା ବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଅଭିଯୁକ୍ତ ନାରାୟଣ ମଲିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାର ଚାର୍ଜଶିଟ୍ ୪ଦିନ ମଧ୍ୟରେ କୋର୍ଟକୁ ପଠାଯିବ। ଅଭିଯୁକ୍ତ ହେଲ୍‌ପର ଯେପରି କୌଣସି ବସ୍‌ରେ କାମ କରିପାରିବେ ନାହିଁ, ସେଥିଲାଗି ଆର୍‌ଟିଓ ଏବଂ ବସ୍ ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯିବ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପାର୍କିଂସ୍ଥାନ ଓ ବସ୍‌ଷ୍ଟାଣ୍ଡରେ ପ୍ରତି ୨ରୁ ୩ଘଣ୍ଟାରେ ଚେକିଂ କରାଯିବ। କୌଣସି ସ୍ଥାନରୁ ଏଭଳି ଅଭିଯୋଗ ଆସିଲେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ କ୍ଷତିପୂରଣ ଆଇନ ୨୦୧୮ ଅନୁଯାୟୀ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ତୁରନ୍ତ ୭ଲକ୍ଷ ଟଙ୍କା ପ୍ରଦାନ, ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଦାବି କରିଛନ୍ତି। ଏ ନେଇ ସେ ବୁଧବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିଆର୍‌ପିସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଯେପରି ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିଲାଗି ପଦକ୍ଷେପ ନେବାକୁ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆୟୋଗଙ୍କୁ ଦାଶ ନିବେଦନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାହୁଙ୍କ ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତି ଭିନ୍ନ ପ୍ରକାର ହେତୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ। ଦୀର୍ଘଦିନରୁ ରହିଯାଇଥିବା କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗଣା ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିପାରନ୍ତି।

**ବୃଷ** ଅଷ୍ଟମାଧିପତି ବୃହସ୍ପତି ନକ୍ଷତ୍ରସ୍ଥ ରବି ପ୍ରଭାବରେ ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ଲାଗି ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ମିଥୁନ** ମଙ୍ଗଳ ଶନି ନକ୍ଷତ୍ରସ୍ଥ ହୋଇ ଧନସ୍ଥାନରେ ଥିବାରୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ ଟଣାଟଣି ହେତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନି।

**କର୍କଟ** ବୁଧ ଷଡ଼ାଷ୍ଟକ ସ୍ଥିତିରେ ଥିବା ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଚେଷ୍ଟା କରୁଥିବା କାମଗୁଡିକ ସହଜରେ ହୋଇପାରିବନାହିଁ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ, କିନ୍ତୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବିଭିନ୍ନ ପ୍ରକାର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ।

**ସିଂହ** ବୃହସ୍ପତି ଧନ ଏକାଦଶାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଆଜି ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ।

**କନ୍ୟା** ଧନାଧିପ ଶୁକ୍ର ପାପଗ୍ରହ ରାହୁ ନକ୍ଷତ୍ରସ୍ଥ ହେତୁ ଅର୍ଥ ସମ୍ପର୍କିତ ବିବାଦ ବୃଦ୍ଧିର ଆଶଙ୍କା ରହିଛି। ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ମାନସିକସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ରାହୁ ଅଷ୍ଟମରେ ରହି ବୃହସ୍ପତି ନକ୍ଷତ୍ରସ୍ଥ ଯୋଗୁ ଅର୍ଥକୁ ନେଇ ଆତ୍ମୀୟଙ୍କ ମଧ୍ୟରେ ବିବାଦ ଉପୁଜିବ। ପରିବାରରେ ଅଶାନ୍ତି ବାତାବରଣରୁ ଦୁଃଖୀ ହୋଇପାରନ୍ତି। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସହ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ବିଛା** କେତୁ ଧନସ୍ଥାନରେ ରହି ଅନାବଶ୍ୟକ ଖର୍ଚ୍ଚର ଦିଗ ଖୋଲି ଦେଇପାରନ୍ତି। ସବୁ କାମ ଠିକ୍ ଠିକ୍ ହେବ, କିନ୍ତୁ ସୁବିଧାରେ ନୁହେଁ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** ମଙ୍ଗଳ ଭାଗ୍ୟସ୍ଥାନରେ ରହିଥିବାରୁ କୌଣସି ନୂତନ ଯୋଜନାରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବା ଦୁଶ୍ଚିନ୍ତାର କାରଣ ହେବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସତର୍କରେ ଚଳିବା ଭଲ ହେବ। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

**ମକର** ଏକାଦଶ ବୃହସ୍ପତି ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ, କିନ୍ତୁ ପ୍ରିୟବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ପ୍ରଥମେ ପ୍ରଥମେ କଷ୍ଟକର ମନେ ହୋଇପାରେ। ପରିବାର, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକଥିରେ ସୁଫଳ ପାଇବେ। ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** କର୍ମକ୍ଷେତ୍ରରେ ଶନି ଓ କେତୁଜନିତ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେବାର ଆଶଙ୍କା ରହିଛି। ପରିବାରର ବରାଦ ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ।

ଆଷାଢ଼ ଶୁକ୍ଳ ଦଶମୀ ଗୁରୁବାର, ଆଜି ଶ୍ରୀଗୁଣ୍ଡିଚା ମନ୍ଦିରରେ ଶେଷ ସନ୍ଧ୍ୟା ଦର୍ଶନ, ସୁଦଶା ବ୍ରତ, ଜୁଲାଇ ୧୧ ତାରିଖ, ଅଦ୍ୟ ବିଶ୍ୱ ଜନସଂଖ୍ୟା ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ପ୍ରତିଷ୍ଠାଦି ଶୁଭକର୍ମ ପାଇଁ ଶୁଭପ୍ରଦ। ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୨।୨୫ମି. ଗତେ, ଘ୩।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।

## ଗୁଳି କରି ଅହିରାଜ ଶିକାର



**ବନ୍ତଳା, ୧୦।୭(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ବାରଗୌଣିଆ ପାଣ୍ଡୁରିଣ୍ଡୁଣି ପାହାଡ଼ରେ ବୁଧବାର ସକାଳେ ଏକ ବିରଳ ପ୍ରଜାତିର ଅହିରାଜକୁ କେହି ଗୁଳି କରି ଶିକାର କରିଛି। ଖବରପାଇ ବନ୍ତଳା ଫରେଷ୍ଟର ଜୟନ୍ତ କୁମାର ଦାସ ସେଠାରେ ପହଞ୍ଚି ମୃତ ଅହିରାଜକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛନ୍ତି। ସାତକୋଶିଆ ପ୍ରାଣୀ ଡାକ୍ତର ଡା. କିଶୋର କୁମାର ସାହୁ ବ୍ୟବଚ୍ଛେଦ କରିଛନ୍ତି। ଅହିରାଜର ଲମ୍ବ ୧୨ ଫୁଟ, ୪ ଇଞ୍ଚ ଚଉଡା ଓ ୨୦ ସେମି ଗୋଲେଇ ରହିଛି। ବିରଳ ଅହିରାଜକୁ ଦେଖିବାକୁ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ, ଗ୍ରାମର ୪ରୁ ୫ ଜଣ ଶିକାରୀ ଦେଶୀ ବନ୍ଧୁକ ଧରି ପାଣ୍ଡୁରିଣ୍ଡୁଣି ପାହାଡ଼କୁ ଯାଇଥିଲେ। ଅହିରାଜଟି ଏକ ଗୋଧିକୁ ଗିଳୁ ଥିବା ସମୟରେ ଶିକାରୀମାନେ ଏହାର ଫଣାକୁ ଗୁଳି କରିଥିଲେ। ଖବରଲେଖା ହେବା ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

### କିଛି ତଥ୍ୟ

ଏପ୍ରିଲରେ ଦେଶ ମଧ୍ୟକୁ ଏଫ୍‌ଡିଆଇ ୩% ବୃଦ୍ଧି ଘଟି ୬.୯୫ ବିଲିୟନ ଡଲାର ରହିଛି।
–ଅର୍ଥ ମନ୍ତ୍ରଣାଳୟ

## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି **Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

9000sqft building for rent at IRC, Bhubaneswar office/ guesthouse for reputed firms & company. Contact: 9337044222, 7894567221. D-63217

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Ayurvedic full body massage ladies & gents smart therapist. 9040900385. D-66923

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13361

**AFFIDAVIT**

By virtue of an affidavit before Notary, Bhubaneswar that my name which was Sucheta Pattanayak has been changed to Sucheta Pattnaik for all purposes. D-13356

By virtue of the affidavit No. 1236 Dt. 06.07.2019, sworn before the Executive Magistrate, Khurda, my name which was wrongly mentioned as Mrutyunjay Das in the H.S.C Exam Certificate bearing Sl.No. M0072197, Roll No. 6788034, Certificate No. A197072119 of my son Debasish Das shall be Mrutyunjaya Kumar Das henceforth and also for all pupose. D-13360

By virtue of an affidavit before Executive Magistrate, Bhubaneswar I declare that my name in Board Certificate, Aadhaarcard Pabitra Ranjan Rout and Santosh Rout in LIC Policy No. 574639553 is one and same person. D-66924



## ଜିଲ୍ଲା ଚିଠି ସୁନ୍ଦରଗଡ଼

# ପ୍ରଦୂଷଣ ଚିନ୍ତା

ଖଣିଜ ସମ୍ପଦରେ ପରିପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ବଢୁଛି ଶିଳ୍ପାୟନ। ରାଉରକେଲା ଇସ୍ପାତ କାରଖାନା ସମେତ ଅନେକ ଛୋଟବଡ ଇସ୍ପାତ କାରଖାନା ଓ ସ୍ପଞ୍ଜ ଆଇରନ କାରଖାନା ଆଦି ଗଢିଉଠିଛି। ଜିଲାର ରାଉରକେଲା, ବଣାଇଁ, ଲାଠିକଟା, କଳୁଙ୍ଗା, କୁଆଁରମୁଣ୍ଡା, ରାଜଗାଙ୍ଗପୁର, ବୀରମିତ୍ରପୁର ଆଦି ସ୍ଥାନରେ ରହିଛି ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର କଳକାରଖାନା। ସେହିପରି ରାଉରକେଲା ଓ କୋଇଡା ମାଇନିଂ ସର୍କଲ ଅଧୀନରେ ବର୍ତ୍ତମାନ ୩୩ ଟି ଉନ୍ନତମାନର ଲୁହା ପଥର ମାଙ୍ଗାନିଜ୍, କ୍ରୋମାଇଟ୍, ଡ଼ୋଲମାଇଟ୍, ବକ୍ସାଇଟ୍ ଓ କୋଇଲା ଆଦି ମୂଲ୍ୟବାନ୍ ଖଣିଜ ପଦାର୍ଥର ଖଣି କାର୍ଯ୍ୟକ୍ଷମ ରହିଛି। ସେଥି ମଧ୍ୟରେ ଜିଲାର ହେମଗିର ବ୍ଲକରେ ବର୍ତ୍ତମାନ ଏମ୍‌ସିଏଲ୍‌ର ୨, ଓସିପିଏଲ୍‌ର ଓ ଏନ୍‌ଟିପିସିର ଗୋଟିଏ ଲେଖାଏ କୋଇଲା ଖଣି ରହିଛି। କୋଇଲାକୁ ଆଖି ଆଗରେ ରଖି ଏନ୍‌ଟିପିସି ଦର୍ଲିପାଲିଠାରେ ବୃହତ୍ ତାପଜ ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସବୁ ଖଣି, ଖାଦାନ ଓ ଶିଳ୍ପାୟନ ଯୋଗୁ ଅନେକ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଥିବାବେଳେ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ ଏବଂ ଅନ୍ୟାନ୍ୟ ରାସ୍ତାଘାଟ ନିର୍ମାଣ ତଥା ପ୍ରଶସ୍ତୀକରଣ ଯୋଗୁ ହଜାର ହଜାର ସଂଖ୍ୟାରେ ବୃକ୍ଷ ବଳିପଡିଛି। ନଷ୍ଟ ହୋଇଥିବା ଏସବୁ ଜଙ୍ଗଲ ସମ୍ପଦ ତଥା ମୂଲ୍ୟବାନ ବୃକ୍ଷରାଜି ଭରଣା ହେବା କଷ୍ଟକର। ମାତ୍ର ଶିଳ୍ପସଂସ୍ଥା ହେଉ କିମ୍ବା ଖଣି କମ୍ପାନୀ ଭରଣା ପାଇଁ ବନୀକରଣ କାର୍ଯ୍ୟ ଆଶାନୁରୂପ ହେଉନାହିଁ। ଫଳରେ ଜିଲାରେ ଦ୍ରୁତ ଜଙ୍ଗଲ କ୍ଷୟ ସହ ପରିବେଶ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି। ଖଣି ଖାଦାନରୁ କଞ୍ଚାମାଲ ପରିବହନ ବେଳେ ଏବଂ କଳକାରଖାନାରୁ ନିର୍ଗତ ଧୂଳିଧୂଆଁ ଓ ବର୍ଜ୍ୟବସ୍ତୁ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଦୂଷିତ ହୋଇ ଚାଲିଛି ପାଣି, ପବନ। ଶିଳ୍ପ ସଂସ୍ଥାଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଇନକୁ ଅଣଦେଖା କରି ଚାଲିଥିବା ବେଳେ ଏଥିପ୍ରତି କାହାରି ନିଘା ନାହିଁ। ପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପସଂସ୍ଥାଗୁଡିକ ଉପରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟପଟେ ଲୁହାପଥର ,କୋଇଲା ଆଦି ଖଣିଜ ପଦାର୍ଥ ପରିବହନ ପାଇଁ ସ୍ୱତନ୍ତ୍ର କରିଡର ନିର୍ମାଣ ହେଉ ନ ଥିବାରୁ ସାଧାରଣ ରାସ୍ତାଘାଟଗୁଡିକର ଦୟନୀୟ ଅବସ୍ଥା ସୃଷ୍ଟି ହେଉଥିବା ବେଳେ ଟ୍ରାଫିକ ସମସ୍ୟା ମଧ୍ୟ ଜଟିଳ ହେଉଛି। ଏହା ସାଙ୍ଗକୁ ଏବେ ପଡୋଶୀ ଝାରସୁଗୁଡ଼ା ଜିଲାରେ ଥିବା କଳକାରଖାନାଗୁଡ଼ିକରୁ ନିର୍ଗତ ଫ୍ଲାଏ ଆଶ୍‌କୁ କେତେଜଣ ପରିବହନ ବ୍ୟବସାୟୀ ସୁନ୍ଦରଗଡ଼ର ବିଭିନ୍ନ ଚାଷ ଜମିଗୁଡିକରେ ଆଣି ଗଦା କରି ରଖୁଥିବାରୁ ଚାଷକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏପଟେ ବନମହୋତ୍ସବ ନାଆଁରେ ଜିଲାରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଏଥିପାଇଁ ସଭା, ସମିତି ଜରିଆରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ମାତ୍ର ଏହା କେବଳ ଉତ୍ସବରେ ସୀମିତ ରହି ଯାଉଛି। ଶିଳ୍ପସଂସ୍ଥା ଓ କମ୍ପାନୀ ବାଲାଙ୍କ ଦ୍ୱାରା ନଷ୍ଟ ହୋଇଥିବା ଜଙ୍ଗଲ ସମ୍ପଦର ଭରଣା ପାଇଁ ଦୁଇଗୁଣା ନୂତନ ବନୀକରଣ ସୃଷ୍ଟି କରିବାର ନିୟମ ରହିଛି। ଏସବୁ ନିୟମ ପାଳନ କରୁଥିବା କୁହାଯାଉଥିଲେ ହେଁ ବାସ୍ତବରେ କେତେଦୂର କାର୍ଯ୍ୟକାରୀ ହେଉଛି ସେ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

– ଜୟନାରାୟଣ ମେଣ୍ଡୁଲି

# ଡାକ୍ତରୀ ଛାତ୍ରଙ୍କ ପାଇଁ ଲାଗୁ ହେବ ବଣ୍ଡ ବ୍ୟବସ୍ଥା

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ
- ରାଜ୍ୟରେ ୨ ବର୍ଷ ଭିତରେ ଡାକ୍ତର ସମସ୍ୟା ଦୂର ହେବ
- ଭିମ୍ସାରରେ ବିଭିନ୍ନ ବିଭାଗର କୋଠା ନିର୍ମାଣକୁ ଗୁରୁତ୍ୱ
- ୩ ମାସ ଭିତରେ ସବୁ ପଦ ପୂରଣ ହେବ
- ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଆଇସିୟୁ ଅନ୍ଧାର



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

**ସମ୍ବଲପୁର,୧୦।୭ (ବ୍ୟୁରୋ)**

ଏଣିକି ଡାକ୍ତରୀ ଛାତ୍ରଙ୍କ ପାଇଁ ଆର୍ଥିକ ବଣ୍ଡ ବ୍ୟବସ୍ଥା ଲାଗୁ ହେବ। ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କ ସହ ଚୁକ୍ତି କରାଯିବ। ଓଡ଼ିଶାର ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ପାଠ ପଢିବା ପରେ ଅଧିକ ରୋଜଗାର ଉଦ୍ଦେଶ୍ୟରେ ଡାକ୍ତରମାନେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଏଣିକି ଏହା ଉପରେ ରୋକ୍ ଲଗାଯିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ଯେଉଁ ଡାକ୍ତରମାନେ ରାଜ୍ୟ ବାହାରକୁ ଯିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ।

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍ସାର)ରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଏହା କହିଛନ୍ତି । ଏହି ଅବସରରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧା ସମ୍ପର୍କରେ ସେ ଆଲୋଚନା କରିଥିଲେ । ଭିମସାରରେ ଥିବା ଛୋଟ ସମସ୍ୟାଗୁଡିକ ବିଭାଗୀୟ ମୁଖ୍ୟମାନେ ସମାଧାନ କରନ୍ତୁ। ସମସ୍ତଙ୍କ ସହଯୋଗରେ ମେଡିକାଲର ଉନ୍ନତି ହେବ। ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ସେ କହିଛନ୍ତି। ସେହିଭଳି ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରି ଖାଲି ପଡିଥିବା ବିଭିନ୍ନ ପଦବୀ ୩ ମାସ ଭିତରେ ପୂରଣ କରିବାକୁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭିମ୍ସାର ସ୍ୱୟଂଶାସିତ ହୋଇଥିବାରୁ ନିର୍ଦ୍ଦେଶକଙ୍କ ସମସ୍ତ କ୍ଷମତା ରହିଛି। ଏଣୁ ବୈଠକ କରି ଯେକୌଣସି ସମସ୍ୟାର ସମାଧାନ କରାଯାଇ ପାରିବ । ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଉପସ୍ଥିତ ବିଭାଗୀୟ ମୁଖ୍ୟମାନଙ୍କୁ କହିଛନ୍ତି।

ସମୀକ୍ଷା ବୈଠକ ପରେ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ରାଜ୍ୟରେ ୨ ବର୍ଷ ଭିତରେ ଡାକ୍ତର ସମସ୍ୟା ଦୂର ହେବ । ଭିମ୍ସାର ସମେତ ଜିଲାର ଅନ୍ୟ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ପୂରଣ ହେବ । ଭିମ୍ସାରରେ ରହିଥିବା ପ୍ରଫେସର, ସହକାରୀ ପ୍ରଫେସର ଆଦି ମୋଟ ୧୧୮ଟି ପଦବୀ ସହ ଅନ୍ୟାନ୍ୟ ପଦବୀ ଶୀଘ୍ର ପୂରଣ ହେବ। ଭିମସାର ପରିସରରେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯିବ। ଏବେ ଡାଏଲିସିସି ବିଭାଗରେ ମୋଟ ୧୪ ସିଟ୍ ରହିଛି । ଏଥିରେ ଆହୁରି ୪ଟି ସିଟ୍ ବଢାଯିବ। ଅନ୍ୟପକ୍ଷେ ରାଜ୍ୟରେ ଆଉ ୪ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭିମ୍ସାର୍ ସ୍ଥାୟୀ ନିର୍ଦ୍ଦେଶକ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ସରି ଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏଠାରେ କିଭଳି ରୋଗୀମାନେ ଲାଭ ପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସମେତ ମେଡିକାଲର ସମସ୍ତ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଆଇସିୟୁ ଭିତରକୁ ଯାଇ ମନ୍ତ୍ରୀ ଦାସ ରୋଗୀଙ୍କ ସହ ଆଲୋଚନା କରୁଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା । ପ୍ରାୟ ୪ ମିନଟ ପରେ ପୁଣି ବିଦ୍ୟୁତ୍ ଆସିଥିଲା । ଏଥିରେ ବିରକ୍ତି ପ୍ରକାଶ କରି ମେଡିକାଲକୁ ସ୍ୱତନ୍ତ୍ର ବିଦ୍ୟୁତ୍ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଦାସ ସେଠାରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ସନ୍ଧ୍ୟା ଦର୍ଶନ କଟକଣା

# ଗର୍ଭଗୃହକୁ ଯାଇପାରିବେନି ଭକ୍ତ

**ପୁରୀ ଅଫିସ,୧୦।୭**

ଆଡ଼ପମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ହେଉଛନ୍ତି ଶ୍ରଦ୍ଧାଳୁ। ଗୁରୁବାର ସନ୍ଧ୍ୟା ଦର୍ଶନ। ନବମୀ ତିଥିରେ ଜନ୍ମବେଦିରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଦୁର୍ଲ୍ଲଭ ଦର୍ଶନ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ଦର୍ଶନ ପାଇଁ ପରିମାଣିକ ଟିକେଟ ନ ଥିବାବେଳେ କୌଣସି ଭକ୍ତ ଗର୍ଭଗୃହକୁ ଯାଇପାରିବେ ନାହିଁ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଛି। ବ୍ୟାରିକେଡ଼ ମାଧ୍ୟମରେ ଭକ୍ତ ଏକମୁଖୀ ରାସ୍ତାରେ ଯାଇ ଦର୍ଶନ କରିବେ ଏବଂ ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିବେ। ସୁରକ୍ଷା ପାଇଁ ପ୍ରାୟ ୪୦ରୁ ୪୫ ପ୍ଲାଟୁନ ପୋଲିସ ରହିବେ ବୋଲି ଜଣାପଡ଼ିଛି।






# ୧୫ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର,୧୦।୭ (ବ୍ୟୁରୋ)**

ରାଜ୍ୟରେ ମୌସୁମୀ ବାୟୁ ଦୁର୍ବଳ ରହିଛି। କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଆଦୌ ବର୍ଷା ହେଉ ନାହିଁ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରି କି ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏହି ସମୟରେ ଝାରସୁଗୁଡା, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, କନ୍ଧମାଳ, କେନ୍ଦୁଝର, ପୁରୀ, ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ଝଡ ତୋଫାନ ହେବ ବୋଲି ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରେ ସର୍ବାଧିକ ୪୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୩.୨, ବାଲେଶ୍ୱର ୪.୪, କଟକ ୬.୨, ଅନୁଗୋଳ ୧୧.୬, କୋରାପୁଟ ୩.୬, ସୋନପୁର ୧୭.୪, ଦାରିଙ୍ଗିବାଡିରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 67 of 2019**

**Syndicate Bank, Pokhariput Branch,**
Bhubaneswar, Dist.: Khurda ...Applicant

**Versus**

**Mohammed Shakill** ...Defendant

**To**

1. **Mohammed Shakill,** S/o: Mohammed Samsheer, C/o: M. Krushna Rao, HIG/115, Phase-I, Anant Vihar, Pokhariput, Bhubaneswar, Dist.: Khurda-751020

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 67/2019** in the Court of Debts Recovery Tribunal at Cuttack for a recovery of **Rs.21,25,142.72** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of June 2019.**

Sd/- Registrar
Debts Recovery Tribunal

# ବିମାନ ଯାତ୍ରୀଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଜବତ



**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

କିଛିଦିନର ବ୍ୟବଧାନ ପରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ସୁନା ଜବତ ହୋଇଛି। ଯାଞ୍ଚବେଳେ କଷ୍ଟମ ବିଭାଗର ଅଧିକାରୀମାନେ ଜଣେ ଯାତ୍ରୀଙ୍କଠାରୁ ୧୫୦.୯୨୦ ଗ୍ରାମ୍‌ର ଦୁଇଟି ସୁନା ଚେନ୍ ଜବତ କରିଛନ୍ତି। ଏହାର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସୂଚନା ମୁତାବକ, ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ଚୋରା ସୁନା ଚାଲାଣ ନେଇ ଏୟାର ଇଣ୍ଟେଲିଜେନ୍ସିକୁ ଖବର ମିଳିଥିଲା। ଏ ନେଇ କଷ୍ଟମ ଓ ଏୟାର ଇଣ୍ଟେଲିଜେନ୍ସି ବିଭାଗର ମିଳିତ ଟିମ୍ ଭୁବନେଶ୍ୱର ବିମାନ ବନ୍ଦରରେ ସଜାଗ ରହିଥିଲା। ମଙ୍ଗଳବାର ରାତିରେ ବ୍ୟାଙ୍କକ୍‌ରୁ ଏୟାର ଏସିଆ ବିମାନ ଏଫ୍‌ଡି-୧୧୨ ବିମାନ ବନ୍ଦରରେ ପହଞ୍ଚିବା ପରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଇଥିଲା। ଜଣେ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ଅଧିକାରୀମାନେ ତାଙ୍କୁ ଯାଞ୍ଚ କରିଥିଲେ। ତାଙ୍କ ଶାର୍ଟ କଲାର ଭିତରୁ ଦୁଇଟି ସୁନା ଚେନ୍ ମିଳିଥିଲା। ଯାତ୍ରୀ ଜଣକ ଉକ୍ତ ସୁନା ଅଳଙ୍କାରର କାଗଜପତ୍ର ଦେଖାଇ ନ ପାରିବାରୁ ତାହାକୁ ଜବତ କରାଯାଇଥିଲା। ସମ୍ପୃକ୍ତ ଯାତ୍ରୀଙ୍କ ଘର ଉତ୍ତରପ୍ରଦେଶର ବୋଲି ଜଣାପଡିଛି। ତାଙ୍କୁ ଅଟକ ରଖାଯାଇ ସୁନା ଚାଲାଣ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଥିବା କଷ୍ଟମ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 72 of 2019**

**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant

**Versus**

**Bichitrananda Mohapatra and others** ...Defendants

**To**

1. **Mr. Bichitrananda Mohapatra,** S/o: Late Brundaban Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
2. **Mr. Ramesh Nayak,** S/o: Late Raghunath Nayak, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
3. **Mr. Bhanja Sekhar Mohapatra,** S/o: Bichitrananda Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 72/2019** in the Court of Debts Recovery Tribunal at Cuttack for a recovery of **Rs.44,69,518.79** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **8th day of July 2019.**

Sd/- Registrar
Debts Recovery Tribunal

# ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର

**କଟକ ଅଫିସ,୧୦।୭**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର କାର୍ଯ୍ୟରତ କର୍ମଚାରୀମାନେ ଗତ ଏପ୍ରିଲରୁ ଦରମା ପାଇନାହାନ୍ତି। ଏହା ବିରୋଧରେ ମଙ୍ଗଳବାରଠାରୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ସରକାର ସମସ୍ତ ବକେୟା ଟଙ୍କା ଦେବାକୁ ରାଜି ହେବା ପରେ ଆନ୍ଦୋଳନକୁ ବୁଧବାର ସନ୍ଧ୍ୟାରେ ପ୍ରତ୍ୟାହାର କରାଯାଇଛି। ଏହି ଆନ୍ଦୋଳନ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ବସ୍ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଥାଉ କି, କିଛିଦିନ ପୂର୍ବରୁ ଦରମା ନ ପାଇବା କାରଣରୁ ଗଞ୍ଜାମ ଜିଲାରେ ସମାନ ପରିସ୍ଥିତି ଉପୁଜିଥିଲା। ଏହାପରେ କଟକ ଜୋନ୍‌ରେ ଏଭଳି ପରିସ୍ଥିତି ପରିବହନ ନିଗମର ପରିଚାଳନା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

## ମନେ ପଡ଼ନ୍ତି

**ଶ୍ରାଦ୍ଧ ଉପଲକ୍ଷେ**



**ସ୍ୱର୍ଗତା ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ତିନି ବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ। ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
**ଶୋକସନ୍ତପ୍ତ:**
**ପରିବାରବର୍ଗ**
ଧ-୧୩୩୫୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଉର୍ମିଳା ଦେବୀ**
(ମାଗୁଣୀ)
ତିରୋଧାନ: ୦୨।୦୭।୨୦୧୭
(ଆଷାଢ଼ ଶୁକ୍ଳ ନବମୀ)
ମାମା, ତୁ ଯେଉଁଠି ଅଛୁ ଭଲରେ ରହ। ତୋ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ସହ:**
ଝିଅ, ଜ୍ୱାଇଁ, ବୋହୂ, ନାତି ଓ ନାତୁଣୀ।
ଧ-୧୩୩୫୮

**ଏକାଦଶାହ ଅବସରରେ**



**ସ୍ୱର୍ଗତ ଭୁବନାନନ୍ଦ ଜେନା**
ଆବିର୍ଭାବ: ୦୮।୧୦।୧୯୬୧
ତିରୋଧାନ: ୦୨।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସୋମନାଥ ଜେନା (ପୁତ୍ର)
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୫୯




ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କବକମାରୀ ବ୍ୟବହାରର ବିପଦ

କ୍ୟାଣ୍ଡିଡା ଅରିସ୍ (ସି.ଅରିସ୍) ହେଉଛି ଏକ ମାରାତ୍ମକ କବକୀୟ ସଂକ୍ରମଣ, ଯାହା ପ୍ରଥମେ ୨୦୦୯ରେ ଜାପାନରେ ଦେଖାଯାଇଥିଲା ଏବଂ ଅଳ୍ପ କେଇବର୍ଷ ଭିତରେ ଏହା ସାରା ବିଶ୍ୱରେ ବ୍ୟାପିଗଲାଣି। ଏହା ହେଉଛି ଏକ ସୁପରବଗ୍: ଏକ ଜୀବାଣୁ ଯାହା ଉପରେ କୌଣସି ଔଷଧ କାମ କରେ ନାହିଁ। କବକୀୟ ସଂକ୍ରମଣ ପାଇଁ ବର୍ତ୍ତମାନ ଯେଉଁସବୁ ଔଷଧ ଉପଲବ୍ଧ, ସେଗୁଡ଼ିକ ବି କିଛି କାମ ଦିଅନ୍ତି ନାହିଁ। ଏହି ଔଷଧଗୁଡ଼ିକ ଭିତରେ ଅଛି ଫ୍ଲୁକୋନାଜୋଲ୍ ଓ ଏକିନୋକ୍ୟାଣ୍ଡିନ୍ ପ୍ରଭୃତି ଔଷଧ, ଯାହା ପୃଥିବୀର ଅଧିକାଂଶ ଦେଶରେ ବ୍ୟବହୃତ ହେଉଛି।

ଯଦି ଥରେ କୌଣସିଠାରେ ଏହି ଜୀବାଣୁ ପଶିଗଲା, ତାକୁ ସେଠୁ ନିକାଲିବା ବା ନିପାତ କରିବା କଷ୍ଟକର। କେତେକ ହସ୍ପିଟାଲ ଏକ ସ୍ୱତନ୍ତ୍ର ସଫା କରିବା ଯନ୍ତ୍ର ଆଣିବାକୁ ବାଧ୍ୟ ହୋଇଛନ୍ତି ଏବଂ ଏପରି କି ଏହି ଜୀବାଣୁ କବଳରୁ ମୁକ୍ତିପାଇବା ଲାଗି ତାଙ୍କୁ ପୂରା ଚଟାଣ ଓ ସିଲିଂର ଟାଇଲ ତାଡ଼ି ବାହାର କରି ନୂଆ ଲଗାଇବାକୁ ପଡ଼ିଛି। ଏହା ଏକ ଜୀବନଘାତୀ କବକ, ଯେଉଁଥିରେ ସଂକ୍ରମିତ ହେଲେ ମୃତ୍ୟୁହାର ଅଧିକ ହୋଇଥାଏ। ଏହା ଜାପାନ, ଦକ୍ଷିଣ କୋରିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, କେନିଆ, କୁଏଟ, ଇସ୍ରାଏଲ, ଭେନିଜୁଏଲା, କଲମ୍ବିଆ, ଇଂଲଣ୍ଡ, କାନାଡ଼ା ଓ ଆମେରିକାରେ ଚିହ୍ନଟ ହୋଇଛି। ଅନ୍ୟ ଦେଶଗୁଡ଼ିକରେ ବି ଏହା ଥାଇପାରେ, କିନ୍ତୁ ଏହାକୁ ଚିହ୍ନଟ କରିବା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ବିଜ୍ଞାନାଗାର ପଦ୍ଧତି ଅଭାବରୁ ଚିହ୍ନଟ ହୋଇପାରି ନାହିଁ।

ଦୁର୍ବଳ ରୋଗପ୍ରତିରୋଧକ କ୍ଷମତାବିଶିଷ୍ଟ ଲୋକମାନେ ଏହାର ସହଜ ଶିକାର ହୋଇଥାନ୍ତି, ବିଶେଷତଃ ନବଜାତ ଶିଶୁ, ବୃଦ୍ଧ, ଅନ୍ୟ ସଂକ୍ରମଣ ଦ୍ୱାରା ପୀଡ଼ିତ ଲୋକ, ମଧୁମେହ ରୋଗୀ ଏବଂ ଯେଉଁମାନେ ବ୍ରୋଡ୍ ସ୍ପେକ୍ଟ୍ରମ ଆଣ୍ଟିବାୟୋଟିକ୍ ବା ଆଣ୍ଟିଫଙ୍ଗାଲ ଚିକିତ୍ସା କରାଇଛନ୍ତି, ସେମାନେ ଏଥିରେ ସଂକ୍ରମିତ ହୋଇଥାନ୍ତି। ଏହା ନୂଆ ହୋଇଥିବାରୁ ଏହା ଉପରେ ବିଶେଷ ପ୍ରଚାର ପ୍ରସାର ହୋଇନାହିଁ। କୌଣସି ହସ୍ପିଟାଲରେ ଏହାର ସଂକ୍ରମଣ ହେଲେ ଏହାକୁ ସମ୍ପୃକ୍ତ ହସ୍ପିଟାଲ ଦ୍ୱାରା ଏପରି କି ସରକାରଙ୍କ ଦ୍ୱାରା ଲୁଚେଇ ଦିଆଯାଏ, କାରଣ ଲୋକମାନେ ଭୟଭୀତ ହୋଇ ଆଉ ହସ୍ପିଟାଲକୁ ଆସିବେ ନାହିଁ। ଏପରି କି ଆମେରିକାରେ କୌଣସି ହସ୍ପିଟାଲରେ ସଂକ୍ରମଣ ହେଲେ ତାହା ପ୍ରକାଶ କରିବା ପାଇଁ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ସଂସ୍ଥାକୁ ବାରଣ କରାଯାଇଥାଏ।

ସି. ଅରିସ୍ ସଂକ୍ରମଣ ହେଲେ ରୋଗୀଠାରେ ଜ୍ୱର, ବିନ୍ଧା, କ୍ଳାନ୍ତି ପ୍ରଭୃତି ପ୍ରାଥମିକ ଲକ୍ଷଣ ଦେଖାଯାଏ। ଏହିସବୁ ଲକ୍ଷଣ ଅନ୍ୟ ରୋଗରେ ମଧ ଦେଖାଯାଉଥିବାରୁ ସ୍ୱତନ୍ତ୍ର ପରୀକ୍ଷା ବିନା ଏହାକୁ ଚିହ୍ନଟ କରାଯାଇପାରେ ନାହିଁ। ଏହାର ପରବର୍ତ୍ତୀ ଲକ୍ଷଣଗୁଡ଼ିକ ମଧ୍ୟରେ ଅଛି ରକ୍ତ ବିଷାୟନ ବା ସେପ୍ସିସ୍, କୋମା, ଅଙ୍ଗ ଅଚଳ ଓ ମୃତ୍ୟୁ। ଏହି କବକ ମଣିଷର ଚର୍ମରେ ବସତି ସ୍ଥାପନ କରିବା ସହ ଶରୀରରେ ଦୀର୍ଘଦିନ ଧରି ରହନ୍ତି ଏବଂ ଅନ୍ୟ ମଣିଷ ଦେହକୁ ସଂକ୍ରମିତ ହୁଅନ୍ତି।

ଏହି କବକ ସଂକ୍ରମଣର ଗୋଟିଏ କାରଣ ହେଲା ଡାକ୍ତରମାନେ ରୋଗୀକୁ ଅବିଚାରିତ ଭାବେ ଆଣ୍ଟିଫଙ୍ଗାଲ ଔଷଧ ଦେବା ଏବଂ କୃଷି ଓ ପଶୁପାଳନ କ୍ଷେତ୍ରରେ ମଧ ବ୍ୟାପକ ଆଣ୍ଟିଫଙ୍ଗାଲ୍ (କବକମାରୀ)ର ଉପଯୋଗ କରିବା। ଫଳରେ ସି. ଅରିସ୍ କବକ ଏହିସବୁ ଔଷଧର ପ୍ରତିରୋଧୀ ହୋଇଯାନ୍ତି। ଗହମ, କଦଳୀ, ବାର୍ଲି, ସେଓ, ଆଳୁ, ସୋୟାବିନ୍, ଅଙ୍ଗୁର, ଷ୍ଟୋନ୍ ଫ୍ରୁଟ୍ ପ୍ରଭୃତି ଫସଲରେ ଫଙ୍ଗିସାଇଡ୍‌ର ବହୁଳ ବ୍ୟବହାର ହେଉଛି। ୨୦୦୭ ପୂର୍ବରୁ ଛଅଟି ମୁଖ୍ୟ ଫଙ୍ଗିସାଇଡ୍ କ୍ୱଚିତ୍ ବ୍ୟବହାର ହେଉଥିଲା। ସେଗୁଡ଼ିକ ହେଉଛି ଆଜୋଲ, ମର୍ଫୋଲିନ୍, ବେନ୍‌ଜିମିଡାଜୋଲ୍, ଷ୍ଟ୍ରୋବିଲୁରିନ୍, ସସିନେଟ୍ ଡିହାଇଡ୍ରୋଜେନେଜ୍ ଇନ୍‌ହିବିଟର ଏବଂ ଆନିଲିନୋପାଇରିମିଡିନ୍। ବର୍ତ୍ତମାନ ସେଗୁଡ଼ିକର ବହୁଳ ବ୍ୟବହାର ହେଉଛି ଏବଂ ସବୁଠୁ ଅଧିକ ବ୍ୟବହାର ହେଉଛି ଆଜୋଲ୍‌ର। ଅନେକ ପ୍ରକାର କବକକୁ ମାରିଦେଉଥିବା ଆଜୋଲ୍‌କୁ ଉଭୟ ଶସ୍ୟକ୍ଷେତ୍ରରେ ଓ ଔଷଧରେ ବ୍ୟବହାର କରାଯାଉଛି। କିନ୍ତୁ କ୍ୟାଣ୍ଡିଡା ଅରିସ୍ କବକ ଏହାର ପ୍ରତିରୋଧୀ ହୋଇଯାଇଥିବାରୁ ଏହି ଔଷଧ ଦ୍ୱାରା ସି.ଅରିସ୍ ମରେନାହିଁ। ଅନ୍ୟ ଆଣ୍ଟିଫଙ୍ଗାଲ ଯଥା ଫ୍ଲୁକୋନାଜୋଲ୍, ଆଫୋଟେରିସିସନ୍ ବି ଓ ଏକିନୋକ୍ୟାଣ୍ଡିନ୍ ମଧ ସି.ଅରିସ୍‌ର କିଛି କ୍ଷତି କରିପାରନ୍ତି ନାହିଁ।

ସମ୍ଭବତଃ ସି.ଅରିସ୍ ବିରୋଧରେ ମଣିଷ ଅନେକ ଶତାବ୍ଦୀ ଧରି ଲଢ଼େଇ କରିଆସୁଛି, ଯାହା ଏବେ ପ୍ରତିରୋଧୀ ହୋଇ ମଣିଷର ନିୟନ୍ତ୍ରଣରୁ ଉର୍ଦ୍ଧ୍ୱକୁ ଉଠିଯାଇଛି। ଏହା ମଣିଷର ଚର୍ମ ଓ ରକ୍ତସ୍ରୋତରେ ପ୍ରବେଶ କରି ମଣିଷକୁ ରୋଗଗ୍ରସ୍ତ କରୁଛି। ଏହି ସଂକ୍ରମଣର ମୂଳ ଉତ୍ସ କ'ଣ ତାହା ଜାଣିବା ପାଇଁ ଏକ ଅନ୍ତର୍ଜାତୀୟ ଦଳ ୨୦୧୨ରୁ ୨୦୧୫ ମଧ୍ୟରେ ପାକିସ୍ତାନ, ଭାରତ, ଦକ୍ଷିଣ ଆଫ୍ରିକା ଓ ଭେନିଜୁଏଲାର ହସ୍ପିଟାଲଗୁଡ଼ିକରୁ ଅନେକ କବକୀୟ ଜୀବାଣୁ ସଂଗ୍ରହ କରିଥିଲା। ସେମାନେ ଦେଖିଲେ ଯେ ସବୁ ଜୀବାଣୁ ଆଜୋଲ ପ୍ରତିରୋଧୀ, ମାତ୍ର ସେଗୁଡ଼ିକର ଉପଭେଦରେ ଫରକ ଥିଲା, ଯାହାର ସମ୍ପୃକ୍ତ ଦେଶରେ ବ୍ୟବହୃତ ଫଙ୍ଗିସାଇଡ୍ ସହ ସମ୍ବନ୍ଧ ଥିଲା। ଏହି କବକ ବିସ୍ତାରିତ ଓ ବିବିଧୀକୃତ ହୋଇଥିଲା କାରଣ ରୋଗୀ ଓ ଶସ୍ୟଗୁଡ଼ିକ କୃଷି ବାଣିଜ୍ୟ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ଯାଉଥିଲେ।

୨୦୧୫ରେ ବୈଜ୍ଞାନିକମାନେ ଆବିଷ୍କାର କଲେ ଯେ ସି.ଅରିସ୍ ଜିନୋମ୍ ଭିତରେ ଏକ ସୁପରଫ୍ୟାମିଲି (ଏମ୍‌ଏଫ୍‌ଏସ୍)ର ଅନେକ ଜିନ୍ ରହିଛି। ଏମ୍‌ଏଫ୍‌ଏସ୍ ସଫଳ ଭାବେ ଅନେକ ଔଷଧର ପ୍ରଭାବକୁ ପ୍ରତିହତ କରିପାରୁଛି। ଏହା ଆଣ୍ଟିଫଙ୍ଗାଲ ବିରୋଧରେ ଲଢ଼ି ବଞ୍ଚିରହିବା ପାଇଁ ସି.ଅରିସ୍‌କୁ ସହାଯ୍ୟ କରୁଛି। ସି.ଅରିସ୍ ଏକମାତ୍ର କବକ ନୁହେଁ ଯାହା ଔଷଧ ପ୍ରତିରୋଧୀ। ଏହିପରି ଅନେକ ଜୀବାଣୁ ଅଛନ୍ତି ଯେଉଁମାନେ ଔଷଧ ପ୍ରତିରୋଧୀ ହୋଇ ଉଭୟ ମଣିଷ ଓ ଉଦ୍ଭିଦଠାରେ ରୋଗ ସୃଷ୍ଟି କରନ୍ତି। ଆସ୍‌ପରଗିଲସ୍ ଫ୍ୟୁମିଗେଟସ୍ ହେଉଛି ଗୋଟିଏ ପ୍ରକାର କବକ ଯାହା ମଣିଷର ଫୁସ୍‌ଫୁସ୍‌କୁ ସଂକ୍ରମଣ କରି ମୃତ୍ୟୁର କାରଣ ହୋଇଥାଏ। ପଲ୍‌ମୋନାରୀ ଆସ୍‌ପରିଲୋଗୋସିସ୍ ରୋଗର ଚିକିତ୍ସା ପାଇଁ ବହୁଦିନ ହେଲା ଆଜୋଲ ଆଣ୍ଟିଫଙ୍ଗାଲ, ଇଟ୍ରାକୋନାଜୋଲ୍, ଭୋରିକୋନାଜୋଲ୍ ଓ ପୋସାକୋନାଜୋଲ୍‌ର ବ୍ୟବହାର କରାଯାଇ ଆସୁଛି। କିନ୍ତୁ ଗତ ଶତାବ୍ଦୀରେ ଏହା ଉକ୍ତ ଔଷଧଗୁଡ଼ିକର ପ୍ରତିରୋଧୀ ହୋଇଯିବା ଫଳରେ ଏହି ରୋଗରେ ପ୍ରତିବର୍ଷ ପୃଥିବୀରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି।

ଅନେକ କ୍ଷେତ୍ର ଅନୁସନ୍ଧାନରୁ ବୈଜ୍ଞାନିକମାନେ ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ମାଟି ଓ ଶସ୍ୟରେ ଫଙ୍ଗିସାଇଡ୍ ପ୍ରତିରୋଧୀ ଏ.ଫ୍ୟୁମିଗେଟସ୍ ପାଇଛନ୍ତି। ସହଜ ଭାଷାରେ କହିଲେ କୃଷିକ୍ଷେତ୍ରରେ ବ୍ୟାପକ କବକମାରୀ ବ୍ୟବହାର କରାଯାଉଥିବାରୁ ଉକ୍ତ ଜୀବାଣୁ ପ୍ରତିରୋଧୀ ହୋଇ ମଣିଷ ପାଇଁ ବିପଦର କାରଣ ହୋଇଛି। ତେଣୁ କୃଷି କ୍ଷେତ୍ରରୁ ସମସ୍ତ ପ୍ରକାର ଫଙ୍ଗିସାଇଡ୍‌ର ବ୍ୟବହାରକୁ ଧୀରେ ଧୀରେ ବନ୍ଦ କରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆବଶ୍ୟକ। କିନ୍ତୁ ସରକାର ତାହା କରୁନାହାନ୍ତି ବରଂ ଫଙ୍ଗିସାଇଡ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ସୋୟାବିନ୍ ଚାଷରେ ୨୦୦୨ରୁ ୨୦୦୬ ମଧ୍ୟରେ ଫଙ୍ଗିସାଇଡ୍‌ର ବ୍ୟବହାର ଚାରିଗୁଣ ବୃଦ୍ଧି ପାଇଛି। ଅନ୍ୟ କ୍ଷେତ୍ରରେ ମଧ ଏହାର ବ୍ୟବହାର ବୃଦ୍ଧି ପାଇଛି। ଆଳୁରେ ୩୩ ପ୍ରକାର ଫଙ୍ଗିସାଇଡ୍ ବ୍ୟବହାର କରାଯାଉଛି। ଫଳରେ କୃଷି କ୍ଷେତ୍ରରେ ବ୍ୟବହୃତ ଫଙ୍ଗିସାଇଡ୍ ଭୂପୃଷ୍ଠ ଓ ଭୂତଳ ଜଳଭାଗରେ ମିଶି ତାହାକୁ ପ୍ରଦୂଷିତ କରୁଛି। କୂଅ, ନଳକୂଅ ପ୍ରଭୃତିରୁ ଆପଣ ସେହି ପାଣି ପିଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିପାଇବା ସହ ଅନିୟମିତ ବର୍ଷା ହେଉଛି ଏବଂ ତାହାଦ୍ୱାରା କବକ ବଂଶ ବୃଦ୍ଧିପାଉଛି। ତେଣୁ ଫଙ୍ଗିସାଇଡ୍‌ର ବ୍ୟବହାର ବଢୁଛି। ସଂକ୍ରମଣ ପାଇଁ ହସ୍ପିଟାଲଗୁଡ଼ିକୁ ଦୋଷ ଦେବା ଅପେକ୍ଷା ଆମେ କୃଷିକ୍ଷେତ୍ରରେ ଆଣ୍ଟିବାୟୋଟିକ୍ ଓ ଫଙ୍ଗିସାଇଡ୍‌ର ବ୍ୟବହାରକୁ ନିଷିଦ୍ଧ କରିବାକୁ ପଦକ୍ଷେପ ନେବ ଉଚିତ। ଅନେକ କୃଷିମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଏହାକୁ ନିଷିଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ କାର୍ଯ୍ୟରେ ଠିକ୍ ତା'ର ଓଲଟା ହିଁ କରିଛନ୍ତି।

ପରୀକ୍ଷାରୁ ଜଣାପଡ଼ିଛି ଯେ ପର୍ଯ୍ୟାୟ କୃଷି (ନଳିତା ପରେ ଧାନ, ଧାନ ପରେ ମୁଗ ଇତ୍ୟାଦି) ଓ ମିଶ୍ରିତ କୃଷି (ମୁଗ+ଫେଶୀ, ସୋୟାବିନ୍+ଅଳସୀ ଇତ୍ୟାଦି) ଦ୍ୱାରା କବକ ସଂକ୍ରମଣକୁ ଅନେକାଂଶରେ ଦୂରେଇ ଦିଆଯାଇପାରିବ। ପୁଣି ବୈଜ୍ଞାନିକମାନେ ଦେଖିଛନ୍ତି ଯେ ଆଳୁରେ କବକମାରୀ ବ୍ୟବହାର କରିବା ବଦଳରେ ସିଲିକା ବ୍ୟବହାର କଲେ ତାହା ଭଲ କାମ ଦିଏ। ଜୈବିକ କୃଷି ଭଲ କବକକୁ ଆମନ୍ତ୍ରଣ କରେ ଏବଂ ଖରାପ କବକକୁ ଦୂରେଇଦିଏ। ତେଣୁ ରାସାୟନିକ ସାର ବଦଳରେ କମ୍ପୋଷ୍ଟ, ଖତ ଓ ସବୁଜ ସାର ଅଧିକ ବ୍ୟବହାର କରିବା ଉଚିତ। ଆମ କୃଷି ବିଭାଗ କୃଷକମାନଙ୍କୁ ଫଙ୍ଗିସାଇଡ୍ ବ୍ୟବହାର କରିବା ପରି ଭୁଲ୍ ପରାମର୍ଶ ଦେବା ଦୁର୍ଭାଗ୍ୟଜନକ।

Email: gandhim@nic.in

# ଜନସଂଖ୍ୟା ବିସ୍ଫୋରଣର ମୁକାବିଲା



ଶେଖ୍ ଫରିଦ୍‌ଉଦ୍ଦିନ

ସମଗ୍ର ବିଶ୍ୱକୁ ଜନସଂଖ୍ୟାର ଗଣିତ ଓଲଟପାଲଟ କରିଦେବାର କ୍ଷମତା ରଖିଥାଏ। ନିକଟରେ ମିଳିତ ଜାତିସଂଘର ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆସନ୍ତା ୩୦ବର୍ଷ ଭିତରେ ଭାରତର ଜନସଂଖ୍ୟା ବର୍ତ୍ତମାନର ୧୩୫କୋଟିରୁ ବୃଦ୍ଧି ପାଇ ୨୭୦କୋଟି ଛୁଇଁବ। ସମଗ୍ର ବିଶ୍ୱରେ ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ଆସନ୍ତା ୮ବର୍ଷରେ ଭାରତ ଶୀର୍ଷରେ ରହିବ। ଏହା ସୁଲକ୍ଷଣ ନା କୁଲକ୍ଷଣ? ଏଇ ବିଶାଳ ଜନସଂଖ୍ୟା ଏକ ଚିନ୍ତାର କାରଣ ନିଶ୍ଚୟ। ତେବେ ବିଭିନ୍ନ ଶପିଙ୍ଗ୍ ମଲ୍‌ର ଅଫର ଏବଂ ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ ଥାଇ ନଷ୍ଟ ହେଉଥିବା ଖାଦ୍ୟଶସ୍ୟର ପରିମାଣକୁ ବିଚାରକୁ ନେଲେ ଏହି ସଂଖ୍ୟା କ'ଣ ସତରେ ଏତେ ବେଶି? ଏପରି ଏକ ପ୍ରଶ୍ନ ମନକୁ ଆସେ। ଆଜିର ଦିନରେ ବିଭିନ୍ନ ସହର ବଜାରର ବଡ଼ ବଡ଼ ଶପିଙ୍ଗ୍ ମଲ୍‌ରେ ବିକ୍ରି ହେଉଥିବା ଅନେକ ସାମଗ୍ରୀର ଅଫର ଏପରି ଚିନ୍ତାର ମୂଳ କାରଣ। ଏଠି ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା ଦିଆଯାଏ। ଅର୍ଥାତ୍ ଯେଉଁ ପରିମାଣର ସାମଗ୍ରୀ ତିଆରି ହୋଇଛି ସେଇ ସଂଖ୍ୟକ ଲୋକ ନ ଥିବାରୁ ଆଉ ଗୋଟିଏ ମାଗଣାରେ ଦିଆଯାଉଛି। ଦେଶର ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ ଥିବା ଧାନ, ଚାଉଳ, ଗହମ ଯେଉଁ ପରିମାଣରେ ନଷ୍ଟ ହେଉଛି ତାକୁ ଦେଖିଲେ କିଏ କହିବ ଏ ଦେଶରେ ଜନସଂଖ୍ୟା ବିସ୍ଫୋରଣ ଏକ ସମସ୍ୟା? ଯେକୌଣସି ପଦାର୍ଥ ଆବଶ୍ୟକତାଠାରୁ ଅଧିକ ଥିଲେ ତାହା ନଷ୍ଟ ହୁଏ। କମ୍ ଥିଲେ ସେଥିପ୍ରତି ମଣିଷ ଯତ୍ନବାନ ହୁଏ। ହାଉଯାଉ ହେଲେ ପଦାରେ ପଡ଼ି ଖତ ଖାଏ। ତା'ହେଲେ କେଉଁଟା ସତ୍ୟ? ସରକାର ସବୁବେଳେ କହୁଛନ୍ତି– 'ଦେଶରେ ଗଚ୍ଛିତ ବିଦେଶୀ ମୁଦ୍ରାର ସିଂହଭାଗ ତୈଳ ଆମଦାନିରେ ଖର୍ଚ୍ଚ ହେଉଛି। ଗାଡ଼ିମୋଟର ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ତେଲ ଚାହିଦା ତା'ସହ ତାଳଦେଇ ବଢୁଛି। ତେଣୁ ସେଇ ପରିମାଣର ଅଶୋଧିତ ତୈଳ ବିଦେଶରୁ ଆମଦାନି କରାଯାଉଥିବାରୁ ଏଥିପାଇଁ ଅଧିକ ବିଦେଶୀ ମୁଦ୍ରା ଆବଶ୍ୟକ ହେଉଛି।

ଏହି ଯୁକ୍ତି କ'ଣ ପ୍ରକୃତରେ ସତ୍ୟ? ବୋଧହୁଏ ନା। ଏହା ଯେ ସତ୍ୟ ନୁହେଁ ତାହା ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ତେଲ ଟାଙ୍କିରେ ମରାହୋଇଥିବା ବିଜ୍ଞାପନରୁ ବେଶ୍ ବୁଝିହୁଏ। ବିଜ୍ଞାପନଟି ଅଧିକ ତେଲ ବ୍ୟବହାର ପାଇଁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଦିଗରେ

## ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ

ଉଦ୍ଦିଷ୍ଟ। ଏଥିରେ ଲେଖା ହୋଇଛି– ''ଆପଣ ଯଦି ୫୦୦ ଟଙ୍କାରେ ତେଲ କିଣିବେ ତା'ହେଲେ ଗୋଟେ ରଙ୍ଗିନ ଛତା ଉପହାର ମିଳିବ''। ଯିଏ ୨୦୦ ଟଙ୍କାର ତେଲ ପକାଇବାକୁ ଯାଉଥିବ ସେ ଏଇ ଛତା ଲୋଭରେ ୫୦୦ ଟଙ୍କାର ତେଲ ପକାଇବାକୁ ଆଗ୍ରହୀ ହେବା ସ୍ୱାଭାବିକ। ୨୦୦ ଟଙ୍କାର ତେଲ ପକାଉଥିଲେ ଯେତେଦୂର ଗାଡ଼ି ଚାଲିଥାନ୍ତା ୫୦୦ ଟଙ୍କାର ତେଲ ପକାଇଥିବାରୁ ତାକୁ ଅଧିକ ବାଟ ଯିବାକୁ ଇଚ୍ଛା ହେବ ନା ନାଇଁ? ତେଲ ବାବଦରେ ଅଧିକ ବୈଦେଶିକ ମୁଦ୍ରା ଆବଶ୍ୟକ ହେଉଛି ଏହି ଯୁକ୍ତି ଉକ୍ତ ବିଜ୍ଞାପନରେ କେଉଁଠି ପ୍ରତିଫଳିତ, ଭାବିଲେ ଥଳକୂଳ ମିଳେନା। ଭାରତର ଲୋକସଂଖ୍ୟାକୁ ବିଚାରକୁ ନେଲେ ଏ ଦେଶକୁ ଆଖପାଖର ଦେଶଗୁଡ଼ିକ ଭୟ କରିବା କଥା। କିନ୍ତୁ ସେମାନେ ଭୟ କରିବା ବଦଳରେ ଧମକାଉଛନ୍ତି। ଏହାର କାରଣ ଆଉ ଯାହା ହୋଇଥାଉନା କାହିଁକି, ଆମ ଦେଶରେ ମଣିଷର ଶକ୍ତି ଏବଂ ସାମର୍ଥ୍ୟର ଉପଯୁକ୍ତ ମୂଲ୍ୟାୟନ ହୋଇନାହିଁ କି ହେଉ ନାହିଁ। ଯେଉଁ କାରଣରୁ ୧୨୭ କୋଟି ଲୋକ ଥାଇ ସୁଦ୍ଧା ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣାରେ ମିଳୁଛି। ଖାଦ୍ୟ ଗୋଦାମରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି। କିଛି ଲୋକ ଖିରିପୁରିରେ ଭାସୁଥିବା ବେଳେ ଆଉ କେତେକେ କୋଟି କୋଟି ଟନ୍ ଖାଦ୍ୟଶସ୍ୟ ଥାଇ ସୁଦ୍ଧା ଅନାହାରରେ ଶଢୁଛନ୍ତି।

ଭାରତର ୧୪ ଭାଗରୁ ଭାଗେ ଆୟତନର ଦେଶ ଭାରତକୁ ଧମକାଉଛି। କାରଣ ଆମ ଦେଶରେ ଜନସଂଖ୍ୟାକୁ ସମ୍ବଳ ବୋଲି ବିଚାର ନ କରି ତାକୁ ସମସ୍ୟା ଭାବେ ଗ୍ରହଣ କରି ତା'ର ପ୍ରତିକାର ବ୍ୟବସ୍ଥା ଆମେ ଖୋଜୁଛୁ। ମୁମ୍ବାଇର ଲୋକସଂଖ୍ୟାର ଦୁଇଗୁଣ ଲୋକ ସାଂଘାଇରେ ରୁହନ୍ତି। କିନ୍ତୁ ସାଂଘାଇ ତୁଳନାରେ ମୁମ୍ବାଇ ୧୦ଗୁଣ ଅପରିଷ୍କାର, ବିପର୍ଯ୍ୟସ୍ତ ଏବଂ ବିଶୃଙ୍ଖଳିତ। ଏହାର ଏକମାତ୍ର କାରଣ, ମଣିଷକୁ ଆମେ ସମ୍ବଳ ବୋଲି ଭାବୁନାହୁଁ। ପୃଥିବୀର ବିଶାଳ ଜନସଂଖ୍ୟାବହୁଳ ଦେଶ ଚାଇନା ଗରିବୀ ଓ ବେରୋଜଗାରୀ ସମସ୍ୟାକୁ ସଫଳ ଭାବେ ମୁକାବିଲା କରିପାରିଛି। ଭାରତ ବେରୋଜଗାରୀ, ଗରିବୀ ପରି ବଡ଼ ସମସ୍ୟା ସହ ସଂଗ୍ରାମ କରୁଥିବାବେଳେ ଜନ୍ମରୁ କୁପୋଷଣ ମଧ ଏକ ଉଦ୍‌ବେଗଜନକ ସମସ୍ୟା। ତେଣୁ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। କାରଣ ଜନସଂଖ୍ୟା ବୃଦ୍ଧି ସହ ସମାନୁପାତିକ ଭାବେ ପ୍ରାକୃତିକ ସମ୍ପଦ ବଢୁନାହିଁ। ନାଇଜେରିଆ ହେଉଛି ଏପରି ଏକ ଦେଶ ଯେଉଁଠାରେ ଆଗାମୀ ୫୦ବର୍ଷ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ସବୁଠୁ ଅଧିକ ଦେଖାଯିବ। ତେଣୁ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଜଳବାୟୁ ପରିବର୍ତ୍ତନ ସହ ତାପମାନର ଉଦ୍‌ବେଗଜନକ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

ଦୂରସଞ୍ଚାର ଭବନ, ଲିଙ୍କ୍‌ରୋଡ୍, କଟକ,
ମୋ: ୯୪୩୭୦୦୪୮୮୮

## ଏଇ ଭାରତରେ

ମା'ଓ ପୁଅ ସମ୍ପର୍କ ଅତି ନିବିଡ଼। ପୁଅ ପାଇଁ ମା' ଜୀବନକୁ ବାଜି ଲଗାଇପାରେ। ମା'ର ସ୍ନେହ ଡାକରେ ରହିଛି ଚମତ୍କାରିତା। ମା'ଙ୍କ ବିକଳ କାନ୍ଦରେ ବ୍ରେନ୍‌ଡେଡ୍ ପୁଅ ଆଖିରୁ ବୋହିଲା ଲୁହ। ଏହାର ସଦ୍ୟତମ ଉଦାହରଣ ତେଲେଙ୍ଗାନା ସୂର୍ଯ୍ୟାପେଟ୍ ଜିଲାରେ ଦେଖିବାକୁ ମିଳିଛି। ସ୍ଥାନୀୟ ପିଲ୍ଲାଲମେରୀ ଗାଁରେ ବାସ କରୁଥିବା ୧୮ ବର୍ଷ ବୟସ୍କ ଗନ୍ଧମ୍ କିରନ୍‌ଙ୍କୁ ଜୁନ୍ ୨୬ରେ ଜ୍ୱର ହୋଇଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନ୍ ୨୮ରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହାଇଦ୍ରାବାଦ୍‌ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଜୁଲାଇ ୩ରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ବ୍ରେନ୍‌ଡେଡ୍ ଘୋଷଣା କରି ତାଙ୍କଠାରୁ ସମସ୍ତ ଲାଇଫ୍ ସପୋର୍ଟ ଉପକରଣ ହଟାଇ ଦେଇ ଘରକୁ ପଠାଇ ଦେଇଥିଲେ। ଘରେ ପରିବାର ସଦସ୍ୟ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତ ହେଉଥିଲାବେଳେ ପୁଅ ନିକଟରେ ବସି ମା' ବିକଳରେ କାନ୍ଦିବାକୁ ଲାଗିଥିଲେ। ମା'ଙ୍କ କାନ୍ଦରେ ହଠାତ୍ ଗନ୍ଧମ୍‌ଙ୍କ ଆଖିରୁ ଲୁହ ବୋହିବା ଆରମ୍ଭ କରିଥିଲା। ଏନେଇ ପରିବାର ସଦସ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ସହିତ ଗନ୍ଧମ୍‌ଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କର ସ୍ଥିତିରେ ପରିବର୍ତ୍ତନ ଘଟି ଧୀରେ ଧୀରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା କୁହାଯାଉଛି।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 8 | | | | | 6 | | | | | | | | |
| | 2 | 4 | 7 | | 9 | | | 0 | | A | 1 | | | |
| | | 3 | | | | B | | | | | D | E | | 0 |
| | | | 3 | A | | | | | 2 | | | | 8 | 4 |
| | A | 7 | C | B | 1 | | 9 | | | | | | | 2 |
| | 9 | | 1 | | | | 8 | | | | | | | |
| | | A | | | | C | | | | | | | 5 | E |
| | 0 | | | 6 | | 3 | | | D | | B | | 4 | A |
| | | B | D | | | | 7 | | 0 | C | | | | |
| 7 | | 2 | A | C | 3 | | D | | | 1 | 6 | | | |
| | | | 9 | 2 | 5 | | C | | | | 7 | | | D |
| 0 | C | | 8 | | | | A | | 3 | | | | | |
| E | | | | | | | 4 | | | 2 | | | 6 | 7 |
| 3 | 6 | | | | C | | | | | | 0 | | 9 | |
| | | | | 3 | | D | | | | | | 1 | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | 2 | E | C | 3 | 1 | 7 | 8 | 6 | 5 | B | 0 | 9 | A |
| 0 | 1 | B | 2 | 4 | 7 | 6 | 5 | E | 9 | A | 8 | D | 3 | C |
| E | C | 5 | 8 | 1 | 9 | 2 | A | B | 0 | 3 | D | 6 | 7 | 4 |
| 3 | 6 | A | 5 | 0 | D | 9 | 4 | C | 2 | E | 7 | B | 1 | 8 |
| 7 | 9 | 8 | A | 6 | B | D | 3 | 0 | 1 | C | 4 | 2 | E | 5 |
| D | A | 7 | B | 8 | 6 | 3 | C | 9 | E | 2 | 1 | 5 | 4 | 0 |
| 5 | B | 6 | 7 | 2 | A | 0 | E | 4 | D | 9 | C | 3 | 8 | 1 |
| 9 | E | 4 | 1 | 5 | C | 7 | 6 | 2 | 8 | 0 | 3 | A | D | B |
| 8 | 0 | 3 | 4 | 9 | E | 5 | D | 1 | B | 6 | A | 7 | C | 2 |
| C | 2 | 1 | D | 3 | 0 | B | 8 | A | 7 | 4 | 5 | 9 | 6 | E |
| 6 | 4 | 9 | 0 | D | 2 | C | 1 | 3 | A | B | E | 8 | 5 | 7 |
| B | 3 | C | 6 | E | 5 | A | 2 | 7 | 4 | 8 | 9 | 1 | 0 | D |
| 1 | 5 | 0 | C | 7 | 8 | 4 | B | 6 | 3 | D | 2 | E | A | 9 |
| A | 7 | E | 9 | B | 4 | 8 | 0 | D | 5 | 1 | 6 | C | 2 | 3 |
| 2 | 8 | D | 3 | A | 1 | E | 9 | 5 | C | 7 | 0 | 4 | B | 6 |

ଗତକାଲିର ଉତ୍ତର

# କୃଷି ବଜେଟରେ ନା କୃଷି ନା କୃଷକ



ବିଚିତ୍ର ବିଶ୍ୱାଳ

ଆମ ରାଜ୍ୟ ଓଡ଼ିଶାରେ ଗତ ୬ବର୍ଷ ହେବ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରାଯାଉଛି। କିନ୍ତୁ କୃଷକଙ୍କ ସମସ୍ୟାର ସମାଧାନ ଏବେ ବି ଅନେକ ଦୂର। ଚଳିତ ବର୍ଷ ୨୦୧୯–୨୦ରେ ମଧ୍ୟ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି। ଏହି କୃଷି ବଜେଟ ଓ କୃଷକଙ୍କ ଅସଲ ସମସ୍ୟା ଭିତରେ କୌଣସି ସମ୍ପର୍କ ଥିବା ପରି ମନେହେଉନାହିଁ। କୃଷକଙ୍କ ସମସ୍ୟାକୁ ଦେଖି ସେହି ହିସାବରେ ବ୍ୟୟ ଅଟକଳ ପ୍ରସ୍ତୁତ କରିବାର ଚିନ୍ତାଧାରା ଏବେ ବି ଆମ ଶାସନତନ୍ତ୍ରକୁ ଚିନ୍ତିତ କରିନାହିଁ। ଚଳିତ ବର୍ଷ ରାଜ୍ୟ ସରକାର ୨୦,୭୧୪ କୋଟି ଟଙ୍କାର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି। ଗତବର୍ଷ ତୁଳନାରେ ଏଥିରେ ୨୩.୫% ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ଏସବୁ ଅଙ୍କ ଯଦିଓ କାନକୁ ଭଲ ଶୁଭୁଛି କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି, କୃଷକଙ୍କ ସମସ୍ୟା ଓ ଏହି ବ୍ୟୟ ଅଟକଳ ଭିତରେ କିଛି ସମ୍ପର୍କ ଅଛି କି?

ଆଜିର ସମୟରେ ଆମ ରାଜ୍ୟର କୃଷକଙ୍କର ମୁଖ୍ୟ ସମସ୍ୟା ଉତ୍ପାଦନ ବୃଦ୍ଧି ନୁହେଁ, ଉତ୍ପାଦନର ସଂରକ୍ଷଣ ଓ ଉତ୍ପାଦନକୁ ଉପଯୁକ୍ତ ମୂଲ୍ୟ ନ ମିଳିବା। ଆମେ ବାରମ୍ବାର ଦେଖି ଆସୁଛେ ଯେ, ଅଧିକାଂଶ ଜିଲାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଅନେକ ସ୍ଥାନରେ ମଣ୍ଡି ଠିକ୍ ଭାବେ ଚାଲୁନାହିଁ। ଚାଷୀମାନେ ଦଲାଲଙ୍କୁ ଅତି କମ୍ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ଅନେକ ସ୍ଥାନରେ ଚାଷୀମାନେ ମଣ୍ଡିରେ ବି ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଚାଷୀଙ୍କଠାରୁ ଧାନ କିଣିବା ପାଇଁ ମଣ୍ଡି ବି ଟାଳଟୁଳ ନୀତି ଆପଣାଉଛି। ଫଳରେ ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି ଓ କ୍ଷତିର ଶିକାର ହେଉଛନ୍ତି। ଗତବର୍ଷ ଆମେ ଦେଖିଲେ ଯେ, ବରଗଡ଼ ଓ ବ୍ରହ୍ମପୁରର ପନିପରିବା ଚାଷୀମାନେ ଟମାଟୋ କିଲୋପ୍ରତି ଏକ ଟଙ୍କାରେ ବିକିବାକୁ ବାଧ୍ୟହେଲେ। କାରଣ ସେମାନଙ୍କ ପାଖରେ ଟମାଟୋ ସଂରକ୍ଷଣ ପାଇଁ କିଛି ବ୍ୟବସ୍ଥା ନ ଥିଲା। ସେମାନଙ୍କ ଆଖପାଖରେ ଶୀତଳ ଭଣ୍ଡାର କି ଗୋଦାମ ଘରର ବ୍ୟବସ୍ଥା ନାହିଁ। ଅନେକ କ୍ଷେତ୍ରରେ ଚାଷୀମାନେ ଟମାଟୋ ଜମିରେ ଗୋରୁ ଛାଡ଼ିଦେଉଥିବାର ଖବର ମଧ୍ୟ ମିଳିଲା। ଏପରି ସ୍ଥିତିରେ ସରକାର ଚାଷୀମାନଙ୍କର ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା କରିବା ଅପେକ୍ଷା ପ୍ରଥମେ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାରର ବ୍ୟବସ୍ଥା କରିବା ଉଚିତ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସଂରକ୍ଷଣକରି ରଖିପାରିବେ ଓ ବଜାରର ଭାଉ ଦେଖି ବିକ୍ରି କରିବେ। କିନ୍ତୁ ଦୁର୍ଭାଗ୍ୟର କଥା ଯେ, କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ଜିଲା ସ୍ତରରେ ବି ଗୋଟିଏ ଶୀତଳ ଭଣ୍ଡାର ନାହିଁ। ସ୍ୱତନ୍ତ୍ର କୃଷି ବଜେଟରେ ଏଥିପାଇଁ କିଛି ବ୍ୟବସ୍ଥା ନାହିଁ। ସେହିପରି ଚାଷୀକୁ ତା' ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରାପ୍ତିକୁ ନିଶ୍ଚିତ କରେଇବା ପାଇଁ ରାଜ୍ୟର ସ୍ୱତନ୍ତ୍ର କୃଷି ବଜେଟରେ ବି କିଛି ବ୍ୟବସ୍ଥା ନାହିଁ। ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିବା ଯଦିଓ କେନ୍ଦ୍ରର ବିଷୟ, କିନ୍ତୁ ରାଜ୍ୟ ସରକାର ବି ଚାହିଁଥିଲେ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କିଛି ବୋନସ ବ୍ୟବସ୍ଥା କରିପାରନ୍ତେ; ଯାହା ଚାଷୀଙ୍କ କ୍ଷତିକୁ କମ୍ କରିବାରେ ସହାୟକ ହୁଅନ୍ତା।

ଏତଦ୍‌ବ୍ୟତୀତ ଆମ ରାଜ୍ୟର ଓ ସାରା ଦେଶର ଚାଷୀଙ୍କର ମୁଖ୍ୟ ସମସ୍ୟା ହେଉଛି, ଚାଷରେ କ୍ରମାଗତ ଭାବେ ବଢୁଥିବା ଖର୍ଚ୍ଚ। ତେଣୁ ଚାଷରେ ଖର୍ଚ୍ଚ କମ୍ କରିବାକୁ ଯୋଜନା ନ କଲେ ଚାଷୀମାନେ ଋଣଯନ୍ତାରୁ ମୁକୁଳିପାରିବେ ନାହିଁ। କୃଷି ବଜେଟରେ ହୋଇଥିବା ବ୍ୟବସ୍ଥାରେ ଚାଷୀର ଖର୍ଚ୍ଚ କମିବା ପରିବର୍ତ୍ତେ ବଢ଼ିବ। ଗୋଟିଏ ପଟେ ଚାଷୀକୁ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ମିଳୁନି ଓ ଅନ୍ୟପଟେ ଚାଷରେ ଖର୍ଚ୍ଚ ବଢୁଛି, ତେଣୁ ଏହା ଚାଷୀ ପାଇଁ ବୋଝ ଉପରେ ନଳିତାବିଡ଼ା ନୁହେଁ ତ ଆଉ କ'ଣ! କୃଷି ବଜେଟରେ ସରକାର ଚାଷୀ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁବିଧା କରିଛନ୍ତି। ଏଥିରେ କିଛି ବି ନୂଆପଣ ନାହିଁ। ଆମେ ଦେଖି ଆସୁଛେ ଯେ, ଏହିସବୁ ଋଣର ସୁବିଧା ଛୋଟ ଓ ନାମମାତ୍ର ଚାଷୀ ଅପେକ୍ଷା ଅତ୍ୟନ୍ତ ବଡ଼ ଚାଷୀ ଓ ବ୍ୟବସାୟୀମାନେ ପାଉଛନ୍ତି। ଏହା ବ୍ୟତୀତ ଚାଷୀକୁ କିପରି ଋଣଯନ୍ତାରୁ ବାହାର କରାଯିବ ସେଥିପାଇଁ ବ୍ୟବସ୍ଥା ନ କରି ସରକାର ପୁନଶ୍ଚ ଚାଷୀକୁ ଋଣ ଆଡ଼କୁ ମୁହାଁଉଛନ୍ତି। ଧୀରେ ଧୀରେ ଆମ ରାଜ୍ୟରେ ବି ରାସାୟନିକ ସାର ଓ କୀଟନାଶକର ବ୍ୟବହାର ବଢ଼ିଲାଣି। ଏହାକୁ କମ୍ କରିବା ପାଇଁ ସରକାରଙ୍କ ପାଖରେ କିଛି ଠୋସ୍ ଯୋଜନା ଥିବା ପରି ଦେଖାଯାଉନାହିଁ। ଭୂତଳ ଜଳସ୍ତର ହ୍ରାସ ଚାଷ ପାଇଁ ଏକ ମହା ସଙ୍କଟ ଭାବେ ଉଭା ହେଲାଣି। ଯେଉଁ ଯେଉଁ ଅଞ୍ଚଳରେ ଅଧିକରୁ ଅଧିକ ପରିମାଣରେ ରାସାୟନିକ ସାର, କୀଟନାଶକ ଆଦି ବ୍ୟବହାର କରାଯାଉଛି, ସେଠି ଏହି ସମସ୍ୟା ଅଧିକ ତୀବ୍ର। ଚଳିତବର୍ଷର କୃଷି ବଜେଟ ଏ ବିଷୟରେ ବି ନୀରବ। ଆମ ରାଜ୍ୟରେ ଜଳସେଚନ ଏକ ମୁଖ୍ୟ ସମସ୍ୟା। ଯଦିଓ ଜଳସେଚନ ପାଇଁ ବଜେଟରେ ବ୍ୟୟ ବରାଦ ହୋଇଛି, କିନ୍ତୁ ସରକାର ଏପର୍ଯ୍ୟନ୍ତ ସବୁ ଜମିକୁ ଜଳ ପହଞ୍ଚେଇବା କାମକୁ ଗୁରୁତ୍ୱର ସହ ନେଇନାହାନ୍ତି। ଆମ ରାଜ୍ୟର ଚାଷୀମାନେ ଗତ କିଛିବର୍ଷ ହେବ ସୁରକ୍ଷା ଭତ୍ତା ପାଇଁ ଆନ୍ଦୋଳନ କରିଆସୁଛନ୍ତି। ଅନେକ ଥର ରାଜଧାନୀରେ ବିକ୍ଷୋଭ, ଅର୍ଥନୈତିକ ଅବରୋଧ ଆଦି ମଧ୍ୟ କରିଆସୁଛନ୍ତି, କିନ୍ତୁ ସ୍ୱତନ୍ତ୍ର କୃଷି ବଜେଟ ସେ ବିଷୟରେ ନୀରବ। କୃଷିର ବିକାଶ ନାଁରେ କାଳିଆ ଯୋଜନାରେ ବି ଯେପରି ଭାବେ ଟଙ୍କା ବଣ୍ଟାଯାଉଛି, ତାହା କୃଷି ଅପେକ୍ଷା ଅଣକୃଷି କାମରେ ଅଧିକ ବ୍ୟବହାର ହେଉଛି ବୋଲି ସମସ୍ତେ ଜାଣନ୍ତି। କେବଳ ଗୋଟିଏ ସ୍ୱତନ୍ତ୍ର କୃଷି ବଜେଟ କରି ଗତାନୁଗତିକ ଭାବେ ଯୋଜନା କଲେ କୃଷକଙ୍କ ସମସ୍ୟାର ସମାଧାନ ହେବ ନାହିଁ। କୃଷକଙ୍କ ପ୍ରକୃତ ସମସ୍ୟାକୁ ଦେଖି ତାହାର ସମାଧାନ ପାଇଁ କୃଷି ବଜେଟ ପ୍ରସ୍ତୁତ କରାଗଲେ ହିଁ ଆମ ରାଜ୍ୟର କୃଷକଙ୍କ ସମସ୍ୟାର ସମାଧାନ ହୋଇପାରିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଏକ ରାଷ୍ଟ୍ର, ଏକ ନିର୍ବାଚନ

ମହାଶୟ,

ଋଣଗ୍ରସ୍ତ ଭାରତବର୍ଷରେ ଖର୍ଚ୍ଚକାଟ ବା ବ୍ୟୟହ୍ରାସ ଏକ ସମୟୋଚିତ ପଦକ୍ଷେପ। ବର୍ତ୍ତମାନର ଏନ୍‌ଡିଏ ସରକାର ବ୍ୟୟ ହ୍ରାସ ପାଇଁ ଭବିଷ୍ୟତରେ ଲୋକ ସଭା ଓ ବିଧାନସଭା ପାଇଁ ଦୁଇଟି ନିର୍ବାଚ ନ କରି ଗୋଟିଏ ନିର୍ବାଚନ କରିବାକୁ ସବୁ ରାଜନୈତିକ ଦଳର ମତ ନେଇଛନ୍ତି। ମମତା ବାନାର୍ଜୀଙ୍କ ପରି କେତେକ ନେତାଙ୍କୁ ଛାଡ଼ି5ଦେଲେ ଅନ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ତେବେ ଦେଶର ରାଜନେତା, କର୍ମୀ, ମତଦାତାଙ୍କ ଶୃଙ୍ଖଳିତ ଆଚରଣ ହିଁ ଏପରି ନିର୍ବାଚନକୁ ସମ୍ଭବ କରାଇପାରିବ। ଆଉ ଗୋଟିଏ ମତ ହେଉଛି, ପ୍ରଶାସନ ଓ ନିର୍ବାଚନ ଆୟୋଗ କାହାର ହସ୍ତମୁଦି ମାହାଲ ନ ବନି ନିରପେକ୍ଷ, ସ୍ୱଚ୍ଛ ବିଚାରଧାରା ଆଧାରରେ ସମସ୍ତେ ଯଦି ମିଳିମିଶି ଶୃଙ୍ଖଳାରେ କାର୍ଯ୍ୟ କରିବେ, ତେବେ ସାରା ଦେଶରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହେବା ସମ୍ଭବ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### କଠିନ ବର୍ଜ୍ୟବସ୍ତୁ ରଖିବାକୁ ଜାଗା ମିଳିବ ନାହିଁ

ଖବରକାଗଜରୁ ପଢ଼ିଥିବା ଖବର ଅନୁସାରେ ଚନ୍ଦ୍ରରେ, ମହାକାଶରେ ଓ ଏଭରେଷ୍ଟ ଶୃଙ୍ଗରେ ଅନେକ ବର୍ଜ୍ୟବସ୍ତୁ ଜମି ରହିଲାଣି। ସେହି ଅନୁସାରେ ମଣିଷ ଚଳାଚଳ କରୁଥିବା ଅଞ୍ଚଳର ବର୍ଜ୍ୟବସ୍ତୁ ସମସ୍ୟା ଗୁରୁତର। ବର୍ତ୍ତମାନ ଯଦି ବର୍ଜ୍ୟବସ୍ତୁ ପରିଚାଳନାରେ ଗୁରୁତର ସମସ୍ୟା ସୃଷ୍ଟି ହେଲାଣି ଭବିଷ୍ୟତରେ କ'ଣ ନ ହେବ, ତାହା ଏବେଠୁ ଚିନ୍ତା କରିବା ଉଚିତ। ଆମ ଜାଣିବାରେ ପ୍ଲାଷ୍ଟିକଜାତ ଦ୍ରବ୍ୟ ହିଁ ଭବିଷ୍ୟତ ବିପଦର ମୁଖ୍ୟ କାରଣ ହୋଇପାରେ। ପରିବେଶ ବିଜ୍ଞାନୀ, ସରକାର ଏହି ବିଷୟକ ସମସ୍ୟା ସମାଧାନ ସୂତ୍ର ବାହାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି ନବମୀ ସନ୍ଧ୍ୟା ଦର୍ଶନ



ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପହଞ୍ଚିଥିବା ତିନିରଥ।

**ପୁରୀ ଅଫିସ,୧୦।୭**

**ନାକଚଣା ଦ୍ୱାରରେ ତିନିରଥ**
- ସନ୍ଧ୍ୟା ୭ରୁ ଦର୍ଶନ ବନ୍ଦ

ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପହଞ୍ଚିଛନ୍ତି ତିନିରଥ। ମଙ୍ଗଳବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ଅଣାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ହୋଇପାରି ନ ଥିଲା। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ନନ୍ଦିଘୋଷ ରଥକୁ ବୁଧବାର ପୂର୍ବାହ୍ନ ୮ଟା ୪୦ରେ ଟଣାଯାଇ ବଡ଼ଶଙ୍ଖଠାରେ ଦକ୍ଷିଣ ମୋଡ଼ କରାଯାଇଥିଲା। ପୂର୍ବାହ୍ନ ୯ଟା ୫୦ରେ ଏହି ରଥ ନାକଚଣା ଦ୍ୱାରରେ ଲାଗିଥିଲା। ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇ ଚତୁର୍ଦ୍ଧାବିଗ୍ରହ ଶୁକ୍ରବାର ବାହୁଡ଼ାରେ ରଥରେ ବସି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ଗୁରୁବାର ସନ୍ଧ୍ୟା ୭ଟାରୁ ଠାକୁରଙ୍କ ଦର୍ଶନ ବନ୍ଦ ରହିବ। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ କରାଯାଇ ବାହୁଡ଼ା ଯାତ୍ରା ପ୍ରସ୍ତୁତି ଆରମ୍ଭ ହେବ। ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରକୁ ଯିବା ଲାଗି କେବଳ ନାକଚଣା ଦ୍ୱାର ଖୋଲା ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

**ସନ୍ଧ୍ୟା ଦର୍ଶନ ନୀତି ନିର୍ଘଣ୍ଟ**

ଦ୍ୱାରଫିଟା ଭୋର ୪ଟା, ମଙ୍ଗଳ ଆଳତି-୪ଟା ୩୦, ମଇଲମ-ତଡ଼ପଲାଗି ୫ଟା, ଅବକାଶ ସକାଳ ୬ଟା, ରୋଷହୋମ ୬ଟା ୧୫, ସୂର୍ଯ୍ୟପୂଜା ୬ଟା ୩୦, ଦ୍ୱାରପାଳ ପୂଜା ୬ଟା ୪୫, ବେଶ ଶେଷ ୭ଟା, ଗୋପାଳବଲ୍ଲଭ ୭ଟା ୩୦, ସକାଳ ଧୂପ ୮ଟାରୁ ୯ଟା ୩୦, ଭୋଗମଣ୍ଡପ-୮ଟା ୩୦ରୁ ୧୦ଟା ୩୦, ମଇଲମ ପୂର୍ବାହ୍ନ ୧୦ଟା ୪୫, ଯାତ୍ରାଗୀ ମହାସ୍ନାନ ୧୧ଟା ୩୦, ସର୍ବାଙ୍ଗ ମଧାହ୍ନ ୧୨ଟା, ନୂଆଲାଗି ବେଶ ଅପରାହ୍ନ ୧ଟା, ମଧାହ୍ନ ଧୂପ ୧ଟା ୩୦ରୁ ୩ଟା, ୨ୟ ଭୋଗ ମଣ୍ଡପ ୨ଟାରୁ ୩ଟା ୩୦, ମଇଲମ, ବେଶ ୩ଟା ୪୫ ରୁ ୪ଟା ୪୦, ସନ୍ଧ୍ୟା ଆଳତି ୫ଟା, ସନ୍ଧ୍ୟା ଧୂପ ସାଢେ ୫ଟାରୁ ସନ୍ଧ୍ୟା ୭ଟା, ୩ୟ ଭୋଗମଣ୍ଡପ ୫ଟା୪୫ ରୁ ୭ଟା ୩୦, ରାହାସକୁ ଦିଅଁ ବିଜେ ରାତି ୮ଟା, ମଇଲମ ୮ଟା ୧୫, ଚନ୍ଦନ ଲାଗି ୮ଟା ୩୦, ବଡସିଂହାର ବେଶ ରାତ୍ର ୯ଟା, ବଡସିଂହାର ଭୋଗ ୯ଟା ୩୦, ପହୁଡ ଆଳତି ୧୦ଟା, ଶ୍ରୀମୁଖ ଖଣ୍ଡୁଆ ୧୦ଟା ୧୫, ବାହୁଟ କଣ୍ଠ ୧୦ଟା ୩୦, ଚାରବନ୍ଧା ରାତି ୧୧ଟାରୁ ୨ଟା ଏବଂ କୁସୁମିଲାଗି ୨ଟା ୩୦ରୁ ୩ଟା ୩୦।

# ବଜେଟରେ ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର

| କ୍ର.ସଂ. | ପ୍ରକଳ୍ପର ନାମ | ବଜେଟ ମଞ୍ଜୁର (ଟଙ୍କା କୋଟିରେ) | | | |
|---|---|---|---|---|---|
| | | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ (ଅନ୍ତରୀଣ) | ୨୦୧୯-୨୦ (ଚୂଡ଼ାନ୍ତ ମଞ୍ଜୁର) |
| | **ନୂଆ ରେଳପଥ** | | | | |
| ୧ | ଅନୁଗୋଳ-ସୁକିନ୍ଦା ରେଳପଥ (୯୮.୭ କି.ମି.) | ୨୦୦.୦୦ | ୨୦୦.୦୦ | ୨୫୦.୦୦ | ୨୫୦.୦୦ |
| ୨ | ହରିଦାସପୁର-ପାରାଦୀପ (୮୨ କି.ମି.) | ୨୦୦.୦୦ | ୨୦୦.୦୦ | ୪୦୦.୦୦ | ୪୦୦.୦୦ |
| ୩ | ଖୋର୍ଦ୍ଧା ରୋଡ-ବଲାଙ୍ଗୀର (୨୮୯ କି.ମି.) | ୭୦୦.୦୦ | ୬୨୫.୦୦ | ୩୫୦.୦୦ | ୩୫୦.୦୦ |
| ୪ | ତାଳଚେର-ବିମଳାଗଡ଼ (୧୫୪ କି.ମି.) | ୨୫୦.୦୦ | ୩୦୦.୦୦ | ୧୫୦.୦୦ | ୧୫୦.୦୦ |
| ୫ | ଜୟପୁର-ମାଲକାନଗିରି (୧୩୦ କି.ମି.) | ୭୯.୦୦ | ୯୫.୦୦ | ୭୦.୦୦ | ୭୦.୦୦ |
| ୬ | ଜୟପୁର-ନବରଙ୍ଗପୁର (୩୮ କି.ମି.) | ୨୭୫.୦୦ | ୧୫୦.୦୦ | ୧୦.୦୦ | ୧୦.୦୦ |
| ୭ | ନୌପଡ଼ା-ଗୁଣୁପୁର-ଥେରୁଭାଲି ପର୍ଯ୍ୟନ୍ତ ନୂଆ ବ୍ରଡ ଗେଜ୍ ଲାଇନ (୭୯.୧୫ କି.ମି.) | ୧.୦୦ | ୧.୦୦ | ୦.୧୦ | ୦.୧୦ |
| ୮ | ତାଳଚେର-ଅନୁଗୋଳ-ତାଳଚେରଠାରେ ୱାଇ ଲାଇନ ସଂଯୋଗ (୧୪.୪୭୫ କି.ମି.) | | | ୧.୦୦ | ୦.୧୦ |
| ୯ | ଝାରସୁଗୁଡ଼ା-ବରପାଲି ରେଳ ଲାଇନ ପାଇଁ ଇ.ବି.ଆର୍.(ପାର୍ଟନରଶିପ୍) ମାଧ୍ୟମରେ ହୋଇଥିବା ପ୍ରସ୍ତାବିତ ଖର୍ଚ୍ଚ | | | ୧୪୦୦.୦୦ | ୧୪୦୦.୦୦ |
| | **ଦୋହରୀକରଣ** | | | | |
| ୧୦ | ଝାରସୁଗୁଡ଼ା-ରେଙ୍ଗାଲୀ (୨୫.୬ କି.ମି.) | ୭.୦୦ | ୩.୦୫ | ୨.୦୫ | ୦୨.୦୫ |
| ୧୧ | ଖୋର୍ଦ୍ଧା-ବାରଙ୍ଗ-ତୃତୀୟ ଲାଇନ (୩୫ କି.ମି.) | ୫୦.୦୦ | ୧୫.୦୦ | ୮.୦୦ | ୦୮.୦୦ |
| ୧୨ | ସମ୍ବଲପୁର-ତାଳଚେର (୧୭୪.୧୧ କି.ମି.) | ୩୪୦.୩୦ | ୨୨୦.୦୦ | ୨୪୯.୦୦ | ୨୪୯.୦୦ |
| ୧୩ | ଡେଲାଙ୍ଗ-ପୁରୀ (୨୮.୭ କି.ମି.) | ୨୨.୦୦ | ୦.୪୫ | ୦.୨୦ | ୦.୨୦ |
| ୧୪ | ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) | ୨୦୦.୦୦ | ୫୦.୦୦ | ୧୭୦.୦୦ | ୧୭୦.୦୦ |
| ୧୫ | ବାଂଶପାଣି-ଦୈତାରି-ଟମ୍କା-ଯଖପୁରା (୧୮୦ କି.ମି.) | ୧୪୦.୦୦ | ୮୦.୦୦ | ୮୫.୦୦ | ୮୫.୦୦ |
| ୧୬ | ବୃନ୍ଦାମାଳ-ଝାରସୁଗୁଡ଼ା-ଫ୍ଲାଏ ଓଭର ସଂଯୋଗୀକରଣ (୬.୬ କି.ମି.) | ୮.୮୦ | ୫.୩୦ | ୬.୦୦ | ୦୬.୦୦ |
| ୧୭ | ରାଜଆଠଗଡ଼-ବାରଙ୍ଗ (୨୦ କି.ମି.) | ୫୫.୦୦ | ୪.୦୦ | ୨.୦୦ | ୦୨.୦୦ |
| ୧୮ | ଭଦ୍ରକ-ନିର୍ଗୁଣ୍ଡି-ତୃତୀୟ ଲାଇନ (୮୦ କି.ମି.) | ୪୦.୦୦ | ୫୫.୦୦ | ୮୬.୦୦ | ୮୬.୦୦ |
| ୧୯ | ବିଜୟନଗରମ୍-ସମ୍ବଲପୁର ତୃତୀୟ ଲାଇନ | ୯୦.୦୦ | ୩୭୯.୦୦ | ୩୫୦.୦୦ | ୩୫୦.୦୦ |
| ୨୦ | ଝାରପଡ଼ା-ବୁଢ଼ାପଙ୍କ (ତୃତୀୟ ଓ ଚତୁର୍ଥ ଲାଇନ) | ୧୩୮.୦୦ | ୧୨୦.୦୦ | ୧୧୯.୮୭ | ୧୧୯.୮୭ |
| ୨୧ | ବୁଢ଼ାପଙ୍କ-ଶାଳଗାଁ (ତୃତୀୟ ଓ ଚତୁର୍ଥ ଲାଇନ) | ୧୯୫.୦୦ | ୨୨୦.୦୦ | ୨୧୦.୦୦ | ୨୧୦.୦୦ |
| ୨୨ | କୋରାପୁଟ-ସିଙ୍ଗାପୁର ରୋଡ | ୨୨୦.୦୦ | ୧୧୦.୦୦ | ୨୦୫.୦୦ | ୨୦୫.୦୦ |
| ୨୩ | ଖୋର୍ଦ୍ଧା-ବିଜୟନଗରମ୍ (ବାଏ ପାସ୍) | ୮.୯୫ | ୧୧.୯୧ | ୭.୦୦ | ୦୭.୦୫ |
| | **କାରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟ** | | | | |
| ୨୪ | ୧୦୦ରୁ ୧୫୦ ଇଞ୍ଜିନ କାପାସିଟି ବୃଦ୍ଧି ପାଇଁ ଅନୁଗୋଳ ଇଲେକ୍ଟ୍ରିକ ଲୋକୋ ଶେଡ୍-ଅଗ୍‌ମେଣ୍ଟେଶନ | ୫.୦୦ | ୯.୬୭ | ୪.୫୦ | ୦୪.୫୦ |
| ୨୫ | ମାନେଶ୍ୱର: ଭଡ଼ା ରେଳର ମରାମତି ସୁବିଧା | ୦.୦୦ | ୧୦.୭୪ | ୩.୦୦ | ୦୪.୫୦ |
| ୨୬ | କଳାହାଣ୍ଡିଠାରେ ଲଲେକ୍ଟ୍ରିକ ଇଞ୍ଜିନ ମରାମତି କାରଖାନା ସ୍ଥାପନ | ୦.୦୦ | ୦.୨୭ | ୪.୫୦ | ୧.୦୦ |

# ବିଚାରାଧୀନ କଏଦୀ ମୃତ

- ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭଉଣୀ
- ପ୍ରଶାସନ ପକ୍ଷରୁ ବସିଲା ବୈଠକ

**ନୀଳଗିରି,୧୦।୭ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଜେଲରେ ପାଗୁଲୁ ଖଣ୍ଡେଇ (୨୨) ନାମକ ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ଜବତ କରିବ୍ୟବଚ୍ଛେଦ ପାଇଁପଠାଇ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୯) ରୁଜୁ କରିଛି। ମୃତ କଏଦୀଙ୍କ ଘର ସଜନାଗଡ଼ ଗାଁରେ। ଅବକାରୀ ବିଭାଗ ଅଧିକାରୀ ତାଙ୍କୁ ମାରଧର କରି ମାରି ଦେଇଥିବା ମୃତକଙ୍କ ଭଉଣୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୀଳଗିରିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ସ୍ଥାନୀୟ ଡାକ୍ତରଖାନା ପରିସରରେ ବୈଠକ କରାଯାଇ ମୃତକଙ୍କ ପରିବାରଙ୍କୁ ରେଡକ୍ରସ ପକ୍ଷରୁ ୧୫ ହଜାର, ଅବକାରୀ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୫୦ ହଜାର, ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷର ୫ ହଜାର ଏବଂ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ କର୍ମଚାରୀ ପାଗୁଲୁଙ୍କୁ ଗତ ୮ ତାରିଖରେ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ. ୪୯/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଅଭିଯୁକ୍ତ ହଠାତ୍ ଅସୁସ୍ଥ ହୋଇପଡିବାରୁ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା ନେଇ ଉତ୍ତେଜନା ବୃଦ୍ଧି ପାଇବାରୁ ଏହାକୁ ପ୍ରଶମିତ କରିବା ପାଇଁ ସନ୍ଧ୍ୟା ସମୟରେ ପ୍ରଶାସନ ପକ୍ଷରୁ ବୈଠକ ବସି ମୃତକଙ୍କ ପରିବାରକୁ ସହାୟତା ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିଧାୟକ ନାୟକଙ୍କ ସମେତ ଉପଖଣ୍ଡ ଚିକିତ୍ସାଧିକାରୀ ଅଜୟ କୃଷ୍ଣ ସାମଲ, ତହସିଲଦାର ସୁଶ୍ରୀତା ଗୁଡୁ, ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ସୁଦାମ ଚରଣ ନାୟକ, ଥାନାଧିକାରୀ ନଳିତା ମୋଦୀ, ଅବକାରୀ ଉପନିରୀକ୍ଷକ ଲକ୍ଷେ ସାଧବ ପ୍ରଧାନ ଏବଂ ଜେଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ)**

**ଓଡ଼ିଶାକୁ ପୂର୍ବାପେକ୍ଷା କେନ୍ଦ୍ରର ଅଧିକ ଅର୍ଥ ପ୍ରଦାନ ପ୍ରସଙ୍ଗ**



୨୦୧୯-୨୦ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ରେଳ ବଜେଟରେ ରାଜ୍ୟକୁ ପୂର୍ବାପେକ୍ଷା ଅଧିକ ଅର୍ଥ ମିଳିବାକୁ ଯାଉଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଆସିବା ପରେ କ୍ରମାଗତ ଭାବେ ରେଳ ବଜେଟରେ ଓଡିଶାକୁ ଅଧିକରୁ ଅଧିକ ଅର୍ଥ ମିଳୁଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପକ୍ଷରୁ କୁହାଯାଇଛି। ରେଳ ବଜେଟ ବ୍ୟୟବରାଦକୁ ସ୍ୱାଗତ କରିବା ସହ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ପୂର୍ବବର୍ଷ ଭଳି ଓଡ଼ିଶା ପାଇଁ ଚଳିତ ରେଳ ବଜେଟରେ ରେକର୍ଡ ଅର୍ଥ ୫,୯୯୩ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରେଳ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଧନ୍ୟବାଦ। ଯାତ୍ରୀଙ୍କ ଯାତାୟାତ ସୁବିଧା ପାଇଁ ୧୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳ ଓଭରବ୍ରିଜ୍ ଏବଂ ରେଳପଥ ଅତିକ୍ରମ କରିବା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୫ଟି ନୂଆ ରେଳପଥର ସର୍ଭେ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଛି। ବିଶେଷ କରି ସେ ଅନୁରୋଧ କରିଥିବା ରାଜଆଠଗଡ-କାଇପଦର ରୋଡ ଏବଂ ତାଳଚେର -ଅନୁଗୋଳ କର୍ଡ ଲାଇନ ପାଇଁ ସର୍ଭେ ବ୍ୟବସ୍ଥା କରାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଦୀର୍ଘଦିନର ପ୍ରକଳ୍ପ ଯଥା ଅନୁଗୋଳ-ସୁକିନ୍ଦା ରୋଡ, ହରିଦାସପୁର-ପାରାଦୀପ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ, ଜୟପୁର-ମାଲକାନଗିରି, ନୂଆପଡା-ଗୁଣୁପୁର ଏବଂ ସମ୍ବଲପୁର-ଟିଟିଲାଗଡ ରେଳ ପ୍ରକଳ୍ପ ପାଇଁ ରେକର୍ଡ ପରିମାଣର ବ୍ୟୟବରାଦ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ରାଜ୍ୟର ଅନ୍ୟୂନ ୨ ପର୍ଯ୍ୟଟନସ୍ଥଳୀକୁ ସ୍ଥାନ ମିଳୁ

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

**ବିଶ୍ୱସ୍ତରୀୟ ପର୍ଯ୍ୟଟନ ତାଲିକା**
- କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ୧୭ଟି ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଆଶ୍ଚର୍ଯ୍ୟର ବିଷୟ ଏଥିରେ ଓଡ଼ିଶାର କୌଣସି ଗୋଟିଏ ବି ପର୍ଯ୍ୟଟନସ୍ଥଳୀ ତଥା କୀର୍ତ୍ତିରାଜି ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ରାଜ୍ୟର ସବୁ ସ୍ତରରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେଣୁ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଏହି ପ୍ରସଙ୍ଗ ବ୍ୟତୀତ ପର୍ଯ୍ୟଟନ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଅନ୍ୟୂନ ରାଜ୍ୟର ଦୁଇଟି ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀରେ ସ୍ଥାନ ଦେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ପକ୍ଷରୁ ପରାମର୍ଶ ଦିଆଯାଇଥିବା ସ୍ଥାନଗୁଡିକ ହେଉଛି-କୋଣାର୍କର ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ, ଭିତରକନିକା ଜାତୀୟ ଉଦ୍ୟାନ, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ହୀରକ ବୌଦ୍ଧ ତ୍ରିଭୁଜ। ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଏହି ୫ଟି ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ସମ୍ୟକ ସୂଚନା ମଧ୍ୟ ପ୍ରଦାନ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଜପତି ଜିଲାରେ ଥିବା ରାଜ୍ୟର ଦ୍ୱିତୀୟ ବୃହତ୍ ପର୍ବତ ମହେନ୍ଦ୍ରଗିରିକୁ 'ସ୍ୱଦେଶ ଦର୍ଶନ ଯୋଜନା' ଅଧୀନ 'ରାମାୟଣ ସର୍କିଟ'ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ହେଲେ ବିଶ୍ୱସ୍ତରୀୟ କରାଯିବାକୁ ଥିବା ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀରେ ରାଜ୍ୟର ୨ଟି କ୍ଷେତ୍ରକୁ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ ପର୍ଯ୍ୟଟନ କ୍ଷେତ୍ରର ପ୍ରାୟ ୧୩ ପ୍ରତିଶତ ଅବଦାନ ରହୁଛି। ତେଣୁ ପର୍ଯ୍ୟଟନ ଭିତ୍ତିଭୂମିର ବ୍ୟାପକ ଉନ୍ନୟନର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୱାଟର୍ ସ୍ପୋର୍ଟସର ବିକାଶ ପାଇଁ ପ୍ରୟାସ

# ଭିତରକନିକା, ଚିଲିକା ବୁଲିଲେ ୬ ରାଜ୍ୟର ପ୍ରତିନିଧି

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**



ଭିତରକନିକାରେ ୬ ରାଜ୍ୟର ପ୍ରତିନିଧି ଲଞ୍ଚରେ ବୁଲି ଦେଖୁଛନ୍ତି।

ରାଜ୍ୟରେ ୱାଟର୍ ସ୍ପୋର୍ଟସ ତଥା ଲିଜର୍ ଓ ରିକ୍ରିଏଶନ୍ ଟୁରିଜିମ୍‌ର ବ୍ୟାପକତା ପାଇଁ ପଦକ୍ଷେପ ନେଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ସ୍ପୋର୍ଟସ ଟୁରିଜିମ୍ ପରେ ଏବେ ଓଡ଼ିଶାରେ ୱାଟର୍ ସ୍ପୋର୍ଟସ ଟୁରିଜିମ୍‌ର ପ୍ରଚାର ପ୍ରସାର ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ବାହାରୁ ୧୮ଟି ଘରୋଇ ସଂସ୍ଥା ଆସି ଭିତରକନିକା ଓ ଚିଲିକା ହ୍ରଦ ପରିଦର୍ଶନ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏକ ୩ଦିନିଆ ଫ୍ୟାମ୍ ଟ୍ରିପ୍‌ରେ ଗୋଆ, କେରଳ, ମହାରାଷ୍ଟ୍ର, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ଓଡ଼ିଶାକୁ ମିଶାଇ ୬ଟି ରାଜ୍ୟର ୨୬ଜଣ ପ୍ରତିନିଧି ଯୋଗଦେଇଥିଲେ। କେରଳ ଢାଞ୍ଚାରେ ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ପାଇଁ ଲକ୍‌ଜରୀ ହାଉସ୍ ବୋଟ୍ ବ୍ୟବସ୍ଥା, ଚିଲିକାରେ ବିଭିନ୍ନ ପ୍ରକାର ୱାଟର ସ୍ପୋର୍ଟସ ବା ମନୋରଞ୍ଜନଧର୍ମୀ ଜଳକ୍ରୀଡା ଓ ରିକ୍ରିଏଶନ୍ ପ୍ରୋଜେକ୍ଟ ପାଇଁ ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଫ୍ୟାମ୍ ଟ୍ରିପ୍‌ର ଆୟୋଜନ କରାଯାଇଥିଲା। ୪୮୨ କିଲୋମିଟର ସୁଦୀର୍ଘ ବେଳାଭୂମି ସହ ଏକାଧିକ ହ୍ରଦ ଓ ନଦୀ ଓଡ଼ିଶାରେ ରହିଛି। ଏଠାରେ ଜଳକ୍ରୀଡାର ବିକାଶ କରାଯାଇ ପାରିଲେ ବହୁସଂଖ୍ୟାରେ ପର୍ଯ୍ୟଟକ ଓଡ଼ିଶାକୁ ଆସିବେ ବୋଲି ପର୍ଯ୍ୟଯନ ବିଭାଗ ସଚିବ ବିଶାଲ ଦେବ କହିଛନ୍ତି।

# କୋଟିପତି ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଦିଗପହଣ୍ଡି,୧୦।୭(ଡି.ଏନ.ଏ.)**

- ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ମିଳିଲା
- ବନ୍ଧୁକ,୬ ଗୁଳି ଜବତ, ସରପଞ୍ଚ ଅଟକ







ନୀଳାଦ୍ରି ବିହାରସ୍ଥିତ ବାସଭବନ, ସରପଞ୍ଚ ଉଷାନ୍ତ କୁମାର ସାହୁ, ଜବତ ମାଉଜର ଓ ଗୁଳି।

ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍ଏସି ୧ ନଂ. ୱାର୍ଡ ନୀଳାଦ୍ରି ବିହାରରେ ରହୁଥିବା ବିଜେଡି ନେତା ତଥା ଆଙ୍କୋରଡା ସରପଞ୍ଚ ଉଷାନ୍ତ କୁମାର ସାହୁଙ୍କ ବାସଭବନରେ ବୁଧବାର ଭୋର ପ୍ରାୟ ୫ଟାରେ ବ୍ରହ୍ମପୁର ଭିଜିଲାନ୍ସ ଟିମ ପକ୍ଷରୁ ଚଢ଼ାଉ କରାଯାଇଛି। ତାଙ୍କ ଘରୁ ଏକ ବନ୍ଧୁକ, ୬ ଗୁଳି,ସୁନା, ରୁପା ଅଳଙ୍କାର ୪ଟି ଘର, ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ୩ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା, ୧୫ ଲକ୍ଷ ଟଙ୍କା ମୂଲ୍ୟର ୧୪ଟି ପ୍ଲଟ, ୩୦ ଲକ୍ଷ ଟଙ୍କାର ୨ଟି ୪ ଚକିଆ ଗାଡ଼ି, ୨ଟି ବାଇକ୍, ଏଲ୍ଆଇସି ଓ ବିଭିନ୍ନ ବ୍ୟାଙ୍କରେ ଥିବା ଫିକ୍ସଡ ଡିପୋଜିଟ ନଥିପତ୍ର, ନଗଦ ୪୪ ହଜାର ୬୦୦ ଟଙ୍କା ଆଦି ପ୍ରାୟ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି।

ସରପଞ୍ଚ ଆୟ ବହିର୍ଭୁକ୍ତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟକୁ ଭିତ୍ତିକରି ନଂ.୧/୧୯ରେ ମାମଲା ରୁଜୁ କରାଯାଇଥିଲା । ଏହି ଚଢ଼ାଉ କରାଯାଇଥିବା ବେଳେ ସରପଞ୍ଚଙ୍କୁ ଅଟକ ରଖାଯାଇଥିବା ଏସ୍‌ପି କହିଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଏସ୍.ଏନ୍. ପାଣିଗ୍ରାହୀ, ଇନ୍ସପେକ୍ଟର କୁମୁଦିନି ସାହୁ, ସୋମନାଥ ବାରିକ ପ୍ରମୁଖ ସରପଞ୍ଚଙ୍କ ନବରଙ୍ଗପୁର ଗ୍ରାମର ପୈତୃକ ଘର, ରାଜପୁରରେ ଥିବା ୧ ମହଲା ଘର, ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଆଦି ୬ ଜାଗାରେ ଚଢ଼ାଉ କରିଥିଲେ। ୨୦୦୭ରୁ ୨୦୧୨ ସମିତିସଭ୍ୟ ଥିବା ଉଷାନ୍ତଙ୍କ ସ୍ତ୍ରୀ ସୁକାନ୍ତି ସାହୁ ୨୦୧୨ରୁ ୨୦୧୭ ସରପଞ୍ଚ ଥିଲେ। ୨୦୧୭ରେ ଉଷାନ୍ତ ପୁଣିଥରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଦିଗପହଣ୍ଡି ନିକଟ ନିମପଲ୍ଲୀ ସରକାରୀ ଦେଶୀମଦ ଭାଟିରେ ସେ ପ୍ରମୁଖ ଅଂଶୀଦାର ଥିବା ଭିଜିଲାନ୍ସ ଟିମ ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଛି ।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଊନବିଂଶ ରାଜ୍ୟଗୋଷ୍ଠୀ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଶିଖର ବୈଠକରେ ଯୋଗଦେଇଛନ୍ତି । ବ୍ରିଟେନ ବୈଦେଶିକ ସଚିବ ଜେରେମି ହଣ୍ଟ୍‌ଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ଭବିଷ୍ୟତ ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଏଥିରେ ରାଜ୍ୟଗୋଷ୍ଠୀର ୫୨ ସଦସ୍ୟ ରାଷ୍ଟ୍ରର ବହିର୍ବ୍ୟାପାର ମନ୍ତ୍ରୀ ଯୋଗଦେଇଛନ୍ତି ।

# ଅଜଣା ରୋଗରେ ୫୦ ପକ୍ଷୀ ମୃତ

ପାଟ୍‌ନା,୧୦।୭(ପି.ଟି.)

ବିହାରର ମୁଜାଫରପୁର ଜିଲାରେ ଗତ ଦୁଇଦିନ ମଧ୍ୟରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପାଖାପାଖି ୫୦ଟି ପକ୍ଷୀ ମରିପଡିଛନ୍ତି। ଏହି ଜିଲାର ଲକ୍ଷ୍ମୀନଗର ଅଞ୍ଚଳରେ ଅଧିକାଂଶ ପକ୍ଷୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ପଶୁପାଳନ ଓ ବନ ବିଭାଗ ଅଫିସରଙ୍କ କହିବାନୁଯାୟୀ, ଏକକାଳୀନ ୫୦ ପକ୍ଷୀ ମରିପଡ଼ିବା ଘଟଣା ଆଶ୍ଚର୍ଯ୍ୟଜନକ। ପକ୍ଷୀଗୁଡ଼ିକ ଗଛଗୁଡିକରୁ ତଳକୁ ପଡିଯାଇ ହଠାତ୍ ମୃତ୍ୟୁବରଣ କରିଥିଲେ। ଜିଲା ଅଫିସରଙ୍କ କହିବାନୁଯାୟୀ, ପକ୍ଷୀ ମୃତ୍ୟୁର କାରଣ ଜାଣିବା ପାଇଁ ଅନୁସନ୍ଧାନ ଆରମ୍ଭ ହୋଇଛି।

## ମୁଜାହିଦ୍ଦିନମାନଙ୍କୁ ଅଲ୍-କାଏଦା ମୁଖ୍ୟଙ୍କ ପରାମର୍ଶ

# ଭାରତ ବିରୋଧରେ ଜେହାଦ କର

ନୂଆଦିଲ୍ଲୀ,୧୦।୭(ପି.ଟି.)



ଅୟମନ୍ ଅଲ୍-ଜୱାହିରି

କଶ୍ମୀର ପ୍ରସଙ୍ଗକୁ ନେଇ ଅଲ୍-କାଏଦା ଆତଙ୍କବାଦୀ ସଂଗଠନର ମୁଖ୍ୟ ଅୟମନ୍ ଅଲ୍-ଜୱାହିରି ଭାରତକୁ ଧମକ ଦେଇଛନ୍ତି। ଭାରତୀୟ ସେନା ଓ ଜମ୍ମୁ-କଶ୍ମୀର ସରକାର ଉପରେ ନିର୍ମମ ଆକ୍ରମଣ ପାଇଁ ଜୱାହିରି କଶ୍ମୀରର ମୁଜାହିଦ୍ଦିନମାନଙ୍କୁ ପରାମର୍ଶ ଦେଇଛି। ଅଲ୍‌କାଏଦାର ଗଣମାଧ୍ୟମ ଶାଖା ପକ୍ଷରୁ ଏହି ବାର୍ତ୍ତା ପ୍ରସାରଣ କରାଯାଇଥିବା ଫାଉଣ୍ଡେଶନ ଫର ଡିଫେନ୍ସ ଅଫ ଡେମୋକ୍ରାସିଜ୍ (ଏଫଡିଡି) ଲଙ୍ଗ୍ ୱାର ଜର୍ନାଲରେ ଉଲ୍ଲେଖ କରାଯାଇଛି। କଶ୍ମୀରରେ ସୀମାପାର ଆତଙ୍କବାଦକୁ ଇନ୍ଧନ ଯୋଗାଇବାରେ ପାକିସ୍ତାନର ସମ୍ପୃକ୍ତି ସମ୍ପର୍କରେ ମଧ୍ୟ ଜୱାହିରି ସୂଚନା ଦେଇଛନ୍ତି। 'କଶ୍ମୀରକୁ ଭୁଲନାହିଁ' ନାମରେ ଏହି ବାର୍ତ୍ତା ପ୍ରକାଶ ପାଇଛି। କଶ୍ମୀରରେ ଭାରତୀୟ ସେନା ବିରୋଧରେ ଜେହାଦ ପାଇଁ ଅଲ୍-କାଏଦା ଏକ ଦୃଢ଼ ସଂଗଠନ ପ୍ରସ୍ତୁତ କରୁଥିବା ଥୋମାସ ଜୋସେଲିନ୍ ତାଙ୍କ ପତ୍ରିକାରେ ଉଲ୍ଲେଖ କରିଛନ୍ତି। କଶ୍ମୀର ମୁଜାହିଦ୍ଦିନ୍ ଏହି କାମ ଲାଗି ନିୟୋଜିତ ହୋଇଥିବା ସେ କହିଛନ୍ତି। ମୃତ ଆତଙ୍କବାଦୀ ଜାକିର ମୁସା ସମ୍ପର୍କରେ ଜୱାହିରି କିଛି କହିନାହାନ୍ତି। ମୁସା ଓ ତାଙ୍କ ଉତ୍ତରାଧିକାରୀ ଅବଦୁଲ ହମିଦ ଲେଲହାରି କଶ୍ମୀରୀ ଜେହାଦୀଙ୍କୁ ତାଲିମ ଦେବାରେ ପାକିସ୍ତାନର ଭୂମିକାକୁ ସ୍ୱୀକାର କରିଥିଲେ ଏବଂ ପାକିସ୍ତାନୀମାନେ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ପାକିସ୍ତାନୀ ସେନା ଓ ସରକାର ଆମେରିକାର ଚାଟୁକାର ବୋଲି ଜୱାହାରି ତାଙ୍କ ବାର୍ତ୍ତାରେ କହିଛନ୍ତି। କଶ୍ମୀର ଅଭିମୁଖେ ଯାଉଥିବା ଆରବ ମୁଜାହିଦ୍ଦିନକୁ ପାକିସ୍ତାନ ବାଧାଦେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ସରଲବଣି,**
**କିଏ ଲୋଡ଼ିଲେ ନ ପାଏ କାକର ପାଣି ।**

ଭୋଗବିଳାସରେ ବୁଡ଼ିରହିଥିବା ଧନୀ ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଡହଳବିକଳ ହେଉଥିବା ଲକ୍ଷ୍ୟ କରାଯାଇଥାଏ । ମଣିଷ କାଳ ଓ ଭାଗ୍ୟର ଅଧୀନ । କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**କି ଗୁଣ ବାହୁନିବି, ଖଜୁରି ଗଛର ;**
**ସେ ତ ମୂଳରୁ ପାହାଚ ପାହାଚ ।**

ଖଜୁରି ଗଛର ବାହୁଙ୍ଗା ଏପରି କଟାଯାଇଥାଏ ଯେ ତା'ର ଗର ବା ଗଣ୍ଡି ମୂଳରୁ ଶେଷଯାଏ ପାହାଚିଆ ପାହାଚିଆ ହୋଇ ରହିଥାଏ । ସେହିପରି ଜଣଜଣଙ୍କର ଖରାପ ଗୁଣ ମୂଳରୁ ଶେଷଯାଏ ସମାନ ରହିଥାଏ । ବହୁ ଦୋଷଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଋତୁପର୍ଣ୍ଣାଙ୍କୁ ଇଡି ସମନ

କୋଲକାତା,୧୦।୭(ପି.ଟି.)

ରୋଜଭ୍ୟାଲି ଦୁର୍ନୀତି



ରୋଜଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପରଷ୍ଟାର ପ୍ରୋସେନ୍‌ଜିତ ଚାଟାର୍ଜିଙ୍କୁ ସମନ କରିବାର ଦିନକ ପରେ ବୁଧବାର ବଙ୍ଗଳା ଚଳଚ୍ଚିତ୍ର ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତଙ୍କୁ ସମନ ଜାରି କରିଛି। ଋତୁପର୍ଣ୍ଣା ରୋଜଭ୍ୟାଲି ଗ୍ରୁପ୍ ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ସହ ଏକାଧିକ ବିଦେଶ ଗସ୍ତରେ ସାମିଲ ହେବା ସହ ଫିଲ୍ମ ନିର୍ମାଣରେ ତାଙ୍କୁ ସହାୟତା କରିଥିଲେ। ଆସନ୍ତା ସପ୍ତାହରେ ହାଜର ହେବା ଲାଗି ତାଙ୍କୁ କୁହାଯାଇଛି।

## ଦାଉଦ୍‌ର ଅପରାଧ ସାମ୍ରାଜ୍ୟ ଏବେ ଆତଙ୍କବାଦୀ ନେଟ୍‌ୱର୍କ

# ଜାତିସଂଘରେ ଆଶଙ୍କା ବ୍ୟକ୍ତ କଲା ଭାରତ

ଜାତିସଂଘ,୧୦।୭(ପି.ଟି.)



ପାକିସ୍ତାନରେ ରହୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ର ଅପରାଧ ସାମ୍ରାଜ୍ୟ ଏବେ ଆତଙ୍କବାଦୀ ନେଟ୍‌ୱର୍କରେ ପରିଣତ ହୋଇଛି। ଡି-କମ୍ପାନୀ, ଜୈଶ-ଇ-ମହମ୍ମଦ(ଜେଇଏମ୍) ଏବଂ ଲଶ୍କର-ଇ-ତୋଇବା ଭାରତ ପାଇଁ ପ୍ରକୃତ ବିପଦ ବୋଲି ନୂଆଦିଲ୍ଲୀ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ଅଭିଯୋଗ କରିଛି। ଦାଉଦ୍‌ର ଅପରାଧ ସାମ୍ରାଜ୍ୟ ଉପରେ ନଜର ରଖିବା ଲାଗି ଭାରତ ୟୁଏନ୍‌ଏସ୍‌ସିକୁ ଅନୁରୋଧ କରିଛି। ପାଣ୍ଠି ଯୋଗାଡ ଲାଗି ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡିକ ପ୍ରାକୃତିକ ସମ୍ପଦର ବ୍ୟବସାୟ, ମାନବ ଚାଲାଣ ଭଳି ଲାଭପ୍ରଦ ଅପରାଧ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହେଉଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ସୟେଦ ଆକବରୁଦ୍ଦିନ କହିଛନ୍ତି। ସେ କହିଛନ୍ତି ଅପରାଧ ସଂଗଠନଗୁଡିକ ଆତଙ୍କବାଦୀଙ୍କ ସହ ହାତମିଳାଇ ସେମାନଙ୍କୁ ଜାଲିଆତି, ବେଆଇନ ପାଣ୍ଠି ଯୋଗାଣ, ଅସ୍ତ୍ରଶସ୍ତ୍ର ବ୍ୟବସାୟ, ନିଶାଦ୍ରବ୍ୟ ଚୋରାଚାଲାଣ ଏବଂ ସୀମାପାର ଚୋରାବେପାରରେ ସହାୟତା କରୁଛନ୍ତି ବୋଲି 'ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ: ଅନ୍ତର୍ଜାତୀୟ ଆତଙ୍କବାଦ ଓ ସଂଗଠିତ ଅପରାଧ ମଧ୍ୟରେ ସମ୍ପର୍କ' ଶୀର୍ଷକ ଆଲୋଚନାରେ ଭାଗନେଇ ଆକବରୁଦ୍ଦିନ କହିଛନ୍ତି।

# ବନ୍ଧୁକ ଧରି ନାଚିଲେ ନିଲମ୍ବିତ ବିଧାୟକ

ଡେରାଡୁନ୍,୧୦।୭(ପି.ଟି.)



ଉତ୍ତରାଖଣ୍ଡର ନିଲମ୍ବିତ ଭାଜପା ବିଧାୟକ କୁଁୱର ପ୍ରଣବ ସିଂ ଚାମ୍ପିୟନ୍ ବୁଧବାର ଦୁଇହାତରେ ଦୁଇଟି ବନ୍ଧୁକ ଧରି ନାଚିବାର ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ଖାନପୁର ବିଧାୟକ ବଲିଉଡ୍‌ର ଲୋକପ୍ରିୟ ଗୀତର ତାଳେ ତାଳେ ଦୁଇଟି ରିଭଲ୍‌ଭର ଧରି ନାଚୁଛନ୍ତି ଏବଂ ଗୋଟିଏ କାର୍ବାଇନ୍ ତାଙ୍କ କାନ୍ଧରେ ଝୁଲି ରହିଛି। ଏଥିସହିତ ସେ ସାଙ୍ଗସାଥୀଙ୍କ ସହିତ ଚିୟର କରି ମଦ୍ୟପାନ କରୁଥିବାର ଦେଖାଯାଉଛି। ବିଧାୟକଙ୍କ ପାଇଁ ଏହି ବିବାଦ ନୂଆ ନୁହେଁ। କାରଣ ଭାଜପା ଗତମାସରେ ବିଶୃଙ୍ଖଳାପୂର୍ଣ୍ଣ ଆଚରଣ ପାଇଁ ତାଙ୍କୁ ଦଳରୁ ୩ମାସ ଲାଗି ନିଲମ୍ବିତ କରିଛି। ନୂଆଦିଲ୍ଲୀସ୍ଥିତ ଉତ୍ତରାଖଣ୍ଡ ନିବାସରେ ଜଣେ ଖବରଦାତାଙ୍କୁ ସେ ଧମକେଇବା ଅଭିଯୋଗ ହୋଇଥିଲା।

# ଆପୋଲୋ ୧୧ ମିଶନ୍‌କୁ ୫୦ବର୍ଷ

ୱାଶିଂଟନ୍,୧୦।୭(ଆଇଏଏନ୍‌ଏସ୍)



ଆମେରିକାର ଆପୋଲୋ ୧୧ ମିଶନ୍ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ୫୦ବର୍ଷ ପୂର୍ତ୍ତି ପାଳିତ ହେଉଛି। ସ୍ମାରକୀ ସ୍ୱରୂପ ଏହି ମହାକାଶ ଯାନକୁ ୱାଶିଂଟନ୍ ମନୁମେଣ୍ଟର ପୂର୍ବଭାଗରେ ପ୍ରଦର୍ଶିତ କରାଯିବ। ୩୬୩ ଫୁଟ ବିଶିଷ୍ଟ ଏହି ସଟର୍ନ ଭି ରକେଟ୍ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଜୁଲାଇ ୨୦ରେ 'ଆପୋଲୋ ୫୦: ଗୋ ଫର୍ ଦି ମୁନ୍' ଶୀର୍ଷକରେ ୧୭ ମିନିଟ୍‌ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ। ଏହା ଆପୋଲୋ ୧୧ ଲଞ୍ଚ୍ କାର୍ଯ୍ୟକ୍ରମକୁ ସ୍ମରଣ କରାଇବ। ଆପୋଲୋ ୧୧କୁ ୧୯୬୯ ଜୁଲାଇ ୧୬ରେ କେନେଡି ସ୍ପେସ୍ ସେଣ୍ଟରରୁ ଲଞ୍ଚ୍ କରାଯାଇଥିଲା। ୩ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍, ଏଡୱିନ୍ ଆଲଡ୍ରିନ୍ ଏବଂ ମାଇକେଲ କଲିନ୍ସଙ୍କୁ ନେଇ ଯାଇଥିବା ଏହି ମହାକାଶଯାନ ଜୁଲାଇ ୨୦ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଏହି ଉଲ୍ଲେଖନୀୟ ଦିବସକୁ ୫୦ବର୍ଷ ପୂରଣ ହୋଇଥିବାରୁ ଏହାକୁ ବିଶ୍ୱର ଏକ ଐତିହାସିକ ଦିନ ଭାବେ ବିବେଚନା କରାଯାଉଛି।

## ନିର୍ବାଚନ ପରେ ଅମେଠିକୁ ରାହୁଲଙ୍କ ପ୍ରଥମ ଗସ୍ତ

# ପରାଜୟ ପାଇଁ ସ୍ଥାନୀୟ ନେତାଙ୍କୁ ଦାୟୀ କଲେ

ଅମେଠି,୧୦।୭(ପି.ଟି.)



ଲୋକ ସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଥମ ଥର ପାଇଁ ନିଜ ନିର୍ବାଚନ ମଣ୍ଡଳୀ ଅମେଠି ଗସ୍ତରେ ଯାଇଥିଲେ। ପରାଜୟ ପାଇଁ ସେ ସ୍ଥାନୀୟ ନେତାଙ୍କୁ ଦୋଷ ଦେଇଛନ୍ତି। ସେମାନେ ଲୋକଙ୍କଠାରୁ ଦୂରେଇ ରହିଲେ ବୋଲି ରାହୁଲ କହିଛନ୍ତି। ତେବେ ରାହୁଲ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଛାଡ଼ି ଯିବେନାହିଁ। ଏହା ତାଙ୍କର ଘର ଓ ପରିବାର ବୋଲି ରାହୁଲ କର୍ମୀମାନଙ୍କୁ କହିଛନ୍ତି। ସେ ଏବେ ୱାୟାନଡ଼ର ଏମ୍‌ପି ହେଲେ ମଧ୍ୟ ଅମେଠି ସହ ତାଙ୍କର ତିନି ଦଶନ୍ଧିର ସମ୍ପର୍କ। ସେ ଦିଲ୍ଲୀରେ ଅମେଠି ପାଇଁ ଲଢ଼େଇ କରିବେ ବୋଲି କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ରାହୁଲ ଗୌରୀଗଞ୍ଜରେ ଦଳର ତିଲୋଇ ବିଧାନସଭା ପ୍ରଭାରୀ ମାତା ପ୍ରସାଦ ବୈଶଙ୍କ ଘରକୁ ଯାଇ ତାଙ୍କର ମୃତ ସମ୍ପର୍କୀୟଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ପରେ ସେ ନିର୍ମଳାଦେବୀ ଶିକ୍ଷାନୁଷ୍ଠାନରେ ଅନ୍ୟ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଅମେଠି ଆସନରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରାହୁଲଙ୍କୁ ୫୨୦୦୦ରୁ ଅଧିକ ଭୋଟରେ ପରାଜିତ କରିଛନ୍ତି।

# ଶିଶୁ ଯୌନ ଅପରାଧ ପାଇଁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୧୦।୭(ପି.ଟି.)

ପୋକ୍ସୋ ଆଇନରେ ସଂଶୋଧନକୁ ମଞ୍ଜୁରୀ

ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଆଇନରେ ସଂଶୋଧନକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏଥିରେ ଶିଶୁ ଯୌନ ଅପରାଧ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରଖାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଶିଶୁ କାମୋଦ୍ଦୀପକ ଦୃଶ୍ୟ ପ୍ରସାରଣ ରୋକିବା ଲାଗି ଜରିମାନା ଓ ଜେଲ୍‌ଦଣ୍ଡ ବ୍ୟବସ୍ଥା କରାଯାଇଛି। ଦେଶରେ ଶିଶୁ ଯୌନ ଅପରାଧ ସଂଖ୍ୟା ବଢ଼ିଚାଲିଥିବାରୁ ଏହାକୁ ରୋକିବା ଲାଗି କଠୋର ଆଇନର ଆବଶ୍ୟକତା ପଡୁଛି। ଏହି ଆଇନ ଅବହେଳିତ ଶିଶୁମାନଙ୍କୁ ବିପଦରୁ ରକ୍ଷା କରିବା ସହ ସେମାନଙ୍କୁ ନିରାପଦ ଓ ମର୍ଯ୍ୟାଦାର ସହ ବଞ୍ଚିବାରେ ସହାୟକ ହୋଇପାରିବ ବୋଲି ସରକାର କହିଛନ୍ତି।

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

ବାଲାଘାଟ୍,୧୦।୭(ପି.ଟି.)

ମଧ୍ୟପ୍ରଦେଶର ବାଲାଘାଟ୍ ଜିଲାରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ମହିଳାଙ୍କ ସମେତ ୨ ମାଓବାଦୀ ନିହତ ହୋଇଛନ୍ତି। ଜିଲା ସଦର ମହକୁମାଠାରୁ ୮୦ କିଲୋମିଟର ଦୂର ଦେୱାରୱାଲି ଅଞ୍ଚଳର ଏକ ଗାଁରେ ମଙ୍ଗଳବାର ମଧ୍ୟରାତ୍ରରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ନିହତ ମାଓବାଦୀ ହେଲେ ମଞ୍ଜେଶ୍ (୩୦) ଓ ନନ୍ଦା (୨୨)। ଉଭୟଙ୍କ ଘର ଛତିଶଗଡ଼ରେ।

# ମିସା ଭାରତୀଙ୍କ ବିରୋଧରେ ଚାର୍ଜଶିଟ୍

ନୂଆଦିଲ୍ଲୀ,୧୦।୭(ପି.ଟି.)

ମନି ଲଣ୍ଡରିଂ ମାମଲାରେ ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବଙ୍କ ଝିଅ ମିସା ଭାରତୀ ଓ ଅନ୍ୟମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଦିଲ୍ଲୀର ଏକ ଅଦାଲତରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ୩୫ ନୂଆ ଅଭିଯୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ବ୍ୟକ୍ତିବିଶେଷ ଓ ଅନ୍ୟଗୁଡ଼ିକ କମ୍ପାନୀ। ସ୍ୱତନ୍ତ୍ର ଜଜ୍ ଅରୁଣ ଭରଦ୍ୱାଜଙ୍କ କୋର୍ଟରେ ଦାଖଲ ପିଟିଶନ୍‌ରେ ୮ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ନାଁ ରହିଛି। କାଗଜପତ୍ରରେ କମ୍ପାନୀ ଚଳାଇ ସୁରେନ୍ଦ୍ର କୁମାର ଜୈନ, ତାଙ୍କ ଭାଇ ବୀରେନ୍ଦ୍ର ବହୁକୋଟି ଟଙ୍କା ମନି ଲଣ୍ଡରିଂ କରିଥିଲେ। ୨୦୧୭ରେ ଇଡି ସେମାନଙ୍କ ଘର ଉପରେ ଚଢ଼ାଉ କରିଥିଲା। ରାଜେଶ ଅଗ୍ରୱାଲ ନାମକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରାଯାଇଥିଲା। ସେ ମଧ୍ୟସ୍ଥ ଭୂମିକା ତୁଲାଇବା ସହ ଜୈନ ଭ୍ରାତାଙ୍କୁ ମିଶାଇଲ ପ୍ୟାକର୍ସ ଆଣ୍ଡ ପ୍ରିଣ୍ଟର୍ସ ପ୍ରା.ଲି.ରେ ନିବେଶ ଲାଗି ୯୦ ଲକ୍ଷ ଟଙ୍କା ଦେଇଥିଲେ। ମିସା ଭାରତୀ ଓ ତାଙ୍କ ସ୍ୱାମୀ ଏହି କମ୍ପାନୀର ନିର୍ଦ୍ଦେଶକ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କସିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ
ପର୍ସନାଲ, ବିଜନେସ୍,
କୃଷି, ବ୍ୟବସାୟ,
ସମ୍ପତି, କୁକୁଡାପାଳନ,
ଇଟାଭାଟି, ଆଧାର
କାର୍ଡ, ରାସନ କାର୍ଡ,
ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାର କାର୍ଡ ଏବଂ ସବୁ ପ୍ରକାର
ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

BUSINESS

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900





**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରାଇକିଆରୁ ଯୁବତୀ ଚାଲାଣ

**୨ ନାବାଳିକାଙ୍କ ସମେତ ୮ ଯୁବତୀ ଉଦ୍ଧାର, ଦଲାଲ ଗିରଫ**

**ରାଇକିଆ,୧୦।୭(ଡି.ଏନ୍.ଏ):** କନ୍ଧମାଳ ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବୁଧବାର ରାଜ୍ୟ ବାହାରକୁ ଯୁବତୀ ଓ ନାବାଳିକା ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଏକ ଘରୋଇ ବସ ଉପରେ ରାଇକିଆ ପୋଲିସ ଚଢାଉ କରି ୨ ନାବାଳିକା ଓ ୮ଜଣ ଯୁବତୀଙ୍କୁ ଉଦ୍ଧାର କରିଛି । ଏ ନେଇ ଏକ ମାମଲା(ନଂ. ୪୮/୧୯) ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପ୍ରସନ୍ନ କୁମାର ନାୟକ ନାମକ ଜଣେ ଦଲାଲଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୁଧବାର ସକାଳ ସାଢ଼େ ୭ଟାରେ ରାଇକିଆରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରେ ଯୁବତୀମାନେ ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ସେଠାରୁ ୨ ନାବାଳିକାଙ୍କ ସମେତ ୮ ଜଣ ଯୁବତୀଙ୍କୁ ଥାନାକୁ ଆଣି ପଚାରା ଉଚରା କରିବାରୁ ସମସ୍ତଙ୍କୁ ସମ୍ପୃକ୍ତ ଦଲାଲ ତାମିଲନାଡୁର ଏକ ଚିଙ୍ଗୁଡ଼ି କାରଖାନାରେ କାମ କରାଇବାକୁ ନେଇ ଯାଉଥିବା ଜଣାପଡ଼ିଥିଲା। ୨ ନାବାଳିକାଙ୍କୁ ସିଡବ୍ଲୁସିକୁ ଏବଂ ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳିକା ଓ ଯୁବତୀମାନେ ରାଇକିଆ, ଜି.ଉଦୟଗିରି ଓ ସାରଙ୍ଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି।

# ୮ ଘଣ୍ଟା ରାଜପଥ ଅବରୋଧ କଲେ ଚାଷୀ

**ମଣ୍ଡିରୁ ଧାନ ଉଠାଣ ଦାବି**

- ଗଜା ଧାନକୁ ଧରି ବିକ୍ଷୋଭ,ପ୍ରଶାସନ ନାକେଦମ
- ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ଜୁନାଗଡ,୧୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ନିକଟସ୍ଥ ଝାରକୁଣ୍ଡାମାଲ ଛକରେ ବୁଧବାର ଚାରବାହାଲ ଓ ବେଲଗୁଡା ଚାଷୀମାନେ ୨୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେମାନେ ମଣ୍ଡିରେ ବର୍ଷା ଯୋଗୁ ଗଜା ହୋଇଥିବା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୬ଟାରୁ ଅପରାହ୍ନ ୨ଟା ଯାଏ ୮ଘଣ୍ଟା ଧରି ଚାଷୀମାନେ ରାସ୍ତାରୋକୋ କରିଥିଲେ। ଏହା ଯୋଗୁ ଭବାନୀପାଟଣା–ଜୟପୁର ମଧ୍ୟରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୮ ଘଣ୍ଟା ପରେ ଘଟଣାସ୍ଥଳରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାଶ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ପ୍ରମୁଖ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଆଜି ମଣ୍ଡିରୁ ଧାନ ଉଠାଣ କରାଯାଉ, ନଚେତ୍ ରାସ୍ତାରୋକୋ ଚାଲିବ ବୋଲି ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କୁ ବୁଝାଇବା ପାଇଁ ନାକେଦମ ହେବାକୁ ପଡିଥିଲା। ଅପରାହ୍ନ ୨ଟା ପରେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଗୁରୁବାରଠାରୁ ଧାନ ଉଠାଣ କରାଯିବ ବୋଲି ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ଜୁଲାଇ ୧ ତାରିଖଠାରୁ ମଣ୍ଡି ବନ୍ଦ ରହିଛି। କେତେକ ମଣ୍ଡିରେ ଧାନ କିଣା ଶେଷ ହୋଇଛି । ଆଉ କିଛି ମଣ୍ଡିରେ ଟାର୍ଗେଟ ଅଭାବରୁ ମଣ୍ଡି ବନ୍ଦ ରହିଛି। ଜୁନାଗଡ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୬ଟି ମଣ୍ଡିରେ ୧୨୦୫୬ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ସେଥିମଧ୍ୟରୁ ବେଲଗୁଡା ମଣ୍ଡିରେ ୫୪୩୧ କୁଇଣ୍ଟାଲ, ଚାରାବାହାଲରେ ୩୦୩୩, ଚକୁଳି ମଣ୍ଡିରେ ୧୧୨୦, ଦେଉଣ୍ଡିରେ ୭୬୦, ହାବସପୁରରେ ୧୧୭୮କୁଇଣ୍ଟାଲ ଓ ମାଲିଗୁଡାରେ ୫୩୪ କୁଇଣ୍ଟାଲ ଧାନ ପଡିରହିଛି। ଟାର୍ଗେଟ ଅଭାବରୁ ଏହି ସବୁ ମଣ୍ଡିରୁ ଧାନ ଉଠି ପାରୁ ନାହିଁ। ଗତ ୧୫ଦିନ ହେବ ଚାଷୀମାନେ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିପାରି ନାହାନ୍ତି। ଏପଟେ ଲଗାଣ ବର୍ଷା ଚାଷୀଙ୍କ ପାଇଁ ଦାଉ ସାଧିଥିଲା। ଖୋଲା ଆକାଶ ତଳେ ମଣ୍ଡିଗୁଡିକ ଚାଲିଥିବାରୁ କିଛି ଚାଷୀଙ୍କ ଧାନ ଭିଜିଯାଇ ଗଜା ହୋଇଯାଇଥିଲା। ଫଳରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଥିଲା। ଶୀଘ୍ର ମଣ୍ଡିରୁ ଧାନ ଉଠାଣ କରିବାକୁ ଦାବି ନେଇ ଚାଷୀମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ଚାଷୀମାନେ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ଗତ ରଥଯାତ୍ରା ସମୟରେ ମଣ୍ଡିରେ ଧାନ ନ ଉଠିବାରୁ ବେଲଗୁଡାର ଚାଷୀମାନେ ଅଭିନବ ପ୍ରତିବାଦ କରିଥିଲେ। ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କୁ ରଥରେ ନେବା ପରିବର୍ତ୍ତେ ଏକ ଟ୍ରାକ୍ଟରରେ ନେଇଥିଲେ।



ଚାଷୀମାନେ ଗଜା ହୋଇଯାଇଥିବା ଧାନକୁ ଧରି ବିକ୍ଷୋଭ କରିବା ସହ ରାସ୍ତାରୋକୋ କରୁଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

**ଭୁବନେଶ୍ୱର,୧୦।୭(ବ୍ୟୁରୋ):** ସାମୁଦ୍ରିକ ଝଡ ଫନୀ ପରବର୍ତ୍ତୀ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବିଭିନ୍ନ ସୂତ୍ରରୁ ଆୟ ଆସୁଛି। ସେହି କ୍ରମରେ ବୁଧବାର ମହୀଶୂରର ବ୍ୟାଙ୍କ ନୋଟ୍ ପେପର ମିଲ ପ୍ରାଃ ଲିଃ ପକ୍ଷରୁ ୭୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ କେ.ଜି. ବିଶ୍ୱନାଥନ ଏବଂ କମ୍ପାନୀ ସେକ୍ରେଟାରୀ ଲକ୍ଷ୍ମୀଶ ବାବୁ ଏସ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ବ୍ରହ୍ମମ୍ ନେଟ୍ ସଲ୍ୟୁଶନ୍ ପ୍ରାଃ ଲିଃ ପକ୍ଷରୁ ଏହାର ଜେନେରାଲ ମ୍ୟାନେଜର ସଞ୍ଜୀବାନନ୍ଦ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୧,୨୩,୬୦୦ ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେରଳ ୟୁନିୟନ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ଅଫିସର ସଂଘ ପକ୍ଷରୁ ୩୬,୧୦୦ ଟଙ୍କା ସିଏମ୍‌ଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଏହିପରି ଭାବେ ସମୁଦାୟ ୭୬,୫୯,୭୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମିଳିଛି।

### ମିକ୍ସର ବୋଝେଇ ଗାଡ଼ି ଓଲଟି ୨ଶ୍ରମିକ ମୃତ, ୫ ଗୁରୁତର

**ନୀଳଗିରି/ସଜନାଗଡ଼, ୧୦।୭ (ଡି.ଏନ.ଏ.):** ରାଜ୍ୟ ରାଜପଥ ନୀଳଗିରି-ଉଦଳା ରାସ୍ତାରେ ଶ୍ରମିକଙ୍କୁ ନେଇ ଆସୁଥିବା ଏକ ଟାଟା ଏସି ଗାଡ଼ି ବୁଧବାର ସ୍ଥାନୀୟ ଏନ୍ଏସି ଘାଟଘରସାହି ଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗାଡିରେ ଏକ ମିକ୍ସର ମେଶିନ ବୋଝେଇ କରି ନିର୍ମାଣ କାର୍ଯ୍ୟ ଲାଗି ନିଆଯାଉଥିଲା। ରାସ୍ତାରେ ଅନ୍ୟ ଏକ ଗାଡିକୁ ଓଭରଟେକ୍ କରିବା ବେଳେ ଟାଟା ଏସି ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡିବାରୁ ମିକ୍ସର ମେଶିନ ତଳେ ୨ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଥାନା ଅଧୀନ ତେଣ୍ଡା ଗାଁର ଗୁରୁବାରି ସିଂ (୨୨) ଓ ମିନତି ସିଂ(୩୫)। ଏଭଳି ରାସ୍ତା ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ଆହତଙ୍କୁ ଚିକିତ୍ସା ଲାଗି ପଠାଇଥିଲା। ଡାକ୍ତରଖାନାର ୨ ଶ୍ରମିକଙ୍କୁ ମୃତ ଘୋଷଣା କରାଯାଇଥିଲା। ଆହତ ଶ୍ରମିକମାନେ ହେଲେ ତେଣ୍ଡା ଗାଁର ନୁଣିମଣି ସିଂ, ଲୁଧା ସିଂ, ମିନତି ସିଂ, ପାନମଣି ସିଂ, ସୋମବାରି ସିଂ।

## ଡେରାବିଶରେ ପ୍ରତାପ ଷଡ଼ଙ୍ଗୀଙ୍କ ରୋଡ଼ଶୋ

### ‘ବିଜୟଙ୍କ ବିଜୟରେ ପାଟକୁରାର ବିକାଶ ରହିଛି’



ରୋଡ୍‌ଶୋରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ବିଜୟ ମହାପାତ୍ର।

**କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ(ସ୍ୱ.ପ୍ର.)୧୦।୭**

ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର କେନ୍ଦ୍ରାପଡ଼ା ଜିଲା ମଧ୍ୟରେ ସୀମିତ ନୁହନ୍ତି, ରାଜ୍ୟ ରାଜନୀତି ପାଇଁ ତାଙ୍କର ଆବଶ୍ୟକତା ରହିଛି । ତାଙ୍କ ବିଜୟରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ହୋଇପାରିବ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି । ନିର୍ବାଚନୀ ପ୍ରଚାର ପାଇଁ ସେ କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକକୁ ଆସିଥିଲେ । ଅପରାହ୍ନରେ ପଞ୍ଚୁପାଣ୍ଡବଠାରୁ ଛତା ପର୍ଯ୍ୟନ୍ତ ରୋଡ ଶୋ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ବିଜୟ ବିଧାନସଭାକୁ ଗଲେ ଶାସକ ଦଳର ବହୁ ଦୁର୍ନୀତିର ମୁଖା ଖୋଲିଯିବ । ଏଥିପାଇଁ ଶାସକ ଦଳ ପକ୍ଷରୁ କଳ ଓ ବଳ ପ୍ରୟୋଗ କରାଯାଉଛି । ତଥାପି ବିଜୟଙ୍କ ବିଜୟ ପାଇଁ ପାଟକୁରାବାସୀ କେବେ ପଛଘୁଞ୍ଚା ଦେବେ ନାହିଁ । ରୋଡ ଶୋ’ରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭୃଗୁ ବକ୍ସିପାତ୍ର, ରାଜ୍ୟ ଉପସଭାପତି ଭୁବନମୋହନ ଜେନା, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ଦେବବ୍ରତ ଚୌଧୁରୀ, ରବି ପାଣି, ମମତାମୟୀ ସାମଲ ପ୍ରମୁଖ ଭାଜପା କର୍ମକର୍ତ୍ତା ଓ ସମର୍ଥକମାନେ ସାମିଲ ହୋଇଥିଲେ ।

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ୍ୟୁ ଘଟଣା, ସେସୁ ନାଁରେ ମାମଲା

**କଟକ ସଦର, ୧୦।୭ (ଡି.ଏନ୍.ଏ.):** ବିଦ୍ୟୁତ୍ ଆଘାତରେ ମଙ୍ଗଳବାର କଟକ ସଦର ଥାନା ବ୍ରହ୍ମପୁର ପଞ୍ଚାୟତ ଶ୍ରୀରାମ ଗ୍ରାମର ପଞ୍ଚମ ଶ୍ରେଣୀ ଛାତ୍ର ସୁବ୍ରାଜ ଆଚାର୍ଯ୍ୟ(ମିକୁ)ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବୁଧବାର ମିକୁଙ୍କ ପରିବାର ଲୋକେ ସେସୁ ବିରୋଧରେ ୪୨ମୌଜା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୨୯୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ମିକୁ ଟ୍ୟୁଶନରୁ ଘରକୁ ଫେରୁଥିବା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟର ଷ୍ଟେ କୁ ଛୁଇଁଦେଇଥିଲେ। ଏହି ଷ୍ଟେ ରେ ବିଦ୍ୟୁତ୍ ଚାର୍ଜ ଥିବାରୁ ସେଠାରେ ସେ ତଳେ ପଡିଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଶୋକକୁଳ ପରିବେଶରେ ଶ୍ରୀରାମ ଗ୍ରାମରେ ମିକୁଙ୍କ ଅନ୍ତିମ ସତ୍କାର କରାଯାଇଥିଲା।

- ପୋଲିସର ଦୁର୍ବ୍ୟବହାର ଅଭିଯୋଗ

## ଓକିଲଙ୍କ ଥାନା ଘେରାଉ

**ଆଜି କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି**

**ବରଗଡ଼ ଅଫିସ,୧୦।୭**

ବରଗଡ଼ ଜିଲା ଓକିଲ ସଂଘର ଜଣେ ସଭ୍ୟ ବିନୟ ଜୋଷୀଙ୍କୁ ବୁଧବାର ସ୍ଥାନୀୟ ସଦର ଥାନା ଆଇଆଇସି କଲ୍ୟାଣୀ ବେହେରା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସନ୍ଧ୍ୟା ପ୍ରାୟ ୭ଟା ୧୫ମିନିଟ୍‌ରେ ଓକିଲ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ସଦର ଥାନା ଘେରାଉ କରିବା ସହିତ ଧାରଣା ଦେଇ ଆଇଆଇସି ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାଏକ ସେଠାରେ ପହଞ୍ଚି ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଘଟଣା ଉପରେ ଗୁରୁବାର ପୂର୍ବାହ୍ନ ସୁଦ୍ଧା ଏସ୍‌ପି ବିହିତ ପଦକ୍ଷେପ ନେବେ ବୋଲି ଡିଏସ୍‌ପି ନାୟକ ସୂଚନା ଦେଇଥିଲେ । ଏହାପରେ ଓକିଲମାନେ ରାତ୍ରି ପ୍ରାୟ ସାଢ଼େ ୮ଟାରେ ଧାରଣାରୁ ଓହରିଥିଲେ। ସେଠାରୁ ଫେରିବା ପରେ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ବସିଥିଲା । ବୈଠକରେ ଏହି ଘଟଣା ପ୍ରତିବାଦରେ ଗୁରୁବାର ଓକିଲ ସଂଘ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ଏ ସଂକ୍ରାନ୍ତରେ ରାଜ୍ୟ ବାର୍ କାଉନସିଲର ଦୃଷ୍ଟି ଆକର୍ଷଣ କରିବ ବୋଲି ନିଷ୍ପତ୍ତି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ କଚେରି କାମ ସାରିବା ପରେ ଓକିଲ ସଂଘର ସଭ୍ୟ ଜୋଷୀ କୌଣସି ଏକ ମାମଲା କାମରେ ସଦର ଥାନାକୁ ଯାଇଥିଲେ । ସେତେବେଳେ ଥାନା ଆଇଆଇସି ବେହେରା ନ ଥିବାରୁ ସେଠାରେ ସେ ତାଙ୍କୁ ଅପେକ୍ଷା କରିଥିଲେ । ଆଇଆଇସି ପହଞ୍ଚିବା ପରେ ଓକିଲ ଜୋଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହିତ ଥାନାରୁ ଚାଲିଯିବାକୁ କହିଥିଲେ। ଏ ନେଇ ଜୋଷୀ ଜିଲା ଓକିଲ ସଂଘକୁ ଜଣାଇବା ପରେ ସଂଘ ସଭାପତି ବେଲାଲସେନ ସରାଫ, ସମ୍ପାଦକ ହେମନ୍ତ ପୁରୋହିତ, ଉପସଭାପତି ସରୋଜ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା, ଲିପସିତ୍ ମିଶ୍ର, ଅନୁପ ଶତପଥୀ, ବିକ୍ରମାଦିତ୍ୟ ପଣ୍ଡା, ବିମଳ ଦାଶ, ହରିହର ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସଭ୍ୟ ସଦର ଥାନାକୁ ପହଞ୍ଚି ଧାରଣା ଦେଇଥିଲେ। ଏ ସମ୍ପର୍କରେ ସଦର ଥାନା ଆଇଆଇସି ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଓକିଲଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର ପ୍ରଦର୍ଶନ କରି ନାହାନ୍ତି । ସେତେବେଳେ ସେ ଜଣେ ମହିଳାଙ୍କୁ ପଚରାଉଚୁରା କରୁଥିଲେ। ଓକିଲଙ୍କୁ ତାଙ୍କ (ଆଇଆଇସି) ଚ୍ୟାମ୍ବରରେ ବସିବା ପାଇଁ କହିଥିଲେ ବୋଲି ବେହେରା ପ୍ରକାଶ କରିଛନ୍ତି ।

### ପଣ୍ଡା କଲୋନୀରେ ଆତଙ୍କରାଜ

**ବ୍ରହ୍ମପୁର ଅଫିସ,୧୦।୭:** ବ୍ରହ୍ମପୁର ସହର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀରେ ବୁଧବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଗୋଷ୍ଠୀର ଯୁବକମାନେ ଅନ୍ୟ ଏକ ଗୋଷ୍ଠୀର ବାଇକ୍‌ରେ ନିଆଁ ଲଗାଇ ଦେବା ସହ ସାହିରେ ଖଣ୍ଡାକାଟି ଧରି ଆତଙ୍କରାଜ ଚଳାଇଛନ୍ତି। ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ଥାନାଧିକାରୀ ସାରଦା ପ୍ରସାଦ ଦାସଙ୍କ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। କ’ଣ ପାଇଁ ଏଭଳି ଘଟଣା ଘଟିଛି ସେ ସମ୍ପର୍କରେ ପୋଲିସ କିଛି ସୂଚନା ଦେଉନାହିଁ। ବୁଧବାର ରାତିପ୍ରାୟ ସାଢ଼େ ୮ଟାରେ ପଣ୍ଡା କଲୋନୀରେ ରହୁଥିବା ଏକ ଗୋଷ୍ଠୀର ଅପରାଧୀଙ୍କୁ ଟାର୍ଗେଟ କରି ଅନ୍ୟ କେତେକ ଦୁର୍ବୃତ୍ତ ବାଇକ୍ ଧରି ସେଠାରେ ପହଞ୍ଚିଥିଲେ। ଏହି ଖବର ପାଇ ପଣ୍ଡା କଲୋନୀରେ ରହୁଥିବା ଅପରାଧୀ ଗୋଷ୍ଠୀ ସେମାନଙ୍କ ଉପରେ ଖଣ୍ଡା କାତିରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଅପରାଧୀମାନେ ଗାଡ଼ି ଛାଡ଼ି ଛତ୍ରଭଙ୍ଗ ଦେଇଥିଲେ। ପଣ୍ଡା କଲୋନୀରେ ରହୁଥିବା ଦୁର୍ବୃତ୍ତମାନେ ଅପରଗୋଷ୍ଠୀର ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ବାଇକ୍‌ଗୁଡ଼ିକୁ ଭଙ୍ଗାରୁଜା କରିବା ସହ ସେଥିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସେଠାରେ ଏକ ପ୍ରକାର ଭୟଙ୍କର ବାତାବରଣ ଦେଖା ଦେଇଥିଲା। ଏଭଳି ଘଟଣା ଘଟିବା ପରେ ପୋଲିସ ସେଠାରେ ପହଞ୍ଚି ଆତଙ୍କ ଚଳାଇଥିବା ଯୁବକମାନଙ୍କୁ କାବୁ କରିବା ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ କରିଛି। ପୋଲିସ ଏହି ଗ୍ୟାଙ୍ଗୱର ପଛରେ କାହାର ହାତ ରହିଛି ତା’ର ଖୋଳତାଡ଼ କରୁଥିବା ଜଣାପଡ଼ିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ରେଲୱେ ବ୍ୟୟବରାଦ: ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ରେଳ ବଜେଟ ବ୍ୟୟବରାଦକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟକୁ ପୂର୍ବାପେକ୍ଷା ଅଧିକ ଅର୍ଥ ମିଳିଥିବାରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସ୍ୱାଗତ କରିଛନ୍ତି। ହେଲେ ରାଜ୍ୟ ଆହୁରି ଅଧିକ ବ୍ୟୟବରାଦ ପାଇବାର ଯୋଗ୍ୟ ବୋଲି ମତ ରଖିଛନ୍ତି। ପଦ୍ମନାଭ କହିଛନ୍ତି ଯେ, ରାଜ୍ୟକୁ ପୂର୍ବାପେକ୍ଷା ଅଧିକ ଅର୍ଥ ମିଳିଛି, ସେଥିପାଇଁ ଧନ୍ୟବାଦ। ହେଲେ ରାଜ୍ୟ ଅଧିକ ରାଜସ୍ୱ ମଧ୍ୟ ଦେଉଛି। ସେହି ହିସାବରେ ଆହୁରି ଅଧିକ ଅର୍ଥ ପାଇବାକୁ ହକ୍‌ଦାର ଥିଲା। ରାଜ୍ୟର ରେଲୱେ ବିକାଶରେ କେନ୍ଦ୍ର/ରାଜ୍ୟ ଉଭୟଙ୍କ ଭୂମିକା ରହିଛି। ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିବା ରାଜ୍ୟ ସରକାରଙ୍କ କାର୍ଯ୍ୟ। କେଉଁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କେତେଦୂର ଅଗ୍ରଗତି କରିଛି, ତାହା ଆସନ୍ତା ୨୫ରେ ସମୀକ୍ଷା କରାଯିବ। ବିଭିନ୍ନ ପ୍ରକଳ୍ପକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ପଦ୍ମନାଭ କହିଛନ୍ତି।

ବିରୋଧୀ କଂଗ୍ରେସ ବଜେଟ ବ୍ୟୟବରାଦକୁ ଚପଳାମି ବୋଲି କହିଛନ୍ତି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ରାଜ୍ୟରୁ ପ୍ରାୟ ୨୦ରୁ ୨୨ ହଜାର କୋଟିର ରାଜସ୍ୱ ଆଦାୟ କରୁଛି। ହେଲେ ସେହି ତୁଳନାରେ ଅର୍ଥ ଦେଉନାହିଁ। ବିଭିନ୍ନ ପ୍ରକଳ୍ପ ବାବଦକୁ ଅର୍ଥର ପରିମାଣ ବୃଦ୍ଧି ଘଟିଥିବା ଦେଖାଯାଉଛି, ହେଲେ ନୂଆ ପ୍ରକଳ୍ପ ନେଇ କୌଣସି ଘୋଷଣା ହୋଇ ନାହିଁ। ସିଧାସଳଖ ଓଡ଼ିଆ ଯୁବକ ନିଯୁକ୍ତି ପାଇବା ଭଳି କୌଣସି ସମ୍ଭାବନା ନାହିଁ। କାର୍ଗୋ ଏବଂ ଯାତ୍ରୀ ଭଡ଼ା ଯେଉଁ ପରିମାଣରେ ଆଦାୟ କରାଯାଉଛି, ସେହି ପରିମାଣରେ ବ୍ୟୟବରାଦ ହ୍ରାସ ପାଇଥିବା ସତ୍ୟ ପ୍ରକାଶ କହିଛନ୍ତି।

ଅପରପକ୍ଷରେ ଭାଜପା ଉପସଭାପତି ସମୀର ମହାନ୍ତି ବଜେଟକୁ ସ୍ୱାଗତ କରିଛନ୍ତି। ସମୀର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱ ନେବାଠାରୁ ରାଜ୍ୟକୁ ରେଲୱେ ଅର୍ଥ ବ୍ୟୟବରାଦ ବୃଦ୍ଧି ପାଇବାରେ ଲାଗିଛି। ୟୁପିଏ ତୁଳନାରେ ଏନ୍‌ଡିଏ ସବୁ ସମୟରେ ଅଧିକ ଅର୍ଥ ପ୍ରଦାନ କରିଛି। ରାଜ୍ୟକୁ ଏଥର ରେକର୍ଡ ଅର୍ଥ ମିଳିଛି, ବିଭିନ୍ନ ପ୍ରକଳ୍ପକୁ ବ୍ୟୟବରାଦ ବୃଦ୍ଧି ପାଇଛି। କେନ୍ଦ୍ରୀୟ ବ୍ୟୟବରାଦ ପାଖାପାଖି ୬୦୦୦ କୋଟିରେ ପହଞ୍ଚିଥିବା ସମୀର କହିଛନ୍ତି।

- ଜାତୀୟ ଶିକ୍ଷାନୀତି ପାଇଁ ପରାମର୍ଶଦାତା ବୈଠକ

## ରାଜ୍ୟ ସରକାର ୩୧ ସୁଦ୍ଧା କେନ୍ଦ୍ରକୁ ପ୍ରସ୍ତାବ ଦେବେ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**




ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅଧିକାରୀମାନେ।

କେନ୍ଦ୍ର ସରକାର ନୂତନ ‘ଜାତୀୟ ଶିକ୍ଷାନୀତି’ ପ୍ରଣୟନ କରିବାକୁ ଯାଉଛନ୍ତି। ଏଥିରେ ଓଡ଼ିଶା ପାଇଁ ଯାହା ସର୍ବୋତ୍ତମ ହେବ ସେପରି ପ୍ରସ୍ତାବ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଚିଠା ଜାତୀୟ ଶିକ୍ଷା ନୀତି–୨୦୧୯ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ପରାମର୍ଶଦାତା ବୈଠକ ଇମେଜ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ସାହୁ କହିଲେ, ଓଡ଼ିଶାର ସାମାଜିକ, ଭୌଗୋଳିକ ଓ ମାନବସମ୍ବଳ ସ୍ଥିତିକୁ ବିଚାର କରି କେନ୍ଦ୍ର ସରକାରଙ୍କୁ ସୁଚିନ୍ତିତ ମତାମତ ଓ ପରାମର୍ଶ ଦିଆଯିବ। ପୂର୍ବଭାରତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ‘ଶିକ୍ଷା ହବ୍’ ଭାବରେ ପରିଚିତ। ଏଠାରେ ସଂସ୍କୃତ, ସଂସ୍କୃତି, ଓଡ଼ିଆ, କୃଷି, ଯାନ୍ତ୍ରିକ ବିଦ୍ୟା, ମୌଳିକ ବିଜ୍ଞାନ, ଭେଷଜ ଶାସ୍ତ୍ର, ଆଇନ୍, ମ୍ୟାନେଜ୍‌ମେଣ୍ଟ, ପ୍ରଯୁକ୍ତିବିଦ୍ୟା ପାଠ୍ୟକ୍ରମ, କେନ୍ଦ୍ରୀୟ, ମହିଳା, ଏକକ ମାନ୍ୟତାପ୍ରାପ୍ତ ଆଦି ବହୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ରହିଛି। ଏଥିସହିତ ଗ୍ରାମ୍ୟ ଓ ଜନଜାତି ବିଶ୍ୱବିଦ୍ୟାଳୟ ବିଷୟରେ ମଧ୍ୟ ଦାବି ହେଉଛି। ତେଣୁ ଚିଠା ପ୍ରସ୍ତାବର ସଂଶୋଧନ, ପରିବର୍ତ୍ତନ ଓ ସମ୍ପ୍ରସାରଣରେ ଓଡ଼ିଶାର ଅବଦାନ ଓ ପ୍ରତିନିଧିତ୍ୱ ରହିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୩୧ତାରିଖ ସୁଦ୍ଧା ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବୈଠକରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟ ଅଧକ୍ଷା, ଅଧକ୍ଷ, ଶିକ୍ଷାବିତ୍, ବିଦ୍ୱାନ, ଶିକ୍ଷା ପ୍ରଶାସକ ଯୋଗଦେଇ ଚିଠା ପ୍ରସ୍ତାବର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ସୁଚିନ୍ତିତ ମତାମତ ଦେଇଥିଲେ। ପ୍ରାରମ୍ଭରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଚିଠା ପ୍ରସ୍ତାବ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥାପନା କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଓ ମତାମତକୁ ତର୍ଜମା କରାଯାଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ସାହୁ କହିଛନ୍ତି।

## ଫଳକ କାନ୍ଥ ଭୁଶୁଡି ଆହତ ଛାତ୍ର ଆଖି ବୁଜିଲେ

**ପୁରୁଷୋତ୍ତମପୁର, ୧୦।୭ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ବାଘଲା ପଞ୍ଚାୟତ ଆଙ୍ଗୁ ନୂତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସୂଚନା ଫଳକ କାନ୍ଥ ଭୁଶୁଡି ଷଷ୍ଠଶ୍ରେଣୀ ଛାତ୍ର ଶ୍ୟାମସୁନ୍ଦର ଦାସ ଗୁରୁତର ଆହତ ହୋଇଥିଲେ। ବୁଧବାର ସକାଳେ ବ୍ରହ୍ମପୁର ବଡ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବ୍ରହ୍ମପୁର ମେଡିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୩୭୦/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ କହିଛନ୍ତି। ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ଜଣେ ଛାତ୍ରଙ୍କ ଜୀବନ ଗଲା, ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ମୃତ ଛାତ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ପୂର୍ବତନ ଯନ୍ତ୍ରୀଙ୍କ ଉପରେ ଦୋଷ ଲଦିଛନ୍ତି। ଅପରପକ୍ଷରେ ଶିକ୍ଷା ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛି।

ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶରେ ବୁଧବାର ଏବିଇଓ ପ୍ରଦୀପ କୁମାର ଆଚାରି ବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୟାନ ରେକର୍ଡ କରିଛନ୍ତି। ବିଇଓ ହରେକୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶିକ୍ଷକ କଲ୍ୟାଣ ପାଣ୍ଠିରୁ ୧୨ହଜାର ଟଙ୍କା ମୃତ ଛାତ୍ରଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯିବ । ତାଙ୍କ ପରିବାର ପାଇଁ ୨ଲକ୍ଷ ଟଙ୍କା ସହାୟତା ଦେବା ବ୍ୟବସ୍ଥା କରାଯିବ। ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

ବିଦ୍ୟାଳୟ ମରାମତି ଓ ପାଚେରୀ ନିର୍ମାଣ ଲାଗି ତିତ୍‌ଲି ସହାୟତା ଅନୁଦାନ ୧ଲକ୍ଷ ୬୫ହଜାର ଟଙ୍କା ମଞ୍ଜୁର ହୋଇଥିଲା।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବୃକ୍ଷରୋପଣ କାର୍ଯ୍ୟକ୍ରମ, କମିଶନରେଟ ପୋଲିସ ସ୍ୱତନ୍ତ୍ର ସୁରକ୍ଷା ବଳ ବାଟାଲିୟନ, ଦୂରଦର୍ଶନ କଲୋନୀ ନିକଟ, ସକାଳ ୮ଟା।
- ରାଜ୍ୟ ପୋଲିସ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ଗ୍ରୁପ ସେଣ୍ଟର, ସିଆରପିଏଫ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ପ୍ରଜ୍ଞା ଏକାଡେମିକ ଆଣ୍ଡ କଲଚରାଲ ଟ୍ରଷ୍ଟ ଓ ପୁଣ୍ୟ ଉତ୍କଳ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସଙ୍ଗୀତ ପରିବେଷଣ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସପ୍ତରଙ୍ଗ ପକ୍ଷରୁ ମୃଦୁଗୁଞ୍ଜନ ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ଆର୍‌ଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ନାମରେ ସିବିଆଇର ମାମଲା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ଚଢ଼ାଉ କରାଯାଇଥିଲା। ଦୁର୍ନୀତି, ଭ୍ରଷ୍ଟାଚାର, ହେରଫେର, ଚୋରା ବନ୍ଧୁକ ଚାଲାଣ, ଚିଟ୍‌ଫଣ୍ଡ ଭଳି ୩୦ ଭିନ୍ନ ଭିନ୍ନ ମାମଲାକୁ ନେଇ ପ୍ରାୟ ୧୯ ରାଜ୍ୟର ୧୧୦ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ସିବିଆଇ ପକ୍ଷରୁ ଓଡ଼ିଶାର ରାଉରକେଲା, କଟକ ଓ ଭୁବନେଶ୍ୱରରେ ଚଢ଼ାଉ କରାଯାଇଥିଲା। ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବୋକାରୋ ଷ୍ଟିଲ ପାଣ୍ଟର ପୂର୍ବତନ ସିଇଓ ରାଜବୀର ସିଂ ସମେତ ୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ରାଜବୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବୋକାରୋରେ କାର୍ଯ୍ୟ କରୁଥିବା ବେଳେ ରାଜବୀର ନିଜ ଝିଅ ବିବାହ କାର୍ଯ୍ୟରେ ୨୯ ଲକ୍ଷ ଟଙ୍କା ବେଆଇନ ଖର୍ଚ୍ଚ କରିଥିଲେ। ଯାହାକୁ ପରବର୍ତ୍ତୀ ସମୟରେ ପ୍ଲାଣ୍ଟ କାର୍ଯ୍ୟରେ ଖର୍ଚ୍ଚ କରିଥିଲେ ବୋଲି ଦର୍ଶାଇଥିଲେ। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ରାଉରକେଲାରେ ରାଜବୀରଙ୍କୁ ପଚରାଉଚରା କରାଯାଇଥିଲା। ଆର୍ଥିକ ଅନିୟମିତତା କରିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଛି।

## କାରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ଭୁବନେଶ୍ୱର, ୧୦।୭(ବ୍ୟୁରୋ):** ରାଜଧାନୀରେ ଦିନକୁଦିନ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧୀମାନଙ୍କ ଲୁଟପାଟ ବଢ଼ିବାରେ ଲାଗିଛି। ପାସ୍‌ପୋର୍ଟ ଅଫିସ ନିକଟରେ ବୁଧବାର ଅପରାହ୍ନରେ ଜଣେ ଇଞ୍ଜିନିୟରଙ୍କ କାରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ର ତନାଘନା ଆରମ୍ଭ ହୋଇଛି। ପୋଲିସ ସୂଚନା ମୁତାବକ, ରାଜେଶ ସ୍ୱାଇଁ ନାମକ ଜଣେ ସଫ୍ଟୱେର ଇଞ୍ଜିନିୟର ବୁଧବାର ମଧ୍ୟାହ୍ନରେ ପାସ୍‌ପୋର୍ଟ କାର୍ଯ୍ୟାଳୟ ନିକଟରେ କାର ପାର୍କିଂ କରିଥିଲେ। ତାଙ୍କ ସହ ତାଙ୍କ ସ୍ତ୍ରୀ ଓ ସାନ ଭାଇ ମଧ ଥିବା ବେଳେ ସମସ୍ତେ କାରରୁ ଓହ୍ଲାଇ କାମରେ ଭିତରକୁ ଯାଇଥିଲେ। ସେଠାରୁ ଫେରି କାରରୁ ତାଙ୍କ ସ୍ତ୍ରୀଙ୍କର ଭ୍ୟାନିଟି ବ୍ୟାଗ ନ ଥିବା ଦେଖିବାକୁ ପାଇଥିଲେ। ଏଥିସହ ସେଥିରେ ଥିବା ଟଙ୍କା, ମୋବାଇଲ ଫୋନ ଏବଂ ସୁନା ମୁଦି ଓ ଚେନ ସହ ଜରୁରୀ କାଗଜପତ୍ର ଗାଏବ ହୋଇଯାଇଥିଲା।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

**ପୁରୁଣା ଭୁବନେଶ୍ୱର, ୧୦।୭ (ଡି.ଏନ.ଏ.):** ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ଜୁନ ୮ରେ ଶିଶୁପାଳଗଡ ଅଞ୍ଚଳର କକା, ପୁତୁରା ଅପହରଣ କରି ନେଇଥିଲେ। ଏ ନେଇ ପରିବାର ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ପରେ ସିଡବ୍ଲୁସି ନାବାଳିକାକୁ କାଉନସିଲିଂ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ହେଲେ ପୋଲିସକୁ ଖାତିର ନ କରି ଜୁନ ୧୬ରେ ନାବାଳିକାଙ୍କୁ ଅଭିଯୁକ୍ତ ପୁଣି ଥରେ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ମା' ଏ ନେଇ ଥାନାରେ ପୁଣିଥରେ ଅଭିଯୋଗ କରିବା ପରେ ବୁଧବାର ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତ ଚନ୍ଦନ ଓରଫ ଉତ୍ତମ ମହାପାତ୍ର(୨୫)ଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବରମୁଣ୍ଡା ବସ୍‌ଷ୍ଟାଣ୍ଡ

# ସ୍ୱପ୍ନରେ ବିଶ୍ୱସ୍ତରୀୟ ଟର୍ମିନାଲ

- ଟ୍ରୋଲ୍ ହେଉଛି ମୁଖ୍ୟମନ୍ତ୍ରୀଙ୍କ ପୁରୁଣା ଟୁଇଟ୍
- ଆବର୍ଜନା ଭର୍ତ୍ତି, ଦୁର୍ଗନ୍ଧରେ ନାକ ଫାଟିପଡୁଛି
- ବର୍ଷା ବଢ଼ାଇଛି ଦୁର୍ଦ୍ଦଶା, ଯାତ୍ରୀ ଭୋଗୁଛନ୍ତି ହୀନସ୍ତା



**୧୮୦ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟସିଟିର ସ୍ମାର୍ଟ ବସ୍ ଟର୍ମିନାଲ ରୂପ ନେଇଥାନ୍ତା ବରମୁଣ୍ଡା ବସ୍‌ଷ୍ଟାଣ୍ଡ। ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡ ଭାବେ ଏହାକୁ ଗଢ଼ି ତୋଳାଯାଇଥାନ୍ତା। ୨୦୧୯ ଏପ୍ରିଲ୍ ସୁଦ୍ଧା ଏହା ଅତ୍ୟାଧୁନିକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ ହୋଇଥାନ୍ତା। ହେଲେ ସବୁକିଛି ଏବେ ସ୍ୱପ୍ନ ପାଲଟିଛି। ଯୋଜନାର ବାସ୍ତବ ରୂପ ଦିଆଯିବା ବଦଳରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆହୁରି ବିକୃତ କରିଦିଆଯାଇଛି। ପାଣିକାଦୁଅ, ଦୁର୍ଗନ୍ଧ ଓ ଅବ୍ୟବସ୍ଥା ମଧ୍ୟରେ ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ।**

**ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର**

ରାଜ୍ୟର ସବୁଠାରୁ ବଡ଼ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ୧୪.୪୩ ଏକର ଜମିରେ ପରିବ୍ୟାପ୍ତ। ଏହାର ପରିସୀମାକୁ ଆହୁରି ବୃଦ୍ଧିକରାଯାଇ ଅତ୍ୟାଧୁନିକ ବସ୍ ଟର୍ମିନାଲରେ ପରିଣତ କରିବାକୁ ଯୋଜନା ହୋଇଥିଲା। ମାଗଣା ୱାଇଫାଇରୁ ଆରମ୍ଭକରି ମଲ୍ଟି ଲେଭଲ୍ ପାର୍କିଂ ବ୍ୟବସ୍ଥା, ଡିଜିଟାଲ ଡିସ୍‌ପ୍ଲେ ବୋର୍ଡ ଓ ସିସିଟିଭି କ୍ୟାମେରା ପର୍ଯ୍ୟନ୍ତ ସବୁକିଛି ସୁବିଧା କରାଯିବାର ଥିଲା। ପବ୍ଲିକ୍ ପ୍ଲାଜା ଡିଜାଇନ୍‌ରେ ହେବାକୁ ଥିବା ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପରିବହନ ପାଇଁ ପ୍ରିପେଡ୍ ଅଟୋରିକ୍ସା, ଅତ୍ୟାଧୁନିକ ବାଇସାଇକେଲ, ଓଲା, ଉବର ଭଳି ଟ୍ୟାକ୍ସି ଆଗ୍ରିଗେଟର ବ୍ୟବସ୍ଥା, ପାସେଞ୍ଜର ଇନ୍‌ଫରମେଶନ ସେଣ୍ଟର, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପଲବ୍ଧ କରାଯାଇଥାନ୍ତା। ଏଥିପାଇଁ ଦିଲ୍ଲୀର ଇଣ୍ଟିଗ୍ରେଟେଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ୍ ଲିମିଟେଡ୍ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିଥିଲା। ଉକ୍ତ ଡିଜାଇନ୍‌କୁ ବିଡିଏ ତରଫରୁ ପରିବହନ ବିଭାଗ ନିକଟରେ ଉପସ୍ଥାପନ ମଧ୍ୟ କରାଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ମଡର୍ନ ବସ୍ ଟର୍ମିନାଲର କାମ ଆରମ୍ଭ ହେବା ତ ଦୂରର କଥା, ଏଠାରେ ଥିବା ଖାଲଖମାରେ ସାମାନ୍ୟ ମାଟି ପକାଗଲା ନାହିଁ।

୨୦୧୮ ଜାନୁୟାରୀ ୧୧ରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ ପାଇଁ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ୨୦୧୯ ଏପ୍ରିଲ ମାସ ସୁଦ୍ଧା କାମ ଶେଷ କରି ଏହାକୁ ଯାତ୍ରୀଙ୍କ ପାଇଁ ଉନ୍ମୁକ୍ତ କରିବାକୁ ନିଷ୍ପତ୍ତି ବି ହେଲା। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଟୁଇଟରରେ ଟୁଇଟ୍ କରି ବେଶ୍ ପ୍ରଶଂସା ପାଇଲେ। ମାତ୍ର ଧାର୍ଯ୍ୟ ତାରିଖରୁ ଏହା ମଧ୍ୟରେ ୩ମାସ ବିତିଗଲାଣି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଆହୁରି ଖରାପ ହୋଇପଡ଼ିଛି। ପ୍ରତିଥର ବର୍ଷାଦିନ ଭଳି ଏଥର ମଧ୍ୟ ନାଳନର୍ଦ୍ଦମା ଓ କାଦୁଅ ପାଣିରେ ଭର୍ତ୍ତିହୋଇଛି ବସ୍‌ଷ୍ଟାଣ୍ଡ ପରିସର। କୁଢ଼ କୁଢ଼ ଆବର୍ଜନା ପଚିଶଢ଼ି ଗନ୍ଧ ବାହାରୁଛି। ଶୌଚାଳୟ ନ ଥିବାରୁ ଲୋକେ ବାହାରେ ପରିସ୍ରା କରୁଛନ୍ତି। ଏହାର ଦୁର୍ଗନ୍ଧରେ ନାକ ଫାଟିପଡୁଛି। ବରମଣ୍ଡା ବସ୍‌ଷ୍ଟାଣ୍ଡର ଏଭଳି ଅଭାବନୀୟ ଅବସ୍ଥା କେବଳ ରାଜ୍ୟବାସୀଙ୍କୁ ନୁହେଁ, ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ତିକ୍ତ ଅନୁଭୂତି ଦେଉଛି। ଏଭଳିସ୍ଥଳେ ମୁଖ୍ୟମନ୍ତ୍ରୀ କରିଥିବା ପୁରୁଣା ଟୁଇଟ୍‌କୁ ଲୋକେ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ସହ ଟ୍ରୋଲ୍ କରିବାକୁ ବି ଭୁଲିନାହାନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍


ବସ୍‌ଷ୍ଟାଣ୍ଡ କୋଠା ଉପରେ ବିଭିନ୍ନ ଗଛ ଉଠିଯାଇଛି।


ଯାତ୍ରୀଙ୍କ ବସିବା ସ୍ଥାନରେ ବାଇକ୍ ପାର୍କିଂ କରାଯାଇଛି।



ଲୋକେ ମା' ତାରିଣୀଙ୍କ ପାଖକୁ ପଠାଉଥିବା ନଡ଼ିଆ ଆବର୍ଜନା ସ୍ଥାନରେ ପଡ଼ି ରହିଛି।

## ବସ୍‌ଷ୍ଟାଣ୍ଡ ଭିତରକୁ ଯିବାକୁ ଡରୁଛନ୍ତି ଯାତ୍ରୀ

ଅଧିକାଂଶ ଯାତ୍ରୀ ବସ୍‌ଷ୍ଟାଣ୍ଡ ଭିତରକୁ ଯିବାକୁ ଡରୁଥିବାବେଳେ ବାହାରେ ଛିଡ଼ାହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଫଳରେ ଟର୍ମିନାଲର ପ୍ରବେଶ ପଥରେ ଯାତ୍ରୀଙ୍କ ଭିଡ଼ ଲାଗୁଥିବାବେଳେ ବସ୍‌ଗୁଡିକ ଅଟକି ରହି ଯାତ୍ରୀଙ୍କୁ ଉଠାଉଥିବାରୁ ଅଧିକାଂଶ ସମୟରେ ଜାମ୍ ହୋଇ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ସେହିଭଳି ଶୌଚାଳୟ ଅବସ୍ଥା ନ କହିବା ଭଲ। ଏଠାରେ ପାଣି ଆସୁ ନ ଥିବାବେଳେ ଏହାକୁ ସଫାସୁତୁରା କରିବାକୁ ମଧ୍ୟ କେହି ନାହାନ୍ତି। ଫଳରେ ୟୁରିନ୍ ଇନ୍‌ଫେକ୍ସନ ଭୟରେ ଯାତ୍ରୀମାନେ ଏହାକୁ ବ୍ୟବହାର ନ କରି ମୁକ୍ତାକାଶରେ ପରିସ୍ରା କରୁଛନ୍ତି। ଏପଟେ ମହିଳା ଯାତ୍ରୀମାନେ ଆହୁରି ଦୁର୍ଦ୍ଦଶା ଭୋଗୁଛନ୍ତି। ବସ୍‌ଷ୍ଟାଣ୍ଡ ଭିତରକୁ ଯିବାବେଳେ ରୁମାଲ୍ ନ ବାନ୍ଧିଲେ ଦୁର୍ଗନ୍ଧରେ ନାକ ପାଟିପଡୁଛି। ସ୍ମାର୍ଟସିଟିର ଏହି ବସ୍‌ଷ୍ଟାଣ୍ଡ ସ୍ମାର୍ଟ ନ ହୋଇପାରିଲେ ବି ନିଜ ସ୍ଥିତିକୁ ସୁଧାରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବଡ଼ ବଡ଼ ଖାଲରେ ଅଧିକାଂଶ ସମୟରେ ଯାତ୍ରୀମାନେ ପଡ଼ି ଆହତ ହେଉଛନ୍ତି। କେବଳ ଯାତ୍ରୀ ନୁହନ୍ତି, ବସ ଚାଳକମାନେ ମଧ୍ୟ ବସ୍ ଚଲାଇବାକୁ ନାକେଦମ୍ ହେଉଛନ୍ତି। ସ୍ଥିତି ଏପରି ହୋଇଛି ବସ୍‌ଷ୍ଟାଣ୍ଡରୁ ଗୋଟିଏ ବସ୍ ବାହାରିବାକୁ ୨୦ରୁ ୩୦ ମିନିଟ ଲାଗିଯାଉଛି। ଏନେଇ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ଅନ୍ୟ ଅଧିକାରୀମାନେ ଏନେଇ କିଛି କହିପାରିବେ ନାହିଁ ବୋଲି କହିଥିଲେ।


ଯାତ୍ରୀମାନେ ପାଣି କାଦୁଅରେ ପଶି ଯା'ଆସ କରୁଛନ୍ତି।


ଯାତ୍ରୀ ବିଶ୍ରାମସ୍ଥଳରେ ଗୋରୁପଲ।



ବସ୍‌ଷ୍ଟାଣ୍ଡ ପ୍ରବେଶ ପଥରେ ଜମା ହୋଇ ରହିଥିବା ଡ୍ରେନ୍ ଆବର୍ଜନା।




ଭାଙ୍ଗିରୁଜି ଯାଇଥିବା ଟଏଲେଟ୍ ଓ ମୁହଁ ଧୋଇବା ସ୍ଥାନ।


ବସ୍‌ଷ୍ଟାଣ୍ଡ ପରିସରରେ ଭରି ରହିଥିବା ବସ୍।

## ହାତରେ ମୋ' ମୁଠା ମୁଠା ଶରଧାବାଲି...




**ଧୂଳିରେ ମହାପ୍ରଭୁଙ୍କ ସ୍ପର୍ଶକୁ ଅନୁଭବ କରୁଛନ୍ତି ଭକ୍ତ**

ପୁରୀ ଅଫିସ,୧୦।୭

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖକୁ ଶରଧାବାଲି କୁହାଯାଏ। ଶରଧାବାଲିର ଧୂଳିକୁ ବ୍ରଜଧୂଳି ସହିତ ତୁଳନା କରାଯାଇଛି। ବାହୁଡ଼ା ଦିନ ତିନିଠାକୁର ଧାଡ଼ିପହଣ୍ଡିରେ ଶରଧାବାଲି ଦେଇ ରଥ ଉପରକୁ ଚଢନ୍ତି। ଏଣୁ ମହାପ୍ରଭୁଙ୍କ ସ୍ପର୍ଶ ପାଇ ଶରଧାବାଲି ଅତ୍ୟନ୍ତ ପବିତ୍ର ହୋଇଯାଇଥାଏ। ଏହାର ରେଣୁ ରେଣୁରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସ୍ପର୍ଶ ପାଇଥାଏ। ଏଣୁ ଶରଧାବାଲି ଅତି ପବିତ୍ର ବୋଲି କୁହାଯାଇଛି। ରଥଯାତ୍ରା ସମୟରେ ଶରଧାବାଲିର ମୁଠେ ଧୂଳି ଲାଗି ଭକ୍ତ ମନ ଆତୁର ହୋଇ ଉଠେ। ବାହୁଡ଼ା ପର୍ଯ୍ୟନ୍ତ ତିନିରଥ ଶରଧାବାଲିରେ ରହିଥାଏ। ଏହି ସମୟରେ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ସହ ଶରଧାବାଲିର ଧୂଳିକୁ ମଥାରେ ଲଗାଇଲେ ଅଶେଷ ପୂର୍ଣ୍ଣପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏବେ ଶରଧାବାଲିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। କେହି ମହାପ୍ରଭୁଙ୍କ ନାମ ଜପୁଥିବାବେଳେ ଆଉ କେହି ଭଜନ କୀର୍ତ୍ତନରେ ମଜ୍ଜିଛନ୍ତି। ଭକ୍ତମାନେ ଶରଧାବାଲିରେ ଗଡ଼ି ଏହାର ପବିତ୍ରତାକୁ ଅନୁଭବ କରୁଛନ୍ତି। ବହୁ ବିଦେଶୀ ଭକ୍ତ ଭାବାବେଗରେ ଏହାର ଧୂଳିକୁ ଦେହରେ ବୋଳି ହେଉଥିବ। ଦେଖିବାକୁ ମିଳିଛି। ବିଶିଷ୍ଟ ସଙ୍ଗୀତକାର ଭିକାରୀ ବଳଙ୍କ ଗୀତ 'ହାତରେ ମୋ ମୁଠା ମୁଠା ଶରଧାବାଲି... ନରେନ୍ଦ୍ରର ଜଳେ ପଡ଼େ ମଥାରୁ ଝରି... ' ଏହାର ପବିତ୍ରତାକୁ ପରିପ୍ରକାଶ କରେ। ଗବେଷକମାନେ କୁହନ୍ତି, ରଥଯାତ୍ରା ସମୟରେ ଶରଧାବାଲିରେ ଗଡ଼ିଲେ ଓ ମୁଣ୍ଡରେ ଲଗାଇଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଶରଧାବାଲିର ମହାତ୍ମ୍ୟକୁ ନେଇ ବହୁ ଗବେଷକ, ଲେଖକ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି।

### ଶ୍ରଦ୍ଧାମଣିଙ୍କ ନାମାନୁସାରେ 'ଶରଧାବାଲି'

କେତେଜଣ ଗବେଷକଙ୍କ ମତରେ ଶ୍ରଦ୍ଧାମଣି ପାଟମହାଦେଈଙ୍କ ନାମାନୁସାରେ ଏହି ବାଲିର ନାମ ଶରଧାବାଲି ହୋଇଛି। ହେରାପଞ୍ଚମୀ ପରେ ତିନିରଥ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରୁହନ୍ତି। ଚତୁର୍ଦ୍ଧାମୂର୍ତ୍ତି ଶରଧାବାଲି ଦେଇ ରଥାରୂଢ଼ ହୋଇଥାନ୍ତି। ମହାପ୍ରଭୁଙ୍କ ସ୍ପର୍ଶରେ ଏହି ବାଲି ଅତ୍ୟନ୍ତ ପବିତ୍ର ହୋଇଯାଇଥାଏ। ଏହାର ଧୂଳିକୁ ମଥାରେ ଲଗାଇଲେ ମନରେ ପବିତ୍ରତା ଭାବ ଜାଗ୍ରତ ହେବା ସହ ମହାପ୍ରଭୁଙ୍କ ସାନିଧ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଣୁ କବିଙ୍କ ମତରେ 'ହେ ଜଗନ୍ନାଥ, ଧନ ଜନ ମାଗୁ ନାହିଁ, ମାଗୁଛି ଶରଧାବାଲିରୁ ମୁଠେ।' ଶରଧାବାଲିରେ ପାଦ ଦେଲେ ମନରେ ଆପେ ଆପେ ଭକ୍ତିଭାବ ସଞ୍ଚରିଯାଏ। ଅତୀତରେ ଅନେକ ସାଧୁସନ୍ଥ ଏଠାକୁ ଆସି ଶରଧାବାଲିରେ ଗଡ଼ିଥିବାର ବିଭିନ୍ନ ଶାସ୍ତ୍ର, ପୁରାଣରୁ ଜଣାପଡ଼େ।

## ଦିବ୍ୟକୃପା ଲାଭର ମହାର୍ଘ ଅବସର

ପୁରୀ ଅଫିସ,୧୦।୭

ଆଷାଢ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସରେ ନବମୀ ତିଥିରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ଛାଡ଼ି ଏକ ସପ୍ତାହ ପର୍ଯ୍ୟନ୍ତ ଠାକୁରମାନେ ଆଡ଼ପମଣ୍ଡପରେ ଅବସ୍ଥାନ କରିଥାନ୍ତି। ମହାପ୍ରଭୁ ଆଡ଼ପମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତମାନେ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି ସେମାନେ ନୀଳାଦ୍ରିରେ ୧୦ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ପ୍ରତିଦିନ ସନ୍ଧ୍ୟା ଆସୁଥିଲେ ମଧ୍ୟ ନବମୀ ସନ୍ଧ୍ୟାର ବିଶେଷ ମହତ୍ତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାର ପୁଣ୍ୟ ଅବସରରେ ଜନ୍ମମାଟିରେ ସମାଗତ

### ନବମୀ ସନ୍ଧ୍ୟା ଦର୍ଶନ

ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ। ସ୍କନ୍ଦ ପୁରାଣରେ କୁହାଯାଇଛି– ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପରଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରୋତ୍ତର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହିଦିନ ବହୁସଂଖ୍ୟାରେ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ଅବସର ବୋଲି ଡ. ଦାଶ ମତ ପ୍ରକାଶ କରିଛନ୍ତି।


ଶରଧାବାଲିରେ ସାଧୁସନ୍ଥ ବସିଛନ୍ତି।


ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି ବ୍ୟବସାୟୀ।

**ଐତିହ୍ୟ ପୃଷ୍ଠାରୁ...**

## ବିରାଡ଼ି ଓ ମାରକଣ୍ଡ ତୀର୍ଥ



ପାଖ ଦେଇ ବହି ଯାଉଥିଲା ମାଳିନୀ ନଈର ଶାଖା ମୂଷାନଈ। ନଦୀପଥରେ ଯିବା ଆସିବା ସମୟରେ ଆଶ୍ରମକୁ ଲାଗି ରହିଥିଲା ମିଟିଆଣି ଘାଟ। ଏଇ ଘାଟ ଦିନେ ସୂର୍ଯ୍ୟବଂଶୀ ଗଜପତିମାନଙ୍କର ଶାସନ କାଳରେ କଟକୀପେଣ୍ଠ ନାମରେ ପ୍ରସିଦ୍ଧ ହୋଇଥିଲା। ଗଜପତି ରହୁଥିଲେ ବାରବାଟୀ ଦୁର୍ଗରେ। କଟିକିଆ ଯାତ୍ରୀଙ୍କ ପୁରୀ ପ୍ରବେଶକୁ ଯାତ୍ରୀକର ଛାଡ଼ କରିବାକୁ ହୁକୁମ ଥିଲା। ତେଣୁ ଅଠରନଳା ଘାଟରେ କଟିକିଆ ଯାତ୍ରୀ ନ ଓହ୍ଲାଇ ମିଟିଆଣି ଘାଟରେ ଓହ୍ଲାଉଥିଲେ। ସେଥିପାଇଁ ଏ ଘାଟର ନାମ ହୋଇଯାଇଥିଲା କଟକୀପେଣ୍ଠ। ବର୍ତ୍ତମାନ ଦେଖାଯାଉଥିବା ଶ୍ରୀମନ୍ଦିରର ନିର୍ମାଣ ପୂର୍ବରୁ ଅର୍ଥାତ୍ କେଶରୀ ବଂଶ ରାଜୁତି କାଳରେ କୋଶଳ କେଶରୀ ତିଆରି କରିଥିଲେ ମାର୍କଣ୍ଡ ଆଶ୍ରମରେ ମନ୍ଦିରଟିଏ। ମାଦଳା ପାଞ୍ଜି କଥା ଇଏ। ସେ କେବଳ ଦେଉଳ ତୋଳାଇ ନ ଥିଲେ-ଏ ପୋଖରୀ ପଶ୍ଚିମବାହି ପଥର ପାଚେରି କଲେ। ଅର୍ଥାତ୍ ମାରକଣ୍ଡ ତୀର୍ଥର ପଶ୍ଚିମପଟ ପାଚେରି ବି ନିର୍ମାଣ କରିଥିଲେ। ୟାର ଢେର ବର୍ଷ ପରେ ତୀର୍ଥ ପୂର୍ବପଟକୁ ପ୍ରତିଷ୍ଠା ହୋଇଛନ୍ତି ସପ୍ତମାତୃକା। ମାଦଳା ଭାଷାରେ–ଭୀମ କେଶରୀ ମାରକଣ୍ଡ ସର ପୂର୍ବବାହିରେ ସାତଭଉଣୀକୁ ବସାଇଲେ। ମାରକଣ୍ଡ ତୀର୍ଥ ମହାପୁରୁଙ୍କ ଉପାସନା ସହିତ ଜଡ଼ିତ। କାଳୀୟ ଦଳନ ଲୀଳା, ଋଷିପଞ୍ଚମୀ ଲୀଳା ଓ ଶ୍ରୀବଳଭଦ୍ରଙ୍କ ଜନ୍ମଲୀଳା ଏଇଠି ହୁଏ। ମଣିମାଙ୍କ ପ୍ରତିନିଧି ଶ୍ରୀସୁଦର୍ଶନ ମଧ୍ୟ ନୀତି ପାଇଁ ବିଜେ କରନ୍ତି ଏଠିକି। ଶ୍ରୀମାର୍କଣ୍ଡେଶ୍ୱରଙ୍କ ମନ୍ଦିର କାନ୍ଥରେ ପ୍ରାଚୀନ କାଳରୁ ରହିଛନ୍ତି ମହାବୀର। ସ୍ଥାନୀୟ ଭାଷାରେ ବିଲେଇ (ବିରାଡ଼ି) ମହାବୀର କୁହାଯାଏ ୟାଙ୍କୁ। ବିରାଡ଼ି ଶରୀର ଧାରଣ କରିଛନ୍ତି ହନୁମାନ। ଏହା ଖୁବ୍ ବିରଳ ଉପାସନା। ଅନ୍ୟତ୍ର ବିରାଡ଼ି ମହାବୀରଙ୍କ ପୂଜା ଦୃଶ୍ୟମାନ ହୁଏ ନାହିଁ, ମାତ୍ର ପୁରୁଷୋତ୍ତମରେ ମୂଳ ସଂସ୍କୃତ ରାମାୟଣର ବର୍ଣ୍ଣନା ଅନୁସାରେ ଶ୍ରୀହନୁମାନ ଧାରଣ କରିଥିବା ବିରାଡ଼ି ରୂପକୁ ଉପାସନା କରାଯାଏ। ଶ୍ରୀହନୁମାନ ସୀତାଙ୍କୁ ଠାବ କରିବା ବେଳର ଘଟଣା (ସୁନ୍ଦରାକାଣ୍ଡର ୨ୟ ଅଧ୍ୟାୟର ୪୯ ଶ୍ଳୋକରେ ଏହା ବର୍ଣ୍ଣିତ)। ଲଙ୍କା କୂଳରେ ଶ୍ରୀହନୁମାନ ପହଞ୍ଚିଗଲେ ସିନା, ନଗରକୁ ଯିବେ କେମିତି! ଭାବିଲେ ନଗରରେ ପ୍ରବେଶ କଲେ ତ ଧରା ପଡିଯିବେ! ଶେଷକୁ ଅପେକ୍ଷା କଲେ ସନ୍ଧ୍ୟା ନଇଁଯିବା ପରେ ଅନ୍ଧାରୁଆ ହୋଇଯିବା ଦେଖି ନିଜ ଶରୀରକୁ ଛୋଟ କରିଦେଲେ। ବିରାଡ଼ି ସଦୃଶ ହୋଇଯିବା ପରେ ଅତ୍ୟନ୍ତ ଅଦ୍ଭୁତ ଦେଖାଯାଇଥିଲା ସେ ରୂପ। ସେହି ରୂପରେ ରମଣୀୟ ଲଙ୍କାପୁରରେ ପ୍ରବେଶ କରିଯାଇଥିଲେ ଶ୍ରୀହନୁମାନ। ତାଙ୍କର ଏହି ବିରାଡ଼ି ରୂପକୁ ସେତେବେଳେ ଜଣେ ଠଉରେଇ ଥିଲେ। ସେ ହେଲେ ଦେବୀ ଲଙ୍କେଶ୍ୱରୀ।

–ଡ. ସୁରେନ୍ଦ୍ର କୁମାର ମିଶ୍ର

## ନବମ ଦିନରେ ପଲ୍ଲିଶ୍ରୀ ମେଳା


ଏକ ଷ୍ଟଲରେ ବିକ୍ରି ପାଇଁ ସଜାଇ ରଖାଯାଇଥିବା କଳାକୃତି ସାମଗ୍ରୀ।


କୃତ୍ରିମ ଫୁଲକୁ ମହିଳାମାନେ ବୁଲି ଦେଖୁଛନ୍ତି।

## ଦର୍ଶକଙ୍କ ମନକୁ ଛୁଇଁଲା କୃଷ୍ଣଲୀଳା

ପୁରୀ ଅଫିସ,୧୦।୭

ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଛି ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା। ଏଠାରେ ଘରକରଣା, ଖାଦ୍ୟ ସାମଗ୍ରୀ, ବନ୍ୟଜାତ ଦ୍ରବ୍ୟ, ପ୍ରସାଧାନ ସାମଗ୍ରୀ ଆଦି ବିଭିନ୍ନ ଷ୍ଟଲ ପଡ଼ିଛି। ବୁଧବାର ନବମ ଦିନରେ ଏହି ମେଳା ପହଞ୍ଚିଛି। ଅପରାହ୍ନଠାରୁ ମେଳାରେ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁରୀର ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ପରିବେଷିତ ନୃତ୍ୟାଭିନୟ କୃଷ୍ଣଲୀଳା ଦର୍ଶକଙ୍କ ମନକୁ ଛୁଇଁଥିଲା। ସେହିପରି ପୁରୀର ଦୟାନିଧି ସଙ୍ଗୀତ ସୁଧାର କଳାକାରମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଳାଠାକୁରଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମେଘନା, ସସ୍ମିତା, ସଲୋନୀ, ସମ୍ପ୍ରତା, ସୁଚିସ୍ମିତା, ଆଦ୍ୟାଶା, ଅନନ୍ୟା, ଭାଲେଣ୍ଟିନା ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ପରେ ମୂକ ଓ ବଧିର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

### ୟୁପିର ବେଡ୍ ଲାଇଟ୍

ପ୍ରଥମଥର ପଲ୍ଲିଶ୍ରୀ ମେଳାକୁ ଆସିଛନ୍ତି ଶିବମ୍। ସେ ବେଡ୍ ଲାଇଟ୍, ଫ୍ଲାୱାର ବେସ୍, ଟେବୁଲ ଲ୍ୟାମ୍ପ, କ୍ୟାଣ୍ଡେଲ ଷ୍ଟାଣ୍ଡ ଭଳି ଏକାଧିକ ସାମଗ୍ରୀ ଆଣିଛନ୍ତି। ବେଡ୍ ଲାଇଟ୍ ଅତି ଆକର୍ଷଣୀୟ ହୋଇଛି। ଏହାର ପ୍ରସ୍ତୁତି ସମ୍ପର୍କରେ ଶିଭମ୍ କୁହନ୍ତି, କାଚକୁ ବିଭିନ୍ନ ଆକୃତିର କରାଯାଇଥାଏ। ଯେମିତି କି ବେଡ୍ ଲାଇଟ୍, ଫ୍ଲାୱାର ବେସ୍ ଭଳି ଏହାର ସେପ୍ କରାଯାଇ ଏହା ଉପରେ ଧଳା ସିମେଣ୍ଟ ପ୍ଲାଷ୍ଟର ଲଗାଯାଏ। ପରେ ବିଭିନ୍ନ ରଙ୍ଗର କାଚକୁ ଛୋଟ ଛୋଟ ଆକୃତିର କରାଯାଇ ଏହା ଉପରେ ସେଟ୍ କରାଯାଏ। ଭିତରେ ବଲ୍‌ବ ଜଳିଲେ ଏହା ସୁନ୍ଦର ଲାଗେ।


ପୁରୀର ନବପ୍ରତିଭା ଅନୁଷ୍ଠାନର କଳାକାରମାନେ ନୃତ୍ୟାଭିନୟରେ କୃଷ୍ଣଲୀଳା ପରିବେଷଣ କରୁଛନ୍ତି।

### ଇଏ କ'ଣ ସ୍ୱଚ୍ଛ ଭାରତ

ପଲ୍ଲିଶ୍ରୀ ମେଳା ଭିତରକୁ ପ୍ରବେଶ ପାଇଁ ଦୁଇଟି ଫାଟକ ରହିଛି। ମୁଖ୍ୟ ଫାଟକ ଦେଇ ଲୋକେ ଯା ଆସ କରୁଛନ୍ତି। କିନ୍ତୁ ଅନ୍ୟ ଫାଟକରେ ଏତେଟା ଯାଆସ ହେଉ ନାହିଁ। ବୁଧବାର ଜଣେ ଯୁବତୀ ନାକରେ ହାତ ଦେଇ ଏହି ଫାଟକ ବାଟେ ମେଳାକୁ ପ୍ରବେଶ କରୁଥିଲେ। ଦୁର୍ଗନ୍ଧ ଏମିତି ହେଉଥିଲା ଯେ ତାଙ୍କ ସାଥୀରେ ଥିବା ଅନ୍ୟ ଜଣେ ଯୁବତୀ କହୁଥିଲେ ଇଏ କ'ଣ ସ୍ୱଚ୍ଛ ଭାରତ। ଏଠାକୁ ଆସିବା କଥା ନୁହେଁ। ସବୁଠୁ ମଜାଦାର ହେଉଛି ଏହି ଫାଟକ କାନ୍ଥରେ ଗାନ୍ଧୀଙ୍କ ଫଟୋ ଥାଇ ସ୍ୱଚ୍ଛତା ଉପରେ ଲେଖାଯାଇଛି। ମେଳା ପରିସରରେ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଦେଖଣାହାରିମାନେ ଏହି ଫାଟକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ପରିସ୍ରା କରୁଛନ୍ତି। ବ୍ୟବସାୟୀମାନେ ବଳକା ଖାଦ୍ୟ ଏବଂ ଅଇଁଠା ପତ୍ର ମଧ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗଦା କରୁଛନ୍ତି। ଏଗୁଡ଼ିକ ସଫା କରାଯାଉ ନ ଥିବାରୁ ପ୍ରବଳ ଦୁର୍ଗନ୍ଧ ହେଉଛି।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଡାକ୍ତରଙ୍କଠାରୁ ୫୦ଲକ୍ଷ ଲୁଟ୍ ଘଟଣା: କାର ଚାଳକ ଅଟକ

**ଖୁଣ୍ଟୁଣୀ,୧୦।୭(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ନିକଟ ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଦୁର୍ବୃତ୍ତମାନେ କାର ଉପରକୁ ଗୁଳି ଚଳାଇ ଡାକ୍ତରଙ୍କଠାରୁ ୫୦ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ବୁଧବାର କାର ଚାଳକ ନିରାଙ୍କର ପୃଷ୍ଟିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ବିଜୟ ବିସି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୬୩/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଢେଙ୍କାନାଳ ଟାଉନ ଦକ୍ଷିଣକାଳୀ ଅଞ୍ଚଳର ହୋମିଓପ୍ୟାଥି ଡା. ବିନୋଦ ମହାପାତ୍ର ୫୦ଲକ୍ଷ ଟଙ୍କା ଧରି କାର(ଓଡି ୦୬ଡି ୭୨୭୨)ରେ ଭୁବନେଶ୍ୱରରୁ ଫେରୁଥିଲେ। କପୁରସିଂ ନିକଟରେ ଏକ ବାଇକରେ ମୁହଁରେ କଳା କପଡା ବାନ୍ଧିଥିବା ୩ଜଣ ଦୁର୍ବୃତ୍ତ କାର ନିକଟତର ହୋଇ ଡ୍ରାଇଭରଙ୍କ ମୁହଁକୁ ନୀଳରଙ୍ଗର ପାଉଡର ପକାଇଥିଲେ। କାର ଡୋର ଖୋଲିବାରେ ବିଳମ୍ବ ହେବାରୁ ଜଣେ ଦୁର୍ବୃତ୍ତ କାର ଆଗ କାଚକୁ ଗୁଳି ଚାଳନା କରିଥିଲେ। ଭୟରେ ଡା. ମହାପାତ୍ର ଡୋର ଖୋଲିଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗକୁ ନେଇ ଫେରାର ହୋଇଯାଇଥିଲେ।

### ମହିଳା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ,୧୦।୭:** ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ମହିଳା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କଟକ ମହାନଗର ନିଗମ (ସିଏମ୍‌ସି)ରେ ବର୍ଷବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି। ରାଜ୍ୟ ସରକାର ଏହାର ସମାଧାନ କରିବାରେ ବିଫଳ ହୋଇଛି। ଫଳରେ ସହରବାସୀ ଅତିଷ୍ଠ ହେବା ସହ ଏହାର ପରିବର୍ତ୍ତନ ଆଣି କଂଗ୍ରେସକୁ ଭୋଟ ଦେଇଥିବା ସ୍ପଷ୍ଟ ଚିତ୍ର ପ୍ରଦାନ କରିଛି। ସହରରେ ଡ୍ରେନେଜ, ଆବର୍ଜନା ଉଠାଇବା ନିମନ୍ତେ ସିଏମସି ସଫେଇ ନାରେ ସହରବାସୀଙ୍କୁ ଭୁଆଁ ବୁଲାଇ ଚାଲିଛି ବୋଲି ମୋକିମ କହିଥିଲେ। ସଭାନେତ୍ରୀ ଶୈଳବାଳା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତି ୱାର୍ଡରେ ମହିଳାମାନଙ୍କୁ ଏକତ୍ର କରି ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ପାଇଁ ମୋକିମ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ଅନିତା ନାୟକ, ବୈଶାଳି ବେହେରା, ତୃପ୍ତି ଦାସ, ଅମ୍ରିତା ଦାସ, ଇଶରତ ଯାହାନ, ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ଲେଙ୍କା, ସୁମିତ୍ରା ପ୍ରଧାନ, ଅନୁପମା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ- ନ୍ୟୁଜିଲାଣ୍ଡ ମ୍ୟାଚକୁ ନେଇ ବେଟିଂ

**କଟକ ଅଫିସ, ୧୦।୭**




ଇଂଲଣ୍ଡର ମାଞ୍ଚେଷ୍ଟର ଷ୍ଟାଡିୟମରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାର ଖେଳାଯାଉଥିବା ବିଶ୍ୱକପ୍ କ୍ରିକେଟ୍‌ର ସେମିଫାଇନାଲ ମ୍ୟାଚ୍‌କୁ ନେଇ କଟକରେ ବେଟିଂ କାରବାର ଚାଲିଥିଲା। ଏଥିରେ ବହୁ ଲୋକ ଟଙ୍କା ଲଗାଇଥିବା ବେଳେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ପୋଲିସ ସୂଚନା ପାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀଘାଟ ପୋଲିସ ସ୍ଥାନୀୟ ଅଞ୍ଚଳରେ ଚଢାଉ କରି ଏଭଳି ଏକ ବେଟିଂ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମାଣିକଘୋଷ ବଜାର ଅଞ୍ଚଳର ଅମିତ ଅଗ୍ରୱାଲ, ବାଖରାବାଦ ଅଞ୍ଚଳର ଅଙ୍କିତ ଅଗ୍ରୱାଲ ଓ ହରିପୁର ଅଞ୍ଚଳର ଅନିଲ ତିପାନି। ସେମାନଙ୍କଠାରୁ ପୋଲିସ ୫ଟି ମୋବାଇଲ, ଗୋଟିଏ ଲାପ୍‌ଟପ, ଦୁଇଟି ଡେକ୍ସଟପ୍ ଜବତ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୪୨୦, ୨୯୪(ଏ), ୧୨୦(ବି) ଏବଂ ଲଟେରି ରେଗୁଲେଶନ ଆକ୍ଟ ୭ରେ ଏକ ମାମଲା(ନଂ.୧୩୯/୧୯) ରୁଜୁହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ପୁରୀଘାଟ ଅଞ୍ଚଳର ଏକ ଘରେ ବେଟିଂ କାରବାର ଚାଲିଥିବା ପୋଲିସ ସୂଚନା ପାଇଥିଲା। ପରେ ପୋଲିସ ସେଠାରେ ଚଢାଉ କରି ମୋବାଇଲ ଏବଂ କମ୍ପ୍ୟୁଟର ଯାଞ୍ଚ କରିବାରୁ ସେମାନେ ବେଟିଂ କରୁଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ଲାପଟପ୍ ଓ ମୋବାଇଲକୁ ଜବତ କରିବା ସହ ସେମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଜଣାପଡ଼ିଥିଲା ଯେ, ସେମାନେ ଉକ୍ତ ଲାପ୍‌ଟପ୍ ସାହାଯ୍ୟରେ କ୍ରିକେଟ ବିଶ୍ୱକପ୍ ଉପରେ ଅନ୍‌ଲାଇନ ବେଟିଂ କରୁଥିଲେ। ଟଙ୍କା ଲଗାଉଥିବା ଲୋକଙ୍କ ସହିତ କୋଡ୍ ୱାର୍ଡରେ କଥାବାର୍ତ୍ତା ଚାଲିଥିଲା। କେତେ ଟଙ୍କା, କାହା ଉପରେ ଟଙ୍କା ଲଗାଯାଉଥିଲା ତାହା ସମ୍ପୂର୍ଣ୍ଣ ଭାବରେ କୋଡ୍ ୱାର୍ଡରେ କଥାବାର୍ତ୍ତା ଚାଲିଥିଲା। ବେଟିଂ ଲଗାଇବାର ଗୋଟିଏ ଅବା ଦୁଇଦିନ ପରେ ସେମାନେ ଅନ୍‌ଲାଇନ୍‌ରେ ଟଙ୍କା କାରବାର କରୁଥିଲେ ବୋଲି ପୋଲିସ ନିକଟରେ ମାନିଥିଲେ। ଏହି ବେଟିଂରେ ସେମାନଙ୍କ ସହିତ କଟକ ସମେତ ଓଡ଼ିଶାର କେତେକ ଜିଲ୍ଲାର ଲୋକ ସାମିଲ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଯେହେତୁ କୋଡ୍ ୱାର୍ଡରେ କାରବାର ଚାଲିଛି ତାହା କେତେ ଟଙ୍କାର କାରବାର ତାହା ସ୍ପଷ୍ଟ ଆକଳନ ହୋଇପାରି ନାହିଁ। ତେବେ ଏ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

# ଲୁଟେରା ଗ୍ୟାଙ୍ଗ୍‌ଠାବ: ୬ ଗିରଫ

## ସୁନାଚେନ, ୩ ମୋବାଇଲ, ୨ ବାଇକ ଜବତ

**କଟକ ଅଫିସ, ୧୦।୭**



ସିଡିଏ ଫେଜ-୨ ପୋଲିସ ବୁଧବାର ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ ଖ୍ରୀଷ୍ଟିୟାନସାହି ଅଞ୍ଚଳର ଜିତେନ୍ଦ୍ର ବସ୍ତିଆ, ପ୍ରଶାନ୍ତ ବସ୍ତିଆ, ରାଜେନ୍ଦ୍ର ବସ୍ତିଆ, ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳର ଚନ୍ଦନ ରାଣାସିଂ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ବାଘବାଡ଼ି ଅଞ୍ଚଳର ପପୁ ମଣ୍ଡଳ ଓ ଲାଲବାଗ ଥାନା ଅନ୍ତର୍ଗତ ବାଲୁବଜାର ଅଞ୍ଚଳର ପରେଶନାଥ ଶାହା। ପୋଲିସ ସେମାନଙ୍କଠାରୁ ଏକ ସୁନାଚେନ, ୩ଟି ମୋବାଇଲ, ଦୁଇଟି ବାଇକ୍ (ଓଡି୦୫ଆର୍-୯୩୦୬, ଓଆର୦୭ୟୁ-୮୨୬୦) ଜବତ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖ ସକାଳେ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳର ମାନସ ଲେଙ୍କା ନରାଜ ଆଇବିକୁ ଯାଉଥିଲେ। ସେହି ସମୟରେ ବାଟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ମାନସ ରହିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରି ପିନ୍ଧିଥିବା ସୁନାଚେନ, ବ୍ରେସଲେଟ୍, ଦୁଇଟି ମୋବାଇଲ ସହିତ ୬ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ମାନସ ସିଡିଏ ଫେଜ-୨ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୯/୧୯) ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପୋଲିସ ଅନ୍ୟ ୫ ଜଣଙ୍କୁ ଗିରଫ କରିଥିଲା। ତେବେ ସେମାନେ ମୁଖ୍ୟତଃ ନରାଜ ଅଞ୍ଚଳକୁ ଯାଉଥିବା ଲୋକମାନଙ୍କୁ ଟାର୍ଗେଟ କରୁଥିଲେ। ନିଛାଟିଆ ସ୍ଥାନ ଦେଖି ଲୋକମାନଙ୍କୁ ଅଟକାଇ ଲୁଟ୍ କରୁଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତି ସମାରୋହ




ସମାରୋହରେ ପଦ୍ମଶ୍ରୀ ଅକ୍ଷୟ କୁମାର ପରିଡ଼ା ଓ ଡ. କବିତା ବାରିକଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୧୦।୭**

ଜିଏନ୍‌ଏମ୍ ଫାଉଣ୍ଡେଶନ ପକ୍ଷରୁ ବିଜୟ ଗୋବିନ୍ଦ ଭବନଠାରେ ବିଶିଷ୍ଟ ବୈଜ୍ଞାନିକ ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଷଷ୍ଠ ବାର୍ଷିକୀ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ କହିଥିଲେ, ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଦାନ ଅତୁଳନୀୟ। ଜଣେ ବିଶିଷ୍ଟ ଲେଖକ, ଗବେଷକ ଭାବେ ସେ ସୁପରିଚିତ। ସମ୍ମାନିତ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇ କହିଥିଲେ, ପ୍ରଫେସର ଗୋକୁଳାନନ୍ଦ ଶିକ୍ଷା, ସାହିତ୍ୟ ଓ ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରାଇବା ସହ ଭାରତର ଜଣେ ସଫଳ ବୈଜ୍ଞାନିକ ଭାବେ ଅଜସ୍ର ଖ୍ୟାତିର ଅଧିକାରୀ ହୋଇଛନ୍ତି। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ ତଥା ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସର ପଦ୍ମଶ୍ରୀ ଅକ୍ଷୟ କୁମାର ପରିଡ଼ାଙ୍କୁ ପ୍ରଫେସର ଗୋକୁଳାନନ୍ଦ ସ୍ମାରକୀ ସମ୍ମାନ ପ୍ରଦାନ ଓ ବିଶିଷ୍ଟ ଲେଖିକା ଡ. କବିତା ବାରିକଙ୍କୁ କୁମୁଦିନୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଜିଏନଏମ୍ ଫାଉଣ୍ଡେଶନର ସମ୍ପାଦକ ପ୍ରଫେସର ଗିରିଜା ନନ୍ଦନ ମହାପାତ୍ର ଫାଉଣ୍ଡେଶନର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ମୁଖ୍ୟ ସଂଯୋଜକ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

■ଅନଫିଟ୍ ଗାଡ଼ିରେ ଛାତ୍ରୀଛାତ୍ର ପରିବହନ

# କଟକଣା ମାନୁନାହାନ୍ତି କର୍ତ୍ତୃପକ୍ଷ

**କଟକ ଅଫିସ, ୧୦।୭**

ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ସମୟରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ପାଠ ପଢିବାକୁ ଆସିଥିବା ପିଲାଙ୍କ ଜୀବନ ରାସ୍ତାରେ ଅକାଳରେ ଚାଲିଯାଉଛି। ମାତ୍ର ଏଭଳି ଅଘଟଣକୁ ରୋକିବା ପାଇଁ ସରକାରଙ୍କ ଉଦ୍ୟମ ବିଫଳ ହେଉଛି। ଯାହାର ପ୍ରମାଣ କଟକରୁ ଦେଖିବାକୁ ମିଳିଛି। ଗତ ଜୁନ୍ ୨୬ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଗାଡ଼ିଗୁଡ଼ିକର ତନଖି କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ, କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ୨୫୩ଟି ସ୍କୁଲର ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୪୫ଟି ଗାଡ଼ି ଛାତ୍ରୀଛାତ୍ର ପରିବହନ କରିବାକୁ ଅଯୋଗ୍ୟ ଥିବା ଜଣାପଡ଼ିଛି। ଏପରି କି ଜିଲ୍ଲାର ଅନେକ ନାମକରା ଘରୋଇ ସ୍କୁଲଗୁଡ଼ିକର ଗାଡ଼ି ଏହି ଅଯୋଗ୍ୟ ତାଲିକାରେ ସାମିଲ ଅଛି। କେଉଁ ଗାଡ଼ିର ପରିମିଟ୍ ନାହିଁ ତ ଆଉ କାହାର ଇନ୍‌ସ୍ୟୁରାନ୍ସ ନ ଥିବା ଜଣାପଡ଼ିଛି। ସେହିପରି କାହାର ପଲ୍ୟୁଶନ ପ୍ରମାଣପତ୍ର ନ ଥିବାବେଳେ କିଏ ଟିକସ ଫାଙ୍କି ଚଳାଚଳ କରୁଥିବା ଯାଞ୍ଚରୁ ଜଣାପଡ଼ିଛି। ମୁଖ୍ୟତଃ ୨୦୧୬ରେ ପ୍ରଣୟନ କରାଯାଇଥିବା ସ୍କୁଲବସ୍ ପଲିସିକୁ ଏହି ଗାଡ଼ିଗୁଡ଼ିକ ଅନୁପାଳନ କରି ନ ଥିବା କଟକ ମୋଟରଯାନ ନିରୀକ୍ଷକ ରଶ୍ମିରଞ୍ଜିତ ଦଳବେହେରା କହିଛନ୍ତି। ଉପରୋକ୍ତ ଗାଡ଼ିଗୁଡ଼ିକର ଭିସିଆର୍ (ଭେହିକିଲ ଚେକ୍ ରିପୋର୍ଟ) କରାଯାଇ ଜରିମାନା ବ୍ୟବସ୍ଥା କରାଯାଇଥିବା ଦଳବେହେରା କହିଛନ୍ତି। ସୂଚନାଥାଉ କି, ୨୦୧୬ ସ୍କୁଲ ବସ୍ ପଲିସି ଅନୁଯାୟୀ, ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିବହନ କ୍ଷେତ୍ରରେ ନିୟୋଜିତ ଗାଡ଼ିଗୁଡ଼ିକ ନିମନ୍ତେ କେତେକ ନିୟମ ପ୍ରଣୟନ କରାଯାଇଥିଲା। ତଦନୁଯାୟୀ ମୁଖ୍ୟତଃ ଗାଡ଼ିଗୁଡ଼ିକର ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଯଥା ଗାଡ଼ିରେ ସ୍ପିଡ୍ ଗଭର୍ଣ୍ଣରକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଜିପିଏସ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଥିଲା। ସେହିପରି ଅଗ୍ନିଜନିତ ଦୁର୍ଘଟଣା ନିମନ୍ତେ ଫାୟାର ଏଷ୍ଟିଂଗୁଇସର, ଗାଡ଼ିର ଡୋର ଖୋଲା ରହିଲେ ବଜର୍ ସାଉଣ୍ଡ, ସିଟ୍ ତଳେ ବ୍ୟାଗ ରଖିବା ପାଇଁ ବ୍ୟବସ୍ଥା ଓ ଗାଡ଼ିର ଝରକା ପାଖରେ ହରିଜେଣ୍ଟାଲ ଗ୍ରୀଲ୍ ଲଗାଇବାକୁ କୁହାଯାଇଥିଲା। ମାତ୍ର ଯାଞ୍ଚ ସମୟରେ ଏହି ଗାଡ଼ିଗୁଡ଼ିକ ଉପରୋକ୍ତ ନିୟମଗୁଡ଼ିକ ମଧ୍ୟରୁ ଅଧିକାଂଶ ନିୟମକୁ ଉଲ୍ଲଂଘନ କରିଥିବା ଜଣାପଡ଼ିଛି। କଟକ ଜିଲ୍ଲାରେ ସ୍କୁଲଗାଡ଼ି ଦୁର୍ଘଟଣା ଘଟି ପୂର୍ବରୁ ୨ ଜଣ ପିଲାଙ୍କ ଜୀବନହାନି ଘଟିଛି। ୨୦୧୪ ଡିସେମ୍ବରରେ ନିଶ୍ଚିନ୍ତକୋଇଲି ନିକଟସ୍ଥ ଅସୁଲପୁର ନିକଟରେ ଏକ ସ୍କୁଲଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ୧୦ ଜଣ ପିଲା ଆହତ ହୋଇଥିଲେ। ଜିଲ୍ଲାରେ ଏଭଳି ଅଘଟଣ ଘଟିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷମାନେ ଏଥିପ୍ରତି ସଚେତନ ନ ହେବା ଅଧିକ ଚିନ୍ତାର କାରଣ ହୋଇଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟାକୁ ଆଗକୁ ଅଧିକ କଡାକଡି କରାଯିବ ବୋଲି କଟକ ଆଞ୍ଚଳିକ ପରିବହନ ଅଧିକାରୀ ଦିପ୍ତୀରଞ୍ଜନ ପାତ୍ର କହିଛନ୍ତି।

# ସି' ଶୋର, ଏଟି ନିର୍ଦ୍ଦେଶକଙ୍କୁ ନୋଟିସ

**କଟକ ଅଫିସ,୧୦।୭**

ଚିଟଫଣ୍ଡ କମ୍ପାନୀ ସି' ଶୋର ଓ ଅର୍ଥତତ୍ତ୍ୱ (ଏଟି) ନିର୍ଦ୍ଦେଶକଙ୍କୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ ନୋଟିସ ଜାରି କରିଛନ୍ତି। କାରଣ ଏହି ଦୁଇଟି ସଂସ୍ଥାର ବିଭିନ୍ନ ଆକାଉଣ୍ଟରେ ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପଡ଼ି ରହିଛି। ଗଚ୍ଛିତ ଟଙ୍କାର ଠିକ୍ ହିସାବ ମିଳିପାରିନାହିଁ। ତେଣୁ ଜମା ହୋଇ ରହିଥିବା ଏହି ଟଙ୍କାକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବା ଲାଗି ସିରିୟସ ଫ୍ରଡ୍ ଇନଭେଷ୍ଟିଗେଶନ ଅଫିସ ପକ୍ଷରୁ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଟ୍ରିବ୍ୟୁନାଲ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସି'ଶୋର ଓ ଏଟି ଆଇନ ଅନୁଯାୟୀ ନିଜ ସଂସ୍ଥାକୁ ପଞ୍ଜୀକୃତ କରିଥିଲେ। ତେବେ ଆଇନର ଅନୁପାଳନ ନ କରିବାରୁ ରେଜିଷ୍ଟ୍ରାର ଅଫ କମ୍ପାନୀ ପକ୍ଷରୁ ସେମାନଙ୍କ ବିରୋଧରେ ତଦନ୍ତ ପାଇଁ କେନ୍ଦ୍ର କର୍ପୋରେଟ ଆଫାୟାର୍ସ ମନ୍ତ୍ରଣାଳୟକୁ ଚିଠି କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ଘଟଣାର ତଦନ୍ତ ପାଇଁ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନକୁ ଦାୟିତ୍ୱ ଦିଆଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୦ହଜାର ଟଙ୍କା ସହାୟତା ପ୍ରଦାନ

**କଟକ ଅଫିସ,୧୦।୭**

କଟକ ସହରର ପୂର୍ବତନ ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ବୁଧବାର ହରିପୁର ସାହିର ହୃଦ୍‌ରୋଗ ପିଡିତା ଶଙ୍କର ପ୍ରଧାନ ଏବଂ କୁମ୍ଭାରସାହିର ଅଭୟ କୁମାର ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ୭୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିରେ ୨୬ ନମ୍ବର ୱାର୍ଡର ସଭାପତି ଚନ୍ଦନ ଦାସ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS, BHUBANESWAR

No.163-O

**NOTICE INVITING TENDER FOR BUILDING WORKS IN ODISHA THROUGH e-procurement**

**No.- Online- 01-Bld.-2019-20** **Date: 09.07.2019**

**e-Procurement NOTICE**

| | | |
|---|---|---|
| 1. | Name of the works | : 1) Construction of 30 beded MCH at Sohela (Dist. -Bargarh) 2) Construction of 30 beded MCH at Simulia (Dist-Balasore) |
| 2. | Estimated cost | : Rs.4.00 to 6.00 Crore |
| 3. | Class of Contractor | : "A" Class & Special Class |
| 4. | Time for completion | : 15 Calendar Months |
| 5. | E.M.D. required | : 1% of the estimated cost |
| 6. | Cost of tender paper | : Rs.10,000/- per set. |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opending of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works.Building, Bhubaneswar | Online- 01-Bld.-2019-20 | 18.07.2019 11.00 A.M. | 06.08.2019 3.00 P.M. | 05.08.2019 | 07.08.2019 11.00 A.M. | 14.08.2019 11.00 A.M. |

7. Other details can be seen in the bidding documents, which is available in website **www.tendersorissa.gov.in**

**Sd./- Chief Engineer, Building Odisha, Bhubaneswar**

**25123/11/0006/1920**

**Office of the Principal**
**ORISSA SCHOOL OF MINING ENGINEERING**
**Keonjhar, Odisha - 758001**

**No.38-KK:** Sealed quotations are invited from reputed Manufacturers/Authorized Dealers / Distributors /Suppliers for supply of **"Equipment/Machinery/Furniture etc"**. For details visit our website www.osme.co.in Last date for quotation is 12.08.2019. For details contact: 9861056080.

**Sd./- Principal**

30023/11/0001/1920

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

**ବିଜ୍ଞାପନ**

ପତ୍ରସଂଖ୍ୟା: ୦୫ ତା: ୦୩।୦୭।୨୦୧୯
File No.-H-93/2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୃହ ନଂ.-ଏଚ୍‌ଆଇଜି-୫୨ (HIG-52) ଆଇଗିଣିଆ, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଞ୍ଜୟ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜି- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ସଞ୍ଜୟ କୁମାର ପରିଜା ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ସଞ୍ଜୀବ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**GOVERNMENT OF ODISHA** 167-O
**RURAL WATER SUPPLY & SANITATION ORGANISATION**
-x-x-x-x-x-x-x-x-
OFFICE OF THE EXECUTIVE ENGINEER
RWS&S DIVISION, ANGUL :AT: TALCHER
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)
:x:x:x:x:x:x:x:x:

**National Competitive Bidding through e-procurement**
**Bid Identification No. 04/EE/RWSS/ANGUL/2019-20 Dt. 06.07.2019 (Basudha)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | |
|---|---|---|
| 1. | No. of Tenders | : 1 No. |
| 2. | Tender Paper Cost | : Rs. 10,000.00 |
| 3. | Value of work | : Rs. 119.83 Lakhs |
| 4. | Class of Contractor | : "B" & "A" Class |
| 5. | Date & time of availability of bid document in portal | : 12.07.2019 at 17.00 hours to 19.07.2019 upto 17.00 hours |
| 6. | Date & time of seeking tender clarification | : 16.07.2019 upto 17.00 hours |
| 7. | Date & time of opening of tender & verification of original document | : 20.07.2019 at 15.00 hours in the office of the Executive Engineer, RWS&S Division, Angul:at:Talcher |
| 8. | Time of completion | : 6 (Six) Calendar Months |

9. The bidders have to participate in online biding only. Further details can be seen from the website https://www.tendersodisha.gov.in.

10. Corrigendum if any shall be publish in the above website only.

Sd/-
Executive Engineer,
RWS&S Division, Angul at Talcher

**25019/11/0012/1920**

**THE ODISHA STATE POLICE HOUSING & WELFARE CORPORATION LTD.**
**JANAPATH, BHOINAGAR, BHUBANESWAR - 22**
**(Electrical Division)**
**Ph.: 0674-2541545, 2542921, Fax: 0674-2541543**
**E-mail: jmelectricalophwc@gmail.com,**
**Website: www.ophwc.nic.in**

**INVITATIONS OF APPLICATION FOR PRE-QUALIFICATION OF REPUTED FIRMS FOR ENLISTMENT UNDER OSPH&WC, BHUBANESWAR**

**PRE-QUALIFICATION NOTICE NO.: 07/JM/ELECT/OPHWC/2019-20**

No.: CAD-181: Sealed applications in the prescribed format with detailed Pre-qualification Notice for enlistment of reputed firms under OSPH&WC are invited in single cover system from the eligible reputed firms for execution of FIRE FIGHTING WORKS. The firms who have already been submitted their Pre-qualification documents during Pre-qualification Notice published earlier vide No.-02/JM/ELECT/OPHWC/2019-20 are need not submit further. The detailed documents will be available from the website **www.ophwc.nic.in**.
The pre-qualification document is available from: **Dt.12.07.2019.**
Last date for issue of pre-qualification document is upto: **05.00 P.M. of Dt.16.07.2019.**
Last date for receipt of pre-qualification document is upto: **12.30 P.M. of Dt.17.07.2019.**
Date of opening of pre-qualification document at: **03.30 P.M. of Dt.17.07.2019.**

**Sd./- Joint Manager**

**12025/11/0014/1920**

Government of Odisha
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

**No.: 6148/SSEPD** **Dt.10.07.19**
**SSEPD-DA3-DA-0001/2017**

**NOTICE**

No.07-gg: Application is hereby invited for appoitnment to **One** Post of State Coordinator for the Project "Universal ID for Persons with Disabilities (UDID)". Details of this notice containing required educational qualification, age etc. and other terms and conditions of appointment are available at the website **www.ssepd.gov.in**. Interested persons may furnish their application in plain paper along with Bio-data addressed to the Principal Secretary to Government, Social Security & Empowerment of Persons with Disabilities Department by 30th July 2019.

46001/11/0007/1920 **Sd./- Joint Secretary to Government**

ADVERTISEMENT

No.07-AA:- Applications are invited from intending candidates for the post of Member of Odisha Electricity Regulatory Commission (OERC). Last Date for receipt of applications is 5.30 P.M. of 12.08.2019. For details please visit the website of Energy Department of Govt. of Odisha at **http://energy.odisha.gov.in**

**Sd./-**
**Commissioner-cum-Secretary to Govt., Department of Energy Government of Odisha**

**04001/11/0001/1920**



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



## ସଂକ୍ଷେପରେ

### ସିଫାରେ ଜାତୀୟ ମତ୍ସ୍ୟଚାଷୀ ଦିବସ

**ବାଲକାଟୀ,୧୦।୭(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗାସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା 'ସିଫା'ରେ ବୁଧବାର ୧୯ତମ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଏମଏସଏମଇ ଓ ମତ୍ସ୍ୟ, ପଶୁ ଓ ଦୁଗ୍ଧ ପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିଲେ। ସେ ସଭାରେ ଉପସ୍ଥିତ ଚାଷୀ ତଥା ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବୈଜ୍ଞାନିକମାନଙ୍କୁ ଜଳବାୟୁ ଦ୍ୱାରା ପ୍ରଭାବିତ ଜଳରାଶିରେ କ୍ଷୁଦ୍ର ମତ୍ସ୍ୟଚାଷୀଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଜୋର ଦେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିବନ୍ଧୁ ପଣ୍ଡା ଯୋଗଦେଇ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ଅନୁସନ୍ଧାନ ସଂସ୍ଥା ପରସ୍ପର ହାତ ମିଳାଇ ଗବେଷଣାକୁ ମତ୍ସ୍ୟଜୀବୀଙ୍କ ହିତ ପାଇଁ ମାର୍ଗଦର୍ଶନ ଦେବା ଉଚିତ ବୋଲି ମତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଫାଲକନ୍ ଏକ୍ସପୋର୍ଟ ଲିଃ ସଂସ୍ଥାର ନିର୍ଦ୍ଦେଶିକା ପ୍ରିୟଙ୍କା ମହାନ୍ତି ଯୋଗଦେଇ ପରିବର୍ତ୍ତନଶୀଳ ମତ୍ସ୍ୟ ବ୍ୟବସାୟ ସ୍ଥିତି ବିଷୟରେ ଉପସ୍ଥିତ କ୍ଷୁଦ୍ର ମତ୍ସ୍ୟଜୀବୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସିଫାର ନିର୍ଦ୍ଦେଶିକା ଡ.ବିନ୍ଦୁ ଆର. ପିଲାଇ ଅଧକ୍ଷତା କରିବା ସହ ସ୍ୱାଗତଭାଷଣରେ ତିନି ଦଶନ୍ଧିରେ ସିଫାର ସଫଳତମ ଗବେଷଣାକୁ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟରୁ ୯୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ୧୩ଜଣ ପ୍ରତିଷ୍ଠିତ ମତ୍ସ୍ୟପାଳକଙ୍କୁ ସେମାନଙ୍କ ଉନ୍ନତ ଜ୍ଞାନକୌଶଳ ତଥା ନିଜ ଅଞ୍ଚଳରେ ମତ୍ସ୍ୟଚାଷ ସମ୍ପ୍ରସାରଣରେ ଅଭୂତପୂର୍ବ ଯୋଗଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂସ୍ଥା ପକ୍ଷରୁ ମତ୍ସ୍ୟ ବିଜ୍ଞାନ ସମ୍ବନ୍ଧିତ ପୁସ୍ତକକୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଡ.ବିଏସ. ସାହା ଧନ୍ୟବାଦ ଦେଇଥିଲେ।

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଅଟକ

**ଖୋର୍ଦ୍ଧା ଅଫିସ,୧୦।୭:** ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ମଙ୍ଗଳବାର ଅସଦାଚରଣ ସହ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୩୭୬, ୫୧୧ ରେ ନଂ. ୯୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଅସ୍ତରଙ୍ଗ ଥାନା ବିଜିପୁର ଗାଁର ଅକ୍ଷୟ ସ୍ୱାଇଁ(୪୫)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୀଡିତାଙ୍କର ମା'ଙ୍କ ଅଭିଯୋଗ ଅନୁସାରେ, ବାରିପଦା ସଦର ଥାନା ଲକ୍ଷ୍ମୀପୁର ଅଞ୍ଚଳରେ ତାଙ୍କ ଘର। ଖୋର୍ଦ୍ଧା ଜିଲାର ତାପଙ୍ଗ କ୍ରଶରରେ ଶ୍ରମିକ ଭାବେ କାମ କରନ୍ତି। ଭିନ୍ନକ୍ଷମ ଝିଅ ଘରେ ଏକୁଟିଆ ରୁହନ୍ତି। ଯିଏକି ଯିବା ଆସିବା ଭଲ ଭାବେ କରିପାରନ୍ତି ନାହିଁ। ମଙ୍ଗଳବାର ଘରେ ଝିଅ ଏକୁଟିଆ ଶୋଇଥିଲେ। ପଡୋଶୀ କ୍ରଶରରେ କାର୍ଯ୍ୟରତ ଅକ୍ଷୟ ଯେ କି ଜଣେ ଟ୍ରକ ଡ୍ରାଇଭର ଝିଅକୁ ଏକୁଟିଆ ଘରେ ଥିବା ଦେଖି ଅସଦାଚରଣ କରିଥିଲେ। ପରେ ବଳାତ୍କାର କରିବାକୁ ଉଦ୍ୟମ ଆରମ୍ଭ କରିଥିବାବେଳେ ଭିନ୍ନକ୍ଷମ ଯୁବତୀଙ୍କର ମା' ପହଞ୍ଚି ତାଙ୍କୁ କାବୁ କରି ନେଇଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇବା ସହ ଅକ୍ଷୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଅକ୍ଷୟଙ୍କୁ ନିଜ ହେପାଜତକୁ ନେଇଥିଲା। ଗୁରୁବାର ଉଭୟଙ୍କର ଡାକ୍ତରୀ ମାଇନା କରାଯିବାର ରହିଛି ବୋଲି ଆଇଆଇସିଙ୍କଠାରୁ ସୂଚନା ମିଳିଛି।

## ■ ମିଳିଲାନି ଆଇସିୟୁ, ଚିକିତ୍ସାରେ ଅବହେଳା ଅଭିଯୋଗ

# ମହିଳା କର୍ମଚାରୀଙ୍କ ମୃତ୍ୟୁ, ହସ୍ପିଟାଲରେ ଉତ୍ତେଜନା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**



ମେଡିକାଲ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**କ୍ୟାପିଟାଲ ହସ୍ପିଟାଲ**
- ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ କକ୍ଷ ଆଗରେ ମୃତଦେହ ରଖି ଧାରଣା
- କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି ଓ କାର୍ଯ୍ୟାନୁଷ୍ଠାନ ଦାବି
- ନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ହସ୍ପିଟାଲରେ ଆଇସିୟୁ ବେଡ୍ ଫାଙ୍କା ନ ଥିବାରୁ ତାଙ୍କୁ ୱାର୍ଡରେ ରଖି ଚିକିତ୍ସା କରାଯାଇଥିଲା। ହେଲେ ଆବଶ୍ୟକ ଚିକିତ୍ସା ନ ମିଳିବାରୁ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବୁଧବାର କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ଆଣି ଅନ୍ୟ କର୍ମଚାରୀମାନେ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ କକ୍ଷ ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଫଳରେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ହସ୍ପିଟାଲରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ମୃତା ମହିଳା କର୍ମଚାରୀ ହେଉଛନ୍ତି ଭଦ୍ରକ ଜିଲା ତିହିଡି ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଅନୁପମା ନାୟକ। ସେ ୩ବର୍ଷ ହେବ କ୍ୟାପିଟାଲ ହସ୍ପିଟାଲ ଏସ୍‌ଏନ୍‌ସିୟୁ ବିଭାଗର ଆଟେଣ୍ଡାଣ୍ଟ ଭାବେ ଠିକାରେ କାର୍ଯ୍ୟ କରୁଥିଲେ। ଅନୁପମା କିଛିଦିନ ହେବ ମଧୁମେହ ସହ ଅନ୍ୟ କେତେକ ରୋଗରେ ପୀଡିତ ଥିଲେ। ମଙ୍ଗଳବାର ଅପରାହ୍ନରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ହସ୍ପିଟାଲର ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ମହିଳା ବିଭାଗକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ତୁରନ୍ତ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ବେଡ୍ ଅଭାବ ଦର୍ଶାଇ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ନ ଥିଲା। ଖବରପାଇ ତାଙ୍କ ସ୍ୱାମୀ ନାରାୟଣ ନାୟକ ସନ୍ଧ୍ୟାରେ ହସ୍ପିଟାଲରେ ପହଞ୍ଚିଥିଲେ। ନାରାୟଣ ଓ ହସ୍ପିଟାଲର ଅନ୍ୟ କର୍ମଚାରୀମାନେ ବହୁ ଚେଷ୍ଟା କରିଥିଲେ ମଧ୍ୟ ଅନୁପମାଙ୍କୁ ଆଇସିୟୁ ମିଳିପାରି ନ ଥିଲା। ଫଳରେ ବେଡ୍‌ରେ ଯନ୍ତ୍ରଣାରେ ଛଟପଟ ହୋଇ ଶେଷରେ ନିସ୍ତେଜ ହୋଇପଡିଥିଲେ। ବୁଧବାର ଭୋର୍ ୫ଟାରେ ଅନୁପମା ଆଖିବୁଜିଥିଲେ। କ୍ୟାପିଟାଲ ହସ୍ପିଟାଲର ଜଣେ କର୍ମଚାରୀ ଆବଶ୍ୟକ ଚିକିତ୍ସା ନ ପାଇ ଆଖିବୁଜିବା ଘଟଣାକୁ ହସ୍ପଟାଲର ଅନ୍ୟ ରୋଗୀମାନେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ସ୍ୱାମୀ ନାରାୟଣ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଦୁଃଖରେ ମର୍ମାହତ ହୋଇପଡିଥିଲେ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା। ଖବର ପ୍ରଚାରିତ ହୋଇଯିବା ପରେ ଅନ୍ୟ କର୍ମଚାରୀମାନେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସକାଳ ପ୍ରାୟ ୭ଟାରେ ମୃତଦେହକୁ ଧରି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କକ୍ଷ ଆଗରେ ଧାରଣା ଦେଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ, ତାଙ୍କ ପରିବାରର ଜଣଙ୍କୁ ଚାକିରି ଓ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସେଠାରେ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ହେଲେ କର୍ମଚାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ କୁମାର ପଟ୍ଟନାୟକ ଧାରଣା ସ୍ଥଳରେ ପହଞ୍ଚିଥିଲେ। ଅବହେଳାର ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଲୋଚନା ପରେ ମୃତ ମହିଳା କର୍ମଚାରୀଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିବା ସହ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ବିଏମ୍‌ସି ପକ୍ଷରୁ ପଲିଥିନ ଚଢ଼ାଉ

### ୯୦ କେଜି ଜବତ

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ବାରଣ କରାଯାଇଥିବା ପଲିଥିନ୍‌ଓ ପ୍ଲାଷ୍ଟିକ୍ ବ୍ୟବହାରକାରୀଙ୍କ ଉପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲଗାତାର ଚଢାଉ ଜାରି ରଖିଛି। ଚଳିତ ସପ୍ତାହରେ ୯୦ କେଜି ପଲିଥିନ ଜବତ କରିବା ସହ ୧୧ ହଜାର ୯ ଶହ ଟଙ୍କାର ଜରିମାନା ଆଦାୟ କରିଛି। ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ବିମନ ବିହାରୀ ବେହୁରା ଓ ପ୍ରଭାତ ମିଶ୍ରଙ୍କ ସହ ତାଙ୍କ ଟିମ୍ ଦ୍ୱାରା ମଧ୍ୟ ଜୋନରେ ଏହି ଚଢାଉ କରାଯାଇଥିଲା। ଉତ୍ତରରେ ପ୍ରଶାନ୍ତ ରାଉତ ଏବଂ ଦକ୍ଷିଣ ପୂର୍ବରେ ପ୍ରତାପ ପଟ୍ଟନାୟକ ଓ ସଞ୍ଜୁକ୍ତା ପଣ୍ଡାଙ୍କ ସହ ଟିମ୍ ପକ୍ଷରୁ ଏହି ଚଢାଉ କରାଯାଇଛି। ପ୍ରତି ବୁଧବାର ମାଛ ଓ ମାଂସ ବଜାରରେ ଚଢାଉ କରାଯାଉଛି। ପ୍ଲାଷ୍ଟିକ୍ ଓ ପଲିଥିନ୍ ଧରିବାକୁ ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର୍‌ମାନଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ ହୋଇ ଚଢାଉ କରାଯାଇଥିଲା। ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶରେ ସ୍କ୍ୱାଡ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚଢାଉ କରୁଛନ୍ତି।

## ■ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ୭୧ତମ ଜୟନ୍ତୀ ଉତ୍ସବ

# ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**



ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ୭୧ତମ ଜୟନ୍ତୀ ଉତ୍ସବ ବୁଧବାର ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ସମାରୋହରେ ରାଜ୍ୟ ଅର୍ଥ କମିଶନ୍ ଚେୟାରମ୍ୟାନ୍ ଆର୍.ଏନ୍. ସେନାପତି, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, କୋଣାର୍କ ନାଟ୍ୟମଣ୍ଡପର ପୂର୍ବତନ ସହନିର୍ଦ୍ଦେଶକ ପ୍ରଫୁଲ୍ଲ ମହାରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓଡ଼ିଶୀ ନୃତ୍ୟ ବିଭାଗର ମୁଖ୍ୟ ତଥା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଶିଷ୍ୟ ଗୁରୁ ମନୋରଞ୍ଜନ ପ୍ରଧାନ ନୃତ୍ୟ ମାଧ୍ୟମରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେ ଭକ୍ତ ସାଲବେଗଙ୍କ ରଚିତ 'ଆହେ ନୀଳଶୈଳ' ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ମୀନତି ପ୍ରଧାନଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ରାଗେଶ୍ରୀ ପଲ୍ଲବୀ, ଶ୍ରୀରାଧା କଳାକୁଞ୍ଜର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସମବେତ ନୃତ୍ୟରେ 'ବ୍ରଜ ବସନ୍ତ ନବନୀତ ଚୌର' ମଞ୍ଚସ୍ଥ କରାଯାଇଥିଲା। କୋଣାର୍କ ନାଟ୍ୟମଣ୍ଡପର ଶିଷ୍ୟଶିଷ୍ୟାଙ୍କ ଦ୍ୱାରା ଗୋଟିପୁଅ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। କୋଣାର୍କ ନାଟ୍ୟମଣ୍ଡପର କାର୍ଯ୍ୟନିର୍ବାହୀ ସଭାପତି ରମଣୀରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ କୁମାର ବେଉରିଆ, ସମ୍ପାଦକ ଶିବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଗୁରୁପଦ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା ଓ ବିଶ୍ୱଜିତ ବଳିୟାରସିଂ ସଂଯୋଜନା କରିଥିଲେ।

### ସାମନ୍ତରାପୁରରେ ଚାରାରୋପଣ

**ପୁରୁଣା ଭୁବନେଶ୍ୱର,୧୦।୭ (ଡି.ଏନ.ଏ.)**

ସାମନ୍ତରାପୁର ହାଇସ୍କୁଲଠାରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧ୍ୟମେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ଏବଂ ଶ୍ରୀଲିଙ୍ଗରାଜ ଥାନା ଆମ ପୋଲିସ ସମିତି ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ୧୦୦ରୁ ଅଧିକ ମୂଲ୍ୟବାନ ଔଷଧୀୟ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ଶେଷଦେବ ମିଶ୍ର, ସଭାପତି ଅତସୀ ସ୍ୱାଇଁ, ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସପକାର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

### ଗୋଟିଏ ରାତିରେ ୨ ଘରୁ ଚୋରି

## ଦୁର୍ବୃତ୍ତ ଲୁଟି ନେଲେ ସୁନା, ଟଙ୍କା

**ପାତ୍ରପଡା, ୧୦।୭(ଡି.ଏନ.ଏ.)**

ତମାଣ୍ଡୋ ଥାନା ବିଜିପୁର ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨ ଘର ଗ୍ରୀଲ ତାଡି ସୁନା ଅଳଙ୍କାର ସହ ୩୫ ହଜାର ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ବିଜିପୁର ପ୍ଲଟ ନଂ. ୭୩୫, ୮୯୫, ୧୦୨୯ରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧନଞ୍ଜୟ ମହାନ୍ତି ପରିବାର ସହ ରୁହନ୍ତି। ବିଳମ୍ବିତ ରାତିରେ ଘର ପଛପଟ ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ୧୫ ହଜାର ଟଙ୍କା ସହ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ପ୍ଲଟ ନଂ. ୭୩୫, ୮୫୬, ୧୩୧୪ରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଧୀରେନ୍ଦ୍ର କୁମାର ସାହୁଙ୍କ ଘର ଗ୍ରୀଲ ତାଡି ୨୦ ହଜାର ଟଙ୍କା, ଗୋଟିଏ ସୁନା ଚେନ, ୨ ଗୋଟି ମୁଦି, ଛୋଟ ଚେନ, ଆଲମିରା ଭାଙ୍ଗି ନେଇ ଯାଇଛନ୍ତି। ଚୋରି ସମ୍ପର୍କରେ ସକାଳୁ ପରିବାର ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଅନୁସନ୍ଧାନ କରି ଫେରି ଯାଇଛି।

## ପିଡବ୍ଲ୍ୟୁଡି ବସ୍ତିରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ପୁରୁଣା ଭୁବନେଶ୍ୱର ଷ୍ଟେଶନ ରୋଡ ଅଞ୍ଚଳସ୍ଥିତ ପିଡବ୍ଲ୍ୟୁଡି ବସ୍ତିରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ବୁଧବାର ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଲୋଟସ୍ ଲାୟନ କ୍ଲବ୍, କେନ୍ଦୁଝର ଆସୋସିଏଶନ ଓ ଓଡ଼ିଶା ଭଲ୍ୟୁଣ୍ଟାରୀ ହେଲଥ ଆସୋସିଏଶନ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ସ୍ତ୍ରୀରୋଗ ବିଶେଷଜ୍ଞ ଡ. ସେବା ମହାପାତ୍ର, ଶଲ୍ୟ ଚିକିତ୍ସକ ଡ. ଧରୀଣଧର ପାଣ୍ଡବ, ଡ. ଜୟନ୍ତ କୁମାର ନନ୍ଦ ଓ ଡାଇବେଟିସ୍ ସ୍ପେଶିଆଲିଷ୍ଟ ଡ. ରାଜେଶ ସେନାପତି ଉପସ୍ଥିତ ରହି ବସ୍ତିବାସିନ୍ଦାଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ଲୋକଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଲୋଟସ ଲାୟନ କ୍ଲବର ସଭାନେତ୍ରୀ ଲାୟନ ମାୟା ସ୍ୱାଇଁ, ସମ୍ପାଦିକା ସ୍ୱର୍ଣ୍ଣପ୍ରଭା ପାତ୍ର, ଲାୟନ ଅମିତା ଜେନା, କେନ୍ଦୁଝର ଆସୋସିଏଶନର ସଭାପତି ହାଡିବନ୍ଧୁ ପଟ୍ଟନାୟକ, ସମ୍ପାଦକ ନିର୍ମଳ କୁମାର ବେହେରା ଓ ଓଭାର ସମ୍ପାଦକଙ୍କ ସହିତ ସମସ୍ତ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବତନ କର୍ପୋରେଟର ନରେନ୍ଦ୍ର ସେଠୀଙ୍କ ସମେତ ବସ୍ତିର ଯୁବକମାନେ ଶିବିରକୁ ପରିଚାଳନା କରିବାରେ ସହାୟତା କରିଥିଲେ। ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ୧୧ଟା ଯାଏଁ ଚାଲିଥିଲା।



ସ୍ୱାସ୍ଥ୍ୟ ସେବା ଶିବିରରେ ପିଲାମାନଙ୍କୁ ପରୀକ୍ଷା କରାଯାଉଛି।

### ଶହୀଦନଗର ମା' ଦୁର୍ଗାଙ୍କ ପ୍ରତିଷ୍ଠା ଦିବସ ସମାପନ

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**–ଶହୀଦନଗର ଦୁର୍ଗାମଣ୍ଡପରେ ଗତ ୮ରୁ ଆରମ୍ଭ ହୋଇଥିବା ମା' ଦୁର୍ଗାଙ୍କ ପ୍ରତିଷ୍ଠା ଦିବସ ବୁଧବାର ଶେଷ ହୋଇଛି। ସନ୍ଧ୍ୟାରେ ମା'ଙ୍କ ନିକଟରେ ପୂର୍ଣ୍ଣାହୁତି ଓ ଆଳତି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କୁ ଦର୍ଶନ କରିଥିଲେ। ଦୁର୍ଗାପୂଜା ସମିତି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିବା ସମିତିର ସମ୍ପାଦକ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ଉତ୍ସବକୁ ସମିତିର ମୁଖ୍ୟ ଉପଦେଷ୍ଟା ଡା. ଜଗନ୍ନାଥ ମହାପାତ୍ର, ସଭାପତି ସଚ୍ଚିଦାନନ୍ଦ ରଥ, କୋଷାଧ୍ୟକ୍ଷ ହରିଶ ପ୍ରସାଦ ରଥ ପରିଚାଳନା କରିଥିବାବେଳେ ଗୋପାଳକୃଷ୍ଣ ମହାନ୍ତି, ମଳୟ ରଞ୍ଜନ ପଣ୍ଡା, ସରୋଜ ପାତ୍ର, ଅଚ୍ୟୁତ ବେହେରା, ଶ୍ରୀନିବାସ ରାଓ ସହାୟତା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା।

# ଆଫୋର୍ଡ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର,୧୦।୭**

ଆସୋସିଏଶନ ଫର ଓଡ଼ିଶା ରିୟଲ ଇଷ୍ଟେଟ ଡେଭଲପର୍ସ (ଆଫୋର୍ଡ) ପକ୍ଷରୁ ସ୍ଥାନୀୟ ଜୟଦେବବିହାର ସ୍ଥିତ କାର୍ଯ୍ୟାଳୟରେ ୬ଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରିୟଲ ଇଷ୍ଟେଟ କ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଏହା ସର୍ବଦା ଅଂଶୀଦାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ସଂଘ ପକ୍ଷରୁ ସୂଚନା ରହିଛି। ବାଣିଜ୍ୟରେ ସ୍ୱଚ୍ଛତା ଏବଂ ନିୟମପାଳନକୁ ଧ୍ୟାନରେ ରଖାଯାଉଥିବା ବେଳେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଧାରା ଜାରି ରଖିବା ନେଇ ସଂଘ ପ୍ରତିଶ୍ରୁତିବଦ୍ଧ ବୋଲି ସଭାପତି ନିଶିଥ ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଉପସଭାପତି ଅଂଶୁମାନ ଦାସ, ଶମ୍ଭୁନାଥ ପତି, ସାଧାରଣ ସମ୍ପାଦକ ଦେବକାନ୍ତ ପଟ୍ଟନାୟକ, ସହସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ,ବିଜୟ କେତନ ମିଶ୍ର, କୋଷାଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ, ପରାମର୍ଶଦାତା ବିଭୂତି ଭୂଷଣ ପାତ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟାମାନେ ଏଠାରେ ଉପସ୍ଥିତ ଥିଲେ।

## ■ କମିଶନରେଟ ପୋଲିସର ସ୍ୱତନ୍ତ୍ର ଚଢ଼ାଉ

# ୮ ଥାନା ଅଞ୍ଚଳର ୧୩ ଅଭିଯୁକ୍ତ ଗିରଫ

**ବ୍ରାଉନସୁଗାର, ଗଞ୍ଜେଇ, ଟଙ୍କା, କାର, ମୋବାଇଲ ଜବତ**

**ଭୁବନେଶ୍ୱର(ବ୍ୟୁରୋ)/କଟକରୋଡ/ ବାରଙ୍ଗ(ଡି.ଏନ୍.ଏ.),୧୦।୭**

ରାଜଧାନୀରେ ଚୋରା ନିଶା କାରବାର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଲୁଟପାଟ, ଛିନ୍‌ତାଇ ଘଟଣା ବଢ଼ି ଚାଲିବା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ରାଉନସୁଗାର ଓ ଗଞ୍ଜେଇ ନିଶା କବଳରେ ଯୁବପିଢ଼ି ପଡି ଅନେକ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ଏହା ଉପରେ ରୋକ ଲଗାଇବା ନେଇ କମିଶନରେଟ ପୋଲିସ ଟିମ ପକ୍ଷରୁ ୨ଦିନ ଧରି ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଅପରେଶନ ଚଳାଇଥିଲା। ବଡଗଡ, ଲକ୍ଷ୍ମୀସାଗର, ଚନ୍ଦକା, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ଶହୀଦନଗର, ଇନଫୋସିଟି ଏବଂ ନୟାପଲ୍ଲୀ ଥାନା ଅଞ୍ଚଳରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ ଚଢାଉ କରିଥିଲା। ଏହି ୮ଟି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଏବଂ ଗଞ୍ଜେଇ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଅପରେଶନକୁ ଅଧିକ କଡାକଡି କରାଯିବା ସହ ରାଜଧାନୀରେ ନିଶା କାରବାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ବୁଧବାର କମିଶନରେଟ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ କରାଯାଇ ଚୋରା କାରବାରରେ ସମ୍ପୃକ୍ତ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନା ମୁତାବକ, କମିଶନରେଟ ପୋଲିସ ଅଞ୍ଚଳରେ ଦିନକୁ ଦିନ ବ୍ରାଉନସୁଗାର ଏବଂ ଗଞ୍ଜେଇ ବିକ୍ରି ବଢ଼ିବା ସହ ଲୁଟପାଟ ସଂଖ୍ୟା ବଢୁଥିବାରୁ ପୋଲିସ କମିଶନର ଏ ଘଟଣାକୁ ଗୁରୁତର ସହ ନେଇଛନ୍ତି। ଏ ନେଇ ଡିସିପି ଅନୁପ ସାହୁଙ୍କ ନେତୃତ୍ୱରେ ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନାଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ନିଶା କାରବାରରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇଥିଲା। ମଙ୍ଗଳବାର ଏବଂ ବୁଧବାର ଯୋଜନା ମୁତାବକ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏକା ସାଙ୍ଗରେ ସ୍ୱତନ୍ତ୍ର ପୋଲିସ ଟିମ ଚଢାଉ କରିଥିଲେ। ବଡ଼ଗଡ଼ ଥାନା ଅଞ୍ଚଳରେ ଚଢାଉ କରାଯାଇ ଦେଢ କେଜି ଗଞ୍ଜେଇ ଜବତ କରାଯିବା ସହ ୧୬୧/୧୯ରେ ମାମଲା ରୁଜୁ କରି ବାବାଜି ଚନ୍ଦ୍ର ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚଢାଉ କରାଯାଇ ୧୦.୩୫ ଗ୍ରାମ ବ୍ରାଉନସୁଗାର ଓ ୪ହଜାର ଟଙ୍କା ଜବତ କରାଯିବା ସହ ୧୮୪/୧୯ରେ ମାମଲା ରୁଜୁ କରାଯିବା ସହ ଆୟେସା ବିବି ଓ ସରିଫ ଖାନଙ୍କୁ ଗିରଫ କରାଯାଇଛି। ସେହିପରି ଚନ୍ଦକା ଥାନା ଅଞ୍ଚଳରେ ଚଢାଉ କରାଯାଇ ୧.୨୧୫ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ୧୨୪/୧୯ରେ ଏକ ମାମଲା ରୁଜୁ କରାଯାଇ ମାନସ ସାହୁଙ୍କୁ ଗିରଫ କରାଯାଇଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢାଉ କରାଯାଇ ୩ କେଜି ଗଞ୍ଜେଇ ଜବତ କରିବା ସହ ୧୨୪/୧୯ରେ ମାମଲା ରୁଜୁ କରି ଲଳିତ ମୋହନ ପଣ୍ଡାଙ୍କୁ ଗିରଫ କରାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳରେ ଚଢାଉ କରାଯାଇ ୧୦ ଗ୍ରାମ ବ୍ରାଉନସୁଗାର ସହ କାର୍, ବାଇକ, ସୁନାଚେନ, ୩ଟି ମୋବାଇଲ ଏବଂ ୧୪ ହଜାର ଟଙ୍କା ସହ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ୩୫୬/୧୯ରେ ଏକ ମାମଲା ରୁଜୁ କରି ମୁନା ସେଠୀ, ସୁଶାନ୍ତ କୁମାର ସାହୁ ଓ ସତ୍ୟଜିତ ସାମଲଙ୍କୁ ଗିରଫ କରିଛି। ସେହିପରି ଖଣ୍ଡଗିରି ଥାନାରେ ୩୫୭/୧୯ ନଂ ମାମଲାରେ ୭ ଗ୍ରାମ ବ୍ରାଉନସୁଗାର, ବାଇକ, ୩ ହଜାର ଟଙ୍କା ଜବତ କରିବାସହ ଶିବୁ ଦାସ ଓ ଜି ସତ୍ୟନାରାୟଣ ରାଓଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଶିବ ଦାସଙ୍କ ନାମରେ ଜଟଣୀ ଥାନାରେ ୮ଟି ମାମଲା ରହିଛି। ଶହୀଦନଗର ଥାନା ଅଞ୍ଚଳରେ ଚଢାଉ କରାଯାଇ ଦେଢ କେଜି ଗଞ୍ଜେଇ ଜବତ କରିବା ସହ ୨୯୯/୧୯ ରେ ଏକ ମାମଲା ରୁଜୁ କରାଯାଇ ଲଣ୍ଡା ଓରଫ ସୁରେନ୍ଦ୍ର ମହାରଣାଙ୍କୁ ଗିରଫ କରାଯାଇଛି। ଇନଫୋସିଟି ଥାନା ଅଞ୍ଚଳରେ ଚଢାଉ କରାଯାଇ ୫ କେଜି ଗଞ୍ଜେଇ ଜବତ କରାଯିବା ସହ ୧୪୬/୧୯ରେ ଏକ ମାମଲା ରୁଜୁ କରାଯାଇ ଲୁମା ଖାନଙ୍କୁ ଗିରଫ କରାଯାଇଛି। ସେହିପରି ନୟାପଲ୍ଲୀ ଥାନା ଅଞ୍ଚଳରେ ଚଢାଉ କରାଯାଇ ୧୧.୨୫ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ୩୦୭/୧୯ରେ ମାମଲା ରୁଜୁ କରାଯାଇ ଭାଲୁ ଓରଫ ପ୍ରଶାନ୍ତ କୁମାର ନାୟକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ବେଆଇନ ଚୋରା ନିଶା କାରବାର ସମ୍ପର୍କରେ ପୋଲିସକୁ ଅନେକ ତଥ୍ୟ ହସ୍ତଗତ ହୋଇଛି।

# ଭିନ୍ନ କରିବାର ପ୍ରୟାସ ଦେଇଛି ସଫଳତା


କାହ୍ନୁ ଚରଣ ରାଉତ

ସ୍ୱଚେଷ୍ଟାରେ ସଫଳ ଉଦ୍‌ଘୋଷକ ଭାବେ ସୃଷ୍ଟି କରିପାରିଛନ୍ତି ସ୍ୱତନ୍ତ୍ର ପରିଚୟ। ଜିଲାସ୍ତରୀୟ ହେଉ ଅଥବା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସବୁଠି ସେ ନିଜର ଚମତ୍କାର ଉପସ୍ଥାପନା ଓ ଭାଷା ଶୈଳୀ ମାଧ୍ୟମରେ ହୋଇପାରିଛନ୍ତି ପ୍ରିୟପାତ୍ର। କିଛି ଭିନ୍ନ କରିବାର ପ୍ରୟାସ ତାଙ୍କୁ ଆଣିଦେଇଛି ସଫଳତା। ସେଇ ଚର୍ଚ୍ଚିତ ଚେହେରା ହେଉଛନ୍ତି ବ୍ରହ୍ମପୁର ବଡବଜାର ରଜା ସାହିର କାହ୍ନୁ ଚରଣ ରାଉତ।

ଏକ ଆଞ୍ଚଳିକ ଚ୍ୟାନେଲରେ ପ୍ରସାରିତ ଶିଶୁଙ୍କ ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମରୁ ଉପସ୍ଥାପକ ଭାବେ କ୍ୟାରିୟର ଆରମ୍ଭ କରିଥିବା କାହ୍ନୁ ଏବେ ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଜଣେ ଉଦ୍‌ଘୋଷକ ହେବାର ସୁଯୋଗ ପାଇଛନ୍ତି। ଜିଲାପ୍ରଶାସନ ପକ୍ଷରୁ ଆୟୋଜିତ ରାହାଗିରି, ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଆୟୋଜିତ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ, ରାଜ୍ୟ ସରକାରଙ୍କ 'ଆମ ଗାଁ ଆମ ବିକାଶ', 'ପରୀ', 'ପିଠା' ଭଳି ବିଭିନ୍ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଗୁଡିକରେ ସେ ମଞ୍ଚ ପରିଚାଳନା ତଥା ଉପସ୍ଥାପନା କରିଛନ୍ତି। ଜିଲା ଓ ରାଜ୍ୟ ସ୍ତରୀୟ ତଥା ଆଞ୍ଚଳିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବରିଷ୍ଠ ଉପସ୍ଥାପକ ତଥା ଉଦ୍‌ଘୋଷକ ଭାବେ ସମ୍ମାନିତ ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି। ନିଜର ଚମତ୍କାର ଉପସ୍ଥାପନା ଶୈଳୀ ତାଙ୍କୁ ଆଣିଦେଇଛି କ୍ରୀଷ୍ଣା ଚଳଚ୍ଚିତ୍ରରେ ଅଭିନୟର ସୁଯୋଗ।

**ଧରିତ୍ରୀ ଆଳାପ**

**ଉଦ୍‌ଘୋଷକ ହେବାକୁ କାହିଁକି ଇଚ୍ଛା ପ୍ରକାଶ କଲେ?**

➥ ଯେକୌଣସି କାର୍ଯ୍ୟକ୍ରମ ହେଉ ଜଣେ ଉପସ୍ଥାପକ ତଥା ଉଦ୍‌ଘୋଷକ ବିନା ତାହା ସମ୍ଭବ ନୁହେଁ। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଜଣେ ଉଦ୍‌ଘୋଷକ। ଛୋଟବେଳୁ ଦଶହରା, କାଳୀପୂଜା ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅୟୋଜିତ କାର୍ଯ୍ୟକ୍ରମକୁ ଆସୁଥିବା ଉଚ୍ଚକୋଟୀର ଉଦ୍‌ଘୋଷକଙ୍କ ଉପସ୍ଥାପନା ଶୈଳୀ ବେଶ୍ ଆକର୍ଷିତ କରିଥିଲା। ସେବେଠୁ ଉପସ୍ଥାପକ ଭାବେ ମଞ୍ଚ ପରିଚାଳନା କରିବାର ଇଚ୍ଛା ଜାଗ୍ରତ ହୋଇଥିଲା।

**ଉଦ୍‌ଘୋଷକର ପରିଚୟ ପ୍ରଥମେ କେଉଁଠୁ ପାଇଥିଲେ ?**

➥ ଯୁକ୍ତ ତିନି ସରିବା ପରେ ବିଜ୍ଞାପନ ଭିଡିଓ ଓ ସେଥିରେ ସ୍ୱରଦାନକୁ ଜୀବିକା ଭାବେ ଗ୍ରହଣ କରିଥିଲି। ସେହି ସମୟରେ ପ୍ରଥମେ ବ୍ରହ୍ମପୁର ଅଞ୍ଚଳିକ ଚ୍ୟାନେଲ ଉତ୍କଳ ଟିଭିରେ ଶିଶୁଙ୍କ ଟ୍ୟାଲେଣ୍ଟ ସର୍ଚ୍ଚ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥାପନା କରିବାର ସୁଯୋଗ ମିଳିଥିଲା। ସେହି କାର୍ଯ୍ୟକ୍ରମରୁ ଜଣେ ଉପସ୍ଥାପକର ପରିଚୟ ମିଳିଥିଲା। ମୋ ଉପସ୍ଥାପନା ଶୈଳୀ ବେଶ୍ ଆଦୃତ ହୋଇଥିଲା।

**କେଉଁ କାର୍ଯ୍ୟକ୍ରମ ଜୀବନରେ ସଫଳତା ଓ ଲୋକପ୍ରିୟତା ଆଣିଦେଇଥିବା ମନେକରନ୍ତି?**

➥ ୨୦୦୫ରେ ୟୁଟିଭିରେ ଉପସ୍ଥାପନାର ସୁଯୋଗ ମିଳିବା ପରେ ବହୁ କାର୍ଯ୍ୟକ୍ରମରେ ଉପସ୍ଥାପକ ହେବାର ସୌଭାଗ୍ୟ ଲାଭ କରିଛି। ସେଥିମଧ୍ୟରେ ୨୦୧୭ରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଆୟୋଜିତ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ଏକ ନୂତନ ଅନୁଭୂତି ଆଣିଦେଇଥିଲା।ଏହି ମଞ୍ଚ ମୋତେ ଲୋକପ୍ରିୟତା ମଧ୍ୟ ଦେଇଥିଲା। ୧୨ ଟି ରବିବାର ଲଗାତର ଭାବେ ବିଭିନ୍ନ ସଚେତନତା ବାର୍ତ୍ତାକୁ ନେଇ ଉପସ୍ଥାପନା କରିଥିଲି।

**କାହାକୁ ନିଜର ଆଇଡଲ୍ ମାନନ୍ତି ?**

➥ 'ଇଣ୍ଡିଆସ୍ ଗଟ୍ ଟାଲେଣ୍ଟ ସୋ'ର ଉପସ୍ଥାପକ ଆୟୁଷ୍ମାନ ଖୁରାନାଙ୍କୁ ନିଜର ଆଇଡଲ୍ ଭାବେ ଗ୍ରହଣ କରିଛି। ତାଙ୍କର ନିଜସ୍ୱ ଉପସ୍ଥାପନା ଶୈଳୀ, କାହିବାର ଭଙ୍ଗୀ ଓ ଅନ୍ୟକୁ ଆକର୍ଷିତ କରିବାର କଳା ବେଶ୍ ଭଲ ଲାଗେ। ଖୁରାନାଙ୍କଠାରୁ ଜଣେ ଉଦ୍‌ଘୋଷକ ହେବା ପାଇଁ ପ୍ରେରଣା ମଧ୍ୟ ପାଇଛି।

**ଉପସ୍ଥାପନା କରିବା ପୂର୍ବରୁ ନିଜକୁ କିପରି ପ୍ରସ୍ତୁତ କରନ୍ତି ?**

➥ ଉପସ୍ଥାପନା କରିବା ପୂର୍ବରୁ କାର୍ଯ୍ୟକ୍ରମ ବିଷୟରେ ପ୍ରଥମେ ସବିଶେଷ ତଥ୍ୟ ଆୟୋଜକଙ୍କଠାରୁ ନେଇଥାଏ। କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ସହକଳାକାରଙ୍କ ସହ ଆଲୋଚନା କରିଥାଏ। ଏହାପରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଜକୁ ପ୍ରସ୍ତୁତ କରି ଉପସ୍ଥାପନା କରିଥାଏ।

**ଉଦ୍‌ଘୋଷକ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଯୁବପିଢିଙ୍କ ପାଇଁ କ'ଣ କହିବେ ?**

➥ ଗୋଟିଏ କାର୍ଯ୍ୟକ୍ରମର ସଫଳତା ଉଦ୍‌ଘୋଷକର ଉପସ୍ଥାପନା ଶୈଳୀ ଉପରେ ନିର୍ଭର କରିଥାଏ। ଉଦ୍‌ଘୋଷକ ହେବାକୁ ହେଲେ ପ୍ରଥମେ ମିଷ୍ଟଭାଷୀ ହେବା ଆବଶ୍ୟକ।ଏକ ପ୍ରଫୁଲ୍ଲିତ ଚେହେରା ସହ ଉପସ୍ଥାପନା କରିବାକୁ ପଡିବ। ସ୍ୱଳ୍ପ ସମୟ ମଧ୍ୟରେ ପାରିପାର୍ଶ୍ୱିକ ପରିବେଶ, ଦର୍ଶକଙ୍କ ଚାହିଦା ତଥା ସୁହାଇଲା ଭଳି ଉପସ୍ଥାପନା ଶୈଳୀ ବିକଶିତ କରିବାକୁ ହେବ। ଏଥିପାଇଁ ବରିଷ୍ଠ ଉଦ୍‌ଘୋଷକଙ୍କ ଶୈଳୀକୁ ଅନୁକରଣ କରି ନିଜସ୍ୱ ଶୈଳୀରେ ଉପସ୍ଥାପନା କରିବା ଦିଗରେ ପ୍ରୟାସ ଓ ପରିଶ୍ରମ କରିବାକୁ ହୁଏ। ସମୟ, ଜୀବନଶୈଳୀ ଅନୁସାରେ ଉପସ୍ଥାପନା ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ।

**ଆଗାମୀ ଲକ୍ଷ୍ୟ କ'ଣ ?**

➥ ଉପସ୍ଥାପକ ବା ଉଦ୍‌ଘୋଷକରେ କ୍ୟାରିୟର କରିବାକୁ ମଞ୍ଚ ରହିଛି। କିନ୍ତୁ ଏହାଲାଗି ସୁଯୋଗର ଅଭାବ ରହିଛି। ନୂତନ ଯୁବ ଉପସ୍ଥାପକ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ନିଜସ୍ୱ ଏକ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଯୁବପିଢିଙ୍କୁ ଉପସ୍ଥାପନା କରିବାର ସୁଯୋଗ ପ୍ରଦାନ କରିବା କୁ ଲକ୍ଷ୍ୟ ରଖିଛି।ଏହାସହ ନିଜସ୍ୱ ଅନୁଭୂତିରୁ ସେମାନଙ୍କୁ ଉପସ୍ଥାପନା କରିବାର ବିଭିନ୍ନ ଶୈଳୀ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପ୍ରୟାସ କରିବି।

ପ୍ରସ୍ତୁତି – ଦୀପକ କୁମାର ପଣ୍ଡା

# ପେଟ୍ରୋଲ ପମ୍ପରେ ରାତି କଟିଥିଲା

ଟଲିଉଡ ଚଳଚ୍ଚିତ୍ର ମ୍ୟୁଜିକ ମ୍ୟାଜିକ ମାଧ୍ୟମରେ ମନୋରଞ୍ଜନ ଦୁନିଆରେ ପାଦ ଥାପିଥିଲେ ପୁରୀରେ ଜନ୍ମିତ ସୁଧାଂଶୁ ନାରାୟଣ। ପରେ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଫିଲ୍ମ 'ହେଲୋ' ତାଙ୍କ ପାଇଁ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ପଦାର୍ପଣ ଥିଲା। ଲଭ ୟୁ ଜେସିକା ଚଳଚ୍ଚିତ୍ରରେ ମଧ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସାନୁ ନାମରେ ପରିଚିତ ସୁଧାଂଶୁ ଓଡ଼ିଆ ମ୍ୟୁଜିକ ଭିଡିଓ ତଥା ୟୁଟ୍ୟୁବରେ ବେଶ ଚର୍ଚ୍ଚାରେ। ଇସ୍କ, ବାଟବଣା ହେଲା ମୋ ପ୍ରେମ, ଆଶାର ଆକାଶ ଭଳି ଅନେକ ହିଟ ଗୀତରେ ଅଭିନୟ କରିଛନ୍ତି। ଏହାଛଡ଼ା ପ୍ରଥମ ଓଡ଼ିଆ ୱେବ ସିରିଜ ରାବଣ ପୋଡ଼ିରେ ମଧ ସେ ମୁଖ୍ୟ ଭୂମିକାରେ ଥିଲେ। ଏଥର ତାଙ୍କ ଅନୁଭୂତିର କଥା...


ସୁଧାଂଶୁ

ଏହା ହେଉଛି ଓଡ଼ିଆ ସିନେ ଜଗତର ନବାଗତ ନାୟକ ସୁଧାଂଶୁ ନାରାୟଣଙ୍କ ଅନୁଭୂତିରୁ କିଛି। ସେ କହିଥିଲେ ଯେ,

**ମୋ ଅନୁଭୂତି**

ଟାର୍ମିୟନ ଚଳଚ୍ଚିତ୍ରର ଶୁଟିଂ ଅଧାରୁ ଅଧିକ ସରିଯାଇଥାଏ। ଚଳଚ୍ଚିତ୍ରର ଗୋଟିଏ ରୋମାଣ୍ଟିକ ଗୀତ ହାଏରେ ଆଲ୍ଲା ବିଶାଖାପାଟଣାରେ ଶୁଟିଂ ହେବ ବୋଲି ସ୍ଥିର ହେଲା। ସୁରୁଖୁରୁରେ ସେଠାରେ ଶୁଟିଂ ଶେଷ ହେଲା। ପୂର୍ବରୁ ସାମୁଦ୍ରିକ ବାତ୍ୟା ତିତଲୀ ହେବ ବୋଲି ସୂଚନା ପାଇଥିଲୁ। ଆମର ଯୋଜନା ଥିଲା ଯେତେଶୀଘ୍ର ସମ୍ଭବ ଓଡ଼ିଶା ଫେରି ଆସିବୁ। ମାତ୍ର ଆନ୍ଧ୍ରପ୍ରଦେଶ ଅତିକ୍ରମ କରି ଓଡ଼ିଶା ସୀମାରେଖାରେ ପହଞ୍ଚିଛୁ ତ ପବନ ଏତେ ବେଗରେ ହେଉଥିଲା ଯେ ଗାଡି ଚଳାଇବା ମୁସ୍କିଲ ହୋଇପଡ଼ିଲା। ଗୋଟିଏ କାରରେ ମୁଁ, ଅଭିନେତ୍ରୀ ଅର୍ଚ୍ଚିତା, ନିର୍ଦ୍ଦେଶକ ମୂରଲୀକ୍ରିଷ୍ଣା ଓ ପ୍ରଯୋଜକ ଥାଉ। ବାଟରେ ଗଛ ପଡ଼ିଥିବା ଶୁଣିବାରୁ ଏକ ପେଟ୍ରୋଲ ପମ୍ପ ଭିତରକୁ ଗାଡ଼ି ନେଇଥିଲୁ। ହେଲେ ସେଠାରେ ପବନର ଯେଉଁ ତାଣ୍ଡବ ଦୃଶ୍ୟ ଦେଖିଥିଲୁ ତାହା ସାରା ଜୀବନ ମନେ ରହିବ। କିଛି ସମୟ ପେଟ୍ରୋଲ ପମ୍ପରେ ଛିଡ଼ା ହେବା ପରେ ପମ୍ପର ଛାତ ସମ୍ପୂର୍ଣ୍ଣ ଭାବେ ଉଡ଼ି ଯାଇଥିଲା। ବୁଦ୍ଧି, ବାଟ ଦିଶୁ ନଥାଏ କଣ କରିବୁ, କୁଆଡେ ଯିବୁ। ପମ୍ପରେ ୩ଜଣ କର୍ମଚାରୀ ଥାନ୍ତି। ସେମାନେ ଗୋଟିଏ ରୁମ୍‌ରେ କବାଟ ବନ୍ଦ କରି ବସିଥାନ୍ତି। ଆମେ ସେ ରୁମ୍‌ରେ ରହିବା ବି ଅସମ୍ଭବ ଥିଲା। ଭଗବାନଙ୍କୁ ସ୍ମରଣ କରିକରି ରାତି କଟିଥିଲା। ସକାଳେ ଝଡ଼ ଥମିବା ପରେ ଓଡ଼ିଶା ଫେରିଥିଲୁ ବୋଲି ସୁଧାଂଶୁ କହିଛନ୍ତି।

ରିପୋର୍ଟ: କୁମାରଶ୍ରୀ ସାହୁ

# ଚିକେନ୍ ବେସର

ଖାଦ୍ୟ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ ପରିଚିତ ସୁବର୍ଣ୍ଣପୁର। ଗ୍ରାହକଙ୍କ ଚାହିଦା ମୁତାବକ ଖାଦ୍ୟ ପ୍ରସ୍ତୁତି ପାଇଁ ସହରରେ ଖୋଲିଛି ବିଭିନ୍ନ ରେଷ୍ଟୁରାଣ୍ଟ। ସେଥିମଧ୍ୟରୁ କସ୍ତୁରୀ ହୋଟେଲର ସ୍ୱତନ୍ତ୍ର ଡିଶ୍ ହେଉଛି ଚିକେନ୍ ବେସର। ଯାହାର ପ୍ଲେଟ୍ ପିଛା ମୂଲ୍ୟ ରହିଛି ୧୨୦ଟଙ୍କା। ଏହି ଡିଶ୍ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ରେଷ୍ଟୁରାଣ୍ଟ ଆସିଷ୍ଟାଣ୍ଟ କୁକ୍ ଆନନ୍ଦ ସାହୁଙ୍କ ବର୍ଣ୍ଣନା..।



**ଖାଦ୍ୟ ରୁଚି**

## ଆବଶ୍ୟକ ସାମଗ୍ରୀ

- ଚିକେନ୍ ୩୦୦ଗ୍ରାମ୍
- ଅଦା, ରସୁଣ ପେଷ୍ଟ ଦୁଇ ଚାମଚ
- କର୍ନଫ୍ଲୋର ୧୦୦ଗ୍ରାମ
- ହଳଦୀ ୨୫ ଗ୍ରାମ
- ଲଙ୍କା ଗୁଣ୍ଡ ଅଧା ଚାମଚ
- ଚାଇନା ସଲ୍ଟ ଅଧା ଚାମଚ
- ବେସର ସସ୍ ୧୦୦ଗ୍ରାମ
- ନଡିଆ ପାଉଡର ୫୦ଗ୍ରାମ
- ଜିରା ପାଉଡର ୧ ଚାମଚ
- କଟା ରସୁଣ ଏକ ଚାମଚ
- କଞ୍ଚାଲଙ୍କା ୪ଟା
- ଲେମ୍ବୁ ୧ଟା
- ଭୁର୍ସଙ୍ଗ ପତ୍ର
- ତେଲ ୫୦ମିଲି.

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଛୋଟ ଛୋଟ ପିସ୍ କରି କାଟି ରଖିବେ। ସେଥିରେ ଅଦା, ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲେମ୍ବୁ ରସ, କର୍ନଫ୍ଲୋର ଦେଇ ଚିକେନ୍‌କୁ ଗୋଳାଇ ରଖିବେ। ଚୁଲା ଉପରେ କଡେଇ ବସାଇ ତେଲ ପକାଇବେ। ତେଲ ଗରମ ହେବା ପରେ ଚିକେନ୍‌କୁ ଫ୍ରାଏ କରାଯିବ। ଏହା ପରେ ଫ୍ରାଇପେନ ବସାଇ ତେଲ ପକାଇବେ। ତେଲ ଗରମ ହେବା ପରେ କଟା ରସୁଣ, କଟା ଲଙ୍କା, ଭୁର୍ସୁଙ୍ଗ ପତ୍ରକୁ ଫ୍ରାଏ କରାଯିବ। ସେଥିରେ ଚିକେନ୍‌କୁ ପକାଇ ଫ୍ରାଏ କରିବେ। ବେସର ସସ୍, ଜିରା ପାଉଡର, ଲଙ୍କା ପାଉଡର, ନଡିଆ ପାଉଡର ପକାଇ ପୁଣି ଥରେ ଫ୍ରାଏ କରିବେ। ଫ୍ରାଏ ହୋଇଗଲା ପରେ ତାକୁ ଏକ ପ୍ଲେଟକୁ ବାହାର କରିବେ। କାକୁଡି, ଗାଜର, କ୍ୟାପ୍‌ସିକମ୍, ଧନିଆ ପତ୍ର ଦେଇ ପରଷିବେ।


■ ଆସିଷ୍ଟାଣ୍ଟ କୁକ୍ ଆନନ୍ଦ ସାହୁ

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଅବିନାଶ


ମନୋରଞ୍ଜନ



ଲିବୁନ


କାଦମ୍ବିନୀ


ସନ୍ତୋଷିନୀ


ସୁପ୍ରିୟା


ରମେଶ


ତରୁଣ


ସଚ୍ଚିଦାନନ୍ଦ



ସୁମନପ୍ରିୟା

# ବୈଶାଳୀକୁ ଅପେକ୍ଷା

ଖୁବ୍‌ଶୀଘ୍ର ପରଦା ଉପରକୁ ଆସୁଛି ଓଡ଼ିଆ ସିନେମା 'ବୈଶାଳୀ'। ଏହି ଫିଲ୍ମରୁ ନୂଆ ଯୋଡ଼ି ଅଭିଷେକ ରଥ–ସୁମନପ୍ରିୟା ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। କାହାଣୀ ଅନୁସାରେ, ବେଳେବେଳେ ପ୍ରେମ ପାଇଁ ପ୍ରେମିକକୁ ଅନେକ କିଛି ସାମ୍‌ନା କରିବାକୁ ପଡ଼ିଥାଏ। ତେବେ ନିଜ ପ୍ରେମକୁ ସଫଳ କରିବାକୁ ମାନସିକସ୍ତରରେ ପ୍ରସ୍ତୁତ କରିଥିବା ଦେବ୍ ସେଥିରୁ ବା ବାଦ୍ ପଡ଼ନ୍ତା କିପରି ? ହଠାତ୍ ସେ ବୈଶାଳୀ ପ୍ରେମରେ ପଡିଯାଇଛି। ହେଲେ ପ୍ରେମର ରାସ୍ତା ଯେ ଏତେ କଣ୍ଟକିତ, ତାହା ସେ ଜାଣି ନ ଥିଲା। ତେବେ ଏଭଳି ଘଟଣାକୁ ସେ କିପରି ସାମ୍‌ନା କରୁଛି ଏବଂ ଏହି ପ୍ରେମରେ ସେ ସକ୍‌ସେସ୍ ହେଉଛି କି ନାହିଁ, ତାହାର ଉତ୍ତର ରହିଛି ଏହି ସିନେମାରେ। ଅଜୟ ସାମଲଙ୍କ କାହାଣୀକୁ ଆଧାରକରି ଫିଲ୍ମଟି ନିର୍ମିତ ହୋଇଛି। ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁଧୀର କୁମାର। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଉଛନ୍ତି ଆଶୁତୋଷ (ବାବୁ ଦା')। ଖାସ୍ କଥା ହେଲା, ପ୍ରଥମ ଫିଲ୍ମରେ ସୁମନପ୍ରିୟା ଡବଲ ରୋଲ୍‌ରେ ଦେଖାଦେବେ, ଯାହାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ନବାଗତା। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଅଭିଷେକ–ସୁମନପ୍ରିୟାଙ୍କ ବ୍ୟତୀତ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସୀତ୍ ପତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ଲୁଚିଛି ନା ଗୋଡ଼..

କଥାରେ ଅଛି– 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି'। ଦେଖୁନାହାନ୍ତି ଗୋଟିଏ କଥା ପଚାରିଲା ବେଳକୁ ଉତ୍ତର ମିଳୁଛି ଆଉ ଗୋଟିଏ କଥା। ଅସଲ କଥାକୁ ଯେତେସମ୍ଭବ ଲୁଚାଇବାକୁ ପ୍ରୟାସ କରୁଛନ୍ତି ସୁଶାନ୍ତ ସିଂ ରାଜପୁତ। ଯେହେତୁ ଏବେ ଶୁଟିଂ ନାହିଁ, ତେଣୁ ଛୁଟି କଟାଇବାକୁ ଲଦାଖରେ ସେ ଡେରା ପକାଇଛନ୍ତି। ହେଲେ ସେଠାରେ ସେ ଏକା ନାହାନ୍ତି, ତାଙ୍କ ପ୍ରେମିକା ରେହା ଚକ୍ରବର୍ତ୍ତୀ କୁଆଡ଼େ ତାଙ୍କ ସାଥିରେ ଅଛନ୍ତି। ବର୍ତ୍ତମାନ ଦୁହେଁ ଫୁଲ୍ ରୋମାନ୍ସରେ ବ୍ୟସ୍ତ ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି। ସେପଟେ ଏଭଳି ସମ୍ପର୍କକୁ ସ୍ୱୀକାର କରିବାକୁ ସୁଶାନ୍ତ ନାରାଜ। ସଫେଇ ଦେଇ ସେ କୁହନ୍ତି, 'ଏଗୁଡ଼ିକ ମିଛ କଥା। ରେହାଙ୍କ ସହ ମୋର କୌଣସି ପ୍ରେମସମ୍ପର୍କ ନାହିଁ। ଆମେ ଦୁହେଁ ଭଲ ବନ୍ଧୁ। ବାକି ରହିଲା ଲଦାଖ କଥା। ଏଠାକୁ ମୁଁ ଏକୁଟିଆ ଆସିଛି। ରେହା ମୋ ସହ ଅଛି ବୋଲି ଯାହା ପ୍ରଚାର ହେଉଛି, ତାହା ମିଛ।'



ସୁଶାନ୍ତ ସିଂ ରାଜପୁତ



ପରିଣିତି

# ଖୁସି ଅନ୍ତରାଳେ..

ପରିଣିତି ଚୋପ୍ରାଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କେମିତି ବା ମାନିବ କହୁନାହାନ୍ତି ? ଯେତେବେଳେ କଥାଟି ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ଖୁସିରେ ଉଛୁଳି ଉଠିଥିଲେ। ଅସଲ କଥା ହେଲା ପରିଣିତି ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ତାଙ୍କ ସହ କେତେଜଣ କଲେଜ ସାଙ୍ଗ ମଧ୍ୟ ଅଛନ୍ତି। ହେଲେ ସେ ସେଠାକୁ ବୁଲିବାକୁ ଯାଇନାହାନ୍ତି। ଏକ ଫିଲ୍ମର ଶୁଟିଂ ପାଇଁ ସେ ଲଣ୍ଡନ ଯାଇଛନ୍ତି। ହଲିଉଡ୍ ଫିଲ୍ମ 'ଦ ଗର୍ଲ ଅନ୍ ଦ ଟ୍ରେନ୍' ରିମେକ୍ ହେଉଥିବା ଏହି ଚିତ୍ରଟିର ଟାଇଟଲ ଫାଇନାଲ ହୋଇନାହିଁ। ଏ ବିଷୟରେ ପରିଣିତି କହନ୍ତି, 'ଏହି ଫିଲ୍ମରେ ମୋର କେତେଜଣ କଲେଜ ବେଳର ସାଙ୍ଗ ଅଭିନୟ କରୁଛନ୍ତି। ଏକଥା ଶୁଣିବା ପରେ ମୁଁ ନିର୍ଦ୍ଦେଶକ ରିବୁ ଦାସଗୁପ୍ତାଙ୍କୁ କେମିତି ଧନ୍ୟବାଦ ଦେବି ଜାଣିପାରି ନ ଥିଲି। ଶୁଟିଂ ତ ଚାଲିଛି, ତା' ସହ ସେଠାରେ ସାଙ୍ଗମାନଙ୍କ ସହ ବେଶ୍ ମଉଜମସ୍ତି ମଧ୍ୟ ହେଉଛି।'

# ପ୍ରଯୋଜକ କେଶବ ରାଉତଙ୍କ ସ୍ମରଣେ..

ଓଡ଼ିଆ ସିନେମା ଜଗତର ପୁରୁଖା ପ୍ରଯୋଜକ କେଶବ ରାଉତ ଜଣେ ଭଲ ମଣିଷ। ଅନ୍ୟାନ୍ୟ ପ୍ରଯୋଜକ ସଂସ୍ଥାର ଅଳିଆ କାର୍ଯ୍ୟରୁ ସେ ନିଜକୁ ଦୂରରେ ରଖନ୍ତି। ଦରଦୀ ବ୍ୟକ୍ତି, ସିନେମା ଜଗତର ସାମଗ୍ରିକ ବିକାଶ ପାଇଁ ସେ ବିଶେଷ ଆଗ୍ରହୀ ଥିଲେ। ଅନେକ ବର୍ଷ ପରେ ପ୍ରଯୋଜକ ସଂଘର ସଭାପତି ଦାୟିତ୍ୱ ନେଇ କାର୍ଯ୍ୟ କରିବାକୁ ଅଗ୍ରସର ବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ଚଳଚ୍ଚିତ୍ର ପ୍ରଯୋଜକମାନଙ୍କ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ପଷ୍ଟ କଥା ହେତୁ ତାଙ୍କୁ ସ୍ୱାର୍ଥଜଡ଼ିତ କିଛି ହାତଗଣତି ବ୍ୟକ୍ତି ଖରାପ ଭାବନ୍ତି, ହେଲେ ସେ ସମସ୍ତଙ୍କ ପାଇଁ ଆପଣାର ମଣିଷ !

ପ୍ରଯୋଜକ କେଶବ ରାଉତଙ୍କ ସଫଳ ବ୍ୟାବସାୟିକ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ସୁନା ଚଢ଼େଇ, ସୁନା ହରିଣୀ, ସୁନା ସଂସାର ଓ ଭୀଷ୍ମ ପ୍ରତିଜ୍ଞା। ଏତଦ୍ ବ୍ୟତୀତ ଟେଲି ଧାରାବାହିକ ଶ୍ରୀଜଗନ୍ନାଥ ଅନ୍ୟତମ। ଟେଲିଫିଲ୍ମ 'ବୁଢ଼ା ଶଙ୍ଖାରୀ' ମଧ୍ୟ ନିର୍ମାଣ କରିଥିଲେ । ଚଳଚ୍ଚିତ୍ର ନିର୍ମାଣ ହେଲେ ଅନେକ କଳାକାର ଓ ଟେକ୍ନିସିଆନଙ୍କ ଯେପରି ନିଜର ଜୀବନ ବଞ୍ଚିବ, ସେଇ ଚିନ୍ତାଧାରା ତାଙ୍କର ଥିଲା।

କେଶବ ବାବୁ ସତରେ ମଣିଷଙ୍କ ଭିତରେ ଥିଲେ ମଣିଷଟିଏ। ଆଜି ଯେତେବେଳେ ସମାଜରୁ ମଣିଷପଣିଆ ହଜିଯିବାକୁ ବସିଲାଣି, ସେତେବେଳେ ଏହି ମଣିଷପଣିଆ ତାଙ୍କ ଭିତରେ ଭରପୂର ଥିଲା। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ଏକ ବୈଠକ ଜୟଦେବ ଭବନଠାରେ ଗତ ମାର୍ଚ୍ଚ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ପରେ ଏକତ୍ରୀକରଣ ପ୍ରଯୋଜକମାନଙ୍କୁ ଦେଖି ମୋତେ ବହୁତ ଖୁସି ଲାଗିଲା। ସଭାପତି କେଶବ ବାବୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନର ସମ୍ପାଦକ ହିସାବରେ ମୋତେ ଆନୁଷ୍ଠାନିକ ଭାବେ ଫୋନ୍ ଯୋଗେ ଯୋଗାଯୋଗ କରି ଓଡ଼ିଶା ସିନେମାର ଭବିଷ୍ୟତ ପାଇଁ ଆପଣ ଆମକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବେ ତ ? ମୁଁ ତତ୍‌କ୍ଷଣାତ ତାଙ୍କ କଥାରେ ସମ୍ମତି ପ୍ରଦାନ କରିଥିଲି। ତାଙ୍କ



କେଶବ ରାଉତ

ପରିଚାଳନାରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଏକ ସୁସ୍ଥ ବାତାବରଣ ଆସିବ ସେ ଦିଗରେ ସମସ୍ତ ସିନେ ବର୍ଗର ବ୍ୟକ୍ତିବିଶେଷଙ୍କୁ ଏକାଠି କରି, ତାଙ୍କ ମତାମତକୁ ଭିତ୍ତିକରି ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରିଥିଲେ। ଚଳଚ୍ଚିତ୍ର ଶିଳ୍ପର ସାମଗ୍ରିକ ସମୃଦ୍ଧିର ଉଦ୍ୟମ ଦୀର୍ଘବର୍ଷ ପରେ ହେଲା ସତ, କିନ୍ତୁ ସବୁକିଛି ନୀରବୀ ଗଲାପରି ଲାଗୁଛି।

ଓଡ଼ିଆ ଚଳଚ୍ଚିତ୍ରରେ ଯେଉଁ କେତେଜଣ ହାତଗଣତି ପ୍ରଯୋଜକ ସମଗ୍ର ଚଳଚ୍ଚିତ୍ର ଜଗତର ପ୍ରଯୋଜକମାନଙ୍କୁ ଯେପରି ମାନସିକ ଓ ଆର୍ଥିକ ଦିଗରୁ ହଇରାଣ କରୁଥିଲେ, ସେ ସବୁ ବିରୋଧରେ ପ୍ରଯୋଜକ କେଶବ ରାଉତ ଠିକ୍ ଜବାବ ଦେଇ ପ୍ରଯୋଜକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଥିଲେ। ସେଇ ଲଢୁଆ ପ୍ରଯୋଜକଙ୍କ ହଠାତ୍ ଆରପାରିକୁ ଚାଲିଯିବା କଥା କେହି ବିଶ୍ୱାସ କରିପାରୁନାହାନ୍ତି। ଓଡ଼ିଆ ଚଳଚ୍ଚିତ୍ର ପରିପକ୍ୱ ବୟସରେ ମଧ୍ୟ ଅପରିପକ୍ୱ ମଧ୍ୟରେ ଗତି କରୁଛି। କିଛି ନୂତନତାର ସ୍ୱାଦ ଦେବା ଓ ମହତ୍ କାର୍ଯ୍ୟକୁ ପୂରଣ କରିବା ଦିଗରେ ସେ ଦିଗ୍‌ଦର୍ଶନ ଦେଇଥିଲେ। ଭଲ ଓଡ଼ିଆ ଚଳଚ୍ଚିତ୍ର ହେଉ ଏହା ହିଁ ଥିଲା ତାଙ୍କର ଲକ୍ଷ୍ୟ।

ପ୍ରଯୋଜକ କେଶବ ରାଉତଙ୍କ 'ଭୀଷ୍ମ ପ୍ରତିଜ୍ଞା' ଚଳଚ୍ଚିତ୍ର ରାଜ୍ୟ ପୁରସ୍କାରରେ ଚାରିଗୋଟି ପୁରସ୍କାର ୧୯୯୩ ମସିହାରେ ପାଇଥିଲା। ତନ୍ମଧ୍ୟରୁ ଶ୍ରେଷ୍ଠ ଅଭିନେତା ବିଜୟ ମହାନ୍ତି, ଶ୍ରେଷ୍ଠ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଶ୍ରେଷ୍ଠ ଗୀତିକାର ଅକ୍ଷୟ ମହାନ୍ତି ଓ ଶ୍ରେଷ୍ଠ ସମ୍ପାଦନା ବିଶ୍ୱନାଥ ରାୟ ପ୍ରମୁଖ। ରାଜନୀତିରେ ରହି ସେ ସମାଜସେବା ମାଧ୍ୟମରେ ବହୁ କାର୍ଯ୍ୟ କରିଥିଲେ କିନ୍ତୁ ପ୍ରଯୋଜକ ଭାବେ ନିଜର ଖ୍ୟାତି ଅଧିକ ସାଉଣ୍ଟି ବସିଲେ। ପ୍ରଯୋଜନା କ୍ଷେତ୍ରରେ ବି ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଆଜି କେଶବ ରାଉତ ଇହଧାମ ଛାଡ଼ି ଚାଲିଗଲେ ସତ, ହେଲେ ତାଙ୍କ ଚଳଚ୍ଚିତ୍ରଗୁଡ଼ିକ ତାଙ୍କୁ ଇତିହାସରେ ଅମର କରି ରଖିବ।

**–ଦିଲୀପ ହାଲି**
*ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ,*
*ବଡ଼ଗଡ଼, ଭୁବନେଶ୍ୱର*

# ବଦଳିଲା ଟାଇଟଲ

ଶେଷରେ ପ୍ରଯୋଜିକା ଏକତା କପୁର ନିଜ ସିନେମାର ଟାଇଟଲ ବଦଳାଇବାକୁ ବାଧ୍ୟ ହୋଇଛନ୍ତି। କାରଣ ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିବା ପରେ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ହେଲେ ତା' ପୂର୍ବରୁ ସେ ପିତା ଜିତେନ୍ଦ୍ର, ଫିଲ୍ମର ନାୟିକା କଙ୍ଗନା ରାଣାୱତ, ନାୟକ ରାଜ କୁମାର ରାଓଙ୍କ ସହ ଆଲୋଚନା କରିଥିଲେ। ବାଲାଜୀ ଟେଲିଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ଟାଇଟଲ ଥିଲା 'ମେଣ୍ଟାଲ ହୈ କ୍ୟା'। କିନ୍ତୁ ଇଣ୍ଡିଆନ୍ ସାଇକାଟ୍ରିକ୍ ସୋସାଇଟି ପକ୍ଷରୁ ଏହି ଟାଇଟଲ ଦିବ୍ୟାଙ୍ଗଙ୍କ ମନକୁ ଆଘାତ ଦେବ ବୋଲି ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେଶନ (ସିବିଏଫସି) ନିକଟରେ ଅଭିଯୋଗ କରାଯାଇଥିଲା। ଆଉ ଏବେ ଏହି ଟାଇଟଲ ବଦଳାଯାଇ 'ଜଜ୍ ମେଣ୍ଟାଲ ହୈ କ୍ୟା' ରଖାଯାଇଛି। ଫିଲ୍ମଟି ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି।



କଙ୍ଗନା

### ଅପେରା ହାଲଚାଲ

# ବ୍ୟାଲେଞ୍ଜ ଦେବେ ମଣ୍ଟୁ

ଜଲିଉଡ୍‌ର ଅନ୍ୟତମ ପରିଚିତ ଅଭିନେତା ମଣ୍ଟୁ ଦାସ। ଦୀର୍ଘ ୧୮ବର୍ଷ ଧରି ସେ ନିଜ ଅଭିନୟ ଦକ୍ଷତାର ଅନେକ ପ୍ରମାଣ ଦେଖାଇସାରିଛନ୍ତି। ଗତ ଅପେରା ସିଜନ୍‌ରେ ଇନ୍ଦ୍ରମହଲରେ ବେଶ୍ ପ୍ରଶଂସା ସାଉଁଟିଥିଲେ ଏହି ଅଭିନେତା। ନୂଆ ଯାତ୍ରା ସିଜନରେ ତାଙ୍କୁ ଦେଖିବାକୁ ମିଳିବ 'ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦ'ରେ। ଇତିମଧ୍ୟରେ ଏହି ପାର୍ଟିର ଆଖଡା ଆରମ୍ଭ ହୋଇଯାଇଛି ଆଉ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ବେଶ୍ କସରତ କରୁଛନ୍ତି ମଣ୍ଟୁ। ଆଖଡା ଚାଲିଥିବା ଉକ୍ତ ପାର୍ଟିର ନୂଆ ନାଟକ 'ବାବୁ ମୋ ଚୌକିଦାର' (ରଚନା/ନିର୍ଦ୍ଦେଶନା– ହର ବାରିକ)ରେ ମିଳିଛି ଏକ ସସପେନ୍ସ ଭୂମିକା। ଚରିତ୍ରଟି ହେଲା ପ୍ରଶାନ୍ତ। ନିଜ ଭଉଣୀ ହତ୍ୟାର ରହସ୍ୟ ଉନ୍ମୋଚନ କରିବା ସହ କିପରି ସେ ପ୍ରତିଶୋଧ ନେଉଛି ତାହା ଏହି ନାଟକରେ ଦେଖିବାକୁ ମିଳିବ। ଅପରପକ୍ଷରେ ନୂଆ ଯାତ୍ରା ସିଜନ ପାଇଁ ଏହି ପାର୍ଟିର ପ୍ରସ୍ତୁତିପଥେ ଥିବା ଅନ୍ୟ ନାଟକଗୁଡିକ ହେଲା 'ସବୁ ଥାଇ କିଛି ନାହିଁ' (ରଚନା–ନିହାର ମହାନ୍ତି, ନିର୍ଦ୍ଦେଶନା–ଲାଲା ବୀରେନ୍ ରାୟ), 'ଭୁଲ୍ ଥିଲେ ଠିକ୍ କର' (ରଚନା –ମନୁ ଭାଇ, ନିର୍ଦ୍ଦେଶନା– ତାପସ ସ୍ୱାଇଁ) ଏବଂ ଜଗନ୍ନାଥ ରାଉତଙ୍କ ରଚିତ ଏବଂ ଶାନ୍ତନୁ ଓଝାଙ୍କ ନିର୍ଦ୍ଦେଶନାରେ 'ନିଜ ସ୍ୱାମୀ ଆଉ ଭଲ ଲାଗୁନି'। ଏ ସବୁ ନାଟକରେ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ଜଗତ୍‌ସିଂହପୁର ଜିଲା ତାଳଦଣ୍ଡାରେ ଜନ୍ମିତ ମଣ୍ଟୁ। 'ବାବା ବଳିଆଙ୍କ ଦିଗ୍‌ଦର୍ଶନରେ ଆଜି ମୁଁ ଏଠାରେ ପହଞ୍ଚିପାରିଛି ବୋଲି କହନ୍ତି ଏହି ଆଗଧାଡ଼ିର ନାୟକ। ନବଗଠିତ ଏହି ପାର୍ଟିର ପ୍ରୋପ୍ରାଇଟର ହେଉଛନ୍ତି ପର୍ଶୁରାମ ମଲ୍ଲିକ। ମଣ୍ଟୁଙ୍କ ବ୍ୟତୀତ କୁନା–ରଞ୍ଜି, ଅଶୋକ ରାଉତ, ବୁଦ୍ଧିଆନା, ବାପି, ସୁଶାନ୍ତ–ସଞ୍ଜୁ, କାଳିଆ, କୁନା (ଭିଲେନ୍) ଏବଂ ସୁକାନ୍ତଙ୍କ ଅଭିନୟ ଏଥିରେ ଦେଖିବାକୁ ମିଳିବ।



ମଣ୍ଟୁ

# ସୁଯୋଗ ଅପେକ୍ଷାରେ କୀର୍ତ୍ତି

ନବାଗତ କୀର୍ତ୍ତି ବିକାଶ ବିଶ୍ୱାଳ। ମନରେ ଅସୁମାରୀ ଆଶା। ପିଲାଟିଦିନରୁ ଇଚ୍ଛା ଥିଲା କେମିତି ବଡ଼ ପରଦାରେ ମୁହଁ ଦେଖାଇବେ। ନିଜର ଅଭିନୟ ଦକ୍ଷତା ଦେଖାଇବାକୁ ସୁଯୋଗଟିଏ ଖୋଜୁଥିଲେ। ହାତୀ ମୁଣ୍ଡରେ ସୁନାକଳସ ଢାଳିବା ପରି ତାଙ୍କୁ ୨୦୧୮ରେ ସତେଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ପ୍ରଯୋଜକ ନାରାୟଣ ଘଡ଼େଇ ଏବଂ ନିର୍ଦ୍ଦେଶକ ନିଶି କର ତାଙ୍କୁ ଆଲବମ୍‌ରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ପାଖାପାଖି ୨୦ଟି ଆଲ୍‌ବମ ଏବଂ ୧୦ଟି ଭଜନରେ ସେ ଅଭିନୟ କରିସାରିଛନ୍ତି। ଓଡ଼ିଆ ସିନେମାରେ



କୀର୍ତ୍ତି ବିକାଶ ବିଶ୍ୱାଳ

ତାଙ୍କୁ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଥିଲା ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଦିଲ୍ କା ରାଜା'ରେ। ଏଥିରେ ଏକ ଛୋଟ ଭୂମିକା ମିଳିଥିଲେ ମଧ୍ୟ ତାହାକୁ ବେଶ୍ ସୁଚାରୁରୂପେ ତୁଲାଇ ପାରିଥିଲେ ସେ। ଏ ସମ୍ପର୍କରେ ଜଗତସିଂହପୁର ବିରିଡି ବ୍ଲକ ଅର୍ନ୍ତଗତ ରାଣୀପଡା ଗ୍ରାମରେ ଜନ୍ମିତ କୀର୍ତ୍ତି କୁହନ୍ତି, 'ମୁଁ ଓଡ଼ିଆ ସିନେମା 'ଦିଲ୍ କା ରାଜ', 'ଅଜାତଶତ୍ରୁ', 'ଧୀରେ ଧୀରେ ପ୍ରେମ ହେଲା' ଏବଂ 'ନିମକି'ରେ ଅଭିନୟ କରିସାରିଛି ଏବଂ ଯେଉଁ ଭୂମିକା ମିଳିଛି ତାହା ମୋତେ ଆତ୍ମତୃପ୍ତି ଦେଇଛି। ହେଲେ ଏକ ବଡ଼ ସୁଯୋଗ ସନ୍ଧାନରେ ମୁଁ ରହିଛି। ଆଜି ମୁଁ ଏ ପର୍ଯ୍ୟନ୍ତ ଆସିଛି, ସେଥିପାଇଁ ନାରାୟଣ ସାର୍ ଏବଂ ନିଶି ସାର୍‌ଙ୍କ ଅବଦାନକୁ କେବେ ଭୁଲିପାରିବି ନାହିଁ।'





# ଭାରତର ଆଶା ଧୂଳିସାତ୍

## ଫାଇନାଲରେ ନ୍ୟୁଜିଲାଣ୍ଡ

ମାଞ୍ଚେଷ୍ଟର,୧୦।୭(ପି.ଟି.)

ଶେଷରେ ଭାରତ ଆଶା ଧୂଳିସାତ୍ ହୋଇଛି। କୋଟି କୋଟି ଭାରତୀୟ କ୍ରିକେଟ ପ୍ରଶଂସକ ନିରାଶ ହୋଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇ ଭାରତ ଚଳିତ ଆଇସିସି ବିଶ୍ୱକପରୁ ବାଦ୍ ପଡିବା ପରେ ସାରା ଦେଶରେ ନୈରାଶ୍ୟ ଖେଳିଯାଇଛି। କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭାରତକୁ ୧୮ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦମ୍‌ଦାର ବୋଲିଂ ପ୍ରଦର୍ଶନ କରି ବିଶ୍ୱକପ୍‌ର ଗତ ସଂସ୍କରଣ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଏଥର ମଧ୍ୟ ଫାଇନାଲ ଟିକେଟ ହାସଲ କରିଛି। ରବିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଇଂଲଣ୍ଡ କିମ୍ବା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଗତ ସଂସ୍କରଣରେ ମଧ୍ୟ ଭାରତ ସେମିଫାଇନାଲରେ ପରାସ୍ତ ହୋଇଥିଲା। ସେମିରେ ଭାରତ ସିଡନୀରେ ଆୟୋଜକ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ଏଥର ଏହାର ମାତ୍ର ପୁନରାବୃତ୍ତି ଘଟିଛି। ଫାଇନାଲରେ ପ୍ରବେଶ କରିବା ପରେ ନ୍ୟୁଜିଲାଣ୍ଡକୁ ସବୁ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ପରାଜୟର ମୁଖ୍ୟ କାରଣ ସାବ୍ୟସ୍ତ ହୋଇଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ସାହସିକ ବ୍ୟାଟିଂ କରିଥିଲେ ମଧ୍ୟ ଭାରତକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ସାରା ଟୁର୍ନାମେଣ୍ଟରେ ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ତେବେ ଗୋଟିଏ ମାତ୍ର ବିଫଳତା ଶେଷରେ ଦଳ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି।



ଆଉଟ୍ ହେବା ପରେ ବିରାଟ କୋହଲିଙ୍କ ପ୍ରତିକ୍ରିୟା।

ମଙ୍ଗଳବାର ପ୍ରଥମ ସେମିଫାଇନାଲ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୬.୧ ଓଭରରେ ୫ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ରିଜର୍ଭ ଡେ' ଅର୍ଥାତ ବୁଧବାର ମ୍ୟାଚ୍‌ର ଅବଶିଷ୍ଟାଂଶ ଖେଳାଯାଇଥିଲା। ନ୍ୟୁଜିଲାଣ୍ଡ ଏହି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ବାକିଥିବା ୨୩ଟି ବଲରେ ଅଧିକ ୩ ଉଇକେଟ ହରାଇ ୨୮ ରନ ସଂଗ୍ରହ କରିଥିଲା। ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା। ଅପରାଜିତ ଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ୬୭ରୁ ଖେଳ ଆରମ୍ଭ କରି ସର୍ବାଧିକ ୭୪ ରନ କରି ଜାଡେଜାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଭୁବନେଶ୍ୱର ସର୍ବାଧିକ ୩, ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଜାଡେଜା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

୨୪୦ରନର ଆଭରେଜ ଟାର୍ଗେଟ ପିଛା କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଭାରତ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା ଓ ଏହା ଭାରତକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇ ନ ଥିଲା। ଯଦିଓ ଜାଡେଜା ଓ ଧୋନୀ କିଛି ସମୟ ବିଜୟର ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ଏହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଟପ୍ ଅର୍ଡର ୩






ବ୍ୟାଟ୍ସମ୍ୟାନ ରୋହିତ ଶର୍ମା, ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ପ୍ରତ୍ୟେକ ୧ ରନ ଲେଖାଏ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ନୀରବତା ଛାଇ ଯାଇଥିଲା। ଓଭରକାଷ୍ଟ କଣ୍ଡିଶନ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କ ସୁଇଙ୍ଗ୍‌ର ସମ୍ମୁଖୀନ ହୋଇ ପାରି ନ ଥିଲେ। ୫ଟି ଶତକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ରୋହିତ ମ୍ୟାଟ୍ ହେନରିଙ୍କ ଏକ ଗୁଡ ଲେନ୍ଥ ବଲରେ ଚକ୍‌ମା ଖାଇଥିଲେ। ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ଲଥାମ କ୍ୟାଚ୍ ଧରିବାରେ କୌଣସି ତ୍ରୁଟି କରି ନ ଥିଲେ। ଏହାପରେ କୋହଲି ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌କୁ ଲଙ୍ଗ ଅନ୍‌ରେ ଖେଳିବାକୁ ଯାଇ ବିଟ୍ ହୋଇଥିଲେ। ବଲ୍ ଲେଗ୍ ଷ୍ଟମ୍ପ୍ ବାହାରେ ପଡି ମିଡଲ ଷ୍ଟମ୍ପ ଆଡକୁ ଯାଇଥିଲା ଓ କୋହଲିଙ୍କ ପ୍ୟାଡ୍‌ରେ ବାଜିଥିଲା। ଅମ୍ପାୟର ଏଲ୍‌ବିଡବ୍ଲ୍ୟୁ ଘୋଷିତ କରିଥିଲେ। କୋହଲି ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା ଓ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ଏହାପରେ ରାହୁଲ ମଧ୍ୟ ରୋହିତଙ୍କ ତ୍ରୁଟି ଦୋହରାଇ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାକୁ ଯାଇଥିଲେ ଓ ବଲ୍ ବ୍ୟାଟ୍‌ର ଏଜ୍ ନେଇ ଲଥାମଙ୍କ ହାତରେ ଧରାପଡିଥିଲା। ଭାରତ ମାତ୍ର ୫ ରନରେ ମୂଲ୍ୟବାନ ୩ ଉଇକେଟ ହରାଇଥିଲା। ଏହାପରେ ଅଭିଜ୍ଞ ଦୀନେଶ କାର୍ତ୍ତିକ କିଛି ସମୟ ପାଇଁ କ୍ରିଜ୍‌ରେ ତିଷ୍ଠି ରହିବାକୁ ପ୍ରୟାସ କରିଥିଲେ। ତେବେ ସେ ୨୫ଟି ବଲ୍ ଖେଳି ଗୋଟିଏ ଚୌକା ସହ ମାତ୍ର ୬ ରନକରିଥିବା ବେଳେ ବ୍ୟାକ୍ ୱାର୍ଡ ପଏଣ୍ଟକୁ ଶଟ୍ ଖେଳିବାକୁ ଯାଇ ଜେମ୍ସ ନିଶାମଙ୍କ ହାତରେ ଧରା ପଡିଥିଲେ। ଫଳରେ ଭାରତ ୨୪ ରନରେ ୪ ଉଇକେଟ ହରାଇଥିଲା। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ବେଶ୍ ସଂଘର୍ଷ କରି ପଞ୍ଚମ ଉଇକେଟ ଯୋଡିରେ ୭୭ ବଲରୁ ୪୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୫୬ଟି ବଲ୍ ଖେଳି ୪ ଚୌକା ସହ ୩୨ ରନ କରିଥିବା ବେଳେ ପନ୍ତ ଧୈର୍ଯ୍ୟହରା ହୋଇ ସ୍ପିନର ମିଚେଲ ସାଣ୍ଟନରଙ୍କ ବଲ୍‌ରେ ଛକା ମାରିବାକୁ ପ୍ରୟାସ କରିଥିଲେ। କିନ୍ତୁ ମିଡ୍ ଉଇକେଟ ବାଉଣ୍ଡାରିରେ କଲିନ୍ ଡି ଗ୍ରାଣ୍ଡହୋମ ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ନିଜକୁ ପ୍ରମାଣିତ କରିବାର ଏକ ବଡ଼ ସୁଯୋଗ ପାଇଥିଲେ ମଧ୍ୟ ପନ୍ତ ତାକୁ ହାତଛଡ଼ା କରିଥିଲେ। ଏହା ପରେ ପାଣ୍ଡ୍ୟା ମଧ୍ୟ ୬୨ଟି ବଲ୍ ଖେଳି ୨ ଚୌକା ସହ ୩୨ ରନ କରିଥିବା ବେଳେ ଅନୁରୂପ ଭାବେ ଲମ୍ୱା ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ।

ଏହାପରେ ସପ୍ତମ ଉଇକେଟରେ ଧୋନୀ ଓ ଜାଡେଜାଙ୍କ କ୍ୱାଲିଟି କ୍ରିକେଟ ଦେଖିବାକୁ ମିଳିଥିଲା। ୧୦୪ଟି ବଲର ସମ୍ମୁଖୀନ ହୋଇ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୧୬ ରନ କରି ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ସାହସିକ ବ୍ୟାଟିଂ ପ୍ରଦର୍ଶନ କରି ଜାଡେଜା ୫୯ଟି ବଲର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହ ୭୭ ରନକରି ଜମିଆସୁଥିବା ବେଳେ ରନ ହାରରେ ଉନ୍ନତି ପାଇଁ ଲମ୍ୱା ଶଟ୍ ଖେଳିଥିଲେ। ବୋଲ୍ଟଙ୍କ ବଲ୍‌ରେ ୱିଲିୟମସନ ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ଏଥି ସହିତ ଜାଡେଜା ୮ ନମ୍ବରରେ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୯୯ ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷରେ ନୟନ ମୋଙ୍ଗିଆ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ଏହାପରେ ଧୋନୀଙ୍କ ପାଳି ପଡିଥିଲା। ୭୨ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହ ଧୋନୀ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ସେ ଦୁଇରନ୍ ନେବାକୁ ଯାଇ ମାର୍ଟିନ ଗୁପ୍ଟିଲଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଏହା ପରେ ଭାରତର ବିଜୟ ଆଶା ଏକ ପ୍ରକାର ଧୂଳିସାତ୍ ହୋଇଥିଲା। ନ୍ୟୁଜିଲାଣ୍ଡ ତରଫରୁ ହେନରି ୩, ବୋଲ୍ଟ ଓ ସାଣ୍ଟନର ୨ଟି ଲେଖାଏ, ଫର୍ଗୁସନ ଓ ନିଶାମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପ୍ଟିଲ–କ–କୋହଲି–ବୋ–ବୁମ୍‌ରା–୧
ନିକୋଲାସ–ବୋ–ଜାଡେଜା–୨୮
ୱିଲିୟମସନ–କ–ଜାଡେଜା–ବୋ–ଚହଲ–୬୭
ଟେଲର– ରନଆଉଟ–୭୪
ନିଶାମ–କ–କାର୍ତ୍ତିକ–ବୋ–ପାଣ୍ଡ୍ୟା–୧୨
ଗ୍ରାଣ୍ଡହୋମ୍–କ–ଧୋନୀ–ବୋ–ଭୁବନେଶ୍ୱର–୧୬
ଲାଥାମ–କ–ଜାଡେଜା–ବୋ–ଭୁବନେଶ୍ୱର–୧୦
ସାଣ୍ଟନର–ନଟଆଉଟ–୯
ହେନରି–କ–କୋହଲି–ବୋ–ଭୁବନେଶ୍ୱର–୧
ବୋଲ୍ଟ–ନଟଆଉଟ–୩
ଅତିରିକ୍ତ–୧୮
ମୋଟ(୮ ଉଇକେଟ, ୫୦ ଓଭର) ୨୩୯।
ଉଇକେଟ ପତନ: ୧/୧, ୨/୬୯, ୩/୧୩୪, ୪/୧୬୨, ୫/୨୦୦, ୬/୨୨୫, ୭/୨୨୫, ୮/୨୩୨।
ବୋଲିଂ(ଭାରତ)
ଭୁବନେଶ୍ୱର ୧୦–୧–୪୩–୩
ବୁମ୍‌ରା ୧୦–୧–୩୯–୧
ପାଣ୍ଡ୍ୟା ୧୦–୦–୫୫–୧
ଜାଡେଜା ୧୦–୦–୩୪–୧
ଚହଲ ୧୦–୦–୬୩–୧।

**ଭାରତ ଇନିଂସ**

ଲୋକେଶ–କ–ଲାଥାମ–ବୋ–ହେନରି–୧
ରୋହିତ–କ–ଲାଥାମ–ବୋ–ହେନରି–୧
କୋହଲି–ଏଲବିଡବଲ୍ୟୁ–ବୋଲ୍ଟ–୧
ରିଷଭ–କ–ଗ୍ରାଣ୍ଡହୋମ–ବୋ–ସାଣ୍ଟନର–୩୨
କାର୍ତ୍ତିକ–କ–ନିଶାମ–ବୋ–ହେନରି–୬
ପାଣ୍ଡ୍ୟା–କ–ୱିଲିୟମସନ–ବୋ–ସାଣ୍ଟନର–୩୨
ଧୋନୀ–ରନଆଉଟ–୫୦
ଜାଡେଜା–କ–ୱିଲିୟମସନ–ବୋ–ବୋଲ୍ଟ–୭୭
ଭୁବନେଶ୍ୱର–ବୋ–ଫର୍ଗୁସନ–୦
ଚହଲ–କ–ଲାଥାମ–ବୋ–ନିଶାମ–୫
ବୁମ୍‌ରା–ନଟଆଉଟ–୦
ଅତିରିକ୍ତ–୧୬
ମୋଟ(ଅଲଆଉଟ, ୪୯.୩ ଓଭର) ୨୨୧।
ଉଇକେଟ ପତନ: ୧/୪, ୨/୫, ୩/୫, ୪/୨୪, ୫/୭୧, ୬/୯୨, ୭/୨୦୮, ୮/୨୧୬, ୯/୨୧୭।
ବୋଲିଂ(ନ୍ୟୁଜିଲାଣ୍ଡ)
ବୋଲ୍ଟ ୧୦–୨–୪୨–୨
ହେନରି ୧୦–୧–୩୭–୩
ଫର୍ଗୁସନ ୧୦–୦–୪୩–୧
ଗ୍ରାଣ୍ଡହୋମ ୨–୦–୧୩–୦
ନିଶାମ ୭.୩–୦–୪୯–୧
ସାଣ୍ଟନର ୧୦–୨–୩୪–୨



**ନିରାଶା:** ରୋହିତ ଶର୍ମା, ରିଷଭ ପନ୍ତ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର।



ଉଲ୍ଲସିତ ନ୍ୟୁଜିଲାଣ୍ଡ ଦଳ।

## ଭାରତ ପରାଜୟରେ ପ୍ରତିକ୍ରିୟା

### ୱାର୍ମଅପ ମ୍ୟାଚ୍‌ରୁ କିଛି ଶିଖି ପାରିଲେନି



ବିଶ୍ୱକପର ୱାର୍ମଅପ ମ୍ୟାଚ୍‌ରେ ସମାନ ଢ଼ଙ୍ଗରେ ଭାରତ ନ୍ୟୁଜିଲାଣ୍ଡଠାରୁ ହାରିଥିଲା। ସେହି ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲେ ମଧ୍ୟ ଓପନିଂ ଅର୍ଡର ଫେଲ ମାରିଥିବା ବେଳେ ମିଡ଼ଲ ଓ ଲୋୟର ମିଡ଼ଲ ଅର୍ଡରରେ ଦଳ ରନ ସଂଗ୍ରହ କରିଥିଲା। ଭାରତୀୟ ଓପନରଙ୍କୁ ପ୍ୟାଭିଲିୟନ ଫେରାଇବା ଯୋଜନାରେ ନ୍ୟୁଜିଲାଣ୍ଡର ପେସ ବୋଲର ପୁନର୍ବାର ସଫଳ ହୋଇଛନ୍ତି। ଅତିକମରେ ୱାର୍ମଅପ ମ୍ୟାଚ୍‌ରେ ଯେଉଁ ତ୍ରୁଟି କରିଥିଲେ ସେଥିରୁ କିଛି ଶିଖିବାର ଥିଲା। ସେମାନଙ୍କ ଯୋଜନାକୁ ସଫଳ କରିବାକୁ ଦିଆଯାଇ ନ ଥାନ୍ତା।

**– ଦୀପକ ମଙ୍ଗରାଜ, ଅଧ୍ୟକ୍ଷ, ଜୁନିୟର ଚୟନ କମିଟି**

### ଧୋନୀଙ୍କ ରନଆଉଟ ଟର୍ନିଂ ପଏଣ୍ଟ

ଭାରତ ଖରାପ ଖେଳିଛି ବୋଲି କହିବା ଭୁଲ। କ୍ରିକେଟରେ ପ୍ରତି ବଲ ଓ ପ୍ରତି ମ୍ୟାଚ୍ ନୂଆ। ଏଣୁ ଲିଗରେ ଦଳ କ'ଣ ଖେଳିଥିଲା ଏହା ଗୁରୁତ୍ୱ ନ ଥିଲା। ଏହି ମ୍ୟାଚ୍‌ରେ ଓପନିଂ ଭାଗୀଦାରି ଫେଲ ମାରିଥିଲେ ମଧ୍ୟ ଦଳ ବିଜୟ ଆଡକୁ ମୁହାଁଇଥିଲା। ମହେନ୍ଦ୍ର ସିଂ ଧୋନୀ ଓ ରବୀନ୍ଦ୍ର ଜାଡେଜାଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ହେଲେ ଧୋନୀଙ୍କ ରନଆଉଟ ନ୍ୟୁଜିଲାଣ୍ଡ ପାଇଁ ବିଜୟ ଆଶୀର୍ବାଦ ପାଲଟି ଗଲା। ଅନ୍ୟପକ୍ଷରେ ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ନିଜ ଦାୟିତ୍ୱ ଠିକ ଭାବେ ତୁଲାଇ ନାହାନ୍ତି ବୋଲି ମୋର ମତ। ଯେଉଁ ସମୟରେ ଦଳ ସେମାନଙ୍କ ଉପସ୍ଥିତିରୁ କିଛି ଆଶା କରୁଥିଲା ସେ ସମୟରେ ଉଭୟ ଖରାପ ଶଟ ଖେଳି ଆଉଟ ହୋଇଥିଲେ।



**– ସୌରଜିତ ମହାପାତ୍ର, କୋଚ୍**

### ଆଉଟଫିଲ୍ଡର ଫାଇଦା ପାଇଲା ନ୍ୟୁଜିଲାଣ୍ଡ



ଭଲ ବୋଲିଂ କରି ନ୍ୟୁଜିଲାଣ୍ଡ ଏହି ମ୍ୟାଚ ଜିତିଥିଲେ ମଧ୍ୟ ଓଦା ଆଉଟଫିଲ୍ଡର ଭରପୂର ଫାଇଦା ପାଇଛି ନ୍ୟୁଜିଲାଣ୍ଡ। ସେମାନେ ଚମତ୍କାର ଫିଲ୍ଡିଂ କରି ରନ ବଞ୍ଚାଇଥିଲେ। ହେଲେ ଆଉଟଫିଲ୍ଡ ଧିମା ଥିବା ଯୋଗୁ ସେମାନଙ୍କ ପାଇଁ ଏହା ଆହୁରି ସହଜ ହୋଇ ଯାଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଖରାପ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଭାରତ ହାରିଛି।

**– ବିଷ୍ଣୁଦେବ ମହାନ୍ତି, ଅଧ୍ୟକ୍ଷ, ରାଜ୍ୟ ସିନିୟର ଦଳ ଚୟନ କମିଟି**

**ସୌରଭ ଗାଙ୍ଗୁଲି:** ଧୋନୀଙ୍କୁ ନିମ୍ନ କ୍ରମରେ ବ୍ୟାଟିଂ କରାଇବା ମସ୍ତବଡ଼ ଭୁଲ ଥଲା।

**ସଚିନ ତେନ୍ଦୁଲକର:** ସବୁବେଳେ ରୋହିତ ଓ କୋହଲିଙ୍କ ଉପରେ ନିର୍ଭର କରିବା ଠିକ୍ ନୁହେଁ। ଅନ୍ୟମାନେ ମଧ୍ୟ ଦାୟିତ୍ୱ ବହନ କରିବା ଉଚିତ୍।

**କେନ୍ ୱିଲିୟମସନ:** ଧୋନୀଙ୍କ ରନ୍ ଆଉଟ୍ ଟର୍ନିଂ ପଏଣ୍ଟ ଥିଲା।

**ଭିଭିଏସ୍ ଲକ୍ଷ୍ମଣ:** ଧୋନୀ, ଜାଡେଜାଙ୍କ ପ୍ରଦର୍ଶନ ପ୍ରଶଂସନୀୟ।

**ହରଭଜନ ସିଂ:** ଭାରତ ପରାଜୟ ପାଇଁ ଦୁଃଖିତ। ନ୍ୟୁଜିଲାଣ୍ଡକୁ ଅଭିନନ୍ଦନ।

**ଗୌତମ ଗମ୍ଭୀର:** ଭାରତର ପ୍ରଦର୍ଶନ ନେଇ ଗର୍ବିତ। ଫାଇନାଲ ପାଇଁ ନ୍ୟୁଜିଲାଣ୍ଡକୁ ଶୁଭେଚ୍ଛା।

**ସଞ୍ଜୟ ମଞ୍ଜରେକର:** ଭାରତ କୌଣସି ଚାମ୍ପିୟନଠାରୁ କମ୍ ନୁହେଁ।

**ଅଜିଙ୍କ୍ୟ ରାହାନେ:** ଟୁର୍ନାମେଣ୍ଟ ସାରା ଭାରତ ଭଲ ଖେଳିଛି, କିନ୍ତୁ ଗୋଟିଏ ପରାଜୟ ମହଙ୍ଗା ହେଲା।

**ସୁରେଶ ରାଇନା:** ଭାରତ କୋଟି କୋଟି ପ୍ରଶଂସକଙ୍କ ହୃଦୟ ଜିତିଛି।

**ଇଶାନ୍ତ ଶର୍ମା:** ଗର୍ବର ସହ ମୁଣ୍ଡ ଟେକି ଭାରତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ।

**ମାଇକେଲ କ୍ଲାର୍କ:** ୱିଲିୟମସନଙ୍କ ନେତୃତ୍ୱ ଉଚ୍ଚକୋଟୀର ଓ ପ୍ରଶଂସନୀୟ।

**ଶାହିଦ୍ ଆଫ୍ରିଦୀ:** ଭାରତ– ଇଂଲଣ୍ଡ ଫାଇନାଲ ହେବ ବୋଲି କହିଥିଲି, କିନ୍ତୁ ନ୍ୟୁଜିଲାଣ୍ଡ ଭଲ ଖେଳିଲା।

**କେ. ଶ୍ରୀକାନ୍ତ:** ମେଘୁଆ ପାଗ ନ୍ୟୁଜିଲାଣ୍ଡକୁ ସୁହାଇଲା, ଭାରତ ପାଇଁ କାଳ ହେଲା।

## '୪୫ ମିନିଟ୍ ଖରାପ ବ୍ୟାଟିଂ ଖେଳ ବଦଳାଇ ଦେଇଥିଲା'

ମାଞ୍ଚେଷ୍ଟର, ୧୦।୭ (ପି.ଟି.)

ଆଇସିସି ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ହୃଦୟ ବିଦାରକ ପରାଜୟ ପରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ମ୍ୟାଚ୍‌ର 'ପ୍ରଥମ ୪୫ ମିନିଟ୍ ଖରାପ କ୍ରିକେଟ୍' ଖେଳ ବଦଳାଇ ଦେଇଥିଲା ବୋଲି କହିଛନ୍ତି। ୨୪୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ୨୪ ରନ ମଧ୍ୟରେ ୪ ବ୍ୟାଟ୍ସମ୍ୟାନଙ୍କୁ ହରାଇ ଘୋର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମହେନ୍ଦ୍ର ସିଂ ଧୋନୀ (୫୦) ଓ ରବୀନ୍ଦ୍ର ଜାଡେଜା (୭୭) ୭ମ ଉଇକେଟ୍ ଯୋଡ଼ିରେ ୧୧୬ ରନର ଚମତ୍କାର ପାର୍ଟନରଶିପ୍ କରି ପୁଣିଥରେ ଭାରତ ସପକ୍ଷକୁ ମ୍ୟାଚ୍ ଆଣିଥିଲେ। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ଧୋନୀଙ୍କ ରନ୍‌ଆଉଟ୍ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ସପକ୍ଷକୁ ନେଇଯାଇଥିଲା।

'୪୫ ମିନିଟ୍‌ର ଖରାପ କ୍ରିକେଟ୍ ତୁମକୁ ଟୁର୍ନାମେଣ୍ଟରୁ ବାହାର କରିଦେଇଛି। ଯେତେବେଳେ ତୁମେ ଭଲ କ୍ରିକେଟ୍ ଖେଳୁଥାଅ ସେତେବେଳେ ଏହା ତୁମକୁ ନିରାଶ କରିଥାଏ। ଏହାକୁ ଗ୍ରହଣ କରିବା କଷ୍ଟଦାୟକ' ବୋଲି ସେମିଫାଇନାଲ ପରାଜୟ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋହଲି ଏହା କହିଛନ୍ତି। 'ନ୍ୟୁଜିଲାଣ୍ଡ ବୋଲରଙ୍କୁ ଶ୍ରେୟ ଦିଆଯିବ। ନୂଆ ବଲରେ ସେମାନେ ବାସ୍ତବରେ ବହୁତ ଭଲ ବୋଲିଂ କରିଥିଲେ ଏବଂ ଚମତ୍କାର ସ୍ଥାନରେ ବଲ୍‌କୁ ପକାଇବାରେ ସଫଳ ହୋଇଥିଲେ। ଆମ ବ୍ୟାଟିଂର ପ୍ରଥମ ଅଧଘଣ୍ଟା ଯେଉଁଭଳି ଭାବେ ସେମାନେ ବୋଲିଂ କରିଥିଲେ ତାହା ମ୍ୟାଚ୍‌ରେ ଫରକ ଆଣିଥିଲା। ସେମାନଙ୍କ ଏହି ପ୍ରଦର୍ଶନରେ କୌଶଳସ୍ତର ଦେଖିବାକୁ ମିଳିଥିଲା। ଫଳରେ ଆମର ବ୍ୟାଟ୍ସମ୍ୟାନଙ୍କ ପାଇଁ ବ୍ୟାଟିଂ କରିବା କଠିନ ହୋଇଯାଇଥିଲା' ବୋଲି ବିରାଟ ଏହି ଅବସରରେ ପ୍ରକାଶ କରିଛନ୍ତି। ଜାଡେଜା ଓ ଧୋନୀଙ୍କ ପ୍ରଦର୍ଶନକୁ ନେଇ ଭାରତୀୟ ଦଳର ଅଧିନାୟକ କହିଛନ୍ତି, 'ଗତ କେତୋଟି ମ୍ୟାଚ୍‌ରେ ଜାଡେଜାଙ୍କ ପ୍ରଦର୍ଶନ ବହୁତ ଭଲ ରହିଛି। ଆଜି ତାଙ୍କର ବ୍ୟାଟିଂରେ କୌଶଳ ଦେଖିବାକୁ ମିଳିଥିଲା। ସେହିଭଳି ଏମ୍‌ଏସ୍ (ଧୋନୀ) ଜାଡେଜାଙ୍କ ସହ ମିଶି ଭଲ ପାର୍ଟନରଶିପ୍ କରିଥିଲେ। ଅନ୍ତିମ ମୁହୂର୍ତ୍ତରେ ସେ ରନ୍‌ଆଉଟ୍ ହୋଇ ନ ଥିଲେ ମ୍ୟାଚ୍ କାହା ସପକ୍ଷରେ ବି ଯାଇପାରିଥାନ୍ତା ଆମେ ଭଲ କ୍ରିକେଟ୍ ଖେଳିଲୁ, କିନ୍ତୁ ଆମର ଶଟ୍ ଚୟନ ଆହୁରି ଶ୍ରେଷ୍ଠ ହୋଇପାରିଥାନ୍ତା'।

### ପ୍ରଧାନମନ୍ତ୍ରୀ ନିରାଶ

ନୂଆଦିଲ୍ଲୀ, ୧୦।୭ (ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ହାଇଭୋଲଟେଜ ସେମିଫାଇନାଲ ମ୍ୟାଚ୍‌ରେ ବୁଧବାର ଭାରତୀୟ ଦଳ ୧୮ ରନରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି। ଭାରତୀୟ ଦଳର ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିରାଶବ୍ୟକ୍ତ କରିଛନ୍ତି। କିନ୍ତୁ ବିରାଟ ବାହିନୀର ଦଳର ଲଢ଼ୁଆ ମନୋବୃତ୍ତିରେ ପ୍ରଭାବିତ ହୋଇଥିବା ମୋଦି ତାଙ୍କ ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। 'ନିରାଶଜନକ ଫଳାଫଳ। କିନ୍ତୁ ମ୍ୟାଚ୍‌ର ଶେଷ ପର୍ଯ୍ୟନ୍ତ ଭାରତୀୟ ଦଳର ଲଢ଼ୁଆ ମନୋବୃତ୍ତି ଦେଖିବାକୁ ଭଲ ଲାଗିଥିଲା। ଟୁର୍ନାମେଣ୍ଟ ସାରା ଭାରତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ବହୁତ ଭଲ ପ୍ରଦର୍ଶନ କରିଥିଲା, ଯାହା ଆମକୁ ଗର୍ବିତ କରିଛି। ଜୟ ଓ ପରାଜୟ ଜୀବନର ଏକ ଅଂଶ। ଭବିଷ୍ୟତ ଲାଗି ଶୁଭକାମନା' ବୋଲି ମୋଦି ଭାରତ ଓ ନ୍ୟୁଜିଲଣ୍ଡ ସେମିଫାଇନାଲ ମ୍ୟାଚ୍‌ପରେ ତାଙ୍କ ଟୁଇଟର୍ ପୃଷ୍ଠାରେ ଲେଖିଛନ୍ତି।

"ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାର ଅଭିଜ୍ଞତା ରଖିଥିବା ଯୋଗୁ ବର୍ତ୍ତମାନର ଇଂଲଣ୍ଡ କ୍ରିକେଟର୍‌ମାନେ ଚାପକୁ ମୁକାବିଲା କରିବାରେ ସଫଳ ହେଉଛନ୍ତି ।"
–ଲିଆମ ପ୍ଲଙ୍କେଟ୍, ଇଂଲଣ୍ଡ ଦ୍ରୁତ ବୋଲର



"ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ମ୍ୟାଚ୍‌ର ପିଚ୍ ଭଲ ଜଣାପଡୁନାହିଁ। ପିଚ୍ ବହୁତ ସ୍ଲୋ ରହିଛି ଏବଂ ସ୍ପିନରଙ୍କୁ ଟର୍ନ ପାଇଁ ସହାୟତା କରୁଛି ।"
–ମାର୍କ ୱ, ପ୍ରାକ୍ତନ ଅଷ୍ଟ୍ରେଲୀୟ କ୍ରିକେଟର୍



# ଚାପ ସ୍ଥିତିରେ ସର୍ବଦା ଭଲ ପ୍ରଦର୍ଶନ କରିଛି: ଦୂତୀ

**ଭୁବନେଶ୍ୱର, ୧୦।୭(କ୍ରୀଡ଼ା ପ୍ରତିନିଧି)**

"ଇଟାଲି ପ୍ରତିଯୋଗିତାରେ ୧୦୦ ମିଟର ପ୍ରତିଦ୍ୱନ୍ଦ୍ୱିତା ବହୁତ ଟପ୍ ଥିଲା। ଟାଇମିଂ ଅନୁସାରେ ମୁଁ ୫ ନମ୍ବରରେ ଥିଲି। ୩ ପ୍ରତିଯୋଗୀ ୧୧ ସେକେଣ୍ଡ, ୧୧.୦୩ ଓ ୧୧.୧୫ ଥିଲେ। ତେଣୁ ପଦକ ଜିତିବା ଆଶା ନ ଥିଲା। ତେବେ ଭଲ ଟାଇମିଂ ଦେବି ବୋଲି ଆଶା ରଖିଥିଲି। ସେହି ଅନୁସାରେ ମୁଁ ହିଟ୍ସରୁ ସେମିଫାଇନାଲରେ ଭଲ ଏବଂ ସେମିଫାଇନାଲରୁ ଫାଇନାଲରେ ଭଲ ଟାଇମିଂ ଦେଇ ସଫଳ ହେଲି। ଖେଳ ଜୀବନର ୧୫ ବର୍ଷର କ୍ୟାରିୟରରେ ପ୍ରଥମଥର ପାଇଁ ଏପରି ଏକ ସଫଳତା ପାଇ ମୁଁ ବହୁତ ଖୁସି। ସ୍ୱର୍ଣ୍ଣ ପଦକ ପାଇଲି ଏବଂ ବିଶ୍ୱର ନମ୍ବରୱାନ ହୋଇ ପାରିଲି। ଏହା ମୋ ପାଇଁ ବହୁତ ବଡ଼ ସଫଳତା" ବୋଲି ନାପୋଲିଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ଦୂତୀ ଚାନ୍ଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସ୍ପ୍ରିଣ୍ଟ କୁଇନ୍ ଦୂତୀ ୧୦୦ ମିଟର ହିଟ୍ସରେ ୧୧.୪୮, ସେମିଫାଇନାଲରେ ୧୧.୪୧ ଓ ଫାଇନାଲରେ ୧୧.୩୨ ସେକେଣ୍ଡ ସମୟ ନେଇଥିଲେ। କିଛିଦିନ ତଳେ ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଥିଲେ ଏହି ଓଡ଼ିଆ ସ୍ପ୍ରିଣ୍ଟର। ମାତ୍ର ଏହା ତାଙ୍କ ପଦର୍ଶନକୁ ପ୍ରଭାବିତ କରିପାରି ନାହିଁ ବୋଲି ସେ କହିଛନ୍ତି। "ମୋ ଜୀବନରେ ଏପରି କିଛି ନା କିଛି ଘଟଣା ଘଟି ଚାଲିଛି। ତେବେ ଚାପ ପରିସ୍ଥିତିରେ ମୁଁ ସବିବେଳେ ଭଲ ପ୍ରଦର୍ଶନ ଦେଇ ଆସିଛି। କାରଣ ୨୦୧୪ରେ ହାଇପରଆଣ୍ଡ୍ରୋଜେନିଜମ୍‌କୁ ନେଇ ବଡ଼ ବିପଦର ସମ୍ମୁଖୀନ ହୋଇଥିଲି ପରେ ୨୦୧୬ରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କଲି। ୨୦୧୭ରେ ଅନ୍ୟ ଏକ ସମସ୍ୟା ଆସିଥିଲା। ପରେ ୨୦୧୮ରେ ମୁଁ ଏସିଆନ ଗେମ୍ସରେ ୨ଟି ପଦକ ହାସଲ କଲି। ପୁଣି ଏବେ ବ୍ୟକ୍ତିଗତ କାରଣକୁ ନେଇ ମୁଁ ଚର୍ଚ୍ଚାରେ ରହିଥିଲି, ମାତ୍ର ତାକୁ ପଛରେ ପକାଇ ଜୀବନରେ ଏକ ଏକ ବଡ଼ ସଫଳତା ପାଇଲି। ହଁ ସମଲିଙ୍ଗୀ ସମ୍ପର୍କ ଘଟଣା ବାହାରକୁ ଆସିବା ପରେ ମୁଁ ୧୦–୧୫ ଦିନ ଚାପରେ ରହିଥିଲି, ମାତ୍ର ପରେ ସବୁକିଛି ଠିକ୍ ହୋଇ ଯାଇଥିଲା। କ୍ୟାରିୟର ଉପରେ ଫୋକସ ରଖିଲେ ସବୁକିଛି ଠିକ୍ ରହିବ ବୋଲି ସମ୍ପ୍ରତି ଇଟାଲିରେ ଥିବା ଦୂତୀ ପ୍ରକାଶ କରିଛନ୍ତି।



୧୦୦ ମିଟର ପଦକ ସହ ଦୂତୀ ଚାନ୍ଦ।

### ରାଷ୍ଟ୍ରପତି, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଏପରି ଏକ ବଡ଼ ସଫଳତା ପାଇଁ ଦୂତୀଙ୍କୁ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ଅଭିନନ୍ଦନ ଜଣାଇଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଁ ଦୂତୀଙ୍କୁ ଅଭିନନ୍ଦନ। ପ୍ରଥମ ଭାରତୀୟ ଭାବେ ଏପରି ସଫଳତା ଅର୍ଜନ କରି ଦୂତୀ ଦେଶକୁ ଗର୍ବିତ କରିଛନ୍ତି। ଏପରି ପ୍ରଦର୍ଶନ ଜାରି ରଖି ଅଲିମ୍ପିକ୍ସରେ ସଫଳତା ଅର୍ଜନ କର ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ଜବାବରେ ଦୂତୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଆଣିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ଦୂତୀଙ୍କ ପ୍ରଦର୍ଶନରେ କ୍ରୀଡ଼ାମନ୍ତ୍ରୀ ଶତମୁଖ ହୋଇଛନ୍ତି। ମୁଁ ପିଲାଦିନରୁ ଏପରି ସଫଳତାର ସନ୍ଧାନରେ ଥିଲି, ମାତ୍ର ସେ କ୍ଷଣ କେବେ ଆସି ନ ଥିଲା। ପ୍ରଥମଥର ପାଇଁ ଭାରତ ଲାଗି ସ୍ୱର୍ଣ୍ଣ ପଦକ ଆଣିଥିବାରୁ ତୁମକୁ ଅଭିନନ୍ଦନ ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ପ୍ରଥମ ଭାରତୀୟ ମହିଳା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୮ ଆଥଲେଟ୍‌ଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ଦୂତୀ ୪ ନମ୍ବର ଲେନ୍‌ରେ ରେସ୍ କରିଥିଲେ। ସୁଇଜରଲାଣ୍ଡର ଡେଲ୍ ପୋଣ୍ଟେଙ୍କ ନିକଟରୁ ସେ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଶେଷରେ ୧ ସେକେଣ୍ଡ ବ୍ୟବଧାନରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପୋଣ୍ଟେ ୧୧.୩୩ ସେକେଣ୍ଡ ସହ ରୌପ୍ୟ ଏବଂ ଜର୍ମାନୀର ଲିସା କ୍ୱାୟି ୧୧.୩୯ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୧.୨୪ ସେକେଣ୍ଡ ଟାଇମିଂ ସହ ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ଏପରି ଏକ ବିଶ୍ୱସ୍ତରୀୟ ଇଭେଣ୍ଟର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଲେ। ମୋଟ ଉପରେ ଦେଖିବାକୁଗଲେ ବିଶ୍ୱସ୍ତରୀୟ ଇଭେଣ୍ଟର ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ। ତାଙ୍କ ପୂର୍ବରୁ ହିମା ଦାସ ଗତବର୍ଷ ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୮ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିବା ଦୂତୀ ଭାରତର ଦ୍ୱିତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨୦୧୫ରେ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ଭାରତର ଇନ୍ଦରଜିତ ସିଂ ଏହି ସଫଳତା ପାଇଥିଲେ। ୨୦୧୭ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏଥର ବଡ଼ ସଫଳତା ପାଇଛନ୍ତି। ଗତ ଏପ୍ରିଲରେ ଦୂତୀ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ସିଜନଶ୍ରେଷ୍ଠ ୧୧.୨୬ ସେକେଣ୍ଡ ସମୟ ନେଇଥିଲେ।

ଇଟାଲିର ନାପୋଲିରେ ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିବାର ଗୋଟିଏ ଦିନପରେ ଦୂତୀ ବୁଧବାର ୨୦୦ ମିଟରର ସେମିଫାଇନାଲରେ

### ୨୦୦ ମିଟର ସେମିଫାଇନାଲରେ

ପ୍ରବେଶ କରିଛନ୍ତି। ହିଟ୍ ନମ୍ବର ୧ରେ ରେସ୍ କରିଥିବା ଦୂତୀ ୨୪.୮ ସେକେଣ୍ଡ ସମୟ ନେଇ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ହିଟ୍‌ରେ ମେକ୍ସିକୋର ଆଗୁଲନ ରାମୋସ ଡାନିଆ ୨୪.୦୪ ସେକେଣ୍ଡ ସମୟ ସହ ଦୂତୀଙ୍କ ଉପରେ ରହି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ୧୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ୨୦୦ ମିଟରରେ ପଦକ ଆଶାକୁ ବଢ଼ାଇ ଦେଇଛି ବୋଲି ଦୂତୀ ପ୍ରକାଶ କରିଛନ୍ତି।

# ବିବାଦରେ ଧୋନୀଙ୍କ ରନ୍‌ଆଉଟ୍

**ନୂଆଦିଲ୍ଲୀ, ୧୦।୭**

ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ହାରି ଭାରତ ବିଶ୍ୱକପ୍‌ରୁ ବିଦାୟ ନେଇସାରିଛି। କିନ୍ତୁ ମ୍ୟାଚ୍ ପରେ ଏକ ବିବାଦୀୟ ଘଟଣା ଏବେ ସାମ୍ନାକୁ ଆସିଛି। ଯାହାକୁ ନେଇ ସୋସିଆଲ ମିଡିଆରେ ଜୋର୍‌ଦାର ଆଲୋଚନା ହେଉଛି। ଧୋନୀ ଯେଉଁ ବଲରେ ଆଉଟ୍ ହୋଇଥିଲେ ତାହା ଏକ ନୋ' ବଲ ଥିଲା। ଲୋକି ଫର୍ଗୁଶନଙ୍କ ଏହି ବଲକୁ ଯେତେବେଳେ ଧୋନୀ ସାମ୍ନା କରିବାକୁ ଯାଉଥିଲେ ସେତେବେଳେ ଟିଭି ସ୍କ୍ରିନରେ ନ୍ୟୁଜିଲାଣ୍ଡ ଫିଲ୍ଡ ସେଟିଂର ଏକ ଗ୍ରାଫିକ୍ସ ଦେଖାଯାଇଥିଲା। ଯେଉଁଥିରେ ୬ ଜଣ କିୱି ଖେଳାଳି ୩୦ ଗଜ ସର୍କଲ ବାହାରେ ରହିଥିବା ସ୍ପଷ୍ଟ ଭାବେ ଏହି ଗ୍ରାଫିକ୍ସରୁ ଜଣାପଡୁଥିଲା। କିନ୍ତୁ ଫିଲ୍ଡ ଅମ୍ପାୟର ଏହି ତ୍ରୁଟିକୁ ଧରିବାରେ ବିଫଳ ହୋଇଥିଲେ। କ୍ରିକେଟ୍ ନିୟମ ଅନୁଯାୟୀ ୩୦ ଗଜ ବାହାରେ କେବଳ ୫ ଜଣ ଫିଲ୍ଡରଙ୍କୁ ରହିବାର ଅନୁମତି ରହିଛି। ଯଦି ଏହାଠାରୁ ଅଧିକ ଫିଲ୍ଡର ରୁହନ୍ତି ତାହାଲେ ନୋ' ବଲ ହୋଇଥାଏ। ଧୋନୀଙ୍କ କ୍ଷେତ୍ରରେ ଏହା ନୋ' ବଲ ହୋଇଥିଲେ ମଧ୍ୟ ନିୟମ ଅନୁଯାୟୀ ସେ ରନ୍‌ଆଉଟ୍ ହୋଇଥାନ୍ତେ। କିନ୍ତୁ ଭାରତକୁ ଏକ ଅତିରିକ୍ତ ରନ୍ ମିଳିଥାନ୍ତା ଏବଂ ଏହାପରବର୍ତ୍ତୀ ବଲ୍‌କୁ 'ଫ୍ରି ହିଟ୍' ଘୋଷଣା କରାଯାଇଥାନ୍ତା। ଯାହାର ଫାଇଦା ଭାରତ ଉଠାଇବାରୁ ବଞ୍ଚିତ ହୋଇଛି।



**ୱିମ୍ବଲଡନ ଟେନିସ:** ବେଲଜିୟମର ଡେଭିଡ ଗଫିନଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍

# ୨ୟ ଦିନରେ ଭାରତକୁ ୭ ସ୍ୱର୍ଣ୍ଣ

**ଆପିଆ (ସାମୋଆ), ୧୦।୭ (ପି.ଟି.)**

ଅଷ୍ଟ୍ରେଲିଆର ଆପିଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ (ୟୁଥ୍, ଜୁନିୟର ଓ ସିନିୟର)ର ୨ୟ ଦିନରେ ଭାରତୀୟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ୭ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ସିନିୟରର ମହିଳା ବର୍ଗରେ ରାକ୍ଷୀ ହାଲଦର ଓ ଦେବିନ୍ଦର କୌର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ଅନ୍ୟ ୫ଟି ସ୍ୱର୍ଣ୍ଣ ଜୁନିୟର ଖେଳାଳିମାନେ ଭାରତ ପାଇଁ ଆଣିଛନ୍ତି।

ସିନିୟର ମହିଳା ୫୯ କିଗ୍ରା ବର୍ଗରେ ଦେବୀନ୍ଦର ସ୍ନାଚରେ ୮୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କିଗ୍ରା ସହ ମୋଟ୍ ୧୮୪ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୬୪ କିଗ୍ରା ବର୍ଗରେ ରାକ୍ଷୀ ମୋଟ୍ ୨୧୪ (୯୪+୧୨୦) କିଗ୍ରା ଭାର ଉଠାଇ ପୋଡିୟମର ଶୀର୍ଷରେ ରହିଥିଲେ। ଏଥିପୂର୍ବରୁ ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ଜିତିଥିଲା। ପ୍ରାକ୍ତନ ବିଶ୍ୱ ଚାମ୍ପିୟନ ମୀରାବାଈ ଚାନୁ ୪୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ସଫଳତା ଆଣିଥିଲେ। ସେହିଭଳି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ୩ ଖେଳାଳି ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ୍ ୪ ପଦକ ପ୍ରଥମ ଦିନରେ ଜିତିଥିଲେ। ୩ ସ୍ୱର୍ଣ୍ଣ ପଦକ ମଧ୍ୟରୁ ଭକ୍ତରାମ ଦେହୁରି ୨ ଓ ଝିଲ୍ଲୀ ଦଳବେହେରା ଗୋଟିଏ ପାଇଥିଲେ। ସେହିଭଳି ସ୍ନେହା ସୋରେନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ସମୟ ଯନ୍ତ୍ରଣାକୁ ଭୁଲାଇଦେବ

**ଜ୍ୟାକ କାଲିସ୍**

ବିଶ୍ୱକପ୍‌ରେ ଅବିଶ୍ୱସନୀୟ ଡ୍ରାମା ଦେଖିବାକୁ ମିଳିଛି। କ୍ରିକେଟପ୍ରେମୀ ଯେଉଁଭଳି ଆଶା କରୁଥିଲେ ସେୟା ମଧ୍ୟ ଘଟିଛି। ଦୁଇଦିନ ଧରି ଭାରତ–ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍ ନେଇ ଚାଲିଥିବାର ଚର୍ଚ୍ଚା ଓ ଆଲୋଚନାର ଅନ୍ତ ଘଟିଛି। ଶେଷ ଦୁଇ ଓଭର ପର୍ଯ୍ୟନ୍ତ କିଏ ଜିତିବ ତାହା କହିବା କଷ୍ଟକର ଥିଲା। ବିଶ୍ୱକପ୍ ଇତିହାସରେ ଭାରତ ଏଥିସହିତ ନ୍ୟୁଜିଲାଣ୍ଡଠାରୁ ୫ଟିରେ ହାରିଥିବାବେଳେ ୩ଟିରେ ବିଜୟୀ ହୋଇଛି। ସେମିରେ ହାରି ବିଦାୟ ନେଇଥିଲେ ମଧ୍ୟ ବିରାଟ କୋହଲିଙ୍କ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଛି ଓ ପ୍ରଶଂସାର ପାତ୍ର ବୋଲି ଭାବୁଛି।

ଧୋନୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କାହିଁକି ୪, ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦିଆଗଲାନି ସେ ନେଇ ଚର୍ଚ୍ଚା ହେଉଛି। ଏଭଳି ନିଷ୍ପତ୍ତି ଅଧିନାୟକ ଓ କୋଚ୍ ନେଇଥାନ୍ତି। ତେବେ ଦଳର ଭଲ ପ୍ରଦର୍ଶନ ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଏ ସଂକ୍ରାନ୍ତରେ ସମସ୍ତଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ରହିଛି। ତେବେ କୋହଲି ଓ ଶାସ୍ତ୍ରୀଙ୍କର ଏହି ନିଷ୍ପତ୍ତିକୁ ସମ୍ମାନ ଦିଆଯିବା ଦରକାର। ଅଧିକାଂଶ କୌଶଳ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ରିସ୍କ ଥାଏ। ସବୁବେଳେ ଏଭଳି ନିଷ୍ପତ୍ତି ସଫଳ ହୋଇ ନ ଥାଏ। ଭାଷ୍ୟକାରମାନେ ଏ ସଂକ୍ରାନ୍ତରେ ଟିପ୍ପଣୀ ଦେବା ବେଳେ ସତର୍କତା ଅବଲମ୍ବନ କରିବା ଉଚିତ୍। ଉଚିତ କାରଣ ପାଇଁ ପଦପଦବୀରେ ଥିବା ବ୍ୟକ୍ତିଙ୍କୁ ଅବଶ୍ୟ ଏଭଳି ନିଷ୍ପତ୍ତି ନେବାର ଅଧିକାର ରହିଛି। ସକାରାତ୍ମକ ଦୃଷ୍ଟିରେ ଏସବୁକୁ ପରଖିବା ଅବଶ୍ୟକ।

ପ୍ରଥମ ଦିନରେ କେନ୍ ୱିଲିୟମସନ ଓ ରସ ଟେଲ ଖେଳିଥିବା ଇନିଂସକୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ଏହି ଦୁଇ ବ୍ୟାଟ୍ସମ୍ୟାନ ଚାପର ସଫଳ ମୁକାବିଲା କରିଥିଲେ। ପରିସ୍ଥିତି ଅନୁଯାୟୀ ଭଲ ଖେଳିଥିଲେ ଓ ଧୈର୍ଯ୍ୟହରା ହୋଇ ନ ଥିଲେ। ୱିଲିୟମସନ କେବଳ ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ନୁହଁ, ଜଣେ ବିଚକ୍ଷଣ ଅଧିନାୟକ ମଧ୍ୟ। ଦଳରେ ସେ ସିନିୟର ଖେଳାଳିଙ୍କ ସହ ପରାମର୍ଶ କରିବା ସହ ସେମାନଙ୍କ ମତାମତ ନେଇଥାନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ତାଙ୍କର ନିଷ୍ପତ୍ତି ସାହସିକ ଥିଲା।

ପିଚ୍ ମଧ୍ୟ ଆଶାନୁରୂପ ହୋଇ ନ ଥିଲା। ତେବେ ଏହା ସତ୍ତ୍ୱେ ୱିଲିୟମସନ ଓ ଟେଲର ଭଲ ବ୍ୟାଟିଂ କରିଥିଲେ। ତେବେ ନିଜର ବୋଲରମାନଙ୍କ ଉପରେ ତାଙ୍କର ବିଶ୍ୱାସ ରହିଥିଲା। ପରାଜୟ ପରେ ଭାରତୀୟ ପ୍ରଶଂସକ ଓ ଖେଳାଳି ନିରାଶ ହୋଇଥିବେ ଓ ଯନ୍ତ୍ରଣା ପାଇଥିବେ। ଏହାକୁ ଭଲ ଭାବେ ହୃଦୟଙ୍ଗମ କରୁଛି। ଏଥିରୁ ମୁକୁଳିବା ପାଇଁ ନିଶ୍ଚୟ କିଛି ସମୟ ଲାଗିବ। ସମୟ ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲାଇ ଦେବ ବୋଲି ଭଲ ଭାବେ ଜାଣେ। ନ୍ୟୁଜିଲାଣ୍ଡକୁ ଦଳକୁ ସବୁ ଶ୍ରେୟ ଦିଆଯିବ ଉଚିତ୍। ସେମିଫାଇନାଲରେ ପହଞ୍ଚିବା ପୂର୍ବରୁ ଏହି ଦଳ କେତୋଟି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଦଳ ଫର୍ମ ହରାଇଥିଲା ବୋଲି କେତକେ ଭାବି ନେଇଥିଲେ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ ଏଭଳି ନାଟକ ତଥା ଡ୍ରାମା ଦେଖିବାକୁ ମିଳିବ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ୍/ଟିଭାକ ସ୍ପୋର୍ଟ୍ସ)




## ଫେଡରର–ନାଡାଲ ସେମିଫାଇନାଲ

**ଲଣ୍ଡନ, ୧୦।୭ (ଏଏଫ୍‌ପି)**

ଏଠାରେ ଚାଲିଥିବା ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଓପନ୍‌ରେ ଚାରିଥରର ଚାମ୍ପିୟନ ସର୍ବିୟା ତାରକା ନୋଭାକ ଜୋକୋଭିଚ୍‌ଙ୍କ ସମେତ ସୁଇଜରଲାଣ୍ଡର ରୋଜର ଫେଡରର ଓ ସ୍ପେନର ରାଫାଲ ନାଡାଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏକ ନମ୍ବର ଖେଳାଳି ତଥା ଟପ୍ ସିଡ୍ ଜୋକୋଭିଚ୍ ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ୬–୪, ୬–୦, ୬–୨ ସିଧାସଳଖ ସେଟ୍‌ରେ ବେଲ୍‌ଜିୟମର ୨୧ତମ ସିଡ୍ ଡେଭିଡ୍ ଗଫିନ୍‌ଙ୍କୁ ପରାସ୍ତ କରିଥିଲେ। ଅଲ୍‌ଇଂଲଣ୍ଡ କ୍ଲବରେ ଜୋକୋଭିଚ୍‌ଙ୍କ ଏହା ୭୦ତମ ବିଜୟ ଥିବାବେଳେ ସେ ୯ମଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲରେ ସ୍ଥାନ ପକ୍କା କରିବାରେ ସକ୍ଷମ ହୋଇଛନ୍ତି। ସ୍ପେନର ରବର୍ଟ ବୌଟ୍ଟିସ୍ତା ଅଗଟ ଓ ଆର୍ଜେଣ୍ଟିନାର ଗୁଡିଓ ପେଲ୍ଲାଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସେମିଫାଇନାଲରେ ଜୋକୋଭିଚ୍‌ଙ୍କୁ ଭେଟିବେ। ସେହିଭଳି ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ସୁଇଜରଲାଣ୍ଡ ତାରକା ରୋଜର ଫେଡ୍‌ରର ୪–୬, ୬–୧, ୬–୪, ୬–୪ ସେଟ୍‌ର ଜାପାନର କେଇ ନିଶିକୋରୀଙ୍କୁ ହରାଇ ସେମିଫାଇନାଲ ଟିକେଟ୍ ହାସଲ କରିଛନ୍ତି। ଏଥିସହ ୩୭ ବର୍ଷୀୟ ଫେଡ୍‌ରର ୱିମ୍ବଲଡନରେ ତାଙ୍କର ୧୦୦ତମ ବିଜୟ ଲାଭ କରିଛନ୍ତି। ଶୁକ୍ରବାର ହେବାକୁ ଥିବା ସେମିଫାଇନାଲରେ ଏକ ରୋମାଞ୍ଚକ ମୁକାବିଲ ଦେଖିବାକୁ ମିଳିବ। ଫେଡରରଙ୍କ ମୁକାବିଲା ସ୍ପେନର ରାଫାଲ ନାଡାଲଙ୍କ ସହ ହେବ। ଅନ୍ୟ ଏକ କ୍ୱାର୍ଟରରେ ନାଡାଲ ୭–୫, ୬–୨, ୬–୨ ସେଟ୍‌ରେ ଅଷ୍ଟ୍ରେଲିଆର ସାମ୍ କ୍ୟୁରୀଙ୍କୁ ହରାଇଛନ୍ତି।

# ଇଂଲଣ୍ଡ-ଅଷ୍ଟ୍ରେଲିଆ ସେମିଫାଇନାଲ ଆଜି

**ବର୍ମିଂହାମ, ୧୦।୭(ପି.ଟି.)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଗୁରୁବାର ବର୍ମିଂହାମର ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ହାଇଭୋଲ୍‌ଟେଜ ତଥା ହାଇପ୍ରୋଫାଇଲ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। କ୍ରିକେଟର ଜନକ କୁହାଯାଉଥିବା ଇଂଲଣ୍ଡ ଏପର୍ଯ୍ୟନ୍ତ ଟାଇଟଲ ହାସଲ କରିବାରେ ସଫଳ ହୋଇନାହିଁ। ବିଶ୍ୱକପ୍ ଇତିହାସରେ ୩ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଇଂଲଣ୍ଡ ସବୁଥିରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ତେବେ ଏଥର ଘରୋଇ ପରିବେଶରେ ମିଳିଥିବା ସୁଯୋଗକୁ ଇଂଲଣ୍ଡ ହାତଛଡ଼ା କରିବ ନାହିଁ। ୫ ଥର ଟାଇଟଲ ହାସଲକରିଥିବା ଅଷ୍ଟ୍ରେଲିଆ ମଧ୍ୟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିବାକୁ ପ୍ରୟାସ କରିବ।

୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ଖରାପ୍ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ ଏହା ପରେ ଇଂଲଣ୍ଡ ନିଜ ପ୍ରଦର୍ଶନରେ ସୁଧାର ଆଣି ଏବେ ବିଶ୍ୱର ୧ ନମ୍ବର ଦଳରେ ପରିଣତ ହୋଇଛି। ପ୍ରଦର୍ଶନ ଓ ଫର୍ମକୁ ଦୃଷ୍ଟିରେ ରଖି ବହୁ ପୂର୍ବତନ ଓ ଏବେକାର ଖେଳାଳି ଇଂଲଣ୍ଡ ସପକ୍ଷରେ ମତ ପ୍ରକାଶ କରିଛନ୍ତି। ଇଂଲଣ୍ଡ ୧୯୭୯, ୧୯୮୭ ଓ ୧୯୯୨ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟ୍ରଫି ଜିତିବାରେ ବିଫଳ ହୋଇଥିଲା। ଅନ୍ୟପଟେ ମେଗା ଇଭେଣ୍ଟଗୁଡିକରେ ସ୍ଥିର ଓ ଜବରଦସ୍ତ ପ୍ରଦର୍ଶନ କରୁଥିବା ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବିଶ୍ୱକପ୍‌ର ସେମିଫାଇନାଲରେ ପରାସ୍ତ ହୋଇ ନାହିଁ। ଏପର୍ଯ୍ୟନ୍ତ ୬ଥର ବିଶ୍ୱକପ୍ ଇତିହାସରେ ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ସବୁଥର ବିଜୟୀ ହୋଇଛି। ୧୯୯୯ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆ ନାଟକୀୟ ଢ଼ଙ୍ଗରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲକୁ ଉଠିଥିଲା।

କିଛି ମାସ ପୂର୍ବରୁ ଅଷ୍ଟ୍ରେଲିଆକୁ ଫେଭରାଇଟ ବୋଲି ବିବେଚନା କରାଯାଉ ନ ଥିଲା। ତେବେ ଅଳ୍ପ ସମୟ ମଧ୍ୟରେ ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦୃଷ୍ଟାନ୍ତମୂଳକ ପ୍ରତ୍ୟାବର୍ତ୍ତନ କରି ସମାଲୋଚକଙ୍କୁ ଚୁପ୍ କରିବା ସହିତ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଭାବେ ବିବେଚିତ ହୋଇଛି। ଗତ ମାର୍ଚ୍ଚରେ ଘରୋଇ ଭାରତ ବିପକ୍ଷ ସିରିଜରେ ବିଜୟୀ ହେବାଠାରୁ ଅଷ୍ଟ୍ରେଲିଆ ଦିନିକିଆ ଦଳରେ ବହୁ ସକାରାତ୍ମକ ପରିବର୍ତ୍ତନ ହୋଇଛି। ଯଦିଓ ଅଷ୍ଟ୍ରେଲିଆର ଏବେକାର ଦଳ ପୂର୍ବର ଚାମ୍ପିୟନ ଦଳ ସହିତ ତୁଳନୀୟ ନୁହଁ। ଠିକ୍ ସମୟରେ ଅଷ୍ଟ୍ରେଲିଆ ଲୟକୁ ଫେରି ସହଜରେ ସେମିଫାଇନାଲରେ ପ୍ରବେଶ କରିଛି। ୧୨ ମାସ ତଳେ ଅଷ୍ଟ୍ରେଲୀୟ କ୍ରିକେଟରେ ସବୁକିଛି ଠିକ୍ ନ ଥିଲା। ଏକଥା ସ୍ୱୀକାର କରିଛନ୍ତି କୋଚ୍ ଜଷ୍ଟିନ ଲାଙ୍ଗର । ସେତେବେଳେ ଆମ କ୍ରିକେଟ ବିପର୍ଯ୍ୟୟ ଦେଇ ଗତି କରୁଥିଲା। ଏଥିରେ ସାରା ଦେଶ ମଧ୍ୟ ପ୍ରଭାବିତ ହୋଇଥିଲା। ସେତେବେଳେ ଆଚରଣରେ ପରିବର୍ତ୍ତନ ଆଣି ଆମେ ଭଲ କ୍ରିକେଟ ଖେଳିବା ଉପରେ ଗୁରୁତ୍ୱ ଦେଉଥିଲୁ। ସେତେବେଳେ ଇଂଲଣ୍ଡର କ୍ରିକେଟ ପ୍ରଶଂସକମାନେ ଆମକୁ ପରିହାସ କରିବାକୁ ଭୁଲି ନ ଥିଲେ। ତେବେ ପରିସ୍ଥିତି ମଧ୍ୟ ତାହା ଥିଲା ବୋଲି ଲାଙ୍ଗର କହିଛନ୍ତି। ଆମକୁ ସେତେବେଳେ କଠିନ ପରିଶ୍ରମ କରିବାକୁ ପଡିଥିଲା। ଭଲ ଖେଳାଳିମାନେ ମଧ୍ୟ ଦଳରେ ଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦଳର ଦୁଇ ବରିଷ୍ଠ ଖେଳାଳି ଷ୍ଟିଭେନ୍ ସ୍ମିଥ୍ ଓ ଡେଭିଡ ୱାର୍ନର ଗୋଟିଏ ବର୍ଷ ବାସନ୍ଦ ହେବାପରେ ଦଳର ସ୍ଥିତି ଆହୁରି ଖରାପ ହୋଇଯାଇଥିଲା।

ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୨ଟି ମ୍ୟାଚ୍‌ରେ ଇଂଲଣ୍ଡ ୧୦ଟିରେ ବିଜୟୀ ହୋଇଛି। ଫଳରେ ରେକର୍ଡ ଇଂଲଣ୍ଡ ସପକ୍ଷରେ ରହିଛି। ତେବେ ଲିଗ୍ ମ୍ୟାଚ୍ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଇଂଲଣ୍ଡକୁ ୬୪ ରନରେ ପରାସ୍ତ କରି ଅଷ୍ଟ୍ରେଲିଆ ଦମ୍ ଦେଖାଇଛି। ତେଣୁ ଇଂଲଣ୍ଡ ଏନେଇ ବେଶ୍ ସତର୍କ ଥିବ ବୋଲି ଆଶା କରାଯାଉଛି। ତେବେ ଏହି ପରାଜୟ ପରେ ଇଂଲଣ୍ଡ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷ ଦୁଇଟି ଲିଗ୍ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଓପନର ଜନି ବେୟାରଷ୍ଟୋ ଓ ଜାସନ ରୟ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ସେମିଫାଇନାଲରେ ପୁଣିଥରେ ଏହି ଦୁଇ ଓପନର ଧୂଆଁଧାର ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

ଇଂଲଣ୍ଡ ଦ୍ରୁତ ବୋଲର ଲିୟମ ପ୍ଲଙ୍କେଟ ଦଳ ଟାଇଟଲ ଫେଭରାଇଟ ବୋଲି କହିଛନ୍ତି। ଅଷ୍ଟ୍ରେଲିଆ ମଧ୍ୟ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇ ନିଜର ଦୁର୍ବଳତା ପଦାରେ ପକାଇଥିଲା। ଗତ ୪ ବର୍ଷ ହେବ ଆମେ ଭଲ ପ୍ରଦର୍ଶନ କରିଆସିଛୁ ଓ ଏବେ ବିଶ୍ୱର ୧ ନମ୍ବର ଦଳରେ ପରିଣତ ହୋଇଛୁ। ଏକ ନିର୍ଦ୍ଦିଷ୍ଟ ଦିନରେ ଆମେ ଯେକୌଣସି ଦଳକୁ ହରାଇପାରିବୁ ବୋଲି ପ୍ଲଙ୍କେଟ କହିଛନ୍ତି।



ବୁଧବାର ଅଭ୍ୟାସ ସେସନରେ ବୋଲିଂ କରୁଛନ୍ତି ଇଂଲଣ୍ଡର ବେନ ଷ୍ଟୋକ୍ସ।

ଧରିତ୍ରୀ
DHARITRI



# ଚୋରା ଗଞ୍ଜେଇ ବେପାରୀଙ୍କୁ ୭ବର୍ଷ କାରାଦଣ୍ଡାଦେଶ

ନିମାପଡ଼ା,୧୦।୭(ଡି.ଏନ୍.ଏ.)

ଚୋରା ଗଞ୍ଜେଇ ଜବତ ମାମଲାର ବିଚାରକରି ମଙ୍ଗଳବାର ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ପ୍ରଦୀପ୍ତ କୁମାର ସାହୁ ଅଭିଯୁକ୍ତ ଅଧୀର କୁମାର ମିତ୍ରଙ୍କୁ ୭ବର୍ଷ କାରାଦଣ୍ଡାଦେଶ ଓ ୨୫ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଦେଇ ନ ପାରିଲେ ଅଧିକ ୬ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଶୁଣାଇଛନ୍ତି। ମାମଲାର ରାୟ ପ୍ରକାଶ ପରେ ଅଭିଯୁକ୍ତ ଗୋପ ଥାନା ଅନ୍ତର୍ଗତ ମଲ୍ଲିକ ସାହି ଗ୍ରାମର ଅଧୀରଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ୩ସେପ୍ଟେମ୍ବର ୨୦୧୫ରେ ନିମାପଡ଼ା ଅବକାରୀ ବିଭାଗର ଚଢ଼ାଉ ବେଳେ ଅଧୀରଙ୍କଠାରୁ ୧୨କେଜି ଗଞ୍ଜେଇ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧୀରଙ୍କ ବିରୋଧରେ ଦଫା ନଂ. ୨୦ବି, ଆଇଆଇ, ବି ରେ ଏକ ମାମଲା (ନଂ.୧୯/୧୫-୧୬) ରୁଜୁ କରାଯାଇଥିଲା। ପରେ ଅଭିଯୁକ୍ତ ଅଧୀର ଜାମିନରେ ଆସିଥିଲେ। ବୁଧବାର ଅବକାରୀ ବିଭାଗର ମାମଲା (ନଂ.୧୯/୧୫-୧୬)କୋର୍ଟର ଟିଆର୍ କେସ ନଂ. ୭/୬୮/୨୦୧୬ ର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ସାହୁ ଏହି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ ଏହି ମାମଲା ପରିଚାଳନା କରୁଥିଲେ।

# ବସ୍‌ରେ ଲାଗିଲା ବିଦ୍ୟୁତ୍ ତାର

**ଅଳ୍ପକେ ବର୍ତ୍ତିଲେ ତୀର୍ଥଯାତ୍ରୀ**

ସାକ୍ଷୀଗୋପାଳ,୧୦।୭(ଡି.ଏନ୍.ଏ.)




ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ୫୦ଜଣ ତୀର୍ଥଯାତ୍ରୀଙ୍କୁନେଇ ଆସୁଥିବା ଏକ ବସ୍ (ଏପି ୦୫ଙ୍କ୍ଯୁ ୨୫୦୦) ସାକ୍ଷୀଗୋପାଳ ଚନ୍ଦନପୋଖରୀ ନିକଟରେ ଝୁଲି ରହିଥିବା ବିଦ୍ୟୁତ ତାରରେ ଲାଗିଯାଇଥିଲା। ଫଳରେ ତାରରୁ ନିଆଁ ବାହାରିଥିଲା। ସ୍ଥାନୀୟ ଲୋକେ କରେଣ୍ଟ ଲାଗିଗଲା ବୋଲି କହି ଦୌଡି ଆସି ବସ୍‌କୁ ଅଟକାଇଥିଲେ। ଭୟରେ ସମସ୍ତ ତୀର୍ଥଯାତ୍ରୀ ବସ୍‌ରୁ ଓହ୍ଲାଇ ଆସିଥିଲେ। ଶର୍ଟ ସର୍କିଟ ଯୋଗୁ ବିଦ୍ୟୁତ୍ କାଟ ହୋଇଯିବାରୁ ଯାତ୍ରୀମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ୪୪୦ଭୋଲଟ ୩ଫେଜ ବିଦ୍ୟୁତ୍ ତାରଗୁଡିକ ପ୍ଲାଷ୍ଟିକ କୋଟେଡ କେବୁଲ ହୋଇଥିବାରୁ ଦୁର୍ଘଟଣାକୁ ଏଡାଇ ଯାଇଥିଲା। ସେଥିରୁ ଗୋଟିଏ ତାର ଦୁଇଖଣ୍ଡ ହୋଇ ଛିଣ୍ଡି ଯାଇଥିଲା। ବାଉଁଶ ସାହାଯ୍ୟରେ ବସ କର୍ମଚାରୀମାନେ ତାର ବାହାର କରିବାପରେ ବସଟି ମନ୍ଦିର ଅଭିମୁଖେ ଯାଇଥିଲା। ସୂଚନାଥାଉକି, ବାତ୍ୟା 'ଫନୀ' ପରେ ବିଦ୍ୟୁତ୍ ଯୋଗାଣକୁ ପ୍ରାଧାନ୍ୟ ଦିଆଯାଇଥିଲା। ଫଳରେ ବହୁ ସ୍ଥାନରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଅସଜଡା ଅବସ୍ଥାରେ ରହିଥିବା ବିଦ୍ୟୁତ୍ ଖୁଣ୍ଟ ଓ ଝୁଲି ରହିଥିବା ତାରକୁ ସଜାଡିବା ପାଇଁ ସାଧାରଣରେ ଦାବି ହେଉଛି।

## ନର୍ସରୀ କ୍ଲାସ୍ ଅଲିମ୍ପିଆଡ୍

# ଆରାଧ୍ୟା ରାଜ୍ୟର ପ୍ରଥମ କିଡ୍‌ସ ଅଲିମ୍ପିଆଡ୍ ଚାମ୍ପିୟନ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

ଦେଶରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ନର୍ସରୀ କ୍ଲାସ୍ ଅଲିମ୍ପିଆଡ୍‌ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭୁବନେଶ୍ୱରର ହାପି ଆୱାର ସ୍କୁଲର ନର୍ସରୀ ଛାତ୍ରୀ ଆରାଧ୍ୟା ପାତ୍ର ଚାମ୍ପିୟନ ହୋଇଛନ୍ତି। ସେ ଉଭୟ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶତପ୍ରତିଶତ ମାର୍କ ରଖି ରାଜ୍ୟର ପ୍ରଥମ କିଡ୍‌ସ ଅଲିମ୍ପିଆଡ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଆରାଧ୍ୟା ବର୍ତ୍ତମାନ ମଦର ପବ୍ଲିକ ସ୍କୁଲର ଛାତ୍ରୀ ଅଛନ୍ତି। ଓଡ଼ିଶା କଲ୍‌ଚରାଲ ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ଏହି ତ୍ରିସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୧୨୮ଟି ସ୍କୁଲର ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଉତ୍ସବରେ ଆରାଧ୍ୟାଙ୍କୁ ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଡ. ନବ କିଶୋର ମହାପାତ୍ର ସ୍କଲାରଶିପ୍ ବାବଦରେ ୧୦ହଜାର ଟଙ୍କା ସହିତ ସ୍ୱର୍ଣ୍ଣ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅଲିମ୍ପିଆଡ୍‌ରେ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। କିଡ୍‌ସ ଅଲିମ୍ପିଆଡ୍ ସଭାପତି ଗୁରୁ ପ୍ରସାଦ ସମରେନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପୋଲିସ ଡିଜି ଏସ୍. ଏନ୍ ତିୱାରୀ, ସିନେ ପ୍ରଯୋଜକ ଡ. ପ୍ରଶାନ୍ତ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ବୁବୁ ମିଶ୍ର ଓ କିଡ୍‌ସ ଅଲିମ୍ପିଆଡ୍ ସମ୍ପାଦିକା ସସ୍ମିତା ହୋତା ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ।




# ଲୁଟେରାଙ୍କ ସହ ମୁକାବିଲା କଲେ ମହିଳା

ଝାଁଳା,୧୦।୭(ଡି.ଏନ.ଏ.)

ସାହାସର ସହ ଜଣେ ମହିଳା ଲୁଟେରାଙ୍କ ସହ ମୁକାବିଲା କରି ନିଜ ଭ୍ୟାନିଟି ବ୍ୟାଗ୍ ଲୁଟ୍ ହେବାରୁ ରକ୍ଷା କରି ପାରିଛନ୍ତି। ହେଲେ ବାଇକ୍‌ରୁ ଖସିପଡ଼ି ମହିଳା ଜଣକ ଆହତ ହୋଇଛନ୍ତି। ୧୬ ନଂ. ଜାତୀୟ ରାଜପଥର ଝାଁଳା ଫାଣ୍ଡି ଅନ୍ତର୍ଗତ ଗୋହିରା ଛକରେ ଏପରି ଘଟଣା ମଙ୍ଗଳବାର ରାତିରେ ଘଟିଛି। ଝାଁଳା ଗ୍ରାମର ଚିନ୍ମୟ ରଞ୍ଜନ ମହାପାତ୍ରଙ୍କ ସହ ସ୍ତ୍ରୀ ରୋଜାଲିନ ଭୁବନେଶ୍ୱରରୁ ବାଇକ୍‌ରେ ଫେରୁଥିବା ବେଳେ ପଛରୁ ଅନ୍ୟ ଏକ ବାଇକ୍‌ରେ ଦୁଇ ଲୁଟେରା ସେମାନଙ୍କୁ ପିଛା କରିଥିଲେ। ଗୋହିରା ଛକ ନିକଟରେ ସେମାନଙ୍କ ବାଇକ୍ ପାଖାପାଖି ଆସି ରୋଜାଲିନ ଧରିଥିବା ଭ୍ୟାନିଟି ବ୍ୟାଗ୍‌କୁ ଲୁଟେରାମାନେ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ। ହେଲେ ରୋଜାଲିନ ବ୍ୟାଗ୍‌ଟିକୁ ଛାଡ଼ି ନ ଥିଲେ। ଏହିପରି କିଛିବାଟ ଯିବା ପରେ ବ୍ୟାଗ୍‌ଟିକୁ ନେବାରେ ବିଫଳ ହୋଇ ଲୁଟେରାମାନେ ପଳାଇଥିଲେ। ହେଲେ ଭାରସାମ୍ୟ ହରାଇ ରୋଜାଲିନ୍ ବାଇକ୍‌ରୁ ଖସିପଡ଼ି ଆହତ ହୋଇଥିଲେ। ଆହତ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ୪୦ କେଜି ଗଞ୍ଜେଇ ଜବତ: ୪ ଗିରଫ

**କଟକ ଅଫିସ, ୧୦।୭:** କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଛକରେ ଚଢ଼ାଉ କରାଯାଇ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ନୟାଗଡ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ପିଠାଖାଇ ଅଞ୍ଚଳର ସନ୍ତୋଷ କୁମାର ଲେଙ୍କା, ସୁରେଶ ଲେଙ୍କା, ବୁଲୁ ଲେଙ୍କା ଓ ବିଶ୍ୱଜିତ ବଇରିଗଞ୍ଜନସିଂଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ଅଭିଯୁକ୍ତମାନେ ଏକ କାର୍‌ରେ ଗଞ୍ଜେଇ ନେଇ କଟକରୁ ଓଏମ୍‌ପି ଆଡକୁ ଯାଉଥିଲେ। ହେଲେ ଓଏମ୍‌ପି ଛକରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯିବାରୁ ଉକ୍ତ କାର୍ ଡିକିରୁ ୪୦ କେଜି ଗଞ୍ଜେଇ ବାହାରିଥିଲା। ପରେ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ପରେ ସେମାନେ ଫୁଲବାଣୀରୁ ଗଞ୍ଜେଇ ନେଇ ଚଣ୍ଡିଖୋଲ ଯାଉଥିବା ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀଙ୍କ ନିକଟରେ ମାନିଥିଲେ।

### ଭାଜପା କର୍ମୀଙ୍କ ପକ୍ଷରୁ ଚାରାରୋପଣ

**ବାଙ୍କୀ,୧୦।୭(ସ୍ୱ.ପ୍ର.):** ବାଙ୍କୀ ଭାଜପା କର୍ମୀଙ୍କ ପକ୍ଷରୁ ବୁଧବାର ଚାରାରୋପଣ କରାଯାଇଛି। କର୍ମୀମାନେ ବ୍ଲକ ଅନ୍ତର୍ଗତ କିଆପଲା ଓ ବରପୁଟ ପଞ୍ଚାୟତର ନରଣପୁର ଏବଂ ପାଥପୁରକୁ ସଂଲଗ୍ନ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଦୁଇ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ଉଭୟ ପାର୍ଶ୍ୱରେ ବୃକ୍ଷ ନ ଥିବାରୁ ପଥଚାରୀ ଖରାଦିନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଦଳପକ୍ଷରୁ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଅରୁଣ ପ୍ରଧାନ, ଚକ୍ରଧର ପ୍ରଧାନ, ସଚିଦାନନ୍ଦ ପ୍ରଧାନ, ପ୍ରଭାତ ପ୍ରଧାନ, ଦିଲୀପ ଦାଶ ପ୍ରମୁଖ ବିଭିନ୍ନ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଓ ପାଥପୁର ଗ୍ରାମବାସୀ ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଡେପୁଟେଶନ୍ ବାତିଲ ଦାବି

**ସାଲେପୁର,୧୦।୭(ଡି.ଏନ.ଏ.):** ସାଲେପୁର ବ୍ଲକ ଶିକ୍ଷାମଣ୍ଡଳ ଅଧୀନ ଗୋପୀନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଅମ୍ବିକା ସାହୁଙ୍କ ଡେପୁଟେଶନ୍ ଆଦେଶ ବାତିଲ୍ ପାଇଁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଗୋପୀନାଥପୁର ସରପଞ୍ଚ ଦିଲୀପ ରାଉତ ଓ ସତ୍ୟଭାମାପୁର ସରପଞ୍ଚ ପ୍ରତିମା ଭୋଇ ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ବାତିଲ୍ ପ୍ରସଙ୍ଗରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୨୫୧୫ ତା: ୨୩।୦୯।୨୦୧୬ରିଖ ଆଦେଶ ବଳରେ ଶିକ୍ଷୟିତ୍ରୀ ସାହୁଙ୍କୁ କଟକର ଆଚାର୍ଯ୍ୟ ହରିହର ବିଦ୍ୟାପୀଠ ଉତ୍ତମାପୁରକୁ ଡେପୁଟେଶନ୍‌ରେ ପଠାଯାଇଥିଲା। ହେଲେ ୩ ବର୍ଷ ବିତିଯାଇଥିଲେ ମଧ ତାଙ୍କୁ ଏ ପର୍ଯ୍ୟନ୍ତ ମୂଳ ବିଦ୍ୟାଳୟକୁ ପଠାଯାଇନାହିଁ। ଅନ୍ୟପକ୍ଷରେ ଅମ୍ବିକା ସେଠାରେ କାମ କ୍ୱାରି ଗୋପୀନାଥପୁର ବିଦ୍ୟାଳୟରୁ ଦରମା ନେବା କେତେଦୂର ସମିଚୀନ ବୋଲି ଦର୍ଶାଯାଇଛି।

■ ଧିମେଇଛି ମାହାଙ୍ଗା-କଟିକଟା ରାସ୍ତା ନିର୍ମାଣ

# ଅବଧି ସରିଲାଣି, କାର୍ଯ୍ୟ ସରୁନି

**ମାହାଙ୍ଗା,୧୦।୭(ସ୍ୱ.ପ୍ର.)**



ଗୋରତାଙ୍ଗଠାରେ ପାଚେରି ଭୁଶୁଡି ପଡ଼ିଛି।

■ନିମ୍ନମାନର କାର୍ଯ୍ୟ ଅଭିଯୋଗ, ଉଚ୍ଚସ୍ତରୀୟ ତଦନ୍ତ ଦାବି
■ସ୍ଥାୟିତ୍ୱକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ

ମାହାଙ୍ଗା ବ୍ଲକ ଅଧୀନ ମାହାଙ୍ଗା-କଟିକଟା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି। ତେବେ ଏହି କାର୍ଯ୍ୟ ଧିମେଇବା ସହ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରଶାସନ ନିକଟରେ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟର ଅବଧି ୧୦ମାସ ହେବ ଶେଷ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରି ପାରିନାହିଁ। ଏବେ ସୁଧା ଅଧା କାମ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ବର୍ଷାଦିନ ହୋଇଥିବାରୁ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ରାସ୍ତା ନିର୍ମାଣ ନ ସରିଲେ ଜନ ଆନ୍ଦୋଳନ ଗଢ଼ି ଉଠିବା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶ ଯେ, ରାସ୍ତା ନିର୍ମାଣ ଶେଷ ନ ହେଉଣୁ ଅନେକ ସ୍ଥାନରେ ନିର୍ମାଣ ହୋଇଥିବା ୱାଲ ଗୁଡିକ ମଧ୍ୟରୁ କେତେକ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଯାହାଫଳରେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାର ୨୦ କି.ମି. ପାଇଁ ୧୮ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତାହା ୨୦୧୮ ଅକ୍ଟୋବର ସୁଦ୍ଧା ଶେଷ ହେବାର ଅବଧି ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି କେତେକ ସ୍ଥାନରେ କଲଭର୍ଟ ନିର୍ମାଣ ମନ୍ଥର ଗତିରେ ଚାଲିଛି। ଏହି କଲଭର୍ଟ ନିକଟରେ ନିର୍ମାଣ ହୋଇଥିବା ଡାଇଭରସନ ରୋଡ୍ ଠିକ୍‌ରେ କରାଯାଇନାହିଁ। ଫଳରେ ଏଠାରେ ଅସରାଏ ବର୍ଷା ହେଲେ ଡାଇଭରସନ ରୋଡ୍ ଉପରେ ପାଣି ଚାଲୁଛି। ଯଦ୍ୱାରା ଯାତାୟାତରେ ଅସୁବିଧା ହେବା ସହ ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ରାସ୍ତାଦେଇ ଜରୁରୀକାଳୀନ ଗାଡ଼ି ଚଳାଚଳ କରି ପାରୁନାହିଁ। ରାସ୍ତା ଉପରେ ନିର୍ଭର କରୁଥିବା ପୂର୍ବ ମାହାଙ୍ଗାର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। କିଛି ଦିନ ତଳେ ଗୋରତାଙ୍ଗଠାରେ ନିର୍ମାଣ ହୋଇଥିବା ଏକ ପାଚେରି ଅସରାଏ ବର୍ଷାରେ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ରାସ୍ତାର ପିଚୁ ଉଠି ଯାଉଥିବା ବେଳେ ତରବରିଆ ଭାବେ ଏଗୁଡ଼ିକୁ ମରାମତି କରାଯାଉଛି। ଅନେକ ସ୍ଥାନରେ ରାସ୍ତା ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ ଥିଲେ ମଧ ତାହାକୁ ଉଠା ନ ଯାଇ ପିଚୁ କରାଯାଇ ରାସ୍ତାକୁ ସମ୍ପୂର୍ଣ୍ଣ କରାଯାଇ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏଥିଯୋଗୁ ବଡ଼ ବଡ଼ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ରାସ୍ତା କାର୍ଯ୍ୟ ଆରମ୍ଭ ନେଇ କୌଣସି ସୂଚନା ଫଳକ ନ ଥିବାରୁ ରାସ୍ତାର ସ୍ୱଚ୍ଛତା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସାଲେପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାର କେତେକ ସ୍ଥାନରେ କଲଭର୍ଟ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ୱାଲ ଭାଙ୍ଗିବା ନେଇ ଖବର ଆସିଛି। ଏହା ଉପରେ ତଦନ୍ତ କରାଯିବ। ଯଦି ନିମ୍ନମାନର କାର୍ଯ୍ୟ ହୋଇଥିବା ଜଣାପଡ଼େ ଏ ଦିଗରେ ପଦକ୍ଷେପ ନିଆଯିବ।



ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତି ପରିଷଦର ପ୍ରତିଷ୍ଠା ଦିବସ

**ବାଙ୍କୀ,୧୦।୭(ସ୍ୱ.ପ୍ର.)**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶିଶୁଆ ଗ୍ରାମର ମହାପ୍ରଭୁ ଶ୍ରୀଜଗନ୍ନାଥ ସାହିତ୍ୟ ଓ ସଂସ୍କୃତି ପରିଷଦର ପ୍ରଥମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆବାହକ ଅଶୋକ ତ୍ରିପାଠୀଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପମୋଦ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ସକାଳେ ଗ୍ରାମର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସାରା ଦିନ ସଂକୀର୍ତ୍ତନ, ଭାଗବତ ମାଧ୍ୟମରେ ଭାଇଚାରାର ସମ୍ପର୍କ ସୃଷ୍ଟି କରାଯାଇଥିଲା। ସନ୍ଧ୍ୟାରେ ମୁଖ୍ୟ ଉପଦେଷ୍ଟା ମନୋଜ ରାଉତଙ୍କ ପୌରୋହିତ୍ୟ ଓ ଗୁରୁଜୀ ତ୍ରିବିକ୍ରମ ବେହେରାଙ୍କ ସଂଯୋଜନାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଦ୍ୟୁମ୍ନ ରଣା, ପ୍ରତାପ ନାୟକ, ଶଙ୍କର ଦାଶ, ବିକ୍ରମ କେଶରୀ ରାଉତରା, ଗାୟକ ରଞ୍ଜନ ମିଶ୍ର, ଅଶୋକ କୁମାର ଗିରି, ବସନ୍ତ ମୁଦୁଲି, ପ୍ରିତିକାନ୍ତ ମହାପାତ୍ର, ଗାୟିକା ଇତିଶ୍ରୀ ଜେନା ଓ ସାଧନା ଦେବତା ପ୍ରମୁଖ ଅଂଶଗ୍ରହଣ କରି ଭଜନ ପରିବେଷଣ କରିଥିଲେ। ପରିଷଦ ବରିଷ୍ଠ ସଂଯୋଜକ ବିମ୍ବାଧର ବାରିକ, ଦିଲୀପ ରାଉତ, ରଶ୍ମିତା ରାଉତ, ମାନସ ବାରିକ ଓ ଦିଲୀପ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ମହିଳା ମଣ୍ଡଳ ସଦସ୍ୟା, ବୃଦ୍ଧାବୃଦ୍ଧ, ସେବା ମୈତ୍ରିସଂଗଠନର ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟଅତିଥିଙ୍କ ଦ୍ୱାରା କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଶ୍ଚିତ କର୍ମ ନିଯୁକ୍ତି, ଆବାସ ଯୋଜନାର ସହଭାଗୀ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**ବାଙ୍କୀ,୧୦।୭(ବି.ପ୍ର.)**

ବାଙ୍କୀ ବ୍ଲକ ପରିଚାଳନାରେ ବୁଧବାର ଡମପଡ଼ା ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଏକ ସହଭାଗୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ, ଡମପଡ଼ା ଓ ଆଠଗଡ ବ୍ଲକର ଗ୍ରାମ ରୋଜଗାର ସେବକ ଏବଂ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ରୁରାଲ୍ ହାଉସିଂ) ବିବେକାନନ୍ଦ ନାୟକ ଯୋଗଦେଇ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସହଭାଗୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜିଲା ସଂଯୋଜକ ସତ୍ୟଜିତ ସେନାପତି କର୍ମଶାଳାର ଆଭିମୁଖ୍ୟ ଓ କାର୍ଯ୍ୟକରିତା ସମ୍ପର୍କରେ ଆଲୋକପାତ କରିଥିଲେ। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଚାରାରୋପଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ଗୃହ ନିର୍ମାଣ କରାଯିବା ସହିତ ହିତାଧିକାରୀଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସହଭାଗୀ କରିବା ପାଇଁ ଆଲୋଚନା ହୋଇଥିଲା। ଜବ୍ କାର୍ଡଧାରୀ ନିଜ ବାଡ଼ିବଗିଚା ଓ ଜମିରେ ଚାରାରୋପଣ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ବନ ବିଭାଗ ସହ ଯୋଗାଯୋଗ ଓ କାର୍ଯ୍ୟକାରିତାରେ ବ୍ଲକ ପ୍ରଶାସନିକ ଅଧିକାରୀ ସହଯୋଗୀ ହେବା ପାଇଁ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା। ଡମପଡା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଅତିଥି ପରିଚୟ ଓ ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଡମପଡା ବ୍ଲକ ସହକାରୀ ବିଡିଓ ପ୍ରଦୀପ ମହାପାତ୍ର, ବାଙ୍କୀ, ଡମପଡା ବ୍ଲକର କମ୍ପ୍ୟୁଟର ପୋଗ୍ରାମର ପ୍ରେମାନନ୍ଦ ସାହୁ, ବିକଳ୍ପ ସୁବୁଦ୍ଧିରାୟ, ବାଙ୍କୀ ବ୍ଲକ ବରିଷ୍ଠ କିରାଣି ବୃନ୍ଦାବନ ପ୍ରଧାନ, ଡମପଡା ଓ ବାଙ୍କୀ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ଗର୍ଭବତୀ ଘଟଣା: ଯୁବକ ଗିରଫ

**ଟାଙ୍ଗୀ(କଟକ),୧୦।୭(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଗର୍ଭବତୀ କରାଇବା ଘଟଣାରେ ବୁଧବାର ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପବିତ୍ର ଓଝା। ପୋଲିସ ସୂଚନା ଅନୁଯାୟୀ, ପବିତ୍ର ପୀଡ଼ିତାଙ୍କ ଘରେ କାଠ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସେ ବିବାହିତ ହୋଇଥିଲେ ମଧ ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ରଖିବା ଫଳରେ ପୀଡ଼ିତାଜଣକ ଗର୍ଭବତୀ ହୋଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ଗତ ୪ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୩୧/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଡାକ୍ତରୀ ପରୀକ୍ଷା ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବିମଳ କୁମାର ବାରିକ କହିଛନ୍ତି।



ଗୁଣ୍ଡିଚା ମନ୍ଦିରରେ ବୁଧବାର ତିନି ଠାକୁର ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ନରସିଂହପୁରରେ ତିନି ଠାକୁରଙ୍କ ସୁନାବେଶ

**ନରସିଂହପୁର,୧୦।୭(ଡି.ଏନ.ଏ.)**

ନରସିଂହପୁର ଗୁଣ୍ଡିଚା ମନ୍ଦିରରେ ବୁଧବାର ତିନି ଠାକୁରଙ୍କ ସୁନେବଶ ଅନୁଷ୍ଠିତ ହୋଇଛି। ଶହଶହ ଭରି ଅଳଙ୍କାରରେ ଠାକୁରଙ୍କୁ ସୁସଜ୍ଜିତ କରାଯାଇଥିଲା। ଏହି ସୁନାବେଶ ରାଜ ରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ବେଶ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତହସିଲଦାର ରାଜକିଶୋର ଜେନା, ରଥଯାତ୍ରା କମିଟି ସମ୍ପାଦକ ଅଗାଧୁ ନାୟକ, ବୈଦ୍ୟନାଥ ପଣ୍ଡା, ରାଜପୁରଧା ରଜନୀକାନ୍ତ ମିଶ୍ର, ନୀଳମଣି ସାହୁ, ରାଜକିଶୋର ସାହୁ ଓ ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭଜନ ମଣ୍ଡପରେ ଅମୃତ ସ୍ୱର ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ବିକ୍ଷୋଭ

**କଟକ ଅଫିସ,୧୦।୭**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏନଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ କାର୍ଯ୍ୟରତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ବୁଧବାର ଜାତୀୟ ଧାନ ଗବେଷଣା କେନ୍ଦ୍ର ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଜ୍ୟୋସ୍ନାରାଣୀ ସିଂ କହିଥିଲେ, କେନ୍ଦ୍ର ସରକାରଙ୍କର ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ମଜୁରୀ ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ। ବର୍ଦ୍ଧିତ ମଜୁରି ଘୋଷଣା ହେବା ଦିନଠାରୁ ବକେୟା ମଜୁରି ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ସଂଘ ପକ୍ଷରୁ କେନ୍ଦ୍ରୀୟ ଶ୍ରମ କମିଶନରଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି କେନ୍ଦ୍ରୀୟ ଶ୍ରମ କାର୍ଯ୍ୟାଳୟ ଜାତୀୟ ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିଲା। ସେହିପରି ୨୦୭ ଜଣ ଶ୍ରମିକଙ୍କର କିପରି ଇପିଏଫ୍ ଲାଗୁ ହେବ ସେ ନେଇ ପ୍ରୋବିଡେଣ୍ଟ ଫଣ୍ଡ କମିଶନରଙ୍କୁ ଜଣାଯାଇଥିଲା। କିନ୍ତୁ ସରକାର ସେଥିପ୍ରତି ଏବେ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ପ୍ରତିବାଦ ସଭାରେ ସଂଘ ସାଧାରଣ ସମ୍ପାଦକ ସୁଧିର ନାୟକ, କୋଷାଧକ୍ଷ ପବିତ୍ର କୁମାର ଦାସ, ମମତା ଭୋଇ, ଭାଗିରଥି ବେହେରା ଉପସ୍ଥିତ ଥିଲେ। ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ରାଜଭବନ ସମ୍ମୁଖରେ ଆସନ୍ତା ୧୫ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

**ବାଙ୍କୀ,୧୦।୭(ସ୍ୱ.ପ୍ର.)**

ବାଙ୍କୀ ଭାଜପାର ନର୍ବାଚନ ମଣ୍ଡଳୀସ୍ତରୀୟ ସଭ୍ୟ ସଂଗ୍ରହ ଅଭିଯାନ ବୁଧବାର ଆଦିମାତା ଛକ କାର୍ଯ୍ୟାଳୟଠାରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ କମିଟି ସଭ୍ୟ ତଥା ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନୂତନସଭ୍ୟ ନିଷ୍ଠାପରଭାବେ କାର୍ଯ୍ୟକରି ଦଳକୁ ମଜଭୁତ କରିବା ସହିତ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମଗୁଡିକୁ ଜନସାଧାରଣମାନଙ୍କ ପାଖରେ ପହଁଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ପାଢ଼ୀ ଅନୁରୋଧ କରିଥିଲେ। ଆଡ୍‌ଭୋକେଟ୍ ଯଯାତି କେଶରୀ ପଟ୍ଟନାୟକ, ଉତ୍କଳ ମନ୍ତ୍ରୀ, ଲକ୍ଷ୍ମୀଧର ବେହେରା, ଦିଲୀପ ଦାଶ, ସୀତାକାନ୍ତ ମିଶ୍ର, ସୁବ୍ରତ ପ୍ରଧାନ, କେଶବ ଚନ୍ଦ୍ର ସାହୁ, ବାପିନା ଜେନା, ରମାକାନ୍ତ ସାହୁ ଓ ଅଜିତ୍ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତିବୁଥରେ କର୍ମକର୍ତ୍ତା ଉପସ୍ଥିତ ରହି ସଭ୍ୟସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ପାଢ଼ୀ ପ୍ରକାଶ କରିଥିଲେ।



ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

# କୃଷି ଦକ୍ଷତା ବିକାଶ, ରୋଗ ପୋକ ନିୟନ୍ତ୍ରଣ କର୍ମଶାଳା

**ବାଙ୍କୀ,୧୦।୭(ବି.ପ୍ର.)**

ବାଙ୍କୀ କୃଷି ଜିଲା କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ବୁଧବାର ଏକ କୃଷି ଦକ୍ଷତା ବିକାଶ ଓ ରୋଗ ପୋକ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କୃଷି ଦକ୍ଷତା ବିକାଶ ଓ ଫଲ୍ ଆର୍ମିୱାର୍ମ (ପୋଲଗଣା ଜାତୀୟ ପୋକ) ନିୟନ୍ତ୍ରଣ ଉପରେ କୃଷି କର୍ମଚାରୀ ଏବଂ କୃଷକ ସାଥିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲା ଶସ୍ୟ ସଂଗ୍ରକ୍ଷଣ ଅଧିକାରୀ ସୁଜାତା ପଟ୍ଟନାୟକ ଓ କଟକ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନବିତ୍ ତଥା ପ୍ରଶିକ୍ଷକ ତୁଷାର ରଞ୍ଜନ ସାହୁ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସାମନ୍ତ କୃଷି କର୍ମଚାରୀମାନେ ଫଲ ଆର୍ମିୱାର୍ମ ପରିଚାଳନା ଓ ନିୟନ୍ତ୍ରଣରେ ଆବଶ୍ୟକ ଜ୍ଞାନକୌଶଳ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଅଧିକାରୀ ଦିନବନ୍ଧୁ ସାହୁ ସହଯୋଗ କରିଥିଲେ। ସ୍ମୃତିଝରା ସାହୁ, ସ୍ୱାଗତା ମହାପାତ୍ର, ଗଣେଶ୍ୱର ରଥ, ଶସ୍ୟ ସଂରକ୍ଷଣ ଅଧିକାରୀ ହରିହର ବାରିକ, କୃଷି ବିଜ୍ଞାନୀ ସୁବ୍ରତ ପାଢୀ, ଗ୍ରାମ କୃଷକ ସାଥି ଏବଂ କୃଷିକର୍ମଚାରୀ ଉପସ୍ଥିତ ରହି ସଚେତନ ହୋଇଥିଲେ।





କର୍ମଶାଳାରେ ଯୋଗଦେଇଥିବା କୃଷି ବିଭାଗର ଅଧିକାରୀମାନେ ପ୍ରଶିକ୍ଷଣ ଦେଉଛନ୍ତି।

ସୂଚନାଯୋଗ୍ୟ, ପୋଲଗଣା ଏକ ସ୍ୱତନ୍ତ୍ର ଧରଣର ପୋକ। ଯାହାର ବୈଜ୍ଞାନିକ ନାମ ଫଲ୍ ଆର୍ମିୱାର୍ମ। ଏହି ପୋକ ବ୍ୟାପକଭାବେ ଫସଲ ନଷ୍ଟ କରିଥାଏ। ମକା ଫସଲରେ ପ୍ରଥମେ ଏହି ପୋକ କ୍ଷତି ପହଞ୍ଚାଇଥିଲା। ଚଳିତ ଖରିଫ ଋତୁରେ ଏହି ପୋକ ଫସଲରେ ବ୍ୟାପକ କ୍ଷତି କରିବା ଆଶଙ୍କାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଜିଲା କୃଷି ଅଧିକାରୀ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଫସଲ ଯୋଜନା ସମ୍ପର୍କରେ ଅନୁରୂପ ସଚେତନ କରାଯାଇଥିଲା।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



## ସଂକ୍ଷେପରେ

### ୪୦ କେଜି ଗଞ୍ଜେଇ ଜବତ: ୪ ଗିରଫ

**କଟକ ଅଫିସ, ୧୦।୭:** କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଛକରେ ଚଢାଉ କରାଯାଇ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ନୟାଗଡ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ପିଠାଖାଇ ଅଞ୍ଚଳର ସନ୍ତୋଷ କୁମାର ଲେଙ୍କା, ସୁରେଶ ଲେଙ୍କା, ବୁଲୁ ଲେଙ୍କା ଓ ବିଶ୍ୱଜିତ ବଇରିଗଞ୍ଜନସିଂଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ଅଭିଯୁକ୍ତମାନେ ଏକ କାର୍‌ରେ ଗଞ୍ଜେଇ ନେଇ କଟକରୁ ଓଏମ୍‌ପି ଆଡକୁ ଯାଉଥିଲେ। ହେଲେ ଓଏମ୍‌ପି ଛକରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯିବାରୁ ଉକ୍ତ କାର୍ ଡିକିରୁ ୪୦ କେଜି ଗଞ୍ଜେଇ ବାହାରିଥିଲା। ପରେ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ପରେ ସେମାନେ ଫୁଲବାଣୀରୁ ଗଞ୍ଜେଇ ନେଇ ଚଣ୍ଡିଖୋଲ ଯାଉଥିବା ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀଙ୍କ ନିକଟରେ ମାନିଥିଲେ।

### ଚୋରିକୁ ୨୪ ଘଣ୍ଟା ବିତିଲା: ଥାନାରେ ଏତଲା ହେଲାନି

**କଟକ ଅଫିସ,୧୦।୭:** ଏସ୍‌ସିବି ମେଡିକାଲ ଅଡିଟୋରିୟମରୁ ପାଖାପାଖି ୩୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଇତିମଧ୍ୟରେ ଘଟଣାକୁ ୨୪ ଘଣ୍ଟା ବିତିଥିଲେ ମଧ୍ୟ ଚୋରି ସମ୍ପର୍କରେ ଥାନାରେ ବିଧିବଦ୍ଧ ଏତଲା ଦାଖଲ କରାଯାଇନାହିଁ। ମେଡିକାଲ କଲେଜ ପକ୍ଷରୁ ଚୋରି ସମ୍ପର୍କରେ ମଙ୍ଗଳାବାଗ ଥାନାକୁ ଏକ ଚିଠି କରାଯାଇଛି। ମାତ୍ର ଚିଠିକୁ ଏତଲା ଭାବେ ଗ୍ରହଣ କରାଯିବ ନାହିଁ ବୋଲି ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଜିଇଡିକୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଉକ୍ତ ରିପୋର୍ଟ ପରେ ଏତଲା ଦିଆଯିବ ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି କହିଛନ୍ତି। ସୂଚନାଥାଉ କି, ମେଡିକାଲ କଲେଜ ଅଡିଟୋରିୟମରୁ ମୂଲ୍ୟବାନ ପ୍ରୋଜେକ୍ଟର ସହିତ ଲାଇଟ୍ ଓ ସାଉଣ୍ଡ ସିଷ୍ଟମର ଅନେକ ସାମଗ୍ରୀ ଚୋରି ହୋଇଯାଇଛି। ଗତ ମଙ୍ଗଳବାର ମେଡିକାଲ କଲେଜ ଛାତ୍ରୀଛାତ୍ର ଅଡିଟୋରିୟମ ଖୋଲିବା ପରେ ଉକ୍ତ ଘଟଣା ଜଣାପଡ଼ିଥିଲା।

### ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ

**ଫୁଲନଖରା,୧୦।୭(ଡି.ଏନ୍.ଏ.):** ଫୁଲନଖରା ବନାଞ୍ଚଳ ପକ୍ଷରୁ ବୁଧବାର ଲୋକମାନଙ୍କୁ ମାଗଣାରେ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର ଓ ଅସିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ କୁରାଙ୍ଗ, ନଖରା, ମହୀଧରପଡ଼ା, ଫୁଲନଖରା, ଭୀମପୁର, ଅନନ୍ତପୁର, ଯୋହଳ, ବ୍ରାହ୍ମଣଝରିଲୋ ଆଦି ଗ୍ରାମର ଲୋକମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ରାୟପୁରଠାରେ ଥିବା ବନବିଭାଗର ୩ଟି ଚାରା କେନ୍ଦ୍ର ଖୋଲାଯାଇଛି। ସ୍ଥାନୀୟ ଲୋକେ ଜୁଲାଇ ୧୫ ପର୍ଯ୍ୟନ୍ତ ଏଠାରୁ ଚାରା ନେଇପାରିବେ ବୋଲି ବନଖଣ୍ଡ ଅଧିକାରୀ ମିଶ୍ର କହିଛନ୍ତି।

# ମୁଣ୍ଡ ନେଉଛି ମହାନଦୀ

**କଟକ ଅଫିସ,୧୦।୭**

## ସଚେତନ ହେଉନାହାନ୍ତି ଲୋକେ
## ଲଗାଯାଉନି ସୂଚନା ଫଳକ
## ପ୍ରଶାସନ ନୀରବ

କଟକ ତିନିପାର୍ଶ୍ୱକୁ ଘେରି ରହିଛି ନଦୀ। ବସ୍ତିବାସିନ୍ଦାଙ୍କଠାରୁ ଆରମ୍ଭ କରି ପ୍ରତିଦିନ ହଜାର ହଜାର ଲୋକ ନଦୀ ଉପରେ ନିର୍ଭର କରୁଛନ୍ତି। ଲୋକମାନେ ନଦୀକୁ ଗାଧୋଇବାକୁ ଯାଉଥିବାବେଳ ପ୍ରତି ମାସରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଛି। ଅନେକ ସମୟରେ ନଦୀରେ ବୁଡ଼ି ବହୁ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ଦୈବାତ କେତେଜଣ ମୃତ୍ୟୁମୁଖରୁ ଫେରି ଆସୁଛନ୍ତି। ଗତ ପାଞ୍ଚବର୍ଷରେ ମହାନଦୀରେ ବୁଡ଼ି ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଛି। ମାତ୍ର କ୍ଷଣିକ ସୁଖ ସାଜୁଛି କାଳ। ଅର୍ଥାତ ଅନେକ ସମୟରେ ସ୍କୁଲ ଓ କଲେଜ ଛାତ୍ରମାନେ ସାଙ୍ଗମାନଙ୍କ ସହ ମସ୍ତି କରିବାକୁ ନଦୀରେ ଗାଧୋଇବାକୁ ଆସୁଛନ୍ତି। ହେଲେ ଅସାବଧାନତା ବଶତଃ ପାଣିରେ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ପର୍ବପର୍ବାଣି ସମୟରେ ଯୁବକମାନେ ନିଶାସକ୍ତ ଅବସ୍ଥାରେ ନଦୀକୁ ଗାଧୋଇବାକୁ ଆସୁଛନ୍ତି, ଯାହାଦ୍ୱାରା ଅଘଟଣ ଘଟୁଛି। ହେଲେ ପ୍ରଶାସନ ଏବଂ ସରକାରଙ୍କ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏପରି କି ନଦୀର ଗାଧୋଉ ଥିବା ସ୍ଥାନରେ ସତର୍କତା ପାଇଁ ସୂଚନାଫଳକ ଲଗାଯାଉନାହିଁ। କଟକର ଯୋବ୍ରା, ଗଡଗଡିଆ ଘାଟ, ନରାଜ ଆଦି ସ୍ଥାନ ଅତ୍ୟନ୍ତ ସମ୍ବେଦନଶୀଳ। ଏଠାରେ ମହାନଦୀର ସୁଅ ଅଧିକ ରହୁଥିବାରୁ ଅନେକ ଲୋକ ଗାଧୋଇବାବେଳେ ଭାଶି ଯିବାରୁ ପ୍ରାଣହାନି ଘଟୁଛି।

ପୋଲିସ ସୂଚନା ଅନୁଯାଇ, ଗତ ପାଞ୍ଚବର୍ଷ ଭିତରେ ଜଗତ୍‌ପୁର ଥାନା ଅଞ୍ଚଳରେ ମହାନଦୀରେ ବୁଡ଼ି ୩୧ ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୫ରେ ୯ଜଣ, ୨୦୧୬ରେ ୬ଜଣ, ୨୦୧୭ରେ ୬ଜଣ, ୨୦୧୮ରେ ୬ ଜଣ ଓ ୨୦୧୯ ଜୁଲାଇ ୯ ତାରିଖ ସୁଧା ୪ ଜଣ ମହାନଦୀରେ ବୁଡି ପ୍ରାଣହାନି ଘଟିଛି। ସେହିପରି କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ୨୦୧୫ରେ ୫ଜଣ, ୨୦୧୬ରେ ୬ଜଣ, ୨୦୧୭ରେ ଜଣେ ଓ ୨୦୧୮ରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଗତ ମେ' ୨୬ରେ ନରାଜ ଆନିକଟରେ ଗାଧୋଇବାବେଳେ ଭିକି କୁମାର ନାମକ ଜଣେ ଯୁବକ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେ କଟକର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିଲେ। ଏବେ ବର୍ଷାଋତୁ ଚାଲିଥିବାରୁ ମହାନଦୀରେ ପାଣି ବଢିବା ଆଶଙ୍କା ରହିଛି। ଶ୍ରାବଣ ମାସରେ ବୋଲବମ୍ ଭକ୍ତମାନେ ପାଣିଭାର ନେବା ସହ ମହାନଦୀର ଗଡଗଡିଆ ଘାଟରେ ବୁଡ ପକାଇବେ। ତେଣୁ ସେମାନଙ୍କ ମଧ୍ୟରୁ ଦୂରଦୂରାନ୍ତରୁ ଆସିବାକୁ ଥିବା ଭକ୍ତମାନେ ମହାନଦୀର ବିପଦପୂର୍ଣ୍ଣ ସ୍ଥାନ ସମ୍ପର୍କରେ ଅବଗତ ନାହାନ୍ତି। ଏପରି କ୍ଷେତ୍ରରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ଆଗାମୀ ଦିନରେ ମହାନଦୀର ଦୁର୍ଘଟଣା ଘଟୁଥିବା ସ୍ଥାନରେ ପ୍ରଶାସନ ପକ୍ଷରୁ ସୂଚନାଫଳକ ଲଗାଯିବା ପାଇଁ ସାଧାରଣରେ ଦାବି ହେଉଛି।

### ଏମାନେ କ'ଣ କୁହନ୍ତି ...



ମହାନଦୀରେ ଅନେକ ସ୍ଥାନରେ ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଗାଧଉଛନ୍ତି। ଅନେକ ଲୋକ ଗଡଗଡିଆ ଘାଟକୁ ଗାଧୋଇବା ପାଇଁ ଆସିଥାନ୍ତି। ଗଡଗଡିଆ ପଠାରେ ବହୁତ ତୁଠ ଅଛି। ଯେଉଁଥିପାଇଁ ଜାଣି ନ ଥିବା ଲୋକମାନେ ସେଠାରେ ଗାଧୋଇ ମୃତ୍ୟୁ ମୁଖରେ ପଡିଥାନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏକ ନିର୍ଦ୍ଦିଷ୍ଟ ତୁଠ କରିବା ସହ ସେଠାରେ ବ୍ୟାରିକେଡ ବ୍ୟବସ୍ଥା କଲେ ଆଗାମୀ ଦିନରେ ଜୀବନହାନିକୁ ରୋକାଯାଇପାରିବ।

**- ବିନାୟକ ସିଂ, ବିଜୁପଟ୍ଟନାୟକ ଛକ ବାସିନ୍ଦା**



୨୦୧୫ରେ ଗଡଗଡିଆ ଘାଟରେ ୬ଜଣ ସ୍କୁଲ ପିଲା ବୁଡିଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ଭିତରୁ ଜଣେ ପିଲାକୁ ମୁଁ ଉଧାର କରିଥିଲି। ଆଖି ଆଗରେ ଛୋଟପିଲାମାନେ ବୁଡ଼ି ଯାଉଥିବା ହୃଦୟ ବିଦାରକ ଦୃଶ୍ୟ ଆଜି ବି ମନେ ପଡିଲେ ଡର ଲାଗୁଛି। ଏବେ ବି ଅବସ୍ଥାର କୌଣସି ପରିବର୍ତ୍ତନ ଆସିନାହିଁ। ପ୍ରଶାସନର ଅବହେଳା ଯୋଗୁ ଅନେକ ନୀରିହ ଜୀବନ ଯାଉଛି।

**- ବୃନ୍ଦାବନ ଦାସ ଆଜାଦ, ସ୍ଥାନୀୟ ବାସିନ୍ଦା**



ଆମ ତରଫରୁ ଯାହା ସମ୍ଭବ ପୋଲିସ କରୁଛି। ସମସ୍ତ ପ୍ରକାର ପଦକ୍ଷେପ ନେଉଛୁ। ପ୍ରତିଦିନ ପିସିଆର୍ ଭ୍ୟାନ ପାଟ୍ରୋଲିଂ କରୁଛି। ହୋଲି, ଦୁର୍ଗାପୂଜା, କାଳୀପୂଜା, ବାଲିଯାତ୍ରା ଭଳି ପର୍ବପର୍ବାଣିରେ ଓଡ୍ରାଫ୍ ଟିମ୍ ଏବଂ ଲାଇଫ୍ ଗାର୍ଡ ନିୟୋଜିତ କରାଯାଉଛି।

**- ଅଖିଳେଶ୍ୱର ସିଂ, କଟକ ଡିସିପି**

## ପାନୀୟ ଜଳ ଯୋଗାଣ ସମ୍ପର୍କିତ ସମୀକ୍ଷା ବୈଠକ

**କଟକ ଅଫିସ, ୧୦।୭**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଦିନକୁ ଦିନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଘଟୁଥିବା ଦେଖିବାକୁ ମିଳୁଛି। ଗତ ଦିନରେ ଜଣ୍ଡିସରେ ୩୩ ଜଣ ଆକ୍ରାନ୍ତ ହୋଇଛନ୍ତି। ବର୍ଷା ଲାଗିରହିଥିବାରୁ ଆଗାମୀ ଦିନରେ ଝାଡାବାନ୍ତି ଓ ଅଣ୍ଡାଜ୍ୱର ଯେପରି ନିୟନ୍ତ୍ରଣ ରହିବ ସେ ନେଇ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ସହରରେ ଯେପରି ଜଣ୍ଡିସ, ଅଣ୍ଡାଜ୍ୱର, ଝାଡ଼ାବାନ୍ତି ବୃଦ୍ଧି ନ ଘଟିବ ସେ ନେଇ ବୁଧବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବା ସମ୍ପର୍କରେ ମୋକିମ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସହରରେ ଦୀର୍ଘବର୍ଷ ହେବ ପୁରୁଣା ପାଣି ପାଇପ ବଦଳା ଯାଉ ନ ଥିବାରୁ ଏହା ଫାଟିଯାଇ ଦୂଷିତ ଜଳ ସହ ମିଶୁଛି। ଫଳରେ ଏହି ପାଣି ପିଇବା ଦ୍ୱାରା ଲୋକମାନେ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହି ପାଇପଗୁଡ଼ିକୁ ତୁରନ୍ତ ବଦଳାଯାଇ ନୂତନ ପାଇପ ଲଗାଇବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ ମୁତାବକ ଜଳ କର ବୃଦ୍ଧି କରାଯାଉଛି। ହେଲେ ଲୋକଙ୍କୁ ସେହି ଅନୁଯାୟୀ ସୁବିଧା ଯୋଗାଇ ଦିଆଯାଉନାହିଁ। ଜଳସଙ୍କଟ ଦୂର କରିବା ପାଇଁ ବିଭାଗୀୟ ଯନ୍ତ୍ରୀ, କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ଯତ୍ନବାନ ହେବାକୁ ବିଧାୟକ କହିଥିଲେ। ଏହି ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗ କଟକ ମଣ୍ଡଳର ନିର୍ବାହୀଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ଘଡେଇ, ଉପଖଣ୍ଡ ଯନ୍ତ୍ରୀ ଭବାନୀ ଶଙ୍କର ମହାନ୍ତି, ଜଗନ୍ନାଥ ସାହୁ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଅଭିଯୁକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

### ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣା

**କଣ୍ଟାପଡ଼ା,୧୦।୭(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାର ନିର୍ଦ୍ଦେଶକ ଡା.ଶକ୍ତିପ୍ରସାଦ ଦାସଙ୍କ ଗାଡ଼ି ଉପରକୁ ଗତ ବୁଧବାର ଆକ୍ରମଣ ଘଟଣାରେ ଓଲଟପୁର ପୋଲିସ ସୋମବାର ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅନୁଷ୍ଠାନର ଜଣେ ନିୟମିତ ଓ ଜଣେ ଠିକା କର୍ମଚାରୀ ସମ୍ପୃକ୍ତ ଥିଲେ। ବୁଧବାର ନିରତାର ନିର୍ଦ୍ଦେଶକ ଡା. ଦାସ ନିୟମିତ କର୍ମଚାରୀ ଲକ୍ଷ୍ମୀଧର ମଲିକଙ୍କୁ ନିଲମ୍ବନ କରିଥିବାବେଳେ ଠିକା କର୍ମଚାରୀ ବ୍ରହ୍ମାନନ୍ଦ ଭୋଇଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ନିର୍ଦ୍ଦେଶକଙ୍କୁ ଅକ୍ରମଣ କରିବା ଘଟଣାରେ ନିରତାରର ୨କର୍ମଚାରୀ ଗିରଫ ସମ୍ପର୍କରେ ଓଲଟପୁର ପୋଲିସ ନିକଟରୁ ଜଣାପଡିବାପରେ ଉଭୟଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ନିରତାର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କହିଛନ୍ତି।

## ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ବିକ୍ଷୋଭ




**କଟକ ଅଫିସ,୧୦।୭**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏନଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ କାର୍ଯ୍ୟରତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ବୁଧବାର ଜାତୀୟ ଧାନ ଗବେଷଣା କେନ୍ଦ୍ର ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଜ୍ୟୋତ୍ସ୍ନାରାଣୀ ସିଂ କହିଥିଲେ, କେନ୍ଦ୍ର ସରକାରଙ୍କର ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ମଜୁରୀ ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ। ବର୍ଦ୍ଧିତ ମଜୁରି ଘୋଷଣା ହେବା ଦିନଠାରୁ ବକେୟା ମଜୁରି ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ସଂଘ ପକ୍ଷରୁ କେନ୍ଦ୍ରୀୟ ଶ୍ରମ କମିଶନରଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି କେନ୍ଦ୍ରୀୟ ଶ୍ରମ କାର୍ଯ୍ୟାଳୟ ଜାତୀୟ ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିଲା। ସେହିପରି ୨୦୭ ଜଣ ଶ୍ରମିକଙ୍କର କିପରି ଇପିଏଫ୍ ଲାଗୁ ହେବ ସେ ନେଇ ପ୍ରୋବିଡେଣ୍ଟ ଫଣ୍ଡ କମିଶନରଙ୍କୁ ଜଣାଯାଇଥିଲା। କିନ୍ତୁ ସରକାର ସେଥିପ୍ରତି ଏବେ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ପ୍ରତିବାଦ ସଭାରେ ସଂଘ ସାଧାରଣ ସମ୍ପାଦକ ସୁଧିର ନାୟକ, କୋଷାଧ୍ୟକ୍ଷ ପବିତ୍ର କୁମାର ଦାସ, ମମତା ଭୋଇ, ଭାଗିରଥି ବେହେରା ଉପସ୍ଥିତ ଥିଲେ। ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ରାଜଭବନ ସମ୍ମୁଖରେ ଆସନ୍ତା ୧୫ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପୋଲିସର ଅପରାଧ ସମୀକ୍ଷା ବୈଠକ

**କଟକ ଅଫିସ, ୧୦।୭**

କମିଶନରେଟ୍ ପୋଲିସ ଅଧୀନ କଟକ ୟୁପିଡିର ଚଳିତ ମାସର ଅପରାଧ ସମୀକ୍ଷା ବୈଠକ ବୁଧବାର ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିସିପି ଅଖିଳେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଜୋନ୍ ଏସିପି ଓ ଥାନାଧିକାରୀମାନେ ଯୋଗଦେଇଥିଲେ। ଗତ ଦିନରେ କଟକରେ ଅପରାଧ ବଢିଥିବା ଉପରେ ଆଲୋଚନା ହୋଇଥିଲା। ଏହି ମାସରେ ଏକ ହତ୍ୟା ଘଟଣା ଘଟିଥିବାବେଳେ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତେବେ ପଡ଼ି ରହିଥିବା ମାମଲାଗୁଡ଼ିକର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ଡିସିପି ନିର୍ଦ୍ଦେଶ ଦେଇଥିଲେ। ସହରରେ ଲୁଟ୍ ଏବଂ ଚୋରି ଘଟଣା ଘଟୁଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାଛଡ଼ା ବେଆଇନ ମଦ କାରବାର, ଜୁଆ ଆଡ୍ଡା ଉପରେ ଚଢାଉ କରିବାକୁ କୁହାଯାଇଥିଲା।

## କନ୍ଦରପୁର କୃଷକ ସମିତିର ବାର୍ଷିକ ଅଧିବେଶନ

**କଟକ ସଦର,୧୦।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ ବୁଧବାର ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ୨୦୧୮-୧୯ ଆର୍ଥିକ ବର୍ଷର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ବ୍ଲକର ଅନ୍ୟ ସମିତିଗୁଡ଼ିକ କ୍ଷତିରେ ଚାଲିଥିବା ବେଳେ ଏହି ସମିତି ମିନି ବ୍ୟାଙ୍କ ଜରିଆରେ ତିଷ୍ଠି ରହିବାରେ ସକ୍ଷମ ହୋଇପାରିଛି ବୋଲି ସମ୍ପାଦକ ଧୀରେନ୍ଦ୍ର କୁମାର ଦାସ ବାର୍ଷିକ ବିବରଣୀ ପାଠ ବେଳେ କହିଥିଲେ। ଚଳିତବର୍ଷ ଧାନ ସଂଗ୍ରହ କୋଟା କମିଯାଇଥିବାରୁ ସଭ୍ୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୋର୍ଡ ଅଫ୍ ଡାଇରେକ୍ଟର ଅନନ୍ତଚରଣ ଦଳାଇ, ଅଭୟ ସ୍ୱାଇଁ, ବନମାଳୀ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁବ୍ରତ ମଲ୍ଲିକ, ବେଣୁଧର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଶିବପ୍ରସାଦ ବେହେରା, ଗଣେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅପସ୍ଥିତ ଥିଲେ। ସଭାପତି ଅକ୍ଷୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ନାବାଳିକା ଗର୍ଭବତୀ ଘଟଣା: ଯୁବକ ଗିରଫ

**ଟାଙ୍ଗୀ(କଟକ),୧୦।୭(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଗର୍ଭବତୀ କରାଇବା ଘଟଣାରେ ବୁଧବାର ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପବିତ୍ର ଓଝା। ପୋଲିସ ସୂଚନା ଅନୁଯାୟୀ, ପବିତ୍ର ପୀଡ଼ିତାଙ୍କ ଘରେ କାଠ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସେ ବିବାହିତ ହୋଇଥିଲେ ମଧ୍ୟ ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ରଖିବା ଫଳରେ ପୀଡ଼ିତାଜଣକ ଗର୍ଭବତୀ ହୋଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ଗତ ୪ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୩୧/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଡାକ୍ତରୀ ପରୀକ୍ଷା ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବିମଳ କୁମାର ବାରିକ କହିଛନ୍ତି।

## ସିପିଆଇ(ଏମ୍)ର ପ୍ରତିବାଦ ସଭା

**ଟାଙ୍ଗୀ(କଟକ),୧୦।୭(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ସିପିଆଇ(ଏମ୍) ପକ୍ଷରୁ ପଞ୍ଚାୟତ ସମିତି ବୈଠକ ବସିବା ଅନିୟମିତତା ଘଟଣାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ବଦ୍ରିନାରାୟଣ ଦାସ କୁହନ୍ତି, ପ୍ରତି ୨ମାସରେ ଥରେ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ ଆହୂତ ହେବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆଇନ୍ ରହିଛି। କିନ୍ତୁ ବ୍ଲକ ପ୍ରଶାସନ ନିଜ ଇଚ୍ଛା ଅନୁସାରେ ବୈଠକ କରୁଛନ୍ତି। ଫଳରେ ବ୍ଲକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ବିନା ଷ୍ଟାଣ୍ଡିଂ କମିଟିରେ ବେଆଇନ୍ ଭାବେ ଉନ୍ନୟନ କାର୍ଯ୍ୟ କରିବା ଓ ୯ମାସ ପରେ ବୈଠକ ଡାକିବା ଘଟଣା ଏହି ପ୍ରତିବାଦ ସଭାରେ ନେତାମାନେ ବିରୋଧ କରିଥିଲେ। ଏହି ଅବସରରେ ବିଡିଓ ବିନୋଦ ସେନାପତିଙ୍କୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବଦ୍ରିନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ କମ୍ରେଡ୍ ବିଷ୍ଣୁ ବେହେରା, ଡମ୍ବରୁଧର ସାହୁ, ଚନ୍ଦ୍ରମୋହନ ମାଝି ଓ ରଶ୍ମିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷାଜ୍ୟୋତି ସମ୍ମାନ ସମାବେଶ

**ଖୁଣ୍ଟୁଣୀ,୧୦।୭(ଡି.ଏନ୍.ଏ.)**

ରାଧାନାଥ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ବୁଧବାର ନିର୍ବାଚନମଣ୍ଡଳୀସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ ସମାବେଶ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ର ଫୋରମ ଅଫ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ମୁଖ୍ୟ ବକ୍ତାଭାବେ ବୈଜ୍ଞାନିକ ତଥା ସାମାଜିକ କର୍ମୀ ଡ. ଗୌହର ରାଜା ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ କଲେଜ ପରିସରରେ ଥିବା ଡ. ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ଫୋରମ ସଭାପତି ଡ. ଦାମୋଦର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଫୋରମ ସମ୍ପାଦକ ଡ. ଶଶିଭୂଷଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଠଗଡ଼ ମହାତ୍ମା ଗାନ୍ଧୀ ଇଂଲିଶ ମିଡିୟମ ସ୍କୁଲର ବାସନ୍ତୀଲତା ଦାସ, ଚୌଦ୍ୱାର ଏସଏସଭିଏମ ସ୍କୁଲର ବିଶ୍ୱଜିତ୍ ସାହୁ, କଟକର ଆଶୁତୋଷ ରାୟ, ମୁଣ୍ଡଳୀର ପ୍ରିୟାଂଶୁ ପ୍ରଜ୍ଞାଦିପ୍ତା ଓ ସୌରଭ ନାୟକ, ଆଠଗଡ ଏମଜିଏମର ସୋନମ ଶତପଥୀଙ୍କୁ ମୁଖ୍ୟ ଅତିଥି ଲାପଟପ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସେହିପରି ଯୁକ୍ତ ୨ର ସୁମିତ୍ରା ବେହେରା, ପ୍ରଜ୍ଞାପାରମିତା ସାହୁ, ସ୍ନେହା ବିହାନୀ, ରୁଚିସ୍ମିତା ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ନିର୍ବାଚନମଣ୍ଡଳୀର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯୁକ୍ତ ୨ର ୧୧୦ଜଣ, ଯୁକ୍ତ ୩ର ୭୦ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ତମ ଶିକ୍ଷାଦାନ ପାଇଁ ଯୁକ୍ତ୨ ର ନୂଆପାଟଣା, କୁସପଙ୍ଗୀ, ଆଠଗଡ କଲେଜକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁକ୍ତ ୩ ର ଆଠଗଡ଼, ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ କଲେଜକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫୋରମ ସଂଯୋଜକ ଡ. ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।




ଶିକ୍ଷାଜ୍ୟୋତି ସମ୍ମାନ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

## ପଞ୍ଚାୟତ ସମିତି ଅଧିବେଶନରେ ହଟ୍ଟଗୋଳ

**ଟାଙ୍ଗୀ(କଟକ),୧୦।୭(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ବୁଧବାର ବ୍ଲକ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଆଠଗଡ଼ ବିଧାୟକ ପ୍ରତିନିଧି ସେକ୍ ଶାହାଜାନ୍, ଚୌଦ୍ୱାର-କଟକ ବିଧାୟକ ପ୍ରତିନିଧି ତିର୍ଥାନନ୍ଦ ସୁବୁଦ୍ଧିରାୟ, ଜିଲା ପରିଷଦ ସଭ୍ୟା ମଧୁସ୍ମିତା ସେଠୀ, ସମିତି ଉପାଧ୍ୟକ୍ଷା ଜାନକୀ ପରିଡ଼ା, ସରପଞ୍ଚ ସୁବୋଧ ସାମଲ, ପବିତ୍ର ଉପାଧ୍ୟାୟ, ଅମୂଲ୍ୟ ସାହୁ, ସସ୍ମିତା ସାହୁ, ସମିତିସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ ସାମଲ, ରମେଶ ବେହେରା, ଅଭିଲାଷ ଚନ୍ଦ୍ର ସାହୁ ଓ ବେବିନା ସାହୁଙ୍କ ସମେତ ୨୪ଟି ପଞ୍ଚାୟତର ପ୍ରତିନିଧି ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ଉପସ୍ଥିତ କୌଣସି ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ କିଛି ସମୟ ସଭାଗୃହରେ ହଟ୍ଟଗୋଳ ହୋଇଥିଲା। ଆଇନ୍ ଅନୁଯାୟୀ ପ୍ରତି ୨ମାସ ବଦଳରେ ୯ମାସ ପରେ ବୈଠକ ଆହୂତ ହେବା ଓ ଷ୍ଟାଣ୍ଡିଂ କମିଟି ଗଠିତ ନ ହେବା ସଂକ୍ରାନ୍ତରେ ସଭ୍ୟ ରମେଶ ବେହେରାଙ୍କ ପ୍ରଶ୍ନର ଉତ୍ତରକୁ ବିଡିଓ ବିନୋଦ କୁମାର ସେନାପତି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ରହିବା, ମଦପିଇ ଶିକ୍ଷକମାନେ ବିଦ୍ୟାଳୟକୁ ଆସିବା ଓ ବାତ୍ୟାରେ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନ ମରାମତି ବିଳମ୍ବକୁ ନେଇ ସଭ୍ୟମାନେ ଆପତ୍ତି ଉଠାଇଥିଲେ। ସ୍ୱାସ୍ଥ୍ୟ ଓ କୃଷି ବିଭାଗର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଶ୍ୱନାହାକାଣୀଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସରପଞ୍ଚ ସୁବୋଧ ସାମଲ ପ୍ରସ୍ତାବ ଦେଇଥିଲେ। ବିଡିଓ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା, ମଙ୍ଗଳ ଅଧିକାରୀ କଳ୍ପତରୁ ପଣ୍ଡା, ସିଡିପିଓ ପଦ୍ମିନୀ ବକ୍ସି, ନିର୍ବାହୀ ଯନ୍ତ୍ରୀ ନାରାୟଣ ପ୍ରଧାନ, ସ୍ୱାସ୍ଥ୍ୟାଧିକାରୀ ଜ୍ୟୋତିପ୍ରକାଶ ସାହୁ ଓ ସମବାୟ ଅଧିକାରୀ ରମେଶ ଚନ୍ଦ୍ର ଦଲାଲଙ୍କ ସମେତ ବ୍ଲକର ଅଧିକାରୀଗଣ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ଅଧିବେଶନରେ ବିଧାୟକଙ୍କ ସହ ଅନ୍ୟମାନେ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

ଖୋର୍ଦ୍ଧାରୋଡ ରେଳଷ୍ଟେଶନରେ ଆରପିଏଫ୍‌ର ଧରପଗଡ଼

### ବେଆଇନ ୧୪୪ ପାଣି ବୋତଲ ଜବତ, ଜଣେ ଗିରଫ

**ଜଟଣୀ,୧୦। ୭(ଡି.ଏନ.ଏ.):** ବିଭିନ୍ନ ରେଳଷ୍ଟେଶନରେ ବେଆଇନ ଭାବେ ପାଣି ବୋତଲ ବିକ୍ରୟ ଉପରେ ଆରପିଏଫ୍ ଧରପଗଡ଼ ଆରମ୍ଭ କରିଛି। ରେଳପଥ ଦ୍ୱାରା ଅନୁମୋଦିତ ନ ଥାଇ ବିକ୍ରୟ ହେଉଥିବା ଅନ୍ୟ ଏକ ବ୍ରାଣ୍ଡର ୧୪୪ ପାଣି ବୋତଲ ଆରପିଏଫ୍ ଜବତ କରିଛି। ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରୁ ବେଆଇନ ଭାବେ ପାଣି ବୋତଲ ବିକ୍ରୟ ହେଉଥିଲା। ଏହାକୁ ଦେବବ୍ରତ ପଟ୍ଟନାୟକ ବିକ୍ରି କରୁଥିଲେ। ବେଳେ ଗିରଫ କରାଯାଇଥିବା ଖୋର୍ଦ୍ଧାରୋଡ ଆର୍‌ପିଏଫ୍ ଇନ୍‌ସପେକ୍ଟର ବିଦ୍ୟାଧର ବାରିକ କହିଛନ୍ତି। ଏ ନେଇ ନଂ. ୨୨୬୨/୧୯ରେ ମାମଲା ରୁଜୁ ହୋଇଛି। ବିଭିନ୍ନ ଷ୍ଟେଶନରେ ବିକ୍ରୟ ପାଇଁ ରେଳପଥ ଦ୍ୱାରା ଅନୁମୋଦିତ ନ ଥିବା ବିଭିନ୍ନ କମ୍ପାନୀର ବ୍ରାଣ୍ଡରେ ବେଆଇନ ଭାବେ ନିମ୍ନମାନର ପାଣି ବୋତଲ ବିକ୍ରୟ ହେଉଛି। ଏହାଛଡ଼ା ଖାଲି ବୋତଲରେ ପାଣି ଭର୍ତ୍ତି କରିବା ପରେ ଠିପିରେ ସେଲୋଟେପ୍ ମାରି ସିଲ୍ ଦେଖାଯିବା ପରି କରି ଚଳନ୍ତା ଟ୍ରେନ୍‌ରେ ଶତାଧିକ ପାଣି ବୋତଲ ବିକ୍ରୟ ହେଉଥିବା ଅନେକ ସମୟରେ ଅଭିଯୋଗ ହେଉଥାଏ। ରେଲୱେ ଷ୍ଟେଶନ ଓ ଟ୍ରେନ୍‌ରେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ରେଳପଥ ଏହାକୁ ଗୁରୁତ୍ୱ ଦେଉଛି। ହେଲେ ବିଭିନ୍ନ ରେଳ ଷ୍ଟେଶନ ଓ ଟ୍ରେନ୍‌ରେ ବେଆଇନ ଭାବେ ଅନଧିକୃତ ବ୍ୟକ୍ତିମାନେ ନିମ୍ନମାନର ଖାଦ୍ୟ ଓ ପାନୀୟ ଜଳ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଖାଦ୍ୟ ଓ ପାନୀୟ ଜଳ ଉପରେ ରେଲୱେ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ଯାତ୍ରୀଙ୍କ ମହଲରେ ମତପ୍ରକାଶ ପାଇଛି।

### ଗ୍ୟାସ୍ ସିଲିଣ୍ଡର ଫାଟି ୨ ବଖରା ଜଳିଗଲା



**ଖୋର୍ଦ୍ଧା ଅଫିସ,୧୦।୭:** ଚିଲିକା ବ୍ଲକ ସାନନଇରୀ ଗାଁର ସୁକାନ୍ତ ସାହୁଙ୍କ ଘରେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଗ୍ୟାସ ସିଲିଣ୍ଡର ଫାଟି ୨ ବଖରା ଆଜବେଷ୍ଟସ ଛପର ଉଡି ଯାଇଛି। ଏଥିରେ ପିନ୍ଧା ଲୁଗାକୁ ଛାଡି ଦେଲେ ଟିଭି, ଫ୍ରିଜ, ପିଲାଙ୍କ ବହି, ଆଧାର କାର୍ଡ, ଲୁଗାପଟା, ରାଶନକାର୍ଡ, ୪୨ ହଜାର ଟଙ୍କା ସମେତ ସବୁ କିଛି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବା ଦମକଳ ବାହିନୀର କର୍ମଚାରୀଙ୍କ ପ୍ରାଥମିକ ଆକଳନରୁ ଜଣାପଡିଛି। ସୁକାନ୍ତଙ୍କ ମା' ରୋଷେଇ କରୁଥିବାବେଳେ କୌଣସି କାରଣରୁ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଗଙ୍ଗାଧରପୁର ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଗୋଟିଏ ରାତିରେ ଦୁଇ ଘରୁ ଚୋରି
### ଦୁର୍ବୃତ୍ତ ଲୁଟି ନେଲେ ସୁନା ଅଳଙ୍କାର, ଟଙ୍କା

**ପାତ୍ରପଡା, ୧୦। ୭ (ଡି.ଏନ.ଏ.)-** ତମାଣ୍ଡୋ ଥାନା ବିଜିପୁର ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨ ଘର ଗ୍ରୀଲ ତାଡି ସୁନା ଅଳଙ୍କାର ସହ ୩୫ ହଜାର ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ବିଜିପୁର ପ୍ଲଟ ନଂ. ୭୩୫, ୮୯୫, ୧୦୨୯ରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧନଞ୍ଜୟ ମହାନ୍ତି ପରିବାର ସହ ରୁହନ୍ତି। ବିଳମ୍ବିତ ରାତିରେ ଘର ପଛପଟ ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ୧୫ ହଜାର ଟଙ୍କା ସହ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ପ୍ଲଟ ନଂ. ୭୩୫, ୮୫୬, ୧୩୧୪ରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଧୀରେନ୍ଦ୍ର କୁମାର ସାହୁଙ୍କ ଘର ଗ୍ରୀଲ ତାଡି ୨୦ ହଜାର ଟଙ୍କା, ଗୋଟିଏ ସୁନା ଚେନ, ୨ ଗୋଟି ମୁଦି, ଛୋଟ ଚେନ, ଆଲମିରା ଭାଙ୍ଗି ନେଇ ଯାଇଛନ୍ତି। ଚୋରି ସମ୍ପର୍କରେ ସକାଳୁ ପରିବାର ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଅନୁସନ୍ଧାନ କରି ଫେରି ଯାଇଛି।

# ଛୋଟା ଜେଲ ଯିବା ପରେ ଖୋଲୁଛି ଗୁମର

## ବିଶ୍ୱସ୍ତ ଡ୍ରାଇଭର ଅଟକ

**ଖୋର୍ଦ୍ଧା ଅଫିସ,୧୦।୭**

ନିଶା ସୌଦାଗର ଖୋର୍ଦ୍ଧା ସହର ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରର ଶୁଭ୍ରାଂଶୁ ପରିଡା ଓରଫ ଛୋଟା କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରି ଜେଲ ଯାଇଛନ୍ତି। ଏହାପରେ ଧୀରେ ଧୀରେ ବିଭିନ୍ନ ଅପରାଧର ଗୁମର ଖୋଲିବାରେ ଲାଗିଛି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଖୋର୍ଦ୍ଧା ସବ୍‌ଜେଲ ନିକଟରୁ ବୁଧବାର ଛୋଟାଙ୍କ ବିଶ୍ୱସ୍ତ ଡ୍ରାଇଭର ଗୁରୁଜଙ୍ଗର ସନାତନ ସାହୁ (୩୦)ଙ୍କୁ କାବୁ କରି ପଚରାଉଚରା କରୁଛି। ସନାତନ ଛୋଟାଙ୍କୁ ଜେଲରେ ଦେଖା କରିବାକୁ ଆସିଥିଲେ। ସନାତନଙ୍କୁ ଏସ୍‌ଟିଏଫ୍ ଅଟକ ରଖିବା ପରେ ଜେଲରେ ଛୋଟାଙ୍କୁ ଦେଖା କରିବାକୁ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ସନାତନ ଗିରଫ ପୂର୍ବରୁ ବହୁ ଯୁବକ ଛୋଟାଙ୍କୁ ଦେଖା କରି ଫେରିଥିଲେ। ଅପରପକ୍ଷେ ଡ୍ରାଇଭର ଦିନକୁ ୧୨୦୦ ଟଙ୍କା ନେଉଥିଲେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଭିତରେ ବ୍ରାଉନସୁଗାର (ପାଉ) ପହଞ୍ଚାଇଲେ ପୁଣି ଦିନକୁ ୫ ହଜାର ଟଙ୍କା ମିଳୁଥିଲା। ବାଲେଶ୍ୱରରୁ ପାଉ ଖୋର୍ଦ୍ଧାକୁ ଆସିବା ବେଳେ ଅଲଗା ଟଙ୍କା ମଧ୍ୟ ପାଉଥିଲେ।

### ଜମି କିଣାବିକାରେ ଲାଗୁଥିଲା ପାଉ ଟଙ୍କା

ଛୋଟା ପାଉରୁ ମିଳୁଥିବା ଲାଭାଂଶକୁ ଜମି କିଣାବିକା ଓ ଖଣି କାର୍ଯ୍ୟରେ ଖଟାଉଥିବା ଜଣାପଡିଛି। ଗୁରୁଜଙ୍ଗର ଜଣେ ବିଲଡର ଛୋଟାଙ୍କ ପାଇଁ ମୋଟା ଅଙ୍କର ଟଙ୍କା ନେଇ କାର୍ଯ୍ୟ କରୁଥିଲେ। ସେହିପରି ଖଣି କାର୍ଯ୍ୟରେ କୁମାରଙ୍ଗର ଜଣେ ଯୁବକ ଅନୁରୂପ ଭାବେ ନିୟୋଜିତ ଥିଲେ। ମୋଟାମୋଟି ଭାବେ ଛୋଟା ପାଉ ଟଙ୍କାଙ୍କୁ ଖଣି ଓ ଜମି କିଣାବିକା କାର୍ଯ୍ୟରେ ବିନିଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। ଖୋର୍ଦ୍ଧା ସହରର ୨୧ଟି ୱାର୍ଡ ସମେତ ନିଆଳ, ମୁକ୍ତାପୁର, ବଘେଇଟାଙ୍ଗୀ, ରାମଚନ୍ଦ୍ରପୁର, ହଳଦିଆ ଆଦି ଅଞ୍ଚଳରେ ୫୦ ପିଲା ନିୟୋଜିତ ହୋଇଥିଲେ। ଏଥିପାଇଁ ୧୦ ଜଣ ଟିମ୍ ଲିଡର ଥିଲେ। ଯେଉଁମାନେ କି ଦାମୀ ବାଇକ୍ ପାଇ ବ୍ୟବସାୟ କରୁଥିଲେ। ସବୁ ସମୟରେ ଛୋଟାଙ୍କୁ ସୁରକ୍ଷା ଦେବା ସହ କାରବାରକୁ ବଞ୍ଚାଇ ରଖିଥିଲେ।

### ପରିବା ଦୋକାନ ବନ୍ଦ

ଛୋଟା ଜେଲ ଯିବା ପରେ ଖୋର୍ଦ୍ଧା ସହରର ପ୍ରାୟ ୫ଟି ପରିବା ଦୋକାନରେ ବୁଧବାର ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଛୋଟା କେତେଜଣ ଲୋକଙ୍କୁ ପରିବା ଦୋକାନରେ ନିୟୋଜିତ କରି ସେମାନଙ୍କୁ ଅତିରିକ୍ତ ବ୍ୟବସାୟ ପାଉ କାର୍ଯ୍ୟରେ ଲଗାଉଥିଲେ। ପରିବା ବ୍ୟବସାୟ ପାଇଁ ଦିନକୁ ୩୦୦ ଓ ପାଉ ବିକିବାକୁ ୫୦୦ ରୁ ୧ ହଜାର ଟଙ୍କା ଦେଉଥିଲା। ପ୍ରାୟ ୧୦ରୁ ୨୦ଜଣ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ୨୦ ପିଲା ବଜାର ସମେତ ଅନ୍ୟ ଅଞ୍ଚଳରେ ପାଉ ବିକୁଥିଲେ ।

### ୩ ଜଣ ଥିଲେ ଅତି ଘନିଷ୍ଠ

ଛୋଟାଙ୍କ ୩ ଜଣ ଥିଲେ ଅତି ଘନିଷ୍ଠ।



ଗିରଫ ଡ୍ରାଇଭର ସନାତନ ସାହୁ ।

ଜଣେ ଘନିଷ୍ଠ ଡ୍ରାଇଭର ଏସ୍‌ଟିଏଫ ଟିମ୍ ଜାଲରେ ପଡି ସାରିଲେଣି। ଆଉ ୨ଜଣ ବୁଲୁଛନ୍ତି। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପୂର୍ବତନ କାଉନସିଲର ଓ ଅନ୍ୟ ଜଣେ ଖବରଦାତା। ଡ୍ରାଇଭର ଅଟକ ହେବା ପରେ ଏମାନେ ଭୟଭୀତ ହୋଇପଡିଛନ୍ତି।

### ନିର୍ବାଚନରେ ବୁଲୁଥିଲା ଛୋଟା ଗାଡ଼ି

ଛୋଟା ସଉକ ଥିଲା ଗାଡି ଓ ଅଳଙ୍କାର। ନୂଆ ନୂଆ ଗାଡିରେ ବୁଲି ମଜା ନେବା। ନୂଆ ଗାଡି କିଣି ଆଣୁଥିଲେ। ନମ୍ବର ବାହାରିବା ପୂର୍ବରୁ ସେଗୁଡିକ ପୁଣି ବିକ୍ରି କରି ଦେଉଥିଲେ। ଗାଡି କାହା ନାଁରେ କିଣା ଯାଉଥିଲା ତାହା ଜଣାପଡିନି, ଯାହାକି ତଦନ୍ତ ସାପେକ୍ଷ। ତେବେ ତାଙ୍କର ଦୁଇଟି ଗାଡି ପୂର୍ବରୁ ରହିଛି। ଏହି ଦୁଇଟି ଗାଡିକୁ ନିର୍ବାଚନ ସମୟରେ କେତେଜଣ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ନିର୍ବାଚନ ସମୟରେ ବୁଲାଉଥିଲେ। ଏପରିକି ରୋଡ୍ ଶୋ'ରେ ମଧ ଛୋଟାଙ୍କ ଗାଡି ଲାଗିଥିଲା। ଖଣି ବ୍ୟବସାୟରେ ନିୟୋଜିତ ଥିବା ଯୁବକ ରୋଡ୍ ଶୋର ଗାଡି ଚଳାଉଥିଲା।

### ବଞ୍ଚାଇବାରୁ ଧନ୍ୟବାଦ

ଛୋଟା ନିଜର ସୁରକ୍ଷା ପାଇଁ ୮୦ରୁ ୯୦ ହଜାର ଟଙ୍କା ବ୍ୟୟରେ ୧୦ଟି କୁକୁର ରଖିଥିଲେ। ତେବେ ଏସ୍‌ଟିଏଫ୍ ସବୁ ବିଗାଡି ଦେଲା। ଛୋଟା କୁକୁର ବିକ୍ରି କରି ଦେଲେ। କେତେଜଣ ଅନୁଗତଙ୍କୁ ମଧ କୁକୁର ଦେଇ ଦେଇଛନ୍ତି। ସେହିପରି ପିନ୍ଧିଥିବା ଓ ଗଚ୍ଛିତ ଥିବା ସୁନା ଅଳଙ୍କାର ଓ କୋଟି କୋଟି ଟଙ୍କା ସୁରକ୍ଷିତ ସ୍ଥାନରେ ରଖି କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣେ ବ୍ୟବସାୟୀ ନାଁ ଗୋପନ ରଖି କହିଛନ୍ତି। ସବୁକ୍ଷେତ୍ରରେ ପୂର୍ବତନ କାଉନସିଲର ତାଙ୍କୁ ସହଯୋଗ କରିବା ସହ ବୁଦ୍ଧି ବତାଇ ଏସ୍‌ଟିଏଫର ଏନ୍‌କାଉଣ୍ଟରରୁ ବଞ୍ଚାଇ ଦେଲେ। ଛୋଟା ବୁଧବାର ପୂର୍ବତନ କାଉନ୍‌ସିଲର ବନ୍ଧୁଙ୍କୁ ଧନ୍ୟବାଦ ଦେଇ ଋଣ ପରିଶୋଧ କରି ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

### ଫୋନରେ ବ୍ୟବସାୟ

ଛୋଟା ଗିରଫ ପରେ ବ୍ୟବସାୟ ମାନ୍ଦା ଧରିଥିଲା। ହେଲେ ଅନୁଗତମାନେ ତାଙ୍କୁ ଫୋନ କରି କାରବାର ଲୁଚା ଛପା କରିଥିଲେ। ତେବେ ଏସ୍‌ଟିଏଫ ଖୋର୍ଦ୍ଧା ସହରରେ ପଇନ୍ତରା ମାରିବା ପାଉ ବ୍ୟବସାୟୀଙ୍କୁ ଭୟଭୀତ କରିଛି। ଅପରପକ୍ଷେ ଛୋଟା ଜେଲରେ ଥାଇ ଫୋନ ଯୋଗେ କଥାବାର୍ତ୍ତା ହେଉଥିବା କେତେଜଣ ପାଉ ବ୍ୟବସାୟୀ ନାଁ ଗୋପନ ରଖି କହିଛନ୍ତି। ଯାହାକି ତଦନ୍ତ ସାପେକ୍ଷ।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

# ବଞ୍ଚିବା ପାଇଁ କରୁଛନ୍ତି ସଂଘର୍ଷ: ଜିଲାପାଳଙ୍କୁ ଜଣାଇଲେ ଦୁଃଖ

**ଖୋର୍ଦ୍ଧା ଅଫିସ,୧୦। ୭**

ଘରେ କେହି ରୋଜଗାରକ୍ଷମ ବ୍ୟକ୍ତି ନାହାନ୍ତି। ଭଲମନ୍ଦ ବୁଝିବାକୁ, ଆହା ପଦେ କରିବାକୁ ସହଯୋଗ କରିବାକୁ ଆଗରେ ପଛରେ କେହିନାହାନ୍ତି। ଘରେ କେବଳ ୩ ଜଣ ବୃଦ୍ଧା ଓ ଜଣେ ଯୁବତୀ ରହୁଛନ୍ତି। ପରିବାରର ଏହି ୪ ଜଣ ସଦସ୍ୟ ବଞ୍ଚିବା ପାଇଁ ସବୁବେଳେ ସଂଘର୍ଷ ଜାରି ରଖିଥାନ୍ତି। ତେବେ ସରକାରୀ ସହାୟତା ସ୍ୱପ୍ନ ହୋଇଥିବାରୁ ଏହି ପରିବାର ଦୁଃଖଦ ଜୀବନଯାପନ କରୁଛନ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡା ଗାଁର ଅନ୍ନପୂର୍ଣ୍ଣା ପାଳ(୫୦)। ନିଜ ପରିବାରରୁ ଶିଖିଥିବା ପାରମ୍ପରିକ ଲୁଗାବୁଣା ବଞ୍ଚିବାରେ ସହଯୋଗ କରୁଛି। ହେଲେ ନିଜର ତନ୍ତ ନ ଥିବାରୁ ପର ଉପରେ ସବୁବେଳେ ନିର୍ଭର କରିବାକୁ ପଡେ। ରୋଜଗାର ବି କମିଥାଏ। ଅନ୍ନପୂର୍ଣ୍ଣାଙ୍କ ଉପରେ ନିର୍ଭର କରନ୍ତି ରୋଗଣା ମା', ବୃଦ୍ଧା ପିଉସୀ ଓ ଝିଅ। ସରକାରୀ ସହାୟତା ଭାବେ ଅନ୍ନପୂର୍ଣ୍ଣା କେବଳ ରାଶନ କାର୍ଡ ଯୋଗେ ଚାଉଳ ପାଆନ୍ତି। ଆଉ କିଛି ସହାୟତା ତାଙ୍କୁ ମିଳିନାହିଁ। ତନ୍ତଟିଏ ସହାୟତା ପାଇଲେ ତାଙ୍କ ପରିବାର ଚଳାଇବା ସୁବିଧା ହୁଅନ୍ତା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଓ କିଛି ଆର୍ଥିକ ସହାୟତା ପାଇଲେ ସୁବିଧାରେ ଗୁଜୁରାଣ ମେଣ୍ଟି ପାରନ୍ତା। ଏଭଳିସ୍ଥଳେ ଏହି ପରିବାର ପାଇଁ ସରକାରୀ ସହାୟତା ସ୍ୱପ୍ନ। ତେବେ ଅନ୍ନପୂର୍ଣ୍ଣା ମା' ଓ ପିଉସୀଙ୍କୁ ଧରି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ଦୁଃଖ କହିଛନ୍ତି। ଅନ୍ନପୂର୍ଣ୍ଣାଙ୍କ ସୂଚନା ଅନୁସାରେ ଜିଲାପାଳ ତାଙ୍କର ଦୁଃଖ ଶୁଣି ତନ୍ତଟିଏ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷେ ୫ ହଜାର ଟଙ୍କା ସହାୟତା ବେଗୁନିଆ ତହସିଲଦାର ଦେବେ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

# ବିଦ୍ୟାଳୟ ନିକଟ ରାସ୍ତା କର୍ଦ୍ଦମାକ୍ତ, ମରାମତି ଦାବି

**ବୋଲଗଡ଼,୧୦।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତସ୍ଥିତ ମା' ଯୋଗମାୟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଯାଇଥିବା ରାସ୍ତାଟି ବର୍ଷା ଯୋଗୁ ଅତି କର୍ଦ୍ଦମାକ୍ତ ଅବସ୍ଥାରେ ରହିଛି। ବିଦ୍ୟାଳୟଟି ହାଟବସ୍ତଠାରୁ କୋଡପଡ଼ା ରାସ୍ତାର ମଧ୍ୟସ୍ଥଳରେ ରହିଛି। ମାତ୍ର ବିଦ୍ୟାଳୟଠାରୁ କୋଡପଡ଼ା ଓ ଖଲ୍ଲିକୋଟ ଅଭିମୁଖେ ଯାଇ ପଶ୍ଚିମ ଦିଗରେ ଏହି ରାସ୍ତାଟି ପ୍ରାୟ ଅଧ କିମି ପରେ ଆରଡ଼ି ରାସ୍ତାକୁ ଛୁଇଁଛି। ଅପରପାର୍ଶ୍ୱରେ ବିଦ୍ୟାଳୟଠାରୁ ହାଟବସ୍ତ ଅଭିମୁଖେ ଯାଇଥିବା ପ୍ରାୟ ଅଧ କିମି ରାସ୍ତା କିଛିମାତ୍ରାରେ ଠିକ୍ ଥିବାବେଳେ ପଶ୍ଚିମ ପାର୍ଶ୍ୱରେ ଅଧ କିମି ରାସ୍ତା ବର୍ଷାଦିନ ଯୋଗୁ କର୍ଦ୍ଦମାକ୍ତ, ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ବିଦ୍ୟାଳୟରେ ପଢୁଥିବା ଖଲ୍ଲିକୋଟ ଏବଂ ଚିତ୍ରକୋଟ ଗ୍ରାମର ଛାତ୍ରୀଛାତ୍ର ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହାଟବସ୍ତରୁ କୋଡପଡ଼ା ଦେଇ ବୋଲଗଡ଼ ଅଭିମୁଖେ ଯାଉଥିବା ଲୋକେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ସବୁବେଳେ ରାସ୍ତାରେ ପାଣି ଜମି ରହୁଥିବା ଯୋଗୁ କାଦୁଅ ହୋଇଯାଉଛି। ତେଣୁ ମୋରମ, ମେଟାଲ୍ ପକାଯାଇ ଉଚ୍ଚମାନର ମରାମତି କରିବାକୁ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏ ବିଷୟରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାଟି ଶୀଘ୍ର ମରାମତି କରାଯିବାକୁ ଚେଷ୍ଟା କରାଯିବ ।



କର୍ଦ୍ଦମାକ୍ତ ପାଲଟିଥିବା ରାସ୍ତା।

## ସଡ଼କ ଦୁର୍ଘଟଣାରେ ବୃଦ୍ଧା ମୃତ

**ବାଲୁଗାଁ,୧୦।୭ (ଡି.ଏନ.ଏ.)**

ବାଲୁଗାଁ ଉଚ୍ଚ ବିଦ୍ୟାଳୟ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବେଗମ୍ ବିବି (୬୦)। ତାଙ୍କ ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭୂଷଣ୍ଡପୁର ନିକଟ ମେହରାମପୁର ଗ୍ରାମରେ । ବେଗମ୍ ବିବି ନିଜ ଝିଅ ଘର ବାଣପୁରରେ ରହିଆସୁଥିଲେ । ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ତାଙ୍କ ନାତିଙ୍କ ସହ ସ୍କୁଟି ଯୋଗେ ବାଲୁଗାଁ ଅଭିମୁଖେ ଆସୁଥିଲେ। ବାଲୁଗାଁ ହାଇସ୍କୁଲ ନିକଟରେ ଏକ ବସ୍ ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧାଜଣକ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ଚିକିତ୍ସା ପାଇଁ ତାଙ୍କୁ ସଙ୍ଗେ ସଙ୍ଗେ ବାଲୁଗାଁ ଡ଼ାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି ।

# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଅଟକ

**ଖୋର୍ଦ୍ଧା ଅଫିସ,୧୦। ୭:**

ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଅଞ୍ଚଳରେ ଜଣେ ୨୨ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ ମଙ୍ଗଳବାର ଅପରାହ୍ନରେ ଅସଦାଚରଣ ସହ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୩୭୬, ୫୧୧ ରେ ନଂ. ୯୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ପୁରୀ ଜିଲା ଅସ୍ତରଙ୍ଗ ଥାନା ବିଜିପୁର ଗାଁର ଅକ୍ଷୟ ସ୍ୱାଇଁ(୪୫)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୀଡିତାଙ୍କର ମା'ଙ୍କ ଅଭିଯୋଗ ଅନୁସାରେ, ବାରିପଦା ସଦର ଥାନା ଲକ୍ଷ୍ମୀପୁର ଅଞ୍ଚଳରେ ତାଙ୍କ ଘର। ଖୋର୍ଦ୍ଧା ଜିଲାର ତାପଙ୍ଗ କ୍ରଶରରେ ଶ୍ରମିକ ଭାବେ କାମ କରନ୍ତି। ଭିନ୍ନକ୍ଷମ ଝିଅ ଘରେ ଏକୁଟିଆ ରୁହନ୍ତି। ଯିଏକି ଯିବା ଆସିବା ଭଲ ଭାବେ କରିପାରନ୍ତି ନାହିଁ। ମଙ୍ଗଳବାର ଅପରାହ୍ନରେ ଘରେ ଝିଅ ଏକୁଟିଆ ଶୋଇଥିଲେ। ପଡୋଶୀ କ୍ରଶରରେ କାର୍ଯ୍ୟରତ ଅସ୍ତରଙ୍ଗ ଥାନା ବିଜିପୁର ଗାଁର ଅକ୍ଷୟ ଯେ କି ଜଣେ ଟ୍ରକ ଡ୍ରାଇଭର ଝିଅକୁ ଏକୁଟିଆ ଘରେ ଦେଖି ଅସଦାଚରଣ କରିଥିଲେ। ପରେ ବଳାତ୍କାର କରିବାକୁ ଉଦ୍ୟମ ଆରମ୍ଭ କରିଥିବାବେଳେ ଭିନ୍ନକ୍ଷମ ଯୁବତୀଙ୍କର ମା' ପହଞ୍ଚି ଅକ୍ଷୟଙ୍କୁ କାବୁ କରି ନେଇଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇବା ସହ ଅକ୍ଷୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଅକ୍ଷୟଙ୍କୁ ନିଜ ହେପାଜତକୁ ନେଇଥିଲା। ଗୁରୁବାର ଉଭୟଙ୍କର ଡାକ୍ତରୀ ମାଇନା କରାଯିବାର ରହିଛି ବୋଲି ଆଇଆଇସିଙ୍କଠାରୁ ସୂଚନା ମିଳିଛି।



ଅଟକ ଅଭିଯୁକ୍ତ ଅକ୍ଷୟ ସ୍ୱାଇଁ ।

# ବେଆଇନ ପଲିଥିନ୍ କାରବାର
# ପ୍ରଶାସନର ଚଢ଼ାଉ, ଜରିମାନା ଆଦାୟ

**ବାଲୁଗାଁ,୧୦।୭ (ଡି.ଏନ.ଏ.):**

ରାଜ୍ୟ ସରକାର ଗତ ୨ ଅକ୍ଟୋବର ୨୦୧୮ରୁ ପଲିଥିନ୍ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିଛନ୍ତି । କିନ୍ତୁ ଏହି ନିର୍ଦ୍ଦେଶକୁ ବେଖାତିର କରି ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟବସାୟୀମାନେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବସାୟ କରିଆସୁଛନ୍ତି । ଏପରିସ୍ଥଳେ ଖୋର୍ଦ୍ଧା ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବୁଧବାର ବାଲୁଗାଁ ବଜାରରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ବିଭିନ୍ନ ଦୋକାନରେ ବେଆଇନ୍ ଭାବେ ଗଚ୍ଛିତ ୩୦ ବ୍ୟାଗ୍ ପାଣି ପାଉଚ୍, ୪ ହଜାରରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଗ୍ଲାସ୍, କପ୍ ଓ ପଲିଥିନ୍ ବ୍ୟାଗ୍ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟଙ୍କଠାରୁ ଜରିମାନା ଆକାରରେ ୨୨୦୦ଟଙ୍କା ଆଦାୟ କରାଯାଇଛି। ଏହି ଚଢ଼ାଉ ଦେଖି ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ତରବରିଆ ଭାବେ ବନ୍ଦ କରୁଥିବା ଦେଖାଯାଇଥିଲା। ଦୋକାନୀଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା । ଉକ୍ତ ଚଢ଼ାଉରେ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଭୋଇ, ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ନାଥ ଖୁଣ୍ଟିଆ ଓ ବାଲୁଗାଁ ପୋଲିସ ସାମିଲ୍ ହୋଇଥିଲେ । ଚଢ଼ାଉ ଅଭିଯାନ ପର୍ଯ୍ୟାୟ କ୍ରମେ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




ପ୍ରଶାସନ ପକ୍ଷରୁ ପଲିଥିନ ଓ ପ୍ଲାଷ୍ଟିକ ରଖିଥିବା ଦୋକାନ ଉପରେ ଚଢାଉ କରାଯାଉଛି ।

# ଜୟମଙ୍ଗଳ ପାଇଁ ଦୁଃଖ ସାରୁଅ ଶିଳ୍ପାଞ୍ଚଳ

**ଖୋର୍ଦ୍ଧା ଅଫିସ,୧୦। ୭**

- ପରିବର୍ତ୍ତିତ ପରିବେଶରେ ଅଭିଶପ୍ତ ଜୀବନ
- ଜିଲାପାଳଙ୍କୁ ଭେଟି ଶିଳ୍ପାଞ୍ଚଳକୁ ବନ୍ଦ କରିବାକୁ ଫେରାଦ

ଖୋର୍ଦ୍ଧା ବ୍ଲକର ଜୟମଙ୍ଗଳ ଗାଁ ପାଇଁ ଦୁଃଖ ପାଲଟିଛି ବେଗୁନିଆ ବ୍ଲକର ସାରୁଅ ଶିଳ୍ପାଞ୍ଚଳ। ଶିଳ୍ପାଞ୍ଚଳ ଯୋଗୁ ପରିବର୍ତ୍ତିତ ପରିବେଶରେ ଗାଁ ଲୋକ ବହୁ ଅସୁବିଧାରେ ଜୀବନଯାପନ କରୁଥିବା ଅଭିଯୋଗ ହେଉଛି। ପ୍ରତିକାର ପାଇଁ ସ୍ଥାନୀୟ ବାସିନ୍ଦା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲାପାଳଙ୍କୁ ଭେଟି ସାରୁଅ ଶିଳ୍ପାଞ୍ଚଳକୁ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏପରିକି ୧୦ ଦଫା ଦାବିର ଏକ ସ୍ମାରକପତ୍ର ମଧ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଶିଳ୍ପାଞ୍ଚଳରେ ଗଛ ଲଗାଯିବାର ସରକାରୀ ନିୟମ ରହିଛି। ହେଲେ ସରକାରୀ ନିୟମକୁ ଅଣଦେଖା କରି ଗଛକଟାକୁ ପ୍ରାଧାନ୍ୟ ଦିଆଯାଉଛି। ସାରୁଅ ଶିଳ୍ପାଞ୍ଚଳରେ କାଜୁ ଓ ଗ୍ରାମ୍ୟ ଜଙ୍ଗଲକୁ ପଦା କରି ନୂଆ ଶିଳ୍ପ ପ୍ରତିଷ୍ଠା ଚାଲିଛି। ଏବେ ପୁଣି ଗଛ କଟାଯିବାର ରହିଛି। ଗଛ କାଟିବା ଯୋଗୁ ପ୍ରଦୂଷଣ ବଢି ଚାଲିଥିଲେ ହେଁ ଏଥିପ୍ରତି ପ୍ରଶାସନର ନଜର ନାହିଁ। ଅପରପକ୍ଷେ ଯେଉଁ ଅଞ୍ଚଳରେ ସାରୁଅ ଶିଳ୍ପାଞ୍ଚଳ ହୋଇଛି ତା'ର ପଛପଟେ ପାର୍ଶ୍ୱରେ ଧାନଚାଷ ଜମି ରହିଛି। ଶିଳ୍ପ ପ୍ରତିଷ୍ଠା ବେଳେ ଜମିଗୁଡିକର ରାସ୍ତାକୁ ଅବରୋଧ କରି ମାଲିକମାନେ ଚାରିପଟେ ପ୍ରାଚୀର କରି ଦେଇଛନ୍ତି। ଏଣୁ ଧାନ ଜମିକୁ ଯିବାକୁ ରାସ୍ତା ନାହିଁ। ଧାନ ଜମିରେ ଏବେ ପ୍ରତିବର୍ଷ ମରୁଡି ସମସ୍ୟା ଦେଖାଦେଉଛି। ଆବଶ୍ୟକତା ଅନୁଯାୟୀ ଜଳ ମିଳୁ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଚାରଣ ଭୂମି ଶିଳ୍ପାଞ୍ଚଳ ଭିତରେ ରହିଯିବାରୁ ଗୋରୁ ଚରିବାରେ ଅସୁବିଧା ହେଉଛି। ଖେଳପଡିଆ, ଗାଁ ଶ୍ମଶାନ ମଧ ଶିଳ୍ପାଞ୍ଚଳରେ ଭିତରେ ରହିଯାଇଛି। ସେହିଭଳି ଶିଳ୍ପାଞ୍ଚଳଠାରୁ ଜୟମଙ୍ଗଳ ଗାଁର ଦୂରତା ମାତ୍ର ୨୦୦ ମିଟର ହୋଇଥିବାରୁ ବାଲି, ପାଉଁଶ ଗୁଣ୍ଡ, ଧୂଆଁ, ଦୂଷିତ ବାୟୁରେ ଉଡି ପରିବେଶକୁ ପ୍ରଦୂଷିତ କରୁଛି। ସେହିପରି ଦିନରାତି ଶବ୍ଦ ପ୍ରଦୂଷଣ ଚିନ୍ତାର କାରଣ ପାଲଟିଛି। ନିକଟରେ ଥିବା ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ମଧ ଶବ୍ଦ ପ୍ରଦୂଷଣ ପ୍ରଭାବ ପକାଉଛି। ଏତେ ଅସୁବିଧା ସତ୍ତ୍ୱେ ପ୍ରଶାସନ ସେମାନଙ୍କର ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ରହିଛି। ଏଭଳିସ୍ଥଳେ ଶିଳ୍ପାଞ୍ଚଳ ବନ୍ଦ କରିବାକୁ ଗ୍ରାମବାସୀ ଦାବି ରଖିଛନ୍ତି। ଅନ୍ୟପକ୍ଷେ ହଇରାଣ ହେଉଥିବା ପରିବାରକୁ ଲିଜ୍ ଜମି ଯୋଗାଇବାର ଆବଶ୍ୟକତା ରହିଛି ବୋଲି ଅନୁରୂପ ଦାବି ସ୍ଥାନ ପାଇଛି।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଜୟମଙ୍ଗଳ ଗାଁ ବାସିନ୍ଦା ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ୩ ପଞ୍ଚାୟତକୁ ଧାଡ଼ିରୁଆ ଧାନଚାଷ ଯୋଜନାରେ ସାମିଲ

ଡେଲାଙ୍ଗ,୧୦।୭(ଡି.ଏନ୍.ଏ.): ପୂର୍ବଭାରତ ସବୁଜ ବିପ୍ଳବ ୨୦୧୯ ଖରିଫ ଯୋଜନାରେ ଧାଡିରୁଆ ଧାନ ଚାଷ ପାଇଁ ଚିହ୍ନଟ କରାଯାଇଛି। ଏଥିରେ ପୁରୀ ଜିଲା ଡେଲାଙ୍ଗ ବ୍ଲକର ମୁନିନ୍ଦା, ଗୁଆଳିପଡା ଓ ଶ୍ରୀ ପୁରୁଷୋତ୍ତମପୁର ପଞ୍ଚାୟତକୁ ଚିହ୍ନଟ କରାଯାଇଥିବା ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ମୁନିନ୍ଦା ଓ ଗୁଆଳିପଡା ପଞ୍ଚାୟତରେ ୩ଶହ ହେକ୍ଟର ଲେଖାଏ ଓ ଶ୍ରୀ ପୁରୁଷୋତ୍ତମପୁର ପାଇଁ ୧ଶହ ହେକ୍ଟର ଧାଡିରୁଆ ଧାନ ଚାଷ ପାଇଁ ହେକ୍ଟର ପ୍ରତି ୪୦ କି.ଗ୍ରା ସ୍ୱର୍ଣ୍ଣ ସବ୍ ଧାନ ବିହନ ବିତରଣ ସୋମବାରଠାରୁ ଆରମ୍ଭ ହୋଇଛି। ଚାଷ ଜମିର ପଟ୍ଟା ନକଲ, ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ନକଲ ଦେଇ ଚାଷୀମାନେ ପଞ୍ଚାୟତ ସଂଯୋଜକ ଏବଂ ଗ୍ରାମ୍ୟ କୃଷି କର୍ମଚାରୀଙ୍କଠାରୁ ବିହନ ନେଇ ତୁରନ୍ତ ତଳିଘେରା ପ୍ରସ୍ତୁତ କରିବା ପାଇଁ ବ୍ଲକ ସହକାରୀ କୃଷି ଅଧିକାରୀ ରାକେଶ କୁମାର ରାଉତ ନିବେଦନ କରିଛନ୍ତି। ଏହି ଚାଷୀମାନଙ୍କୁ ଅଣୁସାର, କୀଟନାଶକ, ଘାସମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ। ଧାନ କଟା ପରେ ଚାଷୀଙ୍କୁ ଅତିରିକ୍ତ ମଜୁରି ବାବଦକୁ ଏକର ପ୍ରତି ୫ ଶହ ଟଙ୍କା ଲେଖାଏ ବ୍ୟାଙ୍କ ଜମା ଖାତାକୁ ପଠାଯିବ ବୋଲି ବୈଷୟିକ ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନ ଓ ଓଭରସିଅର ସନାତନ ସାହୁ ସୂଚନା ଦେଇଛନ୍ତି।

### ରଥଯାତ୍ରାରେ ଶିଶୁ ସୁରକ୍ଷାକୁ ଅଣଦେଖା

ପୁରୀ ଅଫିସ, ୧୦।୭: ରଥଯାତ୍ରାରେ ନିଖୋଜ ଶିଶୁଙ୍କ ଉଦ୍ଧାର ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ପୂର୍ବରୁ କହିଥିଲା। ଏ ନେଇ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ୧୧ଟି ସୂଚନାକେନ୍ଦ୍ରରେ ସ୍ୱେଚ୍ଛାସେବୀ ଡ୍ୟୁଟି କରିବେ ବୋଲି କୁହାଯାଇଥିଲା। ତେବେ ସୋମବାର ରାତିରେ ପୁରୀ ବସ୍‌ଷ୍ଟାଣ୍ଡରେ ଏକ ବସ୍‌ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯିବା ଘଟଣା ଏବେ ସମସ୍ତଙ୍କ ଦାୟିତ୍ୱ ପ୍ରତି ଅଙ୍ଗୁଳି ଉଠାଇଛି। ଜିଲା ଶିଶୁ ମଙ୍ଗଳ କମିଟିର ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରଥଯାତ୍ରାରେ ଶିଶୁଙ୍କ ସମ୍ପର୍କରେ କୌଣସି ସୂଚନା ଦେବା ଲାଗି ଓଏସସିପିସିଆର ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ନାମ, ମୋବାଇଲ ନମ୍ବର ଜାରି କରାଯାଇଥିଲା। ମାତ୍ର ଗୁଣ୍ଡିଚା ମନ୍ଦିର ନିକଟ ଓ ପୋଲିସ ଅସ୍ଥାୟୀ କ୍ୟାମ୍ପ ନିକଟ ସୂଚନା କେନ୍ଦ୍ରରେ କୌଣସି ଅଧିକାରୀଙ୍କ ନାମ ଉଲ୍ଲେଖ ନ ଥିବା ଏବଂ ଓଏସ୍‌ସିପିସିଆର୍ ପକ୍ଷରୁ ଜାରି ଫୋନ୍ ନମ୍ବର କାମ କରି ନ ଥିଲା ବୋଲି ଅଭିଯୋଗ ହୋଇଛି। ରଥଯାତ୍ରାରେ ଶିଶୁଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇନାହିଁ ବୋଲି ସାମାଜିକ କର୍ମୀ ପ୍ରସନ୍ନ ଦାଶ କହିଛନ୍ତି। ସମ୍ପୃକ୍ତ ନାବାଳିକା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ ମଧ ଜିଲା ଶ୍ରମ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ସାମାଜିକ କର୍ମୀ ବଟ କିଶୋର ପ୍ରଧାନ ପ୍ରଶ୍ନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ପୀଡ଼ିତା ସେଠାରେ କାର୍ଯ୍ୟ କରୁଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ କଠୋର ହେଲା ଜିଲା ପ୍ରଶାସନ

# ଅଧିକ ପାର୍କିଂ ଫି ନେଲେ ରୁଜୁ ହେବ ମାମଲା

**ପାର୍କିଂସ୍ଥଳରେ ରହିବେ ପୋଲିସ, ଲାଗିବ ମୂଲ୍ୟ ତାଲିକା**

ପୁରୀ ଅଫିସ,୧୦।୭

ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କଠାରୁ ପାର୍କିଂ ଫି ଆଳରେ ଶୋଷଣ କରାଯାଉଛି । ମନଇଚ୍ଛା ପାର୍କିଂ ଫି ଆଦାୟ ହେଉଛି। ବାହାରୁ ଆସୁଥିବା ଭକ୍ତମାନେ ପାର୍କିଂ ଟେଣ୍ଡର ନେଇଥିବା ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରିବାକୁ ଉଚିତ ମଣୁନାହାନ୍ତି। ବାଧହୋଇ ସେମାନେ ଅଧିକ ଟଙ୍କା ଦେଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଏହିଭଳି ଶୋଷଣ କରାଯାଉଥିବା ଖବର ଦୃଷ୍ଟିକୁ ଆସିବା ପରେ ଜିଲା ପ୍ରଶାସନର ଚେତା ପଶିଛି । ଆଗକୁ ବାହୁଡ଼ା ଏବଂ ସୁନାବେଶ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିବେ । ତେଣୁ ପାର୍କିଂ ଶୋଷଣର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଜିଲା ପ୍ରଶାସନ। ବୁଧବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଏକାଧିକ ନିଷ୍ପତ୍ତି ନିଆଯାଇଛି। ଅଧିକ ପାର୍କିଂ ଫି ଆଦାୟ ଉପରେ ରୋକ ଲଗାଇବା ପାଇଁ ବୈଠକରେ ବିଶଦ୍ ଭାବେ ଆଲୋଚନା ହୋଇଛି। ନିର୍ଦ୍ଧାରିତ ମୂଲ୍ୟଠାରୁ ଗାଡ଼ି ମାଲିକଙ୍କଠାରୁ ଅଧିକ ପାର୍କିଂ ଆଦାୟ କରୁଥିବା ନିଲାମଧାରୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଦୁଇଚକିଆ ପାଇଁ ୧୦ଟଙ୍କା, ଅଟୋ ପାଇଁ ୨୦ ଟଙ୍କା ଏବଂ କାରଗୁଡ଼ିକଠାରୁ ୮ଘଣ୍ଟା ଲାଗି ୫୦ ଟଙ୍କା ପାର୍କିଂ ଫି ଆଦାୟ କରାଯିବ । ପ୍ରତି ପାର୍କିଂସ୍ଥଳରେ ବିଜୁଳି, ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ସାଙ୍ଗକୁ ଡାକବାଜି ଯନ୍ତ୍ରର ବ୍ୟବସ୍ଥା ସମ୍ପୃକ୍ତ ନିଲାମଧାରୀ ନିଜ ଖର୍ଚ୍ଚରେ କରିବେ । ପ୍ରତି ପାର୍କିଂସ୍ଥଳରେ ଜଣେ ପୋଲିସ କର୍ମଚାରୀ ଓ ତଦାରଖ ଲାଗି ଜଣେ ଅଧିକାରୀ ରହିବେ। ସେହିସବୁ ସ୍ଥାନଗୁଡ଼ିକରେ ପାର୍କିଂ ଫି ସମ୍ପର୍କରେ ବାରମ୍ବାର ଘୋଷଣା କରାଯାଇ ସର୍ବସାଧାରଣଙ୍କୁ ଅବଗତ କରାଯିବ । ଏତଦ୍‌ବ୍ୟତୀତ ସମସ୍ତ ୧୪ଟି ଯାକ ପାର୍କିଂସ୍ଥଳରେ ଜନସାଧାରଣଙ୍କ ଅବଗତି ନିମନ୍ତେ ମୂଲ୍ୟ ତାଲିକା ସ୍ଥାନ ପାଇବ। ଆବଶ୍ୟକ ପଡ଼ିଲେ ଅଭିଯୋଗକାରୀ ପୋଲିସ ନିୟନ୍ତ୍ରଣ କକ୍ଷ ୦୬୭୫୨– ୨୨୮୮୮ ସହ ଯୋଗାଯୋଗ କରିପାରିବେ। ଏଥିପାଇଁ ପୁରୀ ପୌରସଂସ୍ଥା ପକ୍ଷରୁ ରସିଦ୍ ବହି ସମ୍ପୃକ୍ତ ନିଲାମଧାରୀଙ୍କୁ ଦିଆଯିବ। ଫଳରେ ଗାଡି ମାଲିକମାନଙ୍କୁ ହାତଲେଖା ପରିବର୍ତ୍ତେ ମୂଲ୍ୟ ପ୍ରିଣ୍ଟ ଥିବା ରସିଦ୍ ପ୍ରଦାନ କରାଯିବ। ଉକ୍ତ ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ନିଲାମଧାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ୭ ତାରିଖରେ ଜଣେ ବ୍ୟକ୍ତି ବାଇକ୍‌ରେ ପୁରୀ ଆସିଥିଲେ । ପେଣ୍ଟକଟା ଜଗନ୍ନାଥ ଷ୍ଟାଡିୟମ୍‌ଠାରେ ଥିବା ପୌରସଂସ୍ଥାର ପାର୍କିଂସ୍ଥଳରେ ଗାଡି ରଖିଥିଲେ। ପାର୍କିଂ ଦାୟିତ୍ୱରେ ଥିବା ବ୍ୟକ୍ତି ତାଙ୍କୁ ଏକ ରସିଦ୍ ଦେଇଥିଲେ । ସେଥିରେ ପାର୍କିଂ ଫି ୧୦୦ ଟଙ୍କା ଲେଖାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ୧୦୦ ଟଙ୍କା ମାଗିବାରୁ ଭକ୍ତ ଜଣଙ୍କ ଏହାର ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସେ ୧୦୦ଟଙ୍କା ଦେବାକୁ ବାଧ ହୋଇଥିଲେ। ଏହି ଗୋଟିଏ ଘଟଣା ନୁହେଁ, ରଥଯାତ୍ରା ପରଠାରୁ ଦୈନିକ ବିଭିନ୍ନ ପାର୍କିଂ ସ୍ଥଳରେ ହଜାର ହଜାର ଭକ୍ତ ଏମିତି ଶୋଷଣର ଶିକାର ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବାରୁ କିଛି ନ କହି କାନମୁଣ୍ଡା ଆଉଁସି ଫେରୁଛନ୍ତି ।




କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନିଲ ବାୱରା ଭଜନ ପରିବେଷଣ କରୁଛନ୍ତି।

■ ରଥଯାତ୍ରା ଭଜନ ସମାରୋହ

## ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରି...

ପୁରୀ ଅଫିସ,୧୦।୭

ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ପୁରୀ ସହର ଏବେ ଉତ୍ସବମୁଖର। ସବୁଆଡେ ଆଧ୍ୟାତ୍ମିକ ପରିବେଶ। ସଞ୍ଜ ନଇଁଲେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ଭଜନ ସମାରୋହ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ମଙ୍ଗଳବାର ବଡ଼ଶଙ୍ଖଠାରେ ସ୍ମୃତିର ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ପଞ୍ଚମ ରଥଯାତ୍ରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇର ଅନିଲ ବାୱରାଙ୍କ କଣ୍ଠରେ ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରୀ... ଶ୍ରୋତାଙ୍କୁ ବେଶ୍ ଛୁଇଁ ପାରିଥିଲା। ସେହିପରି ଶାନ୍ତିଲତା ବାରିକ, ପ୍ୟାରୀମୋହନ ଦାଶ, ଲତା ଘୋଷ, ସୋନାଲି ନନ୍ଦ, ଝାଡ଼ଖଣ୍ଡର ପବନ ରାଜା ଓ ସୁସ୍ମିତା, ସୌରଭ ନାୟକ, ଗଗନ ଜେନା, ସୁଜାତା ରଥ, ପାୟଲ ମହାପାତ୍ର, ଶିଶୁ କଣ୍ଠଶିଳ୍ପୀ ଆଦ୍ୱିକା ଏବଂ ଋତୁପର୍ଣ୍ଣା ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶେଷଦେବ ସାହୁ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରଜନୀକାନ୍ତ ମିଶ୍ର, ଉପସଭାପତି ପ୍ରଭାତ ପୃଷ୍ଟି, ପ୍ରଶାନ୍ତ ମହାନ୍ତି ଓ ଶ୍ରୀମନ୍ତ ଦାଶ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଓରମାସ୍‌ର ସହ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ପୂର୍ବତନ ପ୍ରଶାସକ ବିନୋଦ ପଣ୍ଡା, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଡ. ଚିଦାତ୍ମିକା ଖଟୁଆ, ମଧୁସ୍ମିତା ଆଚାର୍ଯ୍ୟ, ଡ.ସୁନୀତା ସୋରେନ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା ଚକାନୟନ ଉନ୍ମୋଚନ ହେବା ସହ ବହୁ କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ, ମଞ୍ଚରେ ପ୍ରତିଭା ଦେଖାଇଲେ



ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ।

ପୁରୀ ଅଫିସ,୧୦।୭

ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହ। ଗୁଣ୍ଡିଚା ମନ୍ଦିରରେ ଲାଗୁଛି ଭକ୍ତଙ୍କ ଗହଳି। ଶ୍ରୀମନ୍ଦିରରେ ୧୦ବର୍ଷ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପମଣ୍ଡପରେ ଗୋଟିଏ ଦିନର ଦର୍ଶନରେ ସେତିକି ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ବୁଧବାର ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ମହାପ୍ରଭୁଙ୍କୁ ଆଡ଼ପମଣ୍ଡପରେ ଦର୍ଶନ କରିଛନ୍ତି। ସେମାନେ ତିନିରଥ ଛୁଇଁବା ସହ ପଲ୍ଲିଶ୍ରୀ ମେଳା ବୁଲିଥିଲେ। ଆଉ ମେଳା ମଞ୍ଚରେ ଦେଖାଇଥିଲେ ସେମାନଙ୍କ ପ୍ରତିଭା। ୯ଟି ଶିଶୁଯତ୍ନ ଅନ୍ତେବାସୀଙ୍କ ମଧ୍ୟରେ କୁଇଜ୍, ବକ୍ତୃତା, ଆର୍ଟ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କ ସୂଚନା ମୁତାବକ, କଣାସର ନୀଳାଚଳ ସେବା ପ୍ରତିଷ୍ଠାନ, ପୁରୀର ଉତ୍କଳ ବାଳାଶ୍ରମ, କେୟାର ଇଣ୍ଡିଆ, ଓପନ୍ ଶେଲ୍‌ଟର, କ୍ରୀଷ୍ଟ ଜ୍ୟୋତି ଆଶ୍ରମ, ପୁରୀ ସଦରର ଦ୍ରୌପଦୀ ମହିଳା ସମିତି ଓ ଆଦୃତ ଶିଶୁ ସଦନ, ସତ୍ୟବାଦୀର ଆଚାର୍ଯ୍ୟ ହରିହର ଶିଶୁ ଭବନ ଏବଂ ଉତ୍ତରାର ଶାରଦା ନିକେତନର ପ୍ରାୟ ୧୫୦ ଅନ୍ତେବାସୀ ପୁରୀ ଆସିଥିଲେ। ସେମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିବା ସହ ନାକଚଣା ଦ୍ୱାର ସମ୍ମୁଖରେ ଥିବା ତିନିରଥ ଛୁଇଁ ମୁଣ୍ଡିଆ ମାରିଥିଲେ। ଏହାପରେ ପଲ୍ଲିଶ୍ରୀ ମେଳା ବୁଲିଥିଲେ। ମେଳା ମଞ୍ଚରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ସଦସ୍ୟ ରମାଶଙ୍କର ପାତ୍ର, ଶକ୍ତିପାଦ ମିଶ୍ର, ସଦସ୍ୟା ସୁଚେତା ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହ ପିଲାଙ୍କୁ ମେଳା ବୁଲାଇଥିଲେ । ବିଭିନ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ତିଆରି କରିଥିବା କାନଫୁଲ ମେଳାରେ ପଡ଼ିଥିବା ଜିଲା ଶିଶୁ ସୁରକ୍ଷା ଷ୍ଟଲରେ ପ୍ରଦର୍ଶନ ସହ ବିକ୍ରି ହେଉଥିବା ତ୍ରିପାଠୀ କହିଥିଲେ।

ଭାଇବୋହୂଙ୍କୁ ବଳାତ୍କାର ଘଟଣା

## ୩୯ଦିନ ପରେ ଦେଢ଼ଶୁର ଗିରଫ

ଗୋପ,୧୦।୭(ଡି.ଏନ୍.ଏ.)

ଗୋପ ଥାନା ଅଞ୍ଚଳରେ ଭାଇବୋହୂଙ୍କୁ ବଳାତ୍କାର ଘଟଣାରେ ୩୯ଦିନ ଧରି ଫେରାର ଥିବା ଦେଢ଼ଶୁରଙ୍କୁ ପୋଲିସ ବୁଧବାର ନିମାପଡ଼ାରୁ ଗିରଫ କରିଛି। ସୂଚନା ଅନୁଯାୟୀ, ପାରିବାରିକ ବିବାଦକୁ ନେଇ ମେ ୨୪ ରାତିରେ ଅଭିଯୁକ୍ତ ତାଙ୍କ ଭାଇବୋହୂଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ପୀଡ଼ିତା ଜଣଙ୍କ ୨୫ତାରିଖରେ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ୬୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବୁଧବାର ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଓ ଏସ୍‌ଆଇ ପ୍ରିୟା ପ୍ରଧାନ କୌଣସି ସୂତ୍ରରୁ ଅଭିଯୁକ୍ତ ନିମାପଡ଼ାରେ ଥିବା ଖବରପାଇ ସେଠାରୁ ତାଙ୍କୁ ଗିରଫ କରିଥିଲେ।

■ ଗୁଣ୍ଡିଚା ମନ୍ଦିରରେ ଜେଟିପିଙ୍କୁ ମାଡ଼ ପ୍ରସଙ୍ଗ

## ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲା କର୍ମଚାରୀ ସଂଘ

ପୁରୀ ଅଫିସ,୧୦।୭

ଗୁଣ୍ଡିଚା ମନ୍ଦିରରେ କାର୍ଯ୍ୟରତ ଶ୍ରୀମନ୍ଦିର କର୍ମଚାରୀ ସଂଘ ସମ୍ପାଦକ ତଥା ଜେଟିପି ସୁଦର୍ଶନ ସାହୁଙ୍କୁ ଗତ ସୋମବାର ଜଣେ ସେବାୟତ ମାଡ଼ ମାରିଥିଲେ। ଏହାକୁ ନେଇ ଜେଟିପିମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ବୁଧବାର ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ଅବଗତ କରାଯାଇଛି। ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ପରିସରରେ ମୁଖ୍ୟ ପ୍ରଶାସକ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝିଛନ୍ତି। ତେବେ ନୀଳାଦ୍ରିବିଜେ ପରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ସୂଚନା ମୁତାବକ, ସୋମବାର ଥିଲା ହେରାପଞ୍ଚମୀ। ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା ନେଇ ପ୍ରସ୍ତୁତି ଚାଲିଥିଲା। ସନ୍ଧ୍ୟା ଆଳତି ବଢ଼ିବା ଲାଗି ସୁଦର୍ଶନ ଲୋକଙ୍କୁ ଖାଲି କରୁଥିଲେ। ଏହି ସମୟରେ ଜଣେ ଦଇତାପତି ସେବକଙ୍କ ପରିବାର ସଦସ୍ୟ ଗର୍ଭଗୃହରେ ଦର୍ଶନ କରୁଥିଲେ। ସେମାନଙ୍କୁ ଖାଲି କରିବା ବେଳେ ଜଣେ ଦଇତାପତି ସେବକ ତାଙ୍କୁ ମାଡ଼ ମାରିଥିଲେ। ଏହି ଘଟଣା ପରେ ସବୁ ଜେଟିପି ଏକାଠି ହୋଇ ଧାରଣା ଦେଇଥିଲେ। ଏଥିପାଇଁ ସନ୍ଧ୍ୟା ଆଳତି ପରଠାରୁ ନୀତି ବନ୍ଦ ହୋଇଥିଲା। ପ୍ରଶାସନିକ ଅଧିକାରୀ ବୁଝାଶୁଝା କରିବା ପରେ ଏବଂ ଠାକୁରଙ୍କ ନୀତିକାନ୍ତି ଥିବାରୁ ସେମାନେ ଧାରଣାରୁ ଉଠିଥିଲେ ।

## ଗୋପ ପଞ୍ଚାୟତ ସମିତି ବୈଠକ ପୁଣି ବାତିଲ୍

ଗୋପ,୧୦।୭(ଡି.ଏନ୍.ଏ.)

ଗୋପ ପଞ୍ଚାୟତ ସମିତି ବୈଠକ କୌଣସି କାରଣକୁ ନେଇ ଗୁରୁବାର ହୋଇଛି। ଏନେଇ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁଧବାର ପୁରୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନଂ୧୫୭୫ ୧୦.୦୭.୧୯ରେ ଚିଠି ଆସିବା ପରେ ଏହି ବୈଠକକୁ ବାତିଲ କରାଯାଇଛି। ଏହାସହ ୧୮ରୁ ଊର୍ଦ୍ଧ୍ୱ ବିଭାଗକୁ ବୈଠକ ବାତିଲ ସମ୍ପର୍କରେ ଅବଗତ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ସରକାରୀ ନିୟମ ଅନୁସାରେ ଦୁଇ ମାସରେ ଥରେ ପଞ୍ଚାୟତ ସମିତି ବୈଠକ କରାଯିବାକୁ ନିୟମ ଥିବାବେଳେ ଏହି ବ୍ଲକ୍‌ରେ ବ୍ୟତିକ୍ରମ ଦେଖାଦେଇଛି। ୨୦୧୮ ଡିସେମ୍ବର ୨୯ରେ ଗୋପ ପଞ୍ଚାୟତ ସମିତିର ଶେଷ ବୈଠକ ହୋଇଥିବାବେଳେ ଏପର୍ଯ୍ୟନ୍ତ ଅର୍ଥାତ ୭ମାସ ହେବ ବୈଠକ ହୋଇନାହିଁ। ଫଳରେ ଗୋପ ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟବନ୍ଦ ହୋଇପଡ଼ିଛି। ୨ ମାସ ଭିତରେ ବୈଠକ ତାରିଖକୁ ତିନିଥର ବାତିଲ କରାଯିବା ପଛରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ବିଧାନସଭା ତିନିଦିନ ପୂର୍ବରୁ ଓ ତିନିଦିନ ପରେ ଏହି ସମିତି ବୈଠକ କରାଯିବା ଲାଗି ନିୟମ ନ ଥିବାରୁ ଏହାକୁ ବାତିଲ କରାଯାଇଥିବା କହିଥିଲେ।

## ବରିଷ୍ଠ ନାଗରିକଙ୍କ ଭଜନ ପରିବେଷଣ

ପୁରୀ ଅଫିସ,୧୦।୭

ପଲ୍ଲୀଶ୍ରୀ ମେଳା ମଞ୍ଚରେ ମଙ୍ଗଳବାର ଶ୍ରୀଜଗନ୍ନାଥ ଓଡ଼ିଶୀ ବିକାଶ ପରିଷଦ ପଥର ଆଖେଡ଼ାର ବରିଷ୍ଠ ନାଗରିକମାନେ ଭଜନ ପରିବେଷଣ କରିଥିଲେ । ଯାହାକି ଶ୍ରୋତାଙ୍କ ବେଶ୍ ମନଛୁଆଁ ହୋଇପାରିଥିଲା। ଡ. ରମାକାନ୍ତ କର ଥକାମନ ଚାଲଯିବା... ଗାନ କରି ଏହାକୁ ଉଦ୍‌ଘାଟନ କଲା ପରେ ସଭ୍ୟ ଗଣେଶ୍ୱର ପ୍ରହରାଜ, ବୁଲୁ ମହାନ୍ତି, ରାମଚନ୍ଦ୍ର ସାହୁ, ପ୍ରତିମା ଦାଶ ପାରମ୍ପରିକ ଭଜନ ପରିବେଷଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ଅନୀଲ ଦାସ, ଗୌରୀଶଙ୍କର ମିଶ୍ର, ପଣ୍ଡିତ ରମାକାନ୍ତ କର ଓ ଲକ୍ଷ୍ମୀଧର ମଲ୍ଲିକ ସହଯୋଗ କରିଥିଲେ।

## 'ରିଲିଫ କୋଡ୍ ପରିବର୍ତ୍ତନ ଆବଶ୍ୟକ'

ନିମାପଡ଼ା,୧୦।୭(ଡି.ଏନ୍.ଏ.)



ସଭାରେ ମଞ୍ଚାସୀନ ଅତିଥିମାନେ।

ରାଜ୍ୟରେ ପ୍ରଚଳିତ ରିଲିଫ କୋଡ୍ ରାଜ୍ୟ ସରକାରଙ୍କ ନୁହେଁ, ଏହା କେନ୍ଦ୍ର ସରକାରଙ୍କର। ରାଜ୍ୟ ତଥା ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ରିଲିଫ କୋଡ୍‌ର ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ନିମାପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଦାଶ ଏହା କହିଛନ୍ତି। ବୈଠକରେ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ବଣ୍ଟନ, ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବାତ୍ୟା ସମୟରେ ବ୍ଲକ କାର୍ଯ୍ୟାଳୟରେ ଶୃଙ୍ଖଳା ଖାଦ୍ୟ ମହଜୁଦ ରଖାଯାଇ ନ ଥିବା, ଘର ଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବହୁ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟ ଅଭିଯୋଗ କରିଥିଲେ। ପାନ ଓ କୁକୁଡ଼ା ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ଦେବାକୁ ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ବୈଠକରେ ଦାବି କରିଥିଲେ। ଏହି ବୈଠକରେ ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବିଡିଓ ଶ୍ରୀଧର ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦାଶ ଓ ଏମ୍‌ପି ଡ. ମଲ୍ଲିକଙ୍କୁ ମାନପତ୍ର, ଉତ୍ତୋରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ସୁମନ୍ତ ଦାଶ, ସ୍ୱର୍ଣ୍ଣଲତା ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ ପ୍ରଧାନ, ପ୍ରଫୁଲ୍ଲ କୁମାର ଲେଙ୍କା, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ସିଡିପିଓ କୁମୁଦିନି ମିଶ୍ରଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ଯୁବବର୍ଗ ସତ୍ୟ, ନ୍ୟାୟପଥରେ ଚାଲିବାକୁ ଆହ୍ୱାନ

ପୁରୀ ଅଫିସ,୧୦।୭



ବିଶିଷ୍ଟ ଗାନ୍ଧୀବାଦୀ ତଥା ଜାତୀୟ ଯୁବ ପ୍ରକଳ୍ପର ଅଧ୍ୟକ୍ଷ ଡ. ଏସ୍.ଏନ୍. ସୁବାରାଓ ବୁଧବାର ପୁରୀଠାରେ ବିଭିନ୍ନ ବର୍ଗର ଯୁବପିଢ଼ିଙ୍କ ସହ ଆଲୋଚନା କରିଛନ୍ତି। ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସଦଭାବନା, ଜାତୀୟ ଏକତା, ସଂହତି, ଭାଇଚାରା, ଶାନ୍ତି ଓ ମୈତ୍ରୀ ଭାବ ଧାରଣ କରି ସତ୍ୟ ଓ ନ୍ୟାୟ ପଥରେ ଚାଲିଲେ ରାଷ୍ଟ୍ରର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ରାଷ୍ଟ୍ରୀୟ ସଦଭାବନା ମଞ୍ଚ ପକ୍ଷରୁ ଆୟୋଜିତ ମାନସ ମନ୍ଥନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ସୁବାରାଓ ଏହା ପ୍ରକାଶ କରିଛନ୍ତି। ମଞ୍ଚର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ଦିଗମ୍ବର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆବାହକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ଯୁବ ପ୍ରକଳ୍ପ ରାଜ୍ୟ ଆବାହକ ମଧୁସୂଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଶକ୍ତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କାନାଡା ପରିଚାଳକ ରବୀନ୍ଦ୍ରନାଥ ପାତ୍ର ଯୋଗ ଦେଇଥିଲେ।

■ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣା

## ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡ ନଷ୍ଟ ହୋଇଛି: ଏସ୍‌ପି

ପୁରୀ ଅଫିସ,୧୦।୭

ପୁରୀ–କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ ଲିଆଖିଆ ବ୍ରିଜ ନିକଟରୁ ପୁରୀ ତଳମାଳି ସାହିର ଉମାଶଙ୍କର ରାୟଙ୍କ ମୁଣ୍ଡବିହୀନ ମୃତଦେହକୁ ମଙ୍ଗଳବାର ରାତିରେ ପୋଲିସ ଜବତ କରିଥିଲା। ଏ ନେଇ ରାମଚଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୧୯) ରୁଜୁ ହୋଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ କୌଣସି ଦୁର୍ବୃତ୍ତ ସମ୍ପୃକ୍ତ ଯୁବକଙ୍କ ମୁଣ୍ଡକାଟି ନେଇଯାଇଥିବା ଏବଂ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ବୁଧବାର ଏହାକୁ ଅସ୍ୱୀକାର କରିଛନ୍ତି ଏସ୍‌ପି ଡା. ଉମାଶଙ୍କର ଦାଶ। ବାଇକ ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡ ଛିଣ୍ଡିଯାଇଥିବା ସେ କହିଛନ୍ତି। ରାମଚଣ୍ଡି ପୋଲିସ ଯୁବକଙ୍କ କଟାମୁଣ୍ଡ ଖୋଜିବାବେଳେ ଯୁବକ ମୁଣ୍ଡର ଖପୁରୀ ହାଡ, ଅନ୍ୟ ଅଂଶ ଦେଖିବାକୁ ପାଇଥିଲା। ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଏସ୍‌ପି କହିଛନ୍ତି। ସେହିପରି ରାମଚଣ୍ଡି ଥାନାଧିକାରୀ ସଞ୍ଜୟ ନାୟକ କହିଛନ୍ତି ଏହା ଏକ ଦୁର୍ଘଟଣାଜନିତ ଘଟଣା। କୋଣାର୍କ ପଟୁ ଏକ ବ୍ଲାକ ପଲସର ବାଇକ (ନଂ ଓଆର୦୨ଏଭି୯୬୧୦)ରେ ଉମାଶଙ୍କର ଓ ଆହତ ଯୁବତୀ ପୁରୀ ଆସୁଥିଲେ। ଲିଆଖିଆ ବ୍ରିଜ ନିକଟରେ ବିପରୀତ ଦିଗ ପୁରୀ ପଟୁ ଦ୍ରୁତଗତିରେ ଏକ ସ୍କର୍ପିଓ (ନଂ. ଓଆର ୦୨ଏଟି ୦୯୩୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ପରେ ଗାଡ଼ିଟି ଫେରାର ହୋଇଯାଇଥିଲ। ଏହି ଗାଡ଼ିଟି ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ବୋଲି ଜଣାପଡ଼ିଛି। ସ୍କର୍ପିଓର କିଛି ଯନ୍ତ୍ରାଂଶ ଜବତ କରାଯାଇଛି। ଖୁବ୍‌ଶୀଘ୍ର ସ୍କର୍ପିଓ ଏବଂ ଚାଳକଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉମାଶଙ୍କର ସ୍କର୍ପିଓ ଗାଡ଼ି ସହ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ବାଇକ ଚୁରମାର ହୋଇଯାଇଥିଲା। ପଛପଟରେ ବସିଥିବା ଯୁବତୀ ରାସ୍ତାକଡକୁ ଛିଟିକି ପଡ଼ିଥିଲେ। ଉମାଶଙ୍କର ସ୍କର୍ପିଓ ଚକା ଆଗରେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଚକା ଚଢିଯାଇଥିବା ଅନୁମାନ କରାଯାଉଛି। ରାସ୍ତାରେ ସ୍କର୍ପିଓ ଚକ ଘୋଷାରି ହୋଇଯିବା ଚିହ୍ନ ଓ ରକ୍ତ ଛିଟା ଦେଖିବାକୁ ମିଳିଥିବା କେତେଜଣ ସ୍ଥାନୀୟ ଲୋକେ କହିଛନ୍ତି।